
# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୨/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, April 22/2019 | ★★★★

୪୫ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







“ ଜାତୀୟ ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ନିଯୁକ୍ତି ଏବଂ କୃଷି ସମସ୍ୟା ମୁଖ୍ୟ ନିର୍ବାଚନ ପ୍ରସଙ୍ଗ।
-ପି. ଚିଦାମ୍ବରମ, କଂଗ୍ରେସ ନେତା





ଶ୍ରୀଲଙ୍କାର କୋଚିକେଡ଼୍ସ୍ଥିତ ସେଣ୍ଟ ଆଣ୍ଟୋନି ଚର୍ଚ୍ଚରେ ବିସ୍ଫୋରଣ ପର ଦୃଶ୍ୟ।



କଲମ୍ବୋରେ ଶ୍ରୀଲଙ୍କା ବାୟୁସେନା ପକ୍ଷରୁ ହେଲିକପ୍ଟରରେ ଆତଙ୍କବାଦୀଙ୍କ ତଲାସି ଚାଲିଛି।



ବିସ୍ଫୋରଣରେ ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇ ମ୍ରିୟମାଣ ଲୋକେ।

## ସଂକ୍ଷେପରେ

### ଚିତାବାଘ ମୁହଁରୁ ଶିଶୁପୁତ୍ରକୁ ଉଦ୍ଧାର କଲେ ମହିଳା

ପିମ୍ପି ଚିଞ୍ଚୱାଡା,୨୧।୪: ଚିତାବାଘ ମୁହଁରୁ ଜଣେ ମହିଳା ତାଙ୍କର ୧୮ ମାସର ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଏହି ଘଟଣା ଘଟିଛି ମହାରାଷ୍ଟ୍ରର ପୁନେ ଜିଲା ଅନ୍ତର୍ଗତ ଜୁନ୍ନାର ସହର ନିକଟସ୍ଥ ଏକ ଗ୍ରାମରେ। ଶୁକ୍ରବାର ରାତି ସାଢ଼େ ଗୋଟାଏ ବେଳେ ଶିଶୁଟି ତାଙ୍କ ମାଆ ସହିତ ଘର ଅଗଣାରେ ଶୋଇଥିଲା। ଏହି ସମୟରେ ଏକ ଚିତାବାଘ ଚାଲିଆସି ଶିଶୁଟିର ମୁଣ୍ଡକୁ ପାଟିରେ କାମୁଡି ଧରିଥିଲା। ମହିଳା ଜଣକ ଖାଲି ହାତରେ ବାଘକୁ ଆକ୍ରମଣ କରିବାରୁ ସେ ଶିଶୁକୁ ଛାଡି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ତେବେ ମହିଳା ଜଣଙ୍କ ଜୋରରେ ଚିତ୍କାର କରିବାରୁ ବାଘ ସେଠାରୁ ପଳାଇଯାଇଥିଲା। ଶିଶୁଟିର ବେକ, ବାମ ଆଖି ଓ କାନ ପାଖରେ ଚିତାବାଘ ଦାନ୍ତ ଚିହ୍ନ ରହିଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ମନ୍ଦିରରେ ଦଳାଚକଟା: ୭ ମୃତ

ତ୍ରିଚି,୨୧।୪: ତାମିଲନାଡୁର ତ୍ରିଚି ଜିଲାରେ ଥିବା କାରୁପାସ୍ୱାମୀ ମନ୍ଦିରରେ ରବିବାର ଦଳାଚକଟା ଘଟି ୪ ମହିଳାଙ୍କ ସମେତ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଥୁରାୟୁରସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପୂଜକଙ୍କଠାରୁ ଟଙ୍କିକିଆ ମୁଦ୍ରା ସଂଗ୍ରହ ଲାଗି ଠେଲାପେଲାରୁ ଦଳାଚକଟା ହୋଇଥିଲା। ସେଠାରେ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଚୈତ୍ରପୂର୍ଣ୍ଣିମାରେ ମନ୍ଦିର ହୁଣ୍ଡିରୁ ବାହାରିଥିବା ମୁଦ୍ରା ପୂଜକଙ୍କଠାରୁ ନେଇ ଘରେ ରଖିଲେ ଧନସମ୍ପତ୍ତି ବଢ଼ିଥାଏ। ଏଥିପାଇଁ ମନ୍ଦିର ପୂଜକ ଟଙ୍କିକିଆ ମୁଦ୍ରା ବାଣ୍ଟିଥାନ୍ତି।

### ଟାୟାର ଭିତରୁ ଜବତ ହେଲା ୨.୩ କୋଟି

ବେଙ୍ଗାଲୁରୁ,୨୧।୪: କର୍ଣ୍ଣାଟକର ବେଙ୍ଗାଲୁରୁରୁ ଶିବମୋଗା ଏବଂ ଭଦ୍ରାବତୀ ଅଭିମୁଖେ ଯାଉଥିବା ଏକ କାରର ସ୍ପେୟାର ଟାୟାରରୁ ଆୟକର ଅଧିକାରୀମାନେ ୨.୩ କୋଟି ଟଙ୍କା ଜବତ କରିଛନ୍ତି। ଲୋକ ସଭା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଲାଗି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜନୈତିକ ଦଳ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଗାଡି ଯାଞ୍ଚ କରାଯାଉଛି। ଶନିବାର କର୍ଣ୍ଣାଟକ ଓ ଗୋଆରୁ ଆୟକର ବିଭାଗ ୪.୫ କୋଟି ଟଙ୍କା ଜବତ କରିଥିଲା। ଟାୟାର ଭିତରୁ ଆୟକର ଅଧିକାରୀମାନେ ଟଙ୍କା ବାହାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ୧୭ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରୁ ୨୬୦୦ କୋଟି ଟଙ୍କାରୁ ଅଧିକ ଜବତ ହୋଇଥିଲା। ଏହା ୨୦୧୪ ନିର୍ବାଚନ ବେଳେ ଜବତ ହୋଇଥିବା ଟଙ୍କାର ଦୁଇ ଗୁଣରୁ ଅଧିକ। ୨୦୧୪ ଲୋକସଭା ନିର୍ବାଚନ ବେଳେ ୧୨୦୦ କୋଟି ଟଙ୍କା ଜବତ ହୋଇଥିଲା।

### [ଇତିହାସର ଆଇନାରେ]

### ଏପ୍ରିଲ ୨୨ର ପ୍ରମୁଖ ଘଟଣା

୧୯୭୦ ଏପ୍ରିଲ ୨୨ରେ ପ୍ରଥମକରି ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଏହି ଦିବସ ପ୍ରତିବର୍ଷ ଏପ୍ରିଲ ୨୨ରେ ବିଶ୍ୱବ୍ୟାପୀ ପାଳିତ ହୋଇଆସୁଛି। ପରିବେଶର ସୁରକ୍ଷା ପାଇଁ ଏହା ଏକ ଅଭିଯାନ।

୨୦୧୪ ଏପ୍ରିଲ ୨୨ରେ ଦି ଡେମୋକ୍ରାଟିକ ରିପବ୍ଲିକ୍ ଅଫ୍ କଙ୍ଗୋର କାଟାଙ୍ଗା ପ୍ରଦେଶରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୬୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୦ ଲୋକ ଗୁରୁତର ଆହତ ହୋଇଥିଲେ।

## ହୋଟେଲକୁ ଆତଙ୍କବାଦୀଙ୍କ ଟାର୍ଗେଟ

# ପ୍ରଭାବିତ ହେବ ଶ୍ରୀଲଙ୍କା ପର୍ଯ୍ୟଟନ

କଲମ୍ବୋ,୨୧।୪ (ପି.ଟି./ ଆଇଏଏନ୍ଏସ୍)

ଶ୍ରୀଲଙ୍କାରେ ରବିବାର ଇଷ୍ଟର ପାଳନ ବେଳେ ଆତଙ୍କବାଦୀ ଆକ୍ରମଣ ଦେଶର ପର୍ଯ୍ୟଟନ ଶିଳ୍ପ ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି। ଗ୍ରୀଷ୍ମ ଅବକାଶ ସମୟରେ ଶ୍ରୀଲଙ୍କାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱର ଅନେକ ଦେଶରୁ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିରହିଥାଏ। ହେଲେ ଏହି ଋତୁରେ ପର୍ଯ୍ୟଟନସ୍ଥଳୀ, ହୋଟେଲ ବ୍ୟବସାୟ ଓ ଟୁର୍ ଅପରେଟରଙ୍କ ବେପାରକୁ ସଦ୍ୟ ଆକ୍ରମଣ ପ୍ରଭାବିତ କରିବ ବୋଲି କୁହାଯାଉଛି।

୨୦୧୨ ଜନଗଣନା ଅନୁସାରେ ଶ୍ରୀଲଙ୍କାର ମୋଟ ଜନସଂଖ୍ୟା ହେଉଛି ୨୨ ନିୟୁତ। ସେମାନଙ୍କ ମଧ୍ୟରୁ ୭୦% ବୌଦ୍ଧ ହୋଇଥିବାବେଳେ ୧୨.୬% ହିନ୍ଦୁ, ୯.୭% ମୁସଲମାନ ଓ ୭.୬% ହେଉଛନ୍ତି ଖ୍ରୀଷ୍ଟିୟାନ। ୨୦୧୮ରେ ଶ୍ରୀଲଙ୍କାକୁ ୨.୩ ନିୟୁତ ବିଦେଶୀ ପର୍ଯ୍ୟଟକ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪,୫୦,୦୦୦ ହେଉଛନ୍ତି ଭାରତୀୟ। ଦ୍ୱୀପରାଷ୍ଟ୍ର ପାଇଁ ଭାରତ ସବୁଠୁ ବଡ଼ ବଜାରର ଉତ୍ସ ହୋଇଥିବାରୁ ଚଳିତ ବର୍ଷ ସେଠାକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ପର୍ଯ୍ୟଟନ ପାଇଁ ଯିବେ ବୋଲି ଶ୍ରୀଲଙ୍କା ଆଶା କରିଥିଲା। କିନ୍ତୁ ଯାତ୍ରା ଋତୁ ଆରମ୍ଭରେ ଏହି ସିରିଜ ବିସ୍ଫୋରଣ ଘଟିଥିବାରୁ ବାର୍ଷିକ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ। ଆଗାମୀ ମାସଗୁଡ଼ିକରେ ପର୍ଯ୍ୟଟନ ଶିଳ୍ପ ବହୁଳ ଭାବେ ପ୍ରଭାବିତ ହେବ ବୋଲି ସେଠାକାର କର୍ତ୍ତୃପକ୍ଷ କହିଛନ୍ତି। ଏକ ଆକଳନ ଅନୁସାରେ ପର୍ଯ୍ୟଟନ କ୍ଷେତ୍ରରୁ ୨୦୧୮ ଅକ୍ଟୋବରରେ ଶ୍ରୀଲଙ୍କା ୨୮୪ ନିୟୁତ ଡଲାର ଆୟ କରିଥିବାବେଳେ ନଭେମ୍ବରରେ ଏହା ୩୬୨.୭ ନିୟୁତ ଡଲାରକୁ ବୃଦ୍ଧି ପାଇଥିଲା। ହେଲେ ଏବେ ପର୍ଯ୍ୟଟନରେ ଅଭିବୃଦ୍ଧିର ଏହି ଧାରା ପ୍ରଭାବିତ ହେବ ବୋଲି ସେଠାକାର ପ୍ରଧାନମନ୍ତ୍ରୀ ରନିଲ୍ ୱିକ୍ରମସିଂହେ କହିଛନ୍ତି। ସେହିପରି ୩୦ ବର୍ଷ ପରେ ପ୍ରଥମଥର ପାଇଁ ତିନୋଟି ହୋଟେଲକୁ ଏପରି ଟାର୍ଗେଟ କରାଯାଇଛି ବୋଲି ଶ୍ରୀଲଙ୍କା ଆସୋସିଏଶନ୍ ଅଫ୍ ଇନ୍‌ବାଉଣ୍ଡ ଟୁର୍ ଅପରେଟର୍ସ (ଏସ୍ଏଲ୍ଏଆଇଟିଓ) ଅଧ୍ୟକ୍ଷ ହରିଥ୍ ପେରେରା କହିଛନ୍ତି।



ଶାଙ୍ଗ୍ରି-ଲା ଷ୍ଟାର ହୋଟେଲର କାଚ୍ଚ ବିସ୍ଫୋରଣରେ ଉଡ଼ିଯାଇଛି।

### ୧୦ ଦିନ ପୂର୍ବରୁ ମିଳିଥିଲା ସୂଚନା

କଲମ୍ବୋ,୨୧।୪(ପି.ଟି.): ଶ୍ରୀଲଙ୍କାର କେତେକ ଚର୍ଚ୍ଚରେ ରବିବାର ଆତ୍ମଘାତୀ ଆକ୍ରମଣ ହୋଇପାରେ ବୋଲି ସେଠାକାର ପୋଲିସ ମୁଖ୍ୟ ପୁଜୁଥ୍ ଜୟସୁନ୍ଦରା ୧୦ ଦିନ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲେ। ଏନେଇ ଗତ ୧୧ ତାରିଖରେ ସେ ଗୋଇନ୍ଦା ବିଭାଗକୁ ପତ୍ର ଲେଖି ଆକ୍ରମଣ ଏଡାଇବାକୁ ଜଣାଇଥିଲେ। ନ୍ୟାଶନାଲ୍ ଥୋୱିଥ୍ ଜମାତ୍ (ଏନ୍‌ଟିଜେ) କେତେକ ପ୍ରମୁଖ ଚର୍ଚ୍ଚ ଏବଂ କଲମ୍ବୋସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ଅଫିସରେ ଆକ୍ରମଣ କରିପାରେ ବୋଲି ଏକ ବିଦେଶୀ ଗୋଇନ୍ଦା ସଂସ୍ଥା ମଧ୍ୟ ପୂର୍ବରୁ ସୂଚନା ଦେଇଥିଲା।

### ମୃତକଙ୍କ ମଧ୍ୟରେ ୩ ଭାରତୀୟ



ନୂଆଦିଲ୍ଲୀ,୨୧।୪: ଶ୍ରୀଲଙ୍କାରେ ରବିବାର ହୋଇଥିବା ସିରିଜ ବିସ୍ଫୋରଣରେ ୨୦୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩ ଜଣ ଭାରତୀୟ ଅଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଟୁଇଟ୍ କରି ଏହା ଜଣାଇଛନ୍ତି। ଶ୍ରୀଲଙ୍କାର ଜାତୀୟ ହସ୍ପିଟାଲ ସୂତ୍ରରୁ ଏହି ସୂଚନା ଦିଆଯାଇଥିବା ସେଠାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ସୁଷମାଙ୍କୁ ଅବଗତ କରାଇଥିଲେ। ମୃତକମାନେ ହେଲେ ଲୋକାଶିନୀ, ନାରାୟଣ ଚନ୍ଦ୍ରଶେଖର ଏବଂ ରମେଶ। ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ସୁଷମା ଟୁଇଟ୍ କରିଛନ୍ତି।

### ଭୁଲ୍ ଟୁଇଟ୍ କଲେ ଟ୍ରମ୍ପ୍

ୱାଶିଂଟନ,୨୧।୪(ପି.ଟି.)




ଶ୍ରୀଲଙ୍କାରେ ଇଷ୍ଟର ପାଳନ ବେଳେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୨୦୭ ନିହତ ଓ ୪୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଏହାକୁ ନେଇ ଶୋକବ୍ୟକ୍ତ କରିବାକୁ ଯାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭୁଲ୍ ଟୁଇଟ୍ କରିଛନ୍ତି। ଟ୍ରମ୍ପ୍ ନିଜ ଟୁଇଟର୍ ଆକାଉଣ୍ଟରେ ଲେଖିଛନ୍ତି, ଶ୍ରୀଲଙ୍କାରେ ବିସ୍ଫୋରଣରେ ଅନ୍ୟୂନ ୧୩୮ ନିୟୁତ ପ୍ରାଣ ହରାଇଛନ୍ତି ଓ ୬୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କୁ ଆମେରିକାବାସୀଙ୍କ ପକ୍ଷରୁ ସମବେଦନା ଜଣାଉଛି। ଶ୍ରୀଲଙ୍କାକୁ ସାହାଯ୍ୟ ପାଇଁ ଆମେ ପ୍ରସ୍ତୁତ!

## ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ


ନୂଆଦିଲ୍ଲୀ,୨୧।୪



ଆସନ୍ତା ୨୩ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୧୧୫ ଲୋକ ସଭା ଆସନ ପାଇଁ ମତଦାନ ହେବ। ସେଗୁଡିକ ହେଲା ଆସାମର ୪ଟି ଆସନ, ବିହାରର ୫, ଛତିଶଗଡ଼ର ୭, ଗୁଜରାଟର ୨୬, ଗୋଆର ୨, ଜମ୍ମୁ-କଶ୍ମୀରର ଗୋଟିଏ, କର୍ଣ୍ଣାଟକର ୧୪, କେରଳର ୨୦, ମହାରାଷ୍ଟ୍ରର ୧୪, ଓଡିଶାର ୬, ଉତ୍ତରପ୍ରଦେଶର ୧୦, ପଶ୍ଚିମବଙ୍ଗର ୫, ଦାଦ୍ରା ଓ ନଗର ହାଭେଲିର ଗୋଟିଏ ଏବଂ ଡାମନ ଓ ଡିଉର ଗୋଟିଏ ଆସନ। ଏଥିସହିତ ଓଡିଶାର ୪୨ଟି ବିଧାନସଭା ଆସନ ଲାଗି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ତୃତୀୟ ପର୍ଯ୍ୟାୟରେ ଗୁଜରାଟର ସମସ୍ତ ୨୬ ଆସନରେ ମତଦାନ ହେବାକୁ ଥିବାରୁ ରବିବାର ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଟନରେ ର୍‍ୟାଲି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ଗାନ୍ଧୀନଗରରେ ରୋଡ୍ ଶୋ କରିଥିଲେ। ୪ଟି ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ମଧ୍ୟ ପ୍ରଚାର ରବିବାର ଶେଷ ହୋଇଛି। ଛତିଶଗଡର ୭ ଆସନ ପାଇଁ ୧୨୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ମଙ୍ଗଳବାର ମହାରାଷ୍ଟ୍ରର ୧୪ ଆସନରେ ୨୪୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ଏହି ପର୍ଯ୍ୟାୟରେ ଗୋଆର ୨ ଲୋକ ସଭା ଆସନରେ ନିର୍ବାଚନ ସାଙ୍ଗକୁ ତିନୋଟି ବିଧାନସଭା ଆସନରେ ଉପନିର୍ବାଚନ ହେବ। ଦୁଇ ଲୋକ ସଭା ଆସନରେ ୧୨ ପ୍ରାର୍ଥୀ ଏବଂ ୩ ବିଧାନସଭା ଆସନ ଲାଗି ୧୮ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ତୃତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୫ ଆସନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି), ଭାଜପା, କଂଗ୍ରେସ ଏବଂ ବାମଦଳ ମଧ୍ୟରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ମୋଟ ୮ ଲକ୍ଷ ୨୩ ହଜାର ୮୫୨ ଭୋଟର ୬୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ବିହାରର ୫ ଆସନ ଲାଗି ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ମୋଦି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସଭା କରିଥିଲେ।

## ବାବ୍ରି ମସ୍‌ଜିଦ ଭଙ୍ଗାକୁ ନେଇ ଗର୍ବିତ



### ପୁଣି ବିବାଦରେ ପ୍ରଜ୍ଞା ଠାକୁର

### ଦ୍ୱିତୀୟ ନୋଟିସ ପଠାଇଲେ ଇସି

ଭୋପାଳ,୨୧।୪(ପି.ଟି.)

୨୬/୧୧ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ମହାରାଷ୍ଟ୍ର ଏଟିଏସ୍‌ର ତତ୍କାଳୀନ ମୁଖ୍ୟ ହେମନ୍ତ କର୍‌କରେଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇ ବିବାଦକୁ ଆସିଥିବା ଭୋପାଳ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଶନିବାର ଆଉ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଅଯୋଧ୍ୟାର ବାବ୍ରି ମସ୍‌ଜିଦ ଭାଙ୍ଗିବାରେ ଭାଗନେଇଥିବାରୁ ଏହା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଜ୍ଞା କହିବା ପରେ ନିର୍ବାଚନ କମିଶନ(ଇସି) ଦ୍ୱିତୀୟ ଥର ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ ପାଇବା ସତ୍ତ୍ୱେ ସେ ତାଙ୍କ ମନ୍ତବ୍ୟରେ ଅଟଳ ରହିବେ ଏବଂ ଆଇନ ଅନୁଯାୟୀ ନୋଟିସର ଜବାବ ଦିଆଯିବ ବୋଲି ମାଲେଗାଓଁ ବିସ୍ଫୋରଣର ଅଭିଯୁକ୍ତ କହିଛନ୍ତି। ଗୋଟିଏ ଦିନରେ ନୋଟିସର ଉତ୍ତର ଦେବାକୁ ପଡିବ ବୋଲି ଇସିର ଜଣେ ଅଧିକାରୀ କହିଛନ୍ତି। ଏକ ଟିଭି ଚ୍ୟାନେଲକୁ ପ୍ରଜ୍ଞା କହିଥିଲେ, ସେ ବାବ୍ରି ଢ଼ାଞ୍ଚା ଉପରେ ଚଢ଼ି ଏହାକୁ ଭାଙ୍ଗିଥିଲେ। ଏଥିପାଇଁ ସେ ଖୁବ୍ ଗର୍ବିତ। ଦେଶର କଳଙ୍କ ହଟାଇବାକୁ ତାଙ୍କୁ ଭଗବାନ ଶକ୍ତି ଦେଇଥିଲେ। ସେଠାରେ ଭବ୍ୟ ରାମମନ୍ଦିର ନିର୍ମାଣ ହେବ। ଏହାର ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁଥିବା ନୋଟିସରେ ଦର୍ଶାଯାଇଛି। ପୂର୍ବରୁ ଶହୀଦ ଏଟିଏସ୍ ମୁଖ୍ୟ କର୍‌କରେ ତାଙ୍କ ଅଭିଶାପରେ ମରିଥିଲେ ବୋଲି କହିଥିବା ପ୍ରଜ୍ଞାଙ୍କୁ ଇସି ନୋଟିସ ଜାରି କରିଥିଲେ।

## ‘ରାହୁଲ କହିଲେ ବାରାଣସୀରୁ ଲଢ଼ିବି’

ୱାୟାନାଡ୍,୨୧।୪



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯଦି କୁହନ୍ତି ତେବେ ସେ ବାରାଣସୀ ଲୋକ ସଭା ଆସନରୁ ନର୍ବାଚନ ଲଢ଼ିବେ ବୋଲି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର କହିଛନ୍ତି। ଭାଇ ରାହୁଲ ପ୍ରାର୍ଥୀ ହୋଇଥିବା କେରଳର ୱାୟାନାଡ୍ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିବାକୁ ପ୍ରିୟଙ୍କା ସେଠାକୁ ୨ ଦିନିଆ ଗସ୍ତରେ ଯାଇଥିଲେ। ଫେରିବା ବେଳେ ସେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ ବାରାଣସୀର ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଏଥିପାଇଁ ରାହୁଲ କହିବା ଆବଶ୍ୟକ ବୋଲି ସେ ସୂଚନା ଦେଇଛନ୍ତି।

### ରାଣୀ ଏଲିଜାବେଥ୍‌ଙ୍କୁ ୯୩


ଲଣ୍ଡନ,୨୧।୪

ବ୍ରିଟେନ ରାଣୀ ଏଲିଜାବେଥ୍ ଦ୍ୱିତୀୟ ରବିବାର ୯୩ ବର୍ଷରେ ପଦାର୍ପଣ କରିଛନ୍ତି। ପଶ୍ଚିମ ଲଣ୍ଡନର ସେଣ୍ଟ୍ ଜର୍ଜ ଚାପେଲରେ ରାଜ ପରିବାର ସଦସ୍ୟମାନଙ୍କ ଗହଣରେ ରାଣୀ ଜନ୍ମଦିନ ଓ ଇଷ୍ଟର ପର୍ବ ପାଳନ କରିଥିଲେ। ପ୍ରତିବର୍ଷ ରାଣୀଙ୍କର ଦୁଇଟି ଜନ୍ମଦିନ ପାଳନ କରାଯାଇଥାଏ।

## ଲକ୍ଷାଧିକ ଲୋକଙ୍କ ପାସୱାର୍ଡ ‘୧୨୩୪୫୬’

ଲଣ୍ଡନ,୨୧।୪(ପି.ଟି)

ବିଶ୍ୱର ଲକ୍ଷଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟ ପାଇଁ ସହଜରେ ମନେରହିବା ଭଳି ପାସୱାର୍ଡ ‘୧୨୩୪୫୬’ ଏବଂ ‘କ୍ୟୁଡବ୍ଲ୍ୟୁଇଆରଟିୱାଇ’ ବ୍ୟବହାର କରୁଥିବା ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର (ଏନ୍‌ସିଏସ୍‌ସି) ଦ୍ୱାରା ତଥ୍ୟ ବିଶ୍ଳେଷଣରୁ ଏହି ସୂଚନା ମିଳିଛି। ଜନସାଧାରଣ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟଗୁଡିକ ପାଇଁ ପାଖାପାଖି ଡିଜିଟ୍ ସହିତ ସ୍ମରଣଯୋଗ୍ୟ ଶବ୍ଦକୁ ଯୋଡି ଏକ ବଳିଷ୍ଠ ପାସୱାର୍ଡ ପ୍ରସ୍ତୁତ କରିବା ଉଚିତ। ଉକ୍ତ ସଂସ୍ଥା ଏହାର ପ୍ରଥମ ସାଇବର-ସର୍ଭେରେ ଜନସାଧାରଣଙ୍କ ଡାଟାବେସ୍‌କୁ ବିଶ୍ଳେଷଣ କରିଥିଲା। କେଉଁ ଶବ୍ଦ, ଫ୍ରେଜ୍ ଓ ଡିଜିଟ୍‌ଗୁଡିକୁ ଲୋକେ ପାସୱାର୍ଡ ଭାବେ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି ତାହା ପରୀକ୍ଷାନିରୀକ୍ଷା କରାଯାଇଥିଲା। ଉକ୍ତ ତାଲିକାର ଶୀର୍ଷରେ ରହିଥିଲା ‘୧୨୩୪୫୬’। ବିଶ୍ୱରେ ୨୩ ନିୟୁତରୁ ଅଧିକ ଲୋକ ଏଭଳି ପାସୱାର୍ଡ ବ୍ୟବହାର କରନ୍ତି। ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ପାସୱାର୍ଡ ହେଉଛି ‘୧୨୩୪୫୬୭୮୯’। ଏହାକୁ ମନେପକାଇବା ଏତେ କଷ୍ଟକର ନୁହେଁ। ଏହା ପଛକୁ ଅନ୍ୟ ୩ଟି ହେଉଛି ‘କ୍ୟୁଡବ୍ଲ୍ୟୁଇଆରଟିୱାଇ’, ‘ପାସୱାର୍ଡ’ ଏବଂ ‘୧୧୧୧୧୧୧’।




## ଲିବ୍ୟାରେ ସଙ୍କଟ

# ସଂଘର୍ଷରେ ଗଲାଣି ୨୨୦ ଜୀବନ

ବେଙ୍ଘାଜି,୨୧।୪



ଲିବ୍ୟାରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ଜାତିସଂଘ ସମର୍ଥିତ ସରକାରଙ୍କୁ କ୍ଷମତାଚ୍ୟୁତ କରି ରାଜଧାନୀ ତ୍ରିପୋଲିକୁ କବ୍‌ଜା କରିବା ଲାଗି ସରକାରୀ ସୈନ୍ୟବାହିନୀ ଓ ବିଦ୍ରୋହୀଙ୍କ ମଧ୍ୟରେ ଦୁଇ ସପ୍ତାହ ଧରି ସଂଘର୍ଷ ଲାଗି ରହିଛି। ଏଥିରେ ୨୨୦ ଜଣଙ୍କ ମୃତ୍ୟୁ ହେବା ସହ ୧୦୬୬ ଆହତ ହେଲେଣି। ପୂର୍ବ ତ୍ରିପୋଲିରେ ଫିଲ୍ଡ ମାର୍ଶାଲ ଖଲିଫା ହିଫ୍‌ଟରଙ୍କ ନେତୃତ୍ୱରେ ଲିବ୍ୟା ଜାତୀୟ ସୈନ୍ୟବାହିନୀ (ଏଲ୍ଏନ୍ଏ) ଏବଂ ବିଦ୍ରୋହୀ ଲିବ୍ୟା ବାହିନୀ ମଧ୍ୟରେ ଗତ ୫ ତାରିଖରୁ ଏହି ସଂଘର୍ଷ ଜାରି ରହିଛି। ଜାତିସଂଘ ସମର୍ଥିତ ସରକାର ସହ ମେଣ୍ଟ କରିଥିବା ମିଲିସିଆମାନେ ଅଲୱାଟ୍ୟାର ଏୟାରବେସ୍ ଏବଂ ଘେରିଆନ୍ ସହରରେ ଆକାଶମାର୍ଗରୁ ବୋମାବର୍ଷଣ କରିଛନ୍ତି। ଜନବସତି ଅଞ୍ଚଳରେ ମଧ୍ୟ ସଂଘର୍ଷ ଜାରି ରହିଛି। ଉଭୟ ଗୋଷ୍ଠୀ ଓଜନଦାର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସହ ଆକାଶମାର୍ଗରୁ ଆକ୍ରମଣ କରୁଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ କରୁଥିବା ନେତାମାନଙ୍କୁ ଆମେରିକାର ସମର୍ଥନ ଜାରି ରହିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫିଲ୍ଡ ମାର୍ଶାଲ ହିଫ୍‌ଟରଙ୍କୁ ଫୋନ ଯୋଗେ କହିଛନ୍ତି। ଅନ୍ୟପକ୍ଷରେ ସଂଘର୍ଷ ଲାଗି ରହିଥିବାବେଳେ ସହଯୋଗୀ ରାଷ୍ଟ୍ରଗୁଡିକ ନୀରବ ରହିଥିବାରୁ ଲିବ୍ୟା ପ୍ରଧାନମନ୍ତ୍ରୀ ଫୟେଜ୍ ଅଲ୍-ସେରା ଏହାର ନିନ୍ଦା କରିଛନ୍ତି। ସଂଘର୍ଷ ଲାଗି ରହିଥିବାରୁ ସୁରକ୍ଷାଗତ କାରଣରୁ ତ୍ରିପୋଲିକୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ଦୁଇଟି ବିମାନକୁ ମିଟିଗା ବିମାନ ବନ୍ଦରରୁ ପୂର୍ବରେ ଥିବା ମିସ୍ରାଟାକୁ ନିଆଯାଇଛି। ଲକ୍ଷାଧିକ ଲୋକଙ୍କୁ ବିସ୍ଥାପନ କରାଯାଇଛି। ତ୍ରିପୋଲିରେ ଥିବା ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ତୁରନ୍ତ ପଳାଇ ଆସିବାକୁ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଦୁଇ ଦିନ ତଳେ ଟ୍ୱିଟ୍ କରି ପରାମର୍ଶ ଦେଇଥିଲେ। ସେଠାରେ ପରିସ୍ଥିତି ଦିନକୁ ଦିନ ଖରାପ ହେଉଛି। ବିମାନ ଚଳାଚଳ ବନ୍ଦ ହେବା ଆଶଙ୍କା କରି ଅଧିକ ଦିନ ସେଠାରେ ରହିଲେ ଆସିବା ସହଜ ହୋଇ ନ ପାରେ ବୋଲି ସୁଷମା କହିଥିଲେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୨/୨୦୧୯ | Bhubaneswar, Monday, April 22/2019

ବିଜେପି



# କେନ୍ଦ୍ର ଓ ରାଜ୍ୟରେ
# ଡବଲ୍ ଇଞ୍ଜିନ୍ ମୋଦି ସରକାର

## ନୂଆ ଓଡ଼ିଶା ପାଇଁ ସଂକଳ୍ପ

## ସୁନିଶ୍ଚିତ ହେବ ମହିଳାଙ୍କ ସୁରକ୍ଷା
## ସାବଲମ୍ବନ ଓ ସାଭିମାନ

**ନାବାଳିକା ଶୋଷଣ ବିରୋଧରେ ଦୃଢ଼ ଆଇନ ବ୍ୟବସ୍ଥା**
ମହିଳାଙ୍କ ପ୍ରତି ଅପରାଧୀମାନଙ୍କୁ କଠୋର ଦଣ୍ଡ ଏବଂ ୧୫ ବର୍ଷରୁ କମ୍ ବୟସର ବାଳିକାମାନଙ୍କ ସହ ଦୁଷ୍କର୍ମରେ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଙ୍କ ସଶକ୍ତିକରଣ**
ଋଣ ଛାଡ଼, ସୁଧମୁକ୍ତ ଋଣ, ପ୍ରତି ସଦସ୍ୟଙ୍କୁ ସ୍ମାର୍ଟଫୋନ୍ ସହ ମାସିକ ୨ ଜିବି ଡାଟା, ଏସ୍ଏଚ୍ଜିଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ବିପଣନ ପାଇଁ ବ୍ଲକ୍ ସ୍ତରରେ ମା' ତାରା ତାରିଣୀ ଷ୍ଟୋର୍ ପ୍ରତିଷ୍ଠା



**ଅଙ୍ଗନବାଡ଼ି କର୍ମୀଙ୍କ ଆର୍ଥିକ ସଶକ୍ତିକରଣ**
ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ଭତ୍ତା ୧୫,୦୦୦ ଟଙ୍କା ଏବଂ ସହାୟିକାମାନଙ୍କ ମାସିକ ଭତ୍ତା ୯,୦୦୦ ଟଙ୍କାକୁ ବୃଦ୍ଧି । ଅବସରନେଲା ପରେ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା

**ଶୈଳବାଳା ଟୁ ହ୍ୱିଲର ଯୋଜନା**
ଯୁକ୍ତ ଦୁଇ ଶେଷ କରୁଥିବା ମେଧାବୀ ଛାତ୍ରୀଙ୍କୁ ମାଗଣା ଦୁଇଚକିଆ ଯାନ

**ଛାତ୍ରୀମାନଙ୍କ ପାଇଁ ସୁଭଦ୍ରା ସମୃଦ୍ଧି ଯୋଜନା**
କନ୍ୟା ସନ୍ତାନ ଜନ୍ମ ହେଲେ ବ୍ୟାଙ୍କ୍ ଖାତା ଖୋଲି ଗ୍ରାଜୁଏସନ୍ ନାମ ଲେଖାଇବା ପର୍ଯ୍ୟନ୍ତ ବ୍ୟାଙ୍କ୍ ଖାତାରେ ବିଭିନ୍ନ କିସ୍ତିରେ ୫୦,୦୦୦ ଟଙ୍କା

ଫିର୍ ଏକ୍ ବାର୍
ମୋଦି ସରକାର

ଏମ୍ପି ଏବଂ ଏମ୍ଏଲ୍ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଅନନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପାରେ ୫ ନେତାଙ୍କୁ ମୁଖପାତ୍ର ଦାୟିତ୍ୱ

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ରାଜ୍ୟରେ ଦୁଇଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଯାଇଛି। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ବାକି ରହିଛି। ତୃତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବ। ଏଭଳି ସ୍ଥିତିରେ ମଧ୍ୟ ଭାଜପା ବିଭିନ୍ନ ନେତାମାନଙ୍କୁ ନୂଆନୂଆ ଦାୟିତ୍ୱ ବାଣ୍ଟି ଚାଲିଛି। ଭାଜପା ରବିବାର ଦଳର ସାଙ୍ଗଠନିକ କାର୍ଯ୍ୟ ଅଧିକ କ୍ରିୟାଶୀଳ କରିବା ପାଇଁ ବିଷ୍ଣୁ ଦାସ, ଉମାକାନ୍ତ ପଟ୍ଟନାୟକ, ଉର୍ମିଳା ମହାପାତ୍ର, ସୋନାଲି ସାହୁ ଏବଂ ଚିତ୍ରଲେଖା ମହାନ୍ତିଙ୍କୁ ରାଜ୍ୟ ମୁଖପାତ୍ର ଭାବେ ନିଯୁକ୍ତି ଦେଇଛି। ଦଳର ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ସେମାନଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଏନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ହିଂସା ଆଶଙ୍କା କଲା ଭାଜପା

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଜନମତ ଭାଜପା ଆଡକୁ ଢଳିବା ପରେ ବିଜେଡି ହିଂସା ଘଟାଇବା ଆରମ୍ଭ କରିଦେଇଛି। ଶାସକ ଦଳ ନେତାମାନେ ନିର୍ବାଚନ ହାରିବା ଭୟରେ ବୁଥ ରିଗିଂ, କ୍ୟାପଚରିଙ୍ଗ, ଏବଂ ହିଂସା କରିବାର ରାସ୍ତା ଆପଣାଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସମସ୍ତ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକ ରହିଛି। ଯେଉଁଠି ଶାସକ ବିଜେଡି ରିଗିଂ ଏବଂ କ୍ୟାପଚରିଂ କରିବାର ସମ୍ଭାବନା ଅଛି। ସେହି ବୁଥ୍‌ଗୁଡିକର ତାଲିକା ପ୍ରସ୍ତୁତ କରି ରବିବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରି ତୁରନ୍ତ ଉକ୍ତ ସମ୍ବେଦନଶୀଳ ବୁଥ୍‌ର ତାଲିକା ପ୍ରକାଶ କରି ସେହି ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷାବଳକୁ ମୁତୟନ କରନ୍ତୁ। ଏହାସହ ସେହି ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇ ତାହାର ଭିଡିଓ ଗ୍ରାଫି କରନ୍ତୁ ବୋଲି ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି।

# ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ରାଜ୍ୟରେ ହ୍ରାସ ପାଉଛି ତାପମାତ୍ରା। ରବିବାର ସବୁ ଜିଲାରେ ପାରଦ ୪୦ଡିଗ୍ରୀ ତଳକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇବାରୁ ଲୋକେ ତାତିରୁ ମୁକ୍ତି ପାଇଛନ୍ତି, କିନ୍ତୁ ସେପଟେ କାଳବୈଶାଖୀ ସମସ୍ତଙ୍କୁ ଡରାଇ ଦେଇଛି। ସନ୍ଧ୍ୟାରେ ରାଜ୍ୟର ଅନେକ ଜିଲାରେ କାଳବୈଶାଖୀ ତାଣ୍ଡବ

### ଖସିଲା ପାରଦ

ରଚିଛି। ପ୍ରବଳ ବର୍ଷା ସହିତ ଝଡ଼ତୋଫାନ ଓ ବଜ୍ରପାତ ଲୋକଙ୍କୁ ଭୟଭୀତ କରିଦେଇଥିଲା। ଝଡ଼ତୋଫାନରେ ବିଭିନ୍ନ ଜିଲାରେ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ଗଛ ଉପୁଡ଼ିଯିବା ସହ ଗଛ ପଡ଼ି ଗାଡ଼ି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। କୋରାପୁଟ, ବୌଦ୍ଧ, କନ୍ଧମାଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ସହ ଗଞ୍ଜାମ,


ଦଶପଲାଠାରେ ଲଙ୍କାପୋଡ଼ି ନିମନ୍ତେ ନିର୍ମାଣ ହୋଇଥିବା ତୋରଣ ଭାଙ୍ଗିପଡ଼ିଛି।

ଗଜପତି, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଆଦି ଜିଲାରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିଥିଲା। ବର୍ଷା ଓ ବଜ୍ରପାତ ମଧ୍ୟ ହୋଇଥିଲା। ଅନେକ ସ୍ଥାନରେ କୁଆପଥର ବୃଷ୍ଟି ହୋଇଥିବା ଦେଖାଯାଇଥିଲା। ତେବେ ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଆଦି ଜିଲାରେ ଅଧିକ ପରିମାଣର ବର୍ଷା ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ତାଣ୍ଡବରେ ନୟାଗଡ଼ ଜିଲା ଦଶପଲ୍ଲାଠାରେ ଲଙ୍କାପୋଡ଼ି ପାଇଁ ନିର୍ମାଣ ହୋଇଥିବା ତୋରଣ ଭାଙ୍ଗିପଡ଼ିଛି। ଏଥିଯୋଗୁ ଜାତୀୟ ରାଜପଥ ଅବରୋଧ ହୋଇ ଯାତାୟାତ ଠପ୍ ହୋଇଯାଇଥିଲା। ଆସନ୍ତା ଦୁଇଦିନ ଏହିଭଳି କାଳବୈଶାଖୀ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସହ ଅଣ୍ଡା ପବନ ବହିବ। ବାକି ଅନ୍ୟ ଜିଲାରେ ପାଗ ଶୁଖିଲା ରହିବ। ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ମୟୂରଭଞ୍ଜ ଓ ବାଲେଶ୍ୱରରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିପାରେ। ସେହିପରି ମଙ୍ଗଳବାର ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ତେବେ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ଗଞ୍ଜାମ ଓ ଗଜପତି ଜିଲାରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୩୯.୫ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ ୩୮.୫, ଚାନ୍ଦବାଲି ୩୮.୪, ଝାରସୁଗୁଡ଼ା ୩୮, ସମ୍ବଲପୁର ଓ ସୁନ୍ଦରଗଡ଼ ୩୭.୫, ଭୁବନେଶ୍ୱର ୩୭.୪ ଏବଂ କଟକ ୩୭ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪୮ଘଣ୍ଟା ମଧ୍ୟରେ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ତା'ପରେ ରାଜ୍ୟର ସମସ୍ତ ଜିଲାରେ ୨ରୁ ୩ଡିଗ୍ରୀ ତାପମାତ୍ରା ବଢ଼ିବ।

# କୌଣସି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ପାଇବେ ନାହିଁ : ନବୀନ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

- ଓଡ଼ିଶାର ବଡ ଭୂମିକା ନେଇ ଆକଳନ
- ଭାଜପାର ଅଗ୍ରାହ୍ୟ

ଚଳିତଥର ନିର୍ବାଚନରେ କୌଣସି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ପାଇବ ନାହିଁ। ଭାଜପା ସବୁ ରାଜ୍ୟରେ ହାରୁଛି। ଆଞ୍ଚଳିକ ଦଳଗୁଡିକ ହିଁ କିଙ୍ଗ୍ ମେକର ଭୂମିକା ନିର୍ବାହ କରିବେ। କେନ୍ଦ୍ର ସରକାର ଗଠନରେ ଓଡ଼ିଶାର ବଡ ଭୂମିକା ରହିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜଧାନୀ ଉପକଣ୍ଠସ୍ଥ ଜୟଦେବ ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ସଭାରେ ଯୋଗ ଦେଇ ନବୀନ ଏହି ଆକଳନ କରିଛନ୍ତି। ନବୀନଙ୍କ ଏହି ମନ୍ତବ୍ୟ ଜାତୀୟ ତଥା ରାଜ୍ୟ ରାଜନୀତିକୁ ସରଗରମ କରିଛି। କିଛିଦିନ ପୂର୍ବେ କଟକ ଜିଲାର ଏକ ସଭାରେ ଭାଜପାର ସ୍ଲୋଗାନ ଡବଲ ଇଞ୍ଜିନକୁ ମଧ୍ୟ ତାଚ୍ଛଲ୍ୟ କରିଥିଲେ। ଏମିତି କି ମେ' ୨୩ ଫଳାଫଳ ପରେ ମୁଖ୍ୟ ଇଞ୍ଜିନ୍ ଲାଇନଚ୍ୟୁତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ସଭାପତି ଅମିତ ଶାହ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋଏଲ ଓ ରାଜନାଥ ସିଂ ପ୍ରମୁଖ ନବୀନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସଭାରେ ସମାଲୋଚନା କରୁଛନ୍ତି। ଏଥିସହିତ ଓଡ଼ିଶା ସରକାର କେନ୍ଦ୍ର ଦେଉଥିବା ଅନୁଦାନକୁ ଖର୍ଚ୍ଚ କରୁ ନ ଥିବା ଅଭିଯୋଗ କରିଛନ୍ତି। ହେଲେ ଏହା ବିଜେଡି ସଭାପତିଙ୍କ ରଣନୀତିକୁ ବଦଳାଇ ପାରିନାହିଁ। ନବୀନ ବାରମ୍ବାର କେନ୍ଦ୍ର ଅବହେଳା ଏବଂ କାଳିଆ ଯୋଜନା ଅର୍ଥ ପ୍ରଦାନକୁ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରି ଚାଲିଛନ୍ତି। ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ଜାତୀୟସ୍ତରରେ ଭାଜପା



ୟୁପି, ବିହାର, ରାଜସ୍ଥାନ, ଗୁଜରାଟ, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ପୂର୍ବ ସଫଳତା ଦୋହରାଇବ ନାହିଁ। ଅନୁରୂପ ଭାବେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ଆସନ ପାଇଲେ ମଧ୍ୟ ସରକାର ଗଢିବା ଭଳି ସ୍ଥିତି ରହିବ ନାହିଁ। ତେଣୁ ବିଜେଡି, ଏସ୍‌ପି-ବିଏସ୍‌ପି-ଆରଏଲ୍‌ଡି, ଟିଏମ୍‌ସି, ଜେଡି(ଏସ୍), ଟିଆରଏସ୍ ଭଳି ଦଳ ଆଖିଦୃଶିଆ ଆସନ ଜିତି ପାରନ୍ତି। ଏହି ଦଳଗୁଡିକର ସମର୍ଥନରେ କେନ୍ଦ୍ରରେ ସରକାର ଗଠନ କରାଯାଇପାରେ। ତେଣୁ ନବୀନଙ୍କ ରାଜନୈତିକ ମନ୍ତବ୍ୟର ଗୁରୁତ୍ୱକୁ ଅଣଦେଖା କରିହେବ ନାହିଁ। ଅପରପକ୍ଷରେ ଭାଜପା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୂର୍ବାପେକ୍ଷା ଅଧିକ ଆସନରେ ଭାଜପା ବିଜୟୀ ହେବ ବୋଲି ସମସ୍ତ ଶୀର୍ଷ ନେତା ମତ ରଖିଛନ୍ତି। ରାଜ୍ୟରେ ୧୯ ବର୍ଷର ବିଜେଡି ସରକାର ରହିଥିବାରୁ ଉଭୟ ବିଧାନସଭା ଏବଂ ଲୋକ ସଭାରେ ବହୁ ସଂଖ୍ୟାରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ଭାଜପା ମୁଖପାତ୍ର ସଜନ ଶର୍ମା କହିଛନ୍ତି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ରବିବାର ଶେଷ ଦିବସ ଥିବାରୁ ମୁଖ୍ୟମନ୍ତ୍ରୀ ଦଳ ପାଇଁ ମାରାଥନ୍ ପ୍ରଚାର କରିଥିଲେ। ସେ ରାଜଧାନୀ ଉପକଣ୍ଠସ୍ଥ ଜୟଦେବ ସମେତ କୁଚିଣ୍ଡା, ଆଠଗଡ଼, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କୁ ବହୁ ଭୋଟରେ ବିଜୟୀ କରିବାକୁ ନିବେଦନ କରିଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ଡିଜିପି

**କଟକ ଅଫିସ, ୨୧।୪:** ସ୍ତ୍ରୀଙ୍କ ଦେହ ଅସୁସ୍ଥ ଓ ପରେ ଦେହାନ୍ତ କାରଣରୁ ଛୁଟିରେ ଥିବା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦ ଦିନ ଛୁଟିରେ ରହିବା ପରେ ସନ୍ଧ୍ୟା ୬ଟାରେ ସେ ପୋଲିସ ମୁଖ୍ୟାଳୟରେ ପହଞ୍ଚି ନିର୍ବାଚନ ସ୍ଥିତି ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଆଉ ୨ଟି ପର୍ଯ୍ୟାୟ ନିର୍ବାଚନ ବାକି ଥିବାବେଳେ ଏହାକୁ କିପରି ସୁରୁଖୁରୁରେ ପରିଚାଳନା କରାଯିବ ସେ ସମ୍ପର୍କରେ ରାଜେନ୍ଦ୍ର ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ସ୍ତ୍ରୀଙ୍କ ଅସୁସ୍ଥତା କାରଣରୁ ଏପ୍ରିଲ ୧ ତାରିଖରୁ ଡିଜିପି ଛୁଟିରେ ଥିଲେ। ପରେ ଗତ ୭ ତାରିଖରେ ସ୍ତ୍ରୀ ତୁଷାର ଶର୍ମାଙ୍କ ଦେହାନ୍ତ ହୋଇଯିବାରୁ ତାଙ୍କର ଛୁଟି ଅବଧି ବଢିଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଗତ ୮ ତାରିଖରେ ଅଗ୍ନିଶମ ବିଭାଗ ଡିଜି ବିଜୟ କୁମାର ଶର୍ମାଙ୍କୁ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ନୀଚ ରାଶିରେ ମନକାରକ ଚନ୍ଦ୍ର ଥିଲେ ମଧ୍ୟ ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରେ ସାହସିକ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରବି ଉଚ୍ଚଭାବରେ ରହି ଚନ୍ଦ୍ରଙ୍କ ସହ ଷଡ଼ାଷ୍ଟକ ହେତୁ ଯୋଜନାନୁଯାୟୀ କାମ କରିବାରେ ଅଶ୍ୱିନୀ ନକ୍ଷତ୍ର ସକାଶେ କେତେକ ସମସ୍ୟା ଆସିବ। ତଥାପି କେତେକ କ୍ଷେତ୍ରରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପରିବାରର ଅର୍ଥନୈତିକ, ସାମାଜିକ କ୍ଷେତ୍ର ବହୁତ ଭଲ ରହିବ।

**ବୃଷ**
ଏକାଦଶସ୍ଥ ଶୁକ୍ର ଓ ବୁଧ ପ୍ରଭାବରୁ ମନୋରନକୁ ପ୍ରାଧାନ୍ୟ ଦେଇ କାମକୁ ଅବହେଳା କରିବେ। ବନ୍ଧୁମିଳନ, କଳା, ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ହେବନି ଯାତ୍ରା ମଧ୍ୟ ଫଳପ୍ରଦ ହୋଇପାରେ। ପାରିବାରିକ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିଦେବ।

**ମିଥୁନ**
ଦ୍ୱାଦଶ ଭାବରେ ଚନ୍ଦ୍ର ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ବାଧ କରିପାରେ। ଏଣେ ପରିସ୍ଥିତିବଶତଃ ଅତ୍ୟଧିକ ବ୍ୟୟବୃଦ୍ଧି ମାନସିକ ଦୁଃଶ୍ଚିନ୍ତା ସୃଷ୍ଟି କରିବ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ବିରୁଦ୍ଧାତ୍ମକ କଥାବାର୍ତ୍ତା କରିପାରନ୍ତି। ବ୍ୟବସାୟ ଓ ସାହାଯ୍ୟ, ସହଯୋଗ ଅଭାବରୁ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ହେବନାହିଁ।

**କର୍କଟ**
ଚନ୍ଦ୍ରଙ୍କ ଦୁର୍ବଳତା ଆପଣଙ୍କ ଦୈହିକ ଦୁର୍ବଳତା ସଙ୍ଗକୁ ନୈରାଶ୍ୟ ଜନିତ ମନସ୍ତାପର କାରଣ ପାଲଟିଯିବ। ଆଜି ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଦେଖା ଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଆଶାୟୀଥିବା କୌଣସି ସକାରାତ୍ମକ ଖବର ମନକୁ ଆହ୍ଲାଦିତ କରିବାର ସମ୍ଭାବନା ରହିଛି।

**ସିଂହ**
କର୍ମାଧିପତି ଅଷ୍ଟମସ୍ଥ ହୋଇ ବ୍ୟୟାଧିପ ଯୁକ୍ତ କାରଣରୁ ସମସ୍ୟା ଓ ମାନସିକ ଅଶାନ୍ତିକୁ ବଢ଼ାଇବ। ଆଜି ଆପଣ ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ସରକାରୀ ଗସ୍ତ ଆକସ୍ମିକ ଭାବେ ବାତିଲ ହୋଇଯିବାର ଆଶଙ୍କା ରହିବ। ପ୍ରତିଯୋଗିତା, ମାଲିମକଦ୍ଦମା, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳକାମ ହେବେ।

**କନ୍ୟା**
ଭାଗ୍ୟାଧିପତିଙ୍କୁ ଅଷ୍ଟମାଧିପତି ଦେଖୁଥିବାରୁ ଆପଣଙ୍କ ଚେଷ୍ଟା ଫଳବତୀ ହେବାରେ ସମସ୍ୟା ଦେଖାଦେଇପାରେ। ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେମାନଙ୍କ ପ୍ରତି ରହିଥିବା ଭଲ ଧାରଣା କ୍ରମଶଃ ହ୍ରାସ ପାଇବ। ପଦାଧିକାରୀଙ୍କ ଚାପରେ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବାର ଆଶଙ୍କା ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି।

**ତୁଳା**
ବଳବାନ୍ ଶୁକ୍ରଙ୍କ ସହ ବିପରୀତ ରାଜଯୋଗ ସୃଷ୍ଟିକାରୀ ବୁଧ ପ୍ରତିବନ୍ଧକକୁ ଦୂରେଇ କାର୍ଯ୍ୟ ହାସଲରେ ସମର୍ଥ ହୋଇପାରନ୍ତି। କର୍ମସ୍ଥାନରେ ଧନାଧିପ ଯାତ୍ରା ଓ ବ୍ୟବସାୟିକ ଗ୍ରହ ମଙ୍ଗଳଙ୍କ ଦୃଷ୍ଟିରେ ରହି ଆପଣଙ୍କ ଅଭିଳାଷ ପୂରଣରେ ସହାୟକ ହେବେ। ଆକସ୍ମିକ ଆବଶ୍ୟକୀୟ ଅର୍ଥାଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ।

**ବିଛା**
ଆଜିର ଶ୍ରୀଚନ୍ଦ୍ର ଭାଗ୍ୟାଧିପତି ଯୋଗୁ ଆପଣଙ୍କ ଯାତ୍ରାରେ ବାଧକ ନ ସାଜି କାର୍ଯ୍ୟ ସାଧକର ଭୂମିକା ଗ୍ରହଣ କରିପାରେ। ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ମୂଲ୍ୟବାନ ଦ୍ରବ୍ୟଲାଭ ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପାରିବାରିକ, ପରିବହନ, ପ୍ରଶାସନ କ୍ଷେତ୍ର ଭଲ ରହିବ।

**ଧନୁ**
ଆଜିର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଷଷ୍ଠଚନ୍ଦ୍ର ହେତୁ ଚେଷ୍ଟା କରୁଥିବା କାମରେ ଖର୍ଚ୍ଚାନ୍ତ ସାଙ୍ଗକୁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧିକାଂଶ କ୍ଷେତ୍ରରେ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପାଇଁ ସମୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସକାଶେ କେତେକ ବ୍ୟତିକ୍ରମ ଦେଖାଦେବ।

**ମକର**
ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ଭ୍ରମଣ,ସମସ୍ୟା ସମାଧାନ ଓ ମନୋରଞ୍ଜନ ମାଧ୍ୟମରେ ଆପଣଙ୍କ ମୁହଁରେ ହସ ଫୁଟାଇପାରେ। ଶନି ଓ ମଙ୍ଗଳଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଅସମ୍ମାନଜନକ କଥା ଓ ବ୍ୟବହାରରେ ଚିହିଁକି ଉଠି ଅନର୍ଥ ଘଟାଇ ପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ନେଇ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉଚ୍ଚାଶା ପୋଷଣ କରିବେ।

**କୁମ୍ଭ**
ସମସ୍ୟାମୁକ୍ତ ପାରିବାରିକ ସ୍ଥିତି, ଶତ୍ରୁତା ବିହୀନ କାର୍ଯ୍ୟ, ସମାଲୋଚନା ନ ଥାଇ ସହଯୋଗ ଆପଣଙ୍କ ପାଇଁ ଆନନ୍ଦଦାୟକ ରହିବ। କିନ୍ତୁ ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ସଙ୍ଗକୁ ନିମ୍ନମାନର ବିଚାରଧାରା ବନ୍ଧୁମାନଙ୍କ ଗ୍ରହଣୀୟ ନ ହୋଇପାରେ। ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**
ଆଜି ଆପଣଙ୍କ ମନ ଅନୁଯାୟୀ ସମସ୍ତ କାର୍ଯ୍ୟ ରୀତି ସମ୍ପନ୍ନ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସାମାଜିକସ୍ତରରେ ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଅବଶ୍ୟ ଭଲ ନ ହେଲେ ମଧ୍ୟ ବିଶେଷ ମନ୍ଦ ହେବନି। ଯାତ୍ରା, ବାଣିଜ୍ୟ, କଚେରି ମାମଲାରେ ମଧ୍ୟ ସନ୍ତୋଷଜନକ ଫଳ ପାଇବେ ।

ଆଜି ଧରିତ୍ରୀ ଦିବସ,ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଏପ୍ରିଲ ୨୨ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୬ମି. ମଧ୍ୟେ, ଘ୧।୨୦ମି. ଗତେ, ଘ୨।୫୫ମି. ମଧ୍ୟେ ଅମୃତବେଳା। ଘ୧।୫୧ମି. ଗତେ ଘ୯।୫୬ମି. ମଧ୍ୟେ ଘ୨।୫୫ମି.ଗତେ, ଘ୪।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ପ୍ରାତଃ ଘ୭।୦୨ମି. ଗତେ ଘ୮।୩୬ମି. ମଧ୍ୟେ ରାହୁ କାଳ। (ଆଜି ବୃହସ୍ପତି ଧନୁ ରାଶିରୁ ଜ୍ୟେଷ୍ଠା ନକ୍ଷତ୍ର ବିଛା ରାଶିକୁ ବକ୍ରଗତିରେ ଗମନ କରିବେ। ବୃଷ, କର୍କଟ, ତୁଳା, ମକର ଓ ମୀନ ରାଶି ପାଇଁ ଶୁଭଦାୟକ ହେବେ)।


# classifieds

0674-2580101
2549302
Every Day




SALE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପୀଠ ଠାରେ 1200କୁ 3,00,000/- (out-right). 9776934361, 8144706560. D-66318

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

କଟକ-ଭୁବନେଶ୍ୱର **Twin city** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Chandrasekar: 9337060334.** D-66353

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D-66350

**BDAର Southcity IIT Argulଠାରେ Railway Stationରୁ** ଅଳ୍ପ ଦୁରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି **plot** କିଣନ୍ତୁ। **Pravakar: 8847825690.** D-66351

ଭୁବନେଶ୍ୱର କଣ୍ଟାବାଡ଼/ଅନ୍ଧାରୁଆରେ (ପିତାପଲ୍ଲୀ-କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

ଭୁବନେଶ୍ୱର new Railway stationକୁ ଲାଗି ଘରବାରି ପ୍ଲଟ sqft. 450/-ରେ ମିଳୁଛି। 9439690111, 6371406921. D-66127




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

### ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



ଅନନ୍ୟା ବେହେରା
ପ୍ରେସ୍ କଲୋନୀ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଜେଜେ, ଜେଜେ ମା, ବାବା, ମାମା, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୨୬୮

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ସାଇ ସୃତିକ୍ଷା ସାହୁ
ଶୁଭେଚ୍ଛାସହ : ବାପା, ମାମା, ଜେଜେ, ଜେଜେମା, ଅଜା, ଆଈ, ଦାଦା, ଖୁଡ଼ି, ବଡ଼ବାପା, ବଡ଼ମା, ମାମୁ, ମାଉସୀ
ଧ-୬୬୨୧୫

### 25th Marriage Anniversary



**Bijay & Sarita**
Dt. 21.04.19
At- Dhama, Dist.- Sambalpur
Mom and Dad, I cannot begin to describe how blessed I am to have amazing parents in my life. Seeing true love through you both makes my heart happy. As your daughter/ son I see perfection in both of you. I love you. Special Regards Sunit, Monika with hearty wishes to having together lifelong - Sumit, Ankit, Sujit, Anjit, Surat, Manisa, Avisek, Ritika, Risika & Choudhry family. D-12267

### ବିବାହ ଅଭିନନ୍ଦନ



ସରୋଜ ସହିତ ସସ୍ମିତା
ବୁଗବୁଗା (ଗମ୍ଭାରିକ୍ରା)
ଶୁଭେଚ୍ଛା ସହ: ଲିପ୍‌ସା, ଆଲିସା, ସୋନାଲିସା, ରୋଜାଲିସା, ଅଭିଲିପ୍‌ସା, ଅଭିଳାସା, ଆଦ୍ୟାଶା, ଅଭିଜିତ୍, ସତ୍ୟଜିତ୍, ଅଂଶୁମାନ, ଆଭାସ ଓ ଖମାରୀ ପରିବାରବର୍ଗ।
ଧ-୧୨୨୬୬


Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୨/୨୦୧୯ | Bhubaneswar, Monday, April 22/2019 | ପୃଷ୍ଠା-୧


**ଦୂତୀ ଭାଙ୍ଗିଲେ ଜାତୀୟ ରେକର୍ଡ**
ଦୋହାଠାରେ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ହିଟ୍‌ରେ ୧୧.୨୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ୧୪

୦୭ **ଜାହ୍ନବୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର**
'ଧଡକ'ର ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଶନିବାର ଦାଦାସାହେବ ଫାଲ୍‌କେ ଏକ୍ସେଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି।



## ■ ତୃତୀୟ ପର୍ଯ୍ୟାୟ ନିର୍ବାଚନ

# ପ୍ରଚାର ସରିଲା, ମଇଦାନରେ ବହୁ ହେଭିୱେଟ୍ ନେତା

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**

- ■ ଦିନକ ପରେ ଭୋଟ
- ■ ୬ ଲୋକ ସଭା, ୪୨ ବିଧାନସଭା ପାଇଁ ମତଦାନ
- ■ ଗତଥର ବିଜେଡି ହାତେଇଥିଲା ସମସ୍ତ ଲୋକ ସଭା
- ■ ତୃଣମୂଳରେ ଭାଜପା ଦେଉଛି କଡ଼ା ଟକ୍କର

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ପ୍ରଚାର ଶେଷ ହୋଇଛି। ନିର୍ବାଚନରେ ଭାଗ ନେଇଥିବା ସବୁ ଦଳ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ସମସ୍ତ ଚେଷ୍ଟା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରାଲି, ବାଇକ ଶୋଭାଯାତ୍ରା, ରୋଡ୍ ଶୋ ଏବଂ ପଥପ୍ରାନ୍ତ ସଭା କରାଯାଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୬ ଲୋକ ସଭା ଏବଂ ୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ହେବ। ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ଆସନଗୁଡ଼ିକ ପାଇଁ ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ସମ୍ବଲପୁର, କେନ୍ଦୁଝର ଏବଂ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବ।

୨୦୧୪ ସାଧାରଣ ନିର୍ବାଚନରେ ଉପରୋକ୍ତ ସମସ୍ତ ଲୋକ ସଭା ଆସନରେ ବିଜେଡି ବିଜୟ ହୋଇଥିଲା। ତେଣୁ ଚଳିତଥର ସେହି ଧାରାକୁ ବଜାୟ ରଖିବା ଦଳ ପାଇଁ ଚ୍ୟାଲେଞ୍ଜ ସଦୃଶ। ରାଜ୍ୟ ରାଜନୈତିକ ମହଲର ଆଲୋଚନା ଅନୁଯାୟୀ ଭୁବନେଶ୍ୱର, ପୁରୀ, ସମ୍ବଲପୁର ଏବଂ ଢେଙ୍କାନାଳରେ ବିଜେଡିର ପୂର୍ବସ୍ଥିତି ନାହିଁ। ତେଣୁ ଏହି ଆସନ ଗୁଡ଼ିକରେ ସଫଳତା ଦୋହରାଇବା ପାଇଁ ଦଳ ☞ପୃଷ୍ଠା-୪

## ■ ଆତ୍ମଘାତୀ ବିସ୍ଫୋରଣରେ ଥରିଲା ଶ୍ରୀଲଙ୍କା

# ଆତଙ୍କବାଦୀ ଆକ୍ରମଣରେ ୨୧୫ ନିହତ

**କଲମ୍ବୋ,୨୧।୪(ପି.ଟି./ଆଇଏଏନ୍‌ଏସ୍)**

ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାରେ ରବିବାର ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟିଛି। ୮ଟି ସ୍ଥାନରେ ବିସ୍ଫୋରଣ ଘଟି ୨୧୫ ନିହତ ହୋଇଛନ୍ତି। ଏହାସହ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩୫ ବିଦେଶୀ ନାଗରିକ ମଧ୍ୟ ରହିଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ଇଷ୍ଟର ପାଳନବେଳେ ୩ଟି ହୋଟେଲ ଓ ୩ଟି ଚର୍ଚ୍ଚକୁ ଆତଙ୍କବାଦୀମାନେ ଏକସଙ୍ଗେ ଟାର୍ଗେଟ କରିଥିଲେ। ପରେ ରାଜଧାନୀ କଲମ୍ବୋର ଅନ୍ୟ ଦୁଇଟି ସ୍ଥାନରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ଆତଙ୍କ ଖେଳାଇଥିଲେ। ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ପକ୍ଷରୁ ଏକ ଦଶନ୍ଧି ତଳେ ଗୃହଯୁଦ୍ଧର ଅବସାନ ହେବା ପରେ ଏହି ଆକ୍ରମଣ ଶ୍ରୀଲଙ୍କାକୁ ପୁଣିଥରେ ଅଶାନ୍ତ କରିଦେଇଛି। ଏହାକୁ ଶ୍ରୀଲଙ୍କା ଇତିହାସର ସବୁଠୁ ଘାତକ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଉଛି। ଆକ୍ରମଣକୁ ଭାରତ, ଆମେରିକା, ଫ୍ରାନ୍ସ, ରୁଷିଆ ସମେତ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ନିନ୍ଦା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏବଂ ପ୍ରତିପକ୍ଷ ରନିଲ ୱିକ୍ରମସିଂହେଙ୍କୁ ଫୋନ୍ କରି ସମବେଦନା ଜଣାଇବା ସହ ସବୁ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆକ୍ରମଣର ଷଡ଼ଯନ୍ତ୍ର ବିଦେଶରେ ହୋଇଛି ବୋଲି ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାସହ କୌଣସି ଗୁଜବକୁ ବିଶ୍ୱାସ ନ କରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସରକାରଙ୍କ ପକ୍ଷରୁ ଦେଶର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଜରୁରୀ ବୈଠକ ଡାକି ସୁରକ୍ଷା ସ୍ଥିତି ସମୀକ୍ଷା କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହିଁ।

ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କା ପାଇଁ ରବିବାର ପାଲଟିଛି କଳାଦିନ। ସାଧାରଣ ଜନତାଙ୍କ ରକ୍ତରେ ହୋଲି ଖେଳିଛନ୍ତି ଆତଙ୍କବାଦୀ। କୋଚ୍ଚିକେଡ୍‌ସ୍ଥିତ ସେଣ୍ଟ ଆଣ୍ଟୋନି ଚର୍ଚ୍ଚରେ ଇଷ୍ଟର ପାଳନ ଅବସରରେ ଖ୍ରୀଷ୍ଟିୟାନ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରୁଥିବାବେଳେ ପ୍ରଥମ ବିସ୍ଫୋରଣ ଘଟିଥିଲା। ଏହାପରେ ଲଗାତର ଆଉ ୫ଟି ସ୍ଥାନରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଲା। ନେଗୋମ୍ବୋସ୍ଥିତ ସେଣ୍ଟ ସେବାସ୍ତିଆନ୍ ଚର୍ଚ୍ଚ, ବଟ୍ଟିକୋଲା ଜିଲାର ଜିଓନ୍ ଚର୍ଚ୍ଚ ସମେତ ରାଜଧାନୀ କଲମ୍ବୋର ୩ ବିଳାସପୂର୍ଣ୍ଣ ହୋଟେଲ (ଶାଙ୍ଗ୍ରି-ଲା ଷ୍ଟାର ଏବଂ ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ ଅବସ୍ଥିତ କିଙ୍ଗ୍‌ସବରୀ ଓ ସିନାମୋନ୍ ଗ୍ରାଣ୍ଡ)କୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। କାରଣ ପବିତ୍ର ଇଷ୍ଟରବେଳେ ☞ପୃଷ୍ଠା-୪



ନେଗୋମ୍ବୋସ୍ଥିତ ସେଣ୍ଟ ସେବାସ୍ତିଆନ୍ ଚର୍ଚ୍ଚର ଛାତ ବିସ୍ଫୋରଣରେ ଉଡ଼ିଯାଇଛି।

**ଇସ୍‌ଲାମିକ୍ ବର୍ବରତା**

- ■ ୮ ସ୍ଥାନରେ ବିସ୍ଫୋରଣ
- ■ ଚର୍ଚ୍ଚ, ହୋଟେଲକୁ ଟାର୍ଗେଟ
- ■ ୫୦୦ରୁ ଊର୍ଦ୍ଧ୍ୱ ଆହତ
- ■ ବଢ଼ିପାରେ ମୃତ୍ୟୁସଂଖ୍ୟା
- ■ ବିଶ୍ୱବ୍ୟାପୀ ନିନ୍ଦା
- ■ ସାରା ଦେଶରେ କର୍ଫ୍ୟୁ
- ■ ସିରିସେନା, ୱିକ୍ରମସିଂହେଙ୍କୁ ଫୋନ୍ କଲେ ମୋଦି
- ■ ଭାରତୀୟ ଦୂତାବାସ ପକ୍ଷରୁ ହେଲ୍‌ପଲାଇନ୍ ନମ୍ବର ଜାରି

**ଆଜିର ମନ୍ତବ୍ୟ**

"କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବା ଆଶା ରଖୁନାହିଁ। ଦିଲ୍ଲୀରେ ସରକାର ଗଢ଼ିବା ଲାଗି ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଅନିବାର୍ଯ୍ୟ।

–କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 21.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 94 | 150 | 160 |
| DKL | 93 | 149 | 159 |
| BDK | 96 | 153 | 163 |
| BLS | 97 | 154 | 164 |
| ANG | 94 | 150 | 160 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ପାଟକୁରାରେ ନିର୍ବାଚନ ସ୍ଥଗିତ

**କେନ୍ଦ୍ରାପଡା ଅଫିସ, ୨୧।୪**

କେନ୍ଦ୍ରାପଡ଼ା ଜିଲାରେ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୯ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ଏହି ସମୟରେ ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ ନାହିଁ। ଏନେଇ ପାଟକୁରା ବିଧାନସଭାର ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରବିବାର ଏକ ବିଧିବଦ୍ଧ ବିଜ୍ଞପ୍ତି (ନଂ- ୫୨୩୮) ଜରିଆରେ ପ୍ରକାଶ କରିଛନ୍ତି। ପୁନର୍ବାର ଏହି ଆସନ ପାଇଁ ଭାରତ ନିର୍ବାଚନ କମିଶନଙ୍କଠାରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏଥିରେ ସୂଚନା ଦିଆଯାଇଛି। ପାଟକୁରା ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ଗତ ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁପରେ ଜନପ୍ରତିନିଧି ଆଇନ ୧୯୫୧ ଧାରା ୫୨ ଅନୁଯାୟୀ, ଏହି କ୍ଷେତ୍ର ପାଇଁ ଏବେ ନିର୍ବାଚନ ବାତିଲ ହୋଇଯାଇଛି ବୋଲି ରିଟର୍ନିଂ ଅଫିସର ମିଶ୍ର ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ଅଗ୍ରୱାଲଙ୍କର ମୃତ୍ୟୁ ଖବର ପାଇବା ପରେ ଏହାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର ସତ୍ୟତା ଯାଞ୍ଚ ପାଇଁ କେନ୍ଦ୍ରାପଡ଼ା ପୌରକାର୍ଯ୍ୟାଳୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କୁ ସତ୍ୟପାଠ ଓ ଅନ୍ୟାନ୍ୟ କାଗଜପତ୍ର ସହ ଭୁବନେଶ୍ୱର ସିଟି ମେଡିକାଲକୁ ପଠାଯାଇଥିଲା। ସିଟି ମେଡିକାଲ ଅଫିସରଙ୍କ ସହ ଆଲୋଚନା ପରେ ସ୍ୱର୍ଗତ ଅଗ୍ରୱାଲଙ୍କ ମୃତ୍ୟୁ ପ୍ରମାଣପତ୍ର ଅଣାଯାଇଛି ବୋଲି ରିଟର୍ନିଂ ଅଫିସର ମିଶ୍ର କହିଛନ୍ତି।






**ବାଟ ହୁଡୁଛି ତଦନ୍ତ, ଖାକିରେ ଲାଗିଛି କଳଙ୍କ** ୭

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ସ୍ୱାସ୍ଥ୍ୟ ବିଜ୍ଞାନ' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

**ଆଜିର ସମ୍ପାଦକୀୟ**

**କଲମ୍ବୋ ନିଆଁ**

**କିଛି ତଥ୍ୟ**

ଚଳିତ ବର୍ଷ ମାର୍ଚ୍ଚ ମାସରେ ତୈଳ ଆମଦାନୀ ୫.୫୫% ବୃଦ୍ଧି ଘଟି ୧୧.୭୫ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ




# କଲମ୍ବୋ ନିଆଁ

ଦ୍ୱୀପ ଦେଶ ଶ୍ରୀଲଙ୍କାରେ ଦୀର୍ଘ ବର୍ଷ ପରେ ୨୧ ଏପ୍ରିଲ ୨୦୧୯ରେ ଭୟଙ୍କର ଆତଙ୍କ ଦେଖାଦେଇଛି। ରାଜଧାନୀ କଲମ୍ବୋ ଓ ଆଖପାଖ ଅଞ୍ଚଳର କେତେକ ଚର୍ଚ୍ଚ ଓ ହୋଟେଲରେ ଲଗାତର ୮ଟି ବିସ୍ଫୋରଣରେ ୨୦୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବା ବେଳେ ୪୦୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ୪୦ ବିଦେଶୀ ଥିବା ଖବର ମିଳିଛି।

ଇତିହାସ ଦେଖିଲେ ୩୦ ବର୍ଷ ତଳେ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଶ୍ରୀଲଙ୍କାରେ ନିଜସ୍ୱ ଅଞ୍ଚଳ ଗଢ଼ିବା ଲକ୍ଷ୍ୟରେ ସଶସ୍ତ୍ର ସଂଗ୍ରାମ ଚଳାଇଥିଲା। ବହୁ ବର୍ଷ ଧରି ଉକ୍ତ ସଙ୍ଗଠନ ମାରାତ୍ମକ ଆକ୍ରମଣ କରିବା ଯୋଗୁ ଶ୍ରୀଲଙ୍କା ଅସ୍ଥିର ହୋଇପଡ଼ିଥିଲା। ତେଣୁ ଏହି ଦେଶ ପାଇଁ ଆତଙ୍କବାଦୀ ଆକ୍ରମଣ କିଛି ନୂଆ ନୁହେଁ। ଦେଖିବାକୁ ଗଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମେତ ଶ୍ରୀଲଙ୍କାର ଅନେକ ମନ୍ତ୍ରୀ, ସାଂସଦ ଏବଂ ସେତେବେଳେ କ୍ଷମତାରେ ଥିବା ରାଷ୍ଟ୍ରପତି ରଣସିଂହେ ପ୍ରେମଦାସାଙ୍କୁ ଏଲ୍‌ଟିଟିଇର ସୁଇସାଇଡ୍ ବମ୍ବର୍ସ ବା ଆତ୍ମଘାତୀ ବିସ୍ଫୋରଣକାରୀ ହତ୍ୟା କରିଥିଲେ। ଗତ ଶତାବ୍ଦୀର ଅଶୀ ଓ ନବେ ଦଶକରେ ଏହିଭଳି ଆକ୍ରମଣ ପୃଥିବୀରେ କେହି ଦେଖି ନ ଥିଲେ। ଏଲ୍‌ଟିଟିଇର ଉଗ୍ର ରୂପ ତୁଳନାରେ ଇସ୍‌ଲାମୀୟ ଜେହାଦୀମାନେ ମଧ୍ୟ ପଛରେ ପଡ଼ିଯିବେ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ଏଲ୍‌ଟିଟିଇ ମୁଖ୍ୟ ଭେଲୁପିଲାଇ ପିର୍‌ଭାକରନଙ୍କୁ ସେଠାକାର ସେନା ହତ୍ୟା କରିବା ପରେ ଆନ୍ଦୋଳନ ଥଣ୍ଡା ପଡ଼ିଯାଇଥିଲା। ଏହା ପରେ ଏକ ନୂତନ ସମସ୍ୟା ସୃଷ୍ଟି ହେଲା, ଯେତେବେଳେ ସିଂହଳୀମାନଙ୍କ ଧର୍ମଗୁରୁମାନେ ସାଧାରଣ ଲୋକଙ୍କୁ ମୁସଲମାନ ବିରୋଧୀ ଧ୍ୱନି ଦେବାକୁ ଆରମ୍ଭ କଲେ। ସେମାନଙ୍କ କହିବା ଅନୁଯାୟୀ, ମୁସଲମାନ (ଦେଶ ଜନସଂଖ୍ୟାର ମାତ୍ର ୧୦ ପ୍ରତିଶତ) ବୌଦ୍ଧଧର୍ମ ବିରୋଧୀ ପାଲଟି ଯାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଖ୍ରୀଷ୍ଟିଆନ୍‌ମାନଙ୍କ ବିରୋଧରେ କୌଣସି ବିବାଦ ସେହି ଦେଶର ନିକଟ ଅତୀତରେ ଶୁଣିବାକୁ ମିଳି ନ ଥିଲା। ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେଙ୍କ ରାଜନୀତି ସବୁବେଳେ ସଂଖ୍ୟାଲଘୁଙ୍କ ବିରୋଧରେ ରହିଥିବା ବେଳେ ତାହା ମୁଖ୍ୟତଃ ମୁସଲମାନ ବିରୋଧୀ ଥିଲା। ସେଥିପାଇଁ ଇଷ୍ଟର ସଣ୍ଡେ ଅବସରରେ ଗୀର୍ଜା ଏବଂ ବିଦେଶୀ ରହୁଥିବା ତାରକା ହୋଟେଲ ଉପରେ ଆକ୍ରମଣ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେଥିପାଇଁ ଏବର ଆକ୍ରମଣ ପଛରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ହାତ ଥିବା ସନ୍ଦେହ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶର ପ୍ରମୁଖ ଚର୍ଚ୍ଚଗୁଡ଼ିକରେ ଆତ୍ମଘାତୀ ଆକ୍ରମଣ ହେବ ବୋଲି ଶ୍ରୀଲଙ୍କା ପୋଲିସ ମୁଖ୍ୟ ୧୦ ଦିନ ତଳେ ସତର୍କ ସୂଚନା ଦେଇଥିଲେ। ଏପରିକି ନ୍ୟାଶନାଲ ଥୋୱିଥ୍ ଜମାଥ୍ (ଏନ୍‌ଟିଜେ) ନାମକ ଏକ ମୌଳବାଦୀ ମୁସଲମାନ ସଙ୍ଗଠନ ଉପରେ ପୋଲିସ ନଜର ରଖିଥିଲା। ଉଲ୍ଲେଖଯୋଗ୍ୟ, ଶ୍ରୀଲଙ୍କାରେ ବୁଦ୍ଧମୂର୍ତ୍ତିକୁ ଭଙ୍ଗାଯିବାରେ ଏନ୍‌ଟିଜେ ସମ୍ପୃକ୍ତ ଥିବା ବିଷୟ ଗତବର୍ଷ ଜଣାପଡ଼ିଥିଲା। ତେବେ ପୋଲିସ ମୁଖ୍ୟଙ୍କ ନିକଟରେ ଆକ୍ରମଣ ସମ୍ବନ୍ଧୀୟ ସୂଚନା ଥିଲେ ମଧ୍ୟ ଗୋଇନ୍ଦା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସିରିଜ୍ ଆକ୍ରମଣରୁ ବୁଝାପଡ଼ିଯାଉଛି।

ଶ୍ରୀଲଙ୍କାର ଜନସଂଖ୍ୟା ଦେଖିଲେ ମୁଖ୍ୟତଃ ବୌଦ୍ଧ ଧର୍ମାବଲମ୍ବୀ ସିଂହଳୀ ୭୪.୯ ପ୍ରତିଶତ ଥିବା ବେଳେ ୧୧.୨ ପ୍ରତିଶତ ଶ୍ରୀଲଙ୍କା ତାମିଲ, ୯.୨ ପ୍ରତିଶତ ଶ୍ରୀଲଙ୍କାନ୍ ମୁର୍‌ସ ଏବଂ ୪.୨ ପ୍ରତିଶତ ଭାରତୀୟ ତାମିଲ ଅଛନ୍ତି। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ହିସାବ କଲେ ୭୦.୨ ପ୍ରତିଶତ ବୌଦ୍ଧ, ୧୨.୬ ପ୍ରତିଶତ ହିନ୍ଦୁ, ୯.୭ ପ୍ରତିଶତ ଇସ୍‌ଲାମ ଏବଂ ୭.୪ ପ୍ରତିଶତ ଖ୍ରୀଷ୍ଟଧର୍ମାବଲମ୍ବୀ ଅଛନ୍ତି। ଏପ୍ରିଲ ୨୧ ଆକ୍ରମଣରେ ଅଧିକାଂଶ ସ୍ଥାନରେ ଚର୍ଚ୍ଚକୁ ଟାର୍ଗେଟ କରାଯାଇଛି। ଆଇଏସ୍ କଥା ଦେଖିଲେ ମଧ୍ୟପ୍ରାଚ୍ୟ ଏବଂ ପାଶ୍ଚାତ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖୁଥିବା ଏହି ଆତଙ୍କବାଦୀ ସଙ୍ଗଠନ କିଛି ମାସ ହେବ ଦୁର୍ବଳ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏବେ କଲମ୍ବୋ ଆକ୍ରମଣ ଦ୍ୱାରା ଦକ୍ଷିଣ ଏସିଆରେ ଆଇଏସ୍ ତା'ର ଉପସ୍ଥିତି ଜାହିର କରୁଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନୁରୂପ ଭାବେ ଶ୍ରୀଲଙ୍କା ପୋଲିସ ମୁଖ୍ୟଙ୍କ ମନ୍ତବ୍ୟକୁ ନେଇ ତର୍ଜମା କରାଗଲେ ଏନ୍‌ଟିଜେ ଯଦି ସେଠାରେ ଆକ୍ରମଣ କରିଥିବ, ତାହା ହେଲେ ଏହି ଦ୍ୱୀପ ଦେଶରେ ପୁଣି ଆଭ୍ୟନ୍ତରୀଣ ହିଂସାକାଣ୍ଡ ବ୍ୟାପିପାରେ। କାରଣ ଏହି ସ୍ଥାନୀୟ ମୌଳବାଦୀ ମୁସଲମାନ ସଙ୍ଗଠନ ସ୍ଥିତି ଜାହିର କରିବା ସକାଶେ ଗତବର୍ଷ ବୌଦ୍ଧମୂର୍ତ୍ତି ଭାଙ୍ଗିଥିଲା।

କଲମ୍ବୋ ଆକ୍ରମଣକୁ ଦେଖିଲେ ଏହା କୁହାଯାଇପାରେ ଯେ, ଆତଙ୍କବାଦୀଙ୍କ ପାଇଁ ଏବେ କୌଣସି ଦେଶ ବା ଧର୍ମ କିଛି ମାନେ ରଖୁ ନାହିଁ। ଆତଙ୍କ ଖେଳାଇ ଭାଙ୍ଗିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଯାଇଛି। ଏଠାରେ ବୁଝିବା ଦରକାର ଯେ, ଆତଙ୍କବାଦୀଙ୍କ ସହ ବଞ୍ଚିବା ଲାଗି ପ୍ରତ୍ୟେକ ନାଗରିକ ପ୍ରସ୍ତୁତ ହେବା ଦରକାର। ୨୧ ଏପ୍ରିଲରେ ଶ୍ରୀଲଙ୍କାରେ ଘଟିଥିବା ଆକ୍ରମଣ ହେଉ କିମ୍ବା ଭାରତରେ ପୁଲ୍‌ୱାମା ହେଉ, ଏହା ସବୁବେଳେ ଘଟୁଛି। ଏହାକୁ ରୋକିବାର ଶକ୍ତି ପୃଥିବୀର କୌଣସି ଦେଶ ବା ସରକାର ପାଖରେ ନାହିଁ। ନେତାମାନେ ନିଜର ସୁବିଧା ଓ କ୍ଷମତା ବୃଦ୍ଧି ପାଇଁ ଆତଙ୍କବାଦୀ ବିରୋଧୀ ଧ୍ୱନି ଦେଇପାରନ୍ତି, କିନ୍ତୁ କୌଣସି ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ଦିଗ୍‌ଦର୍ଶନ ଦେଖାଇବାରେ ସଫଳ ହେଉନାହାନ୍ତି। ସବୁ ଦେଶର ଗୋଇନ୍ଦା ସଂସ୍ଥା ମଧ୍ୟ ବିଫଳତାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। ଭାରତ କିମ୍ବା ଶ୍ରୀଲଙ୍କାରେ ଯଦି ଇସ୍‌ଲାମୀୟ ଆତଙ୍କବାଦୀଙ୍କୁ ଦୋଷ ଦିଆଯାଏ, ତେବେ ନ୍ୟୁଜିଲାଣ୍ଡରେ ଅଣ-ଇସ୍‌ଲାମୀୟ ଉଗ୍ରବାଦୀ ନିଜର ଶକ୍ତି ପ୍ରଦର୍ଶନ କରିପାରିଛନ୍ତି। ଏହା ମଧ୍ୟ ହୋଇପାରେ ଯେ, ୧୫ ମାର୍ଚ୍ଚ ୨୦୧୯ରେ ନ୍ୟୁଜିଲାଣ୍ଡର ମସ୍‌ଜିଦ୍ ଉପରେ ଆକ୍ରମଣ କରି ୫୦ ମୁସଲମାନଙ୍କୁ ଜଣେ ଖ୍ରୀଷ୍ଟିଆନ୍ ହତ୍ୟା କରିଥିବାରୁ ତାହାର ପ୍ରତିଶୋଧ ଭାବେ କଲମ୍ବୋର ଗୀର୍ଜା ଓ ବଡ଼ ହୋଟେଲ ଆକ୍ରମଣର ସଂଯୋଗ ହୁଏତ ପରବର୍ତ୍ତୀ ସମୟରେ ଜଣାପଡ଼ିବ।

# ଜୀବ ସୁରକ୍ଷା ପୃଥିବୀ ରକ୍ଷା

ଡ. ଦେବାନନ୍ଦ ବେଉରା

୨୦୧୯ର ଧରିତ୍ରୀ ଦିବସ ପାଳନ ଅବସରରେ ଦିଆଯାଇଥିବା ସଚେତନଧର୍ମୀ ଡାକରାଟା ହେଉଛି 'ସବୁ ଜୀବଙ୍କୁ ସୁରକ୍ଷା ଦିଅ।' ଆଠ ନିୟୁତ ଜୀବ ଜାତିର ପୃଥିବୀଟା ଆଜି ଜୀବ ବିଲୁପ୍ତି ପଥରେ ଅଗ୍ରସର। ସକଳ ଜୀବଙ୍କ ପ୍ରାଣସୂତ୍ର ପୃଥିବୀ ସେମାନଙ୍କ ପ୍ରାଣରକ୍ଷା ପାଇଁ ମଣିଷକୁ ଆହ୍ୱାନ କରୁଛି। ତେବେ ମଣିଷ କ'ଣ ଜୀବ ବିଲୁପ୍ତିର କାରଣ ସାଜିଛି ? ମଣିଷ ଆବିର୍ଭାବ ପୂର୍ବରୁ ତ ପୁଣି ପୃଥିବୀ ପାଞ୍ଚ ପାଞ୍ଚ ଥର ସମୂହ ବିଲୋପକୁ ସାମନା କରିଛି। ଅବଶ୍ୟ ସେ ସବୁ ପ୍ରାକୃତିକ ପ୍ରକ୍ରିୟାପ୍ରଣୋଦିତ ଥିଲା। ମାତ୍ର ଜୀବଜନ୍ତୁଙ୍କ ପ୍ରତି ଏବର ବିପଦଗୁଡାକ ମନୁଷ୍ୟ ପ୍ରାୟୋଜିତ। ସେଥିପାଇଁ ଆହ୍ୱାନ ଆସିଛି ମଣିଷକୁ ଏକ ସୁରକ୍ଷିତ ଜୈବମଣ୍ଡଳ ପାଇଁ, ନଚେତ୍ ପୃଥିବୀ ଜୀବନ୍ତ ଗ୍ରହ ମାନ୍ୟତା ହରାଇ ବସିବ। ଆମ ପାଖରେ ପୃଥିବୀ ହିଁ ଏକମାତ୍ର ଗ୍ରହ ଅଛି ଯେଉଁଠି ଜୀବସତ୍ତାର ଅବସ୍ଥିତି ସମ୍ଭବ। ଏହାର ବିକଳ୍ପ ଉପଲବ୍ଧ ନ ଥିବାରୁ ଏହାକୁ ଏମିତି ପ୍ରତିକୂଳାତ୍ମକ କରା ନ ଯାଉ, ଯଦ୍ଦ୍ୱାରା ଜୈବବିବିଧତା ଧ୍ୱଂସ ପାଇଯିବ। ଜୀବ ବିଲୁପ୍ତି ନିମନ୍ତେ ମଣିଷର ପ୍ରକୃତି ପରିପନ୍ଥୀ କାର୍ଯ୍ୟଧାରା ପ୍ରମୁଖ କାରଣ ସାଜିଛି, ଯାହାକୁ ଆଧୁନିକତା ବା ଉନ୍ନତି ଅବା ଜୀବନଶୈଳୀର ଉତ୍ଥିତ ସୋପାନ ବୋଲି ଧରି ନିଆଯାଉଛି।

ପୃଥିବୀ ସୃଷ୍ଟିର କିଛି କାଳ ପରେ ଜୀବ ସତ୍ତାର ଆବିର୍ଭାବ ହୁଏ, ଯାହା ପୃଥିବୀରେ ଜୈବମଣ୍ଡଳର ଆଦ୍ୟ ଅବସ୍ଥାନକୁ ଚରିତାର୍ଥ କରେ। ଜୀବର କ୍ରମବିକାଶ ସହିତ ବିବର୍ତ୍ତନ ଜୈବମଣ୍ଡଳରେ ବିବିଧତାର ସମ୍ଭାବନାକୁ ପରିପ୍ରକାଶ କରେ। ଅସ୍ତିତ୍ୱ, ଆକାର, ଆଚରଣ ଓ ବିଚରଣ ଆଧାରରେ ଜୀବ ପରିବେଶରେ ପରିସଂସ୍ଥା ସଂସ୍ଥାପନ କରନ୍ତି। ଜଳ ଓ ସ୍ଥଳ ଭାଗରେ ପରିବେଶୀୟ ଉପାଦାନକୁ ଆୟୁଧ କରି ବଞ୍ଚିବା, ବଂଶବୃଦ୍ଧି କରିବା ସହିତ ସଂଖ୍ୟାଧିକ ଜାତି ଓ ପ୍ରଜାତିରେ ପରିଣତ ହେବା ଜାରି ରୁହେ। ଫଳତଃ ପ୍ରାୟ ୪୦୦୦ ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଏକକୋଷୀ ଜୀବ ଭୂତାତ୍ତ୍ୱିକ ସମୟ ସାରଣୀର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବହୁକୋଷୀ ଅମେରୁଦଣ୍ଡୀ ଉଭୟଚର, ସରୀସୃପ ଓ ସ୍ତନ୍ୟପାୟୀ ପ୍ରାଣୀରେ ବିକଶିତ ହୁଅନ୍ତି। ପ୍ରାୟ ଏକଲକ୍ଷରୁ ଦେଢ଼ଲକ୍ଷ ବର୍ଷ ପୂର୍ବେ ହଲୋସିନ କାଳରେ ପୃଥିବୀପୃଷ୍ଠରେ ମଣିଷ ଜାତିର ସୃଷ୍ଟି ହୁଏ। କ୍ଷିପ୍ର ବିବର୍ତ୍ତିତ ହୋଇ ଆଦିମ ମାନବ

## ଧରିତ୍ରୀ ଦିବସ ଉପଲକ୍ଷେ

ଆଜିର ଆଧୁନିକ ମାନବରେ ପରିଣତ ହେବା ସହିତ ସୃଷ୍ଟିରେ ସର୍ବଶ୍ରେଷ୍ଠ ଜୀବର ମାନ୍ୟତା ଲାଭ କରିଛି। ମଣିଷର କ୍ରମବିକାଶକୁ ସାମାଜିକ, ସଭ୍ୟ, ସ୍ୱାବଲମ୍ବୀ କରିବା ସହିତ ଶିକ୍ଷା, ଦୀକ୍ଷା, ଚିନ୍ତନ, ସଂସ୍କୃତି ତାକୁ ଆଧୁନିକତାର ମାନଦଣ୍ଡ ପ୍ରଦାନ କରିଛି। ବୈଜ୍ଞାନିକ ବିଶ୍ଳେଷଣ, ପ୍ରଯୌକ୍ତିକ ପ୍ରୟୋଗ ତଥା ବୈଷୟିକ ବିଜ୍ଞତା ଆଧାରରେ ମଣିଷ ଆଜି ପୃଥିବୀ ଉପରେ ରାଜତ୍ୱ କରୁଛି। ଆବଶ୍ୟକତାରେ ସର୍ବନିମ୍ନରୁ ସର୍ବଶ୍ରେଷ୍ଠକୁ ଯୋଡିବା ଅବସରରେ ପ୍ରାକୃତିକ ସମ୍ପଦ ଉପରେ ଜୁଲମ ବଢାଇଦେଇଛି। ଜୀବନଶୈଳୀରେ ଆରାମର ଅଭୀପ୍‌ସା ଏବଂ ଜୀବନ ଉପଭୋଗରେ ଉତ୍କୃଷ୍ଟ ଉପଚାର ପାଇଁ ମଣିଷର ନିରନ୍ତର ପ୍ରୟାସ ଜାରି ରହିଛି। ଫଳରେ ଶକ୍ତି, ଶିଳ୍ପ, ଖଣି ଖାଦାନ, ଭିତ୍ତିଭୂମି, ସହରୀକରଣରେ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଅନବରତ ଲାଗିରହିଛି। ବ୍ୟକ୍ତି-ବ୍ୟକ୍ତି, ରାଜ୍ୟ-ରାଜ୍ୟ ତଥା ଦେଶ-ଦେଶ ମଧ୍ୟରେ ଆର୍ଥିକ ସ୍ଥିତି, ପ୍ରଯୌକ୍ତିକ ବିକାଶ, ଶିଳ୍ପାୟନ ତଥା ଜୀବନଧାରଣର ମାନରେ ଉନ୍ନତି ପାଇଁ ପ୍ରତିଯୋଗିତାର ଅନ୍ତ ନାହିଁ। ଏସବୁ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବଳି ପଡୁଛନ୍ତି ପରିବେଶ, ପରିସଂସ୍ଥା ଆଉ ମରି ହଜିଯାଉଛନ୍ତି ଜୈବମଣ୍ଡଳର ଅନେକ ଜାତି ଓ ପ୍ରଜାତି।

ଆଜି ମଣିଷର ତଥାକଥିତ ବିକାଶ ପରିଭାଷାରେ ଜୀବବିନାଶର ଧାରା ଲାଗିରହିଛି। ପୂର୍ବ ପାଞ୍ଚୋଟି ସମୂହ ବିଲୋପରେ ନବେ ପ୍ରତିଶତ ପର୍ଯ୍ୟନ୍ତ ଜୀବଜନ୍ତୁ ଲୋପ ପାଇଯାଇଥିଲେ, ଯାହାର ପୁନରାବୃତ୍ତି ବର୍ତ୍ତମାନର ଅଦୃଶ୍ୟମାନ ଷଷ୍ଠ ସମୂହ ବିଲୋପରେ ଘଟିଚାଲିଛି। ଏହା ମନୁଷ୍ୟକୃତ, ଯାହାର ଉପଚାର ମଣିଷ ପାଖରେ ହିଁ ଅଛି। ତେବେ ସେସବୁ ପ୍ରତି ଆମେ କେତେ ସଚେତନ ଏବଂ ଯତ୍ନଶୀଳ ତାହା ଆମ ପରିସରରୁ କ୍ରମାଗତ ଭାବେ ଉଭାନ ହୋଇଯାଉଥିବା ଜୀବଜନ୍ତୁଙ୍କ ଆକଳନରୁ ଅନୁମେୟ। ମଣିଷର ମତଲବୀ ଆଚରଣ ପରିଧିରେ କେତେ ଜୀବ ଅଛନ୍ତି, କେତେ ବିଲୁପ୍ତପ୍ରାୟ ତା'ର ହିସାବ ପ୍ରତିଫଳିତ ହେଉନି। ଜୀବନଟା ଏଠି ଖୁବ୍ ଦ୍ରୁତ ଗତିଶୀଳ। ବ୍ୟସ୍ତବହୁଳ ମଣିଷ ବାତାନୁକୂଳିତ ଆବଦ୍ଧ କୋଠରି କିମ୍ବା ଗାଡିରେ ରାତିଦିନ ଏକ କରି ଉନ୍ନତି କରିବ ବୋଲି ଦୌଡୁଛି। ଯାନ୍ତ୍ରିକ ଜୀବନକୁ ଅଭାବୀ ସମୟ ପରିବାର ପ୍ରତିବେଶୀଙ୍କ ପ୍ରସଙ୍ଗ ନଜରର ବାହାରେ। ଏମିତି ସ୍ଥିତିରେ ଜୈବମଣ୍ଡଳରେ ଜୀବକ୍ଷୟ କଥା ବୁଝୁଛି କିଏ ? କ'ଣ ବା ଦରକାର ? ବାଘ, ସିଂହ ଆଦି ଜଙ୍ଗଲୀ ଜୀବ ଯଦି ବିଲୁପ୍ତ ହୋଇଯାଆନ୍ତି ତେବେ ମଣିଷକୁ ଅସୁବିଧା କେଉଁଠି ? ଖାଦ୍ୟ ଶୃଙ୍ଖଳର ହରିଣ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ନାହିଁ। ହେଲେ ବି କୃଷି ଖେତ ଆଉ ଉନ୍ମୁକ୍ତ ପଡିନି ଯେ ଖାଇ ଶେଷ କରିଦେବେ। ଏତେ ବଡ଼ ଜୀବ ହାତୀ ଜଙ୍ଗଲରେ ଖାଦ୍ୟ, ପାଣି ନ ପାଇ ଗାଁ ସହର ଭିତରେ ପଶି ନିଜର ଦାବିଦାରି ଜାହିର କରୁଛି। କେତେଦିନ ଏମିତି ବଞ୍ଚି ପାରିବ ସେ ମଣିଷ ସହିତ ସଂଗ୍ରାମ କରି। ତେଣୁ ସେମାନଙ୍କର ଜାତି-ପ୍ରଜାତି ଧୀରେ ଧୀରେ ହ୍ରାସପ୍ରାପ୍ତ ହେବାରେ ଲାଗିଛି। ଶାଗୁଣା, ଘରଚଟିଆ, ହଳଦୀବସନ୍ତ- ଏମିତି କେତେ କ'ଣ ଧୀରେ ଧୀରେ ଅଦୃଶ୍ୟ ହୋଇଗଲେଣି। ଏ ତ ଗଲା ବଡ଼ସାନ ପଶୁପକ୍ଷୀଙ୍କ କଥା। ଆମ ଦୃଷ୍ଟିଗୋଚର ହେଉ ନ ଥିବା ଅସଂଖ୍ୟ ଅଣୁଜୀବ ଲୋପପାଇ ଚାଲିଛନ୍ତି। ପ୍ରଦୂଷିତ ପରିବେଶରେ ସେମାନଙ୍କର ବଂଶବୃଦ୍ଧି ହୋଇପାରୁନି।

ଆମ ପରିବେଶରେ ଅସୁରକ୍ଷିତ ଜୈବମଣ୍ଡଳ ବିଷୟରେ ଆମେ ବସ୍ତୁତଃ ଅଜ୍ଞ ଅବା ସଚେତନ ଥାଇ ମଧ୍ୟ ଉଦାସୀନ। ଏହାର ଅନେକ କାରଣ ଅଛି। ତେବେ ମଣିଷର ସଂକ୍ଷିପ୍ତ ଜୀବନ କାଳରେ ଏମାନଙ୍କ ଅନୁପସ୍ଥିତିର ପ୍ରତିକୂଳାତ୍ମକ ପ୍ରଭାବ ସେତେଟା ଦୃଶ୍ୟମାନ ହେଉନାହିଁ। ବସ୍ତୁବାଦୀ ଦୃଷ୍ଟିକୋଣରେ ଖାଲି ଲାଭକ୍ଷତିର ହିସାବ ଜୀବ ବିଲୁପ୍ତିର କୁପରିଣତିକୁ ମୂଲ୍ୟାୟନ କରିପାରିବ ନାହିଁ। ମାନସିକ ସ୍ତରରେ ଉତ୍ତମ ପରିବେଶର ପ୍ରଭାବ ଅତ୍ୟନ୍ତ ସୁଖଦାୟୀ। ମାଟି-ପାଣି-ପବନର ପରଶରେ ପୁଲକିତ ମନର ସ୍ଥିତି ବିଶ୍ଳେଷଣର ବାହାରେ। ସେହିପରି ଫୁଟିଥିବା ଫୁଲ, ପକ୍ଷୀର ରାବରେ ଭାବାବେଗ କିଛି ଅଲଗା। ନିର୍ଜନ ଦ୍ୱୀପର ରାଜାର ଅବସ୍ଥା ନିଶ୍ଚିତ ରୂପେ ଜୀବଶୂନ୍ୟ ପୃଥିବୀରେ ମଣିଷର ସ୍ଥିତି ସହିତ ତୁଳନୀୟ। ସମସ୍ତଙ୍କ ସମ୍ମେଳନରେ ପୃଥିବୀ ବ୍ରହ୍ମାଣ୍ଡରେ ବିଶେଷ ଗ୍ରହର ସ୍ଥାନ ନେଇପାରିଛି। ଏଠି ସବୁ ଜୀବଙ୍କର କିଛି ନା କିଛି ମୌଳିକ ଭୂମିକା ରହିଛି। ଜୀବରକ୍ଷାର କବଚ ଆଜି ମଣିଷ ପାଖରେ, ତାକୁ ପ୍ରୟୋଗ କରି ଜୀବକ୍ଷୟକୁ ରୋକିବାକୁ ପଡିବ। ଅନ୍ୟଥା ସମୟ ଚକ୍ରରେ ମଣିଷ ଜାତି ଏକଲାପଣର ଶିକାର ହୋଇ ସାମୂହିକ ବିଲୋପ ବା ପ୍ରଳୟରେ ବିଲୀନ ଯେ ନ ହେବ, ତାହା ଏବେଠୁ କହିହେବନି।

ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ-୯୮୬୧୨୧୩୪୭୨

# କହିବା କାହାକୁ, ଶୁଣିବ କିଏ

ଛନ୍ଦା ମିଶ୍ର

ଯେଉଁ କଥାକୁ ଡର ଥିଲା ତାହା ହିଁ ହେଲା। ଆଶା ଥିଲା, ସରକାର ଆଉ କିଛି କରନ୍ତୁ ବା ନ କରନ୍ତୁ, ନିର୍ବାଚନ ସମୟରେ ମଦକୁ ନିଶ୍ଚିତ ନିଷିଦ୍ଧ କରିବେ। ହେଲେ, ହେଲା ଠିକ୍ ତା'ର ଓଲଟା। ସରକାରଙ୍କ ଅବକାରୀ ବିଭାଗ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ମଦ ଦୋକାନୀଙ୍କ ଲାଇସେନ୍ସକୁ ନବୀକରଣ କରି ଏ କ୍ଷେତ୍ରକୁ ସବୁଜ ସଙ୍କେତ(?) ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ନୂତନ ଭାବେ ଅବକାରୀ ନୀତି ପ୍ରସ୍ତୁତ କରିଛନ୍ତି। ଏଥିରେ ବର୍ଷିକିଆ ଅବକାରୀ ନୀତି ବଦଳରେ ୪ ମାସିଆ ନୀତି ନିର୍ଦ୍ଧାରଣ ହୋଇଛି। ସରକାରଙ୍କ ଏହି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡିକୁ ୬ଟି ଭୌଗୋଳିକ ଭାଗରେ ବିଭକ୍ତ କରାଯାଇ ଲାଇସେନ୍ସ ଫିଁକୁ ବୃଦ୍ଧି କରାଯାଇଛି। ଯେଉଁ ମଦ ଦୋକାନଗୁଡ଼ିକ ଲାଇସେନ୍ସ ଫି' ବାବଦରେ ମାସକୁ ୭୫ ହଜାର ଟଙ୍କା ପଇଠ କରୁଥିଲେ, ସରକାରଙ୍କ ନୂଆ ନିଷ୍ପତ୍ତି ଅନୁସାରେ ସେମାନେ ତାହାର ଦୁଇଗୁଣ ଅର୍ଥାତ୍ ଦେଢ଼ଲକ୍ଷ ଟଙ୍କା ଲାଇସେନ୍ସ ଫି' ବାବଦରେ ମାସକୁ ଦାଖଲ କରିବେ। ଏସବୁ ବ୍ୟତୀତ ରାଜ୍ୟର ଆଦିବାସୀବହୁଳ ୨୧ଟି ଅବକାରୀ ଜିଲାରେ ଥିବା ମହୁଲ ଓ ପୋଚ ଦୋକାନଗୁଡିକର ମାସିକ ଲାଇସେନ୍ସଫି' ଉପରେ ୧୫% ବୃଦ୍ଧି କରାହୋଇଛି।

ଆଜି ସହରଠୁଁ ନେଇ ଗାଁ ଗଣ୍ଡା ଯାକେ ମଦ ଆବାଳବୃଦ୍ଧବନିତା ସମସ୍ତଙ୍କୁ କରିସାରିଛି କବଳିତ। କ୍ୱଚିତ୍ ଏପରି ଭାଗ୍ୟଶାଳୀ ପରିବାରଟିଏ ବାଦ୍ ପଡିଯାଇଛି, ଯେଉଁଠି କୌଣସି ସଦସ୍ୟ ମଦ୍ୟପାନ କରନ୍ତି ନାହିଁ। ବୋଧହୁଏ କେବଳ ମଦ ଦୋକାନ ହେଉଛି ଏକମାତ୍ର ଦୋକାନ, ଯେଉଁଠାରେ ସକାଳୁ ରାତି ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ଲାଗି ରହିଥାଏ। ବୋଧହୁଏ ଏହା ହେଉଛି ଏକମାତ୍ର ବ୍ୟବସାୟ ସ୍ଥଳୀ, ଯେଉଁଠାରେ 'କ୍ଷତି' ନାମକ ଶବ୍ଦଟି ହୁଏନା ବ୍ୟବହୃତ ଏବଂ ପ୍ରତ୍ୟେକ ଦିନ ନୂଆ ନୂଆ ଯୁବକ 'ମଦୁଆ' ତାଲିକାରେ ନିଜ ନାମ ପଞ୍ଜୀକରଣ କରୁଛନ୍ତି ସିନା ଏଥିରୁ ନାମ କଟିବାର ଆଜି ପର୍ଯ୍ୟନ୍ତ କେହି ଦେଖିନାହିଁ। ମଦକୁ ନେଇ ଅପରାଧ ଦୁନିଆର ଇତିହାସରେ ପ୍ରତି ମୁହୂର୍ତ୍ତରେ ଯୋଡ଼ା ହେଉଛି ନୂତନ ଫର୍ଦ୍ଦ। ମଦ ଏପରି ଏକ ବିଜୟ ଅଭିଯାନରେ ବାହାରିଛି, ଯେଉଁଥିରେ ପରାଜୟର ସାମାନ୍ୟତମ ଆଶଙ୍କା ମଧ୍ୟ କରାଯାଇପାରେନା। ମନେହୁଏ, ସତେଯେପରି ପରିବେଶର ଅପଶକ୍ତିମାନେ ପ୍ରବଳ ବେଗରେ ପୃଥିବୀକୁ ଧ୍ୱଂସାତ୍ମକ ପଥରେ ଅଡାଇ ନେବା ପାଇଁ ଆଗଭର ହୋଇ ଅଣ୍ଟା ଭିଡ଼ି ଦେଇଛନ୍ତି ଏବଂ ଏହି ଅପଶକ୍ତିମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବା ପାଇଁ ଆମ ସରକାର ହୋଇଛନ୍ତି ବଦ୍ଧପରିକର।

ବର୍ତ୍ତମାନ ମଦ ଦୋକାନର ଲାଇସେନ୍ସ ଫି' ବାବଦରେ ଯେଉଁ ଦୁଇଗୁଣ ଅର୍ଥ ରାଜକୋଷକୁ ଆସିବ, ତାହା କୌଣସି ମଦ ଦୋକାନୀର ପେଟ ବା ପକେଟକୁ ସାମାନ୍ୟତମ କଷ୍ଟ ସୁଦ୍ଧା ଦେବନାହିଁ। ବାର୍‌ମାନଙ୍କରେ ବସି ମଦ୍ୟପାନ କରୁଥିବା ଧନିକ ଗୋଷ୍ଠୀର ପକେଟକୁ ମଧ ତାହା ବାଧିବ ନାହିଁ। ମାତ୍ର ମଦ ଦୋକାନ ସମ୍ମୁଖରେ ଭିଡ଼ କରୁଥିବା ନିମ୍ନ ମଧ୍ୟବିତ୍ତ, ଖଟିଖିଆ, ମଜୁରିଆ ମଦ ପାଗଳମାନଙ୍କ ଜୀବନ ହେବ ଦୁର୍ବିଷହ। ସଂସାର ହେବ ଉଚ୍ଛନ୍ନ। ଅକାଳରେ ପରିବାରଗୁଡିକ ଝଡିପଡିବା ପୂର୍ବରୁ ନିଜକୁ ବଞ୍ଚାଇବା ପାଇଁ ନିଜ ସ୍ୱଭାବର ବିପରୀତ ଦିଗରେ ଯାଇ ଅପରାଧ ଜଗତରେ ପାଦଦେଇ 'ଅଭାବେ ସ୍ୱଭାବ ନଷ୍ଟ' ଉକ୍ତିଟିକୁ କରିବ ପ୍ରମାଣିତ। ଦୁଃଖର ସହ କହିବାକୁ ପଡୁଛି ଯେ, ଯେଉଁ ଅରାଜକତାର ବିଷ ବଳୟରେ ବର୍ତ୍ତମାନର ପରିବେଶ ଓ ସମାଜ ଅଣନିଃଶ୍ୱାସୀ ହୋଇଉଠିଛି। ଅଚିରେ ଏହି 'ସମାଜ' ନାମକ ତତ୍ତ୍ୱଟି ଲଭିବ ସଲିଳସମାଧି।

କୁହାଯାଏ ପ୍ରକୃତି ତିନି ପ୍ରକାରର- ଉତ୍ତମ, ମଧ୍ୟମ ଓ ଅଧମ। ନିଜେ କଷ୍ଟ ସହି ଅନ୍ୟକୁ ସନ୍ତୋଷ ପ୍ରଦାନ ଉତ୍ତମ ପ୍ରକୃତିର ଲକ୍ଷଣ। ମଧ୍ୟମ ପ୍ରକୃତିଟି ନିଜ ସହ ଅନ୍ୟର ଉନ୍ନତି ସାଧନ ପାଇଁ କରିଥାଏ ପ୍ରୟାସ ଏବଂ ଅନ୍ୟକୁ କଷ୍ଟଦେଇ ନିଜ ଉଦର ପୂର୍ଣ୍ଣ କରୁଥିବା ପ୍ରକୃତିଟି ଅଧମ ଆଖ୍ୟା ପାଏ। କହିବା ବାହୁଲ୍ୟ, ଆଜି ସରକାର ନିଜ ଅଧମ ପ୍ରକୃତିର ପରିଚୟ ଦେଇ ପ୍ରଜାଙ୍କ ଭୋକିଲା ଉଦରକୁ ଶକ୍ତ ଲାତ ମାରି ନିଜ ପେଟ ଓ ପେଟିକୁ ଫୁଲାଇବାର କରିଛନ୍ତି ପ୍ରୟତ୍ନ। ପୁଣି ନିର୍ବାଚନ ସମୟରେ ମଦ ପରି ମନ୍ଦ ପଦାର୍ଥକୁ ସୁହାଇଲା ଭଳି ଯୋଜନାଟିଏ କରି ସରକାର ନିଜ ଅପରିପକ୍ୱ ଓ ସମାଜବିରୋଧୀ ମସ୍ତିଷ୍କର ଯେ ପ୍ରମାଣ ଦେଇଛନ୍ତି, ତାହା କହିବାକୁ ତିଳେ ହେଲେ ଦ୍ୱିଧା ନାହିଁ।

ମନେ ପଡ଼ିଯାଉଛି ଆଦିକବି ସାରଳା ଦାସ କୃତ ମହାଭାରତର ସ୍ୱର୍ଗାରୋହଣ ପର୍ବରୁ ଧାଡ଼ିଏ- 'ବାବୁ ପ୍ରଜା ପାଳିଲେ ବର୍ଦ୍ଧିତ ହୁଅଇ ଯଶଶ୍ରୀ ଆୟୁଷେ।'

ପରିକ୍ଷିତଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରି ଯୁଧିଷ୍ଠିର ତାଙ୍କୁ ରାଜଧର୍ମ ପାଳନ କରିବାର ସରଳସୂତ୍ର ସମ୍ବନ୍ଧରେ କହିବାକୁ ଯାଇ ରାଜାର ଦାୟିତ୍ୱ ଓ କହିବା ସମ୍ପର୍କରେ ଉଲ୍ଲେଖ କରି କହନ୍ତି -''ରାଜା ପ୍ରଜାଙ୍କୁ ପୁତ୍ର ତୁଲ୍ୟ ମଣିଲେ ହିଁ ଇନ୍ଦ୍ରଦେବ ରାଜାଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତି। ପୁଣି ସେହି ପର୍ବରେ ସହଦେବ କଳିଯୁଗର ବୈଶିଷ୍ଟ୍ୟଗୁଡିକ ଉଲ୍ଲେଖ କରି ''ରାଜା ଓ ପ୍ରଜାର ସମ୍ପର୍କ, ଶାଗୁଣା-ମଡ଼ାର ସମ୍ପର୍କରେ ପରିଣତ ହେବ'' ବୋଲି ଭବିଷ୍ୟବାଣୀ କରିଛନ୍ତି।

ଉକ୍ତିଟି ଆଜି ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ପ୍ରମାଣିତ ହୋଇସାରିଲାଣି। ଗାଁ ଗଣ୍ଡାରେ ମଦବିରୋଧୀ ଆନ୍ଦୋଳନଗୁଡିକ ମୁଣ୍ଡ ଟେକିଲାଣି। ମହିଳାମାନେ ମେଳିହୋଇ ମଦ ଦୋକାନ ଭାଙ୍ଗି ମାଟିରେ ମିଶେଇଲେଣି। ମଦ ଯୋଗୁ ନିତିଦିନ ଡାକ୍ତରଖାନାର ରୋଗୀ ସଂଖ୍ୟା ହୁ ହୁ ହୋଇ ବଢିଚାଲିଛି। ଅନୁରୂପ ଭାବେ ବଢିଚାଲିଛି କାରାଗାରରେ କଏଦୀଙ୍କ ସଂଖ୍ୟା। ଘର ବୁଡ଼ି ପାଣି ବେକ ପର୍ଯ୍ୟନ୍ତ ଆସିଲାଣି। ଆଉ ଦୁଇ ଚାରି ଅଙ୍ଗୁଳି ହେଲେ ନାକରେ ପଶିବ। ହେଲେ 'କହିବା କାହାକୁ, ଶୁଣିବ କିଏ'? ସରକାରଙ୍କୁ ତାଙ୍କ ଭୋଟ ଓ ନୋଟ ଚିନ୍ତା ଏମିତି ଘାରିଛି ଯେ, ଜନସାଧାରଣଙ୍କ ସମସ୍ୟା ସମାଧାନ ଆଡ଼କୁ ତାଙ୍କ ଦୃଷ୍ଟି ଯାଉନି। କେବେ ତାଙ୍କ ଜ୍ଞାନୋଦୟ ହେବ କେଜାଣି! ଯେବେ ସେ ବୁଝିବେ ଯେ ପ୍ରଜା ନ ଥିଲେ ରାଜା ବା ରାଜପଦର କୌଣସି ଅର୍ଥ ହିଁ ନାହିଁ। ଏପରି ପରିବେଶ ଓ ପରିସ୍ଥିତିକୁ କେବଳ ଈଶ୍ୱର ହିଁ ଭରସା।

ମୋ- ୯୪୩୭୪୫୩୬୧୦,
chhandamishra74@gmail.com

## ସୁ-ଡୋ-କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | 1 | 8 | | 3 | | | | C |
| | | | 1 | A | | | B | | | 5 | | | | 6 |
| C | | | 7 | | 8 | 0 | | 5 | 2 | 6 | | | 1 | |
| | | 7 | 2 | | | | | | C | | | | 9 | 0 |
| | 8 | | | | 4 | C | A | 3 | | 0 | | | | D |
| | 7 | 9 | D | | | 4 | 0 | | A | | | E | B | |
| | | | | 1 | | | | | | | | | 7 | |
| | | | | 8 | | | | 9 | E | | | | | |
| | 2 | 6 | | | E | | | 1 | 9 | | | D | 5 | |
| | A | | B | | | 8 | | | 0 | | | | 2 | |
| | | 3 | 8 | | 5 | 7 | | A | | | | 6 | | |
| | | | | 4 | | | | | 6 | | | | | |
| | 4 | | | | B | | 2 | | D | | | | | 5 |
| | | B | | | | | 3 | | 1 | | 4 | | 8 | 2 |
| 1 | | | A | 0 | | 6 | E | | | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | B | 6 | 0 | 1 | 3 | 8 | C | 5 | 2 | 4 | 7 | E | 9 |
| 0 | 4 | C | 5 | 9 | E | 7 | 2 | A | 3 | B | 8 | 6 | D | 1 |
| 5 | 1 | 7 | C | D | 8 | B | 4 | 9 | A | E | 6 | 2 | 0 | 3 |
| 9 | 8 | 3 | B | 7 | 2 | 0 | 6 | E | 1 | D | C | A | 5 | 4 |
| 6 | E | 2 | 4 | 3 | A | 5 | D | 1 | 9 | 0 | 7 | B | C | 8 |
| 3 | 6 | A | 9 | 2 | D | 1 | C | 5 | 4 | 7 | 0 | E | 8 | B |
| 7 | C | 4 | 1 | 8 | 5 | A | 3 | B | 2 | 9 | E | D | 6 | 0 |
| 8 | 5 | E | 7 | 6 | 3 | D | 0 | 4 | C | 1 | B | 9 | 2 | A |
| D | B | 9 | E | 4 | 0 | 6 | 7 | 2 | 8 | A | 5 | 3 | 1 | C |
| 2 | 0 | 1 | A | B | C | 9 | E | 8 | D | 6 | 3 | 5 | 4 | 7 |
| C | 3 | 6 | 8 | 5 | B | E | 1 | D | 7 | 4 | 9 | 0 | A | 2 |
| E | 2 | 8 | 0 | C | 6 | 4 | 9 | 7 | B | 5 | A | 1 | 3 | D |
| B | A | D | 2 | E | 7 | C | 5 | 3 | 0 | 8 | 1 | 4 | 9 | 6 |
| 1 | 9 | 0 | 3 | A | 4 | 2 | B | 6 | E | C | D | 8 | 7 | 5 |
| 4 | 7 | 5 | D | 1 | 9 | 8 | A | 0 | 6 | 3 | 2 | C | B | E |

ଗତକାଲିର ଉତ୍ତର

## ଆମ ସମସ୍ୟା

### ସତ୍ୟବାଦୀରେ ଅଘୋଷିତ ବିଦ୍ୟୁତ୍ କାଟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀରେ ଘନ ଘନ ବିଦ୍ୟୁତ୍ କାଟ ହୋଇ ଜନଜୀବନ ଅତିଷ୍ଠ ହୋଇପଡୁଛି। ବେଳେ ବେଳେ ରାତିଅଧରୁ ସକାଳଯାଏ ବିଦ୍ୟୁତ୍ କାଟ ହେଉଛି। ତତଲା ତେଲ କରେଇରେ ଚିଙ୍ଗୁଡି ମାଛ ଛଟପଟ ହେଲା ପରି ଲୋକମାନେ ଛଟପଟ ହେଉଛନ୍ତି। ସହଜେ ଗରମ ଦିନ, ଏପରି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ କେତେଦୂର ଠିକ୍ ବିଭାଗ ଏହାର ସ୍ପଷ୍ଟୀକରଣ ଦେବା ଉଚିତ। ରାତି ସମୟରେ ପିଲାଙ୍କ ପାଠପଢାବେଳେ ବିଦ୍ୟୁତ୍ କାଟ ହେବା ଅନୁଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ମିଳୁ

ରାଜ୍ୟରେ କାର୍ଯ୍ୟରତ ନିର୍ମାଣ ଶ୍ରମିକମାନଙ୍କୁ ଠିକାଦାରମାନେ ଦୈନିକ ପଚାଶ ଟଙ୍କା କମ୍ ଦେଉଛନ୍ତି, ଯାହା ପରିଶ୍ରମର ଫଳ ଶ୍ରମିକଙ୍କର। ଏଥିରୁ କୌଣସି ଠିକାଦାର ନେବା ଅନୁଚିତ। କେବଳ କାର୍ଯ୍ୟ କଲେ ଠିକାଦାରଙ୍କ କୌଣସି ଭୂମିକା ନାହିଁ। ଏଥିପ୍ରତି ଶ୍ରମବିଭାଗ କଡାକଡି ନିୟମ ପାଳନ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ପାରିବାରିକ କ୍ଷେତ୍ରରେ ଚଳିବା ସମ୍ଭବପର ନୁହେଁ। ଶ୍ରମିକଙ୍କୁ ଉଚିତ ପ୍ରାପ୍ୟରୁ ବଞ୍ଚିତ କରା ନ ଯାଉ। ସିଧାସଳଖ ମାଲିକଙ୍କ କାର୍ଯ୍ୟ କଲେ ପୂରା ମଜୁରି ମିଳୁଛି। ମଧ୍ୟସ୍ଥତାରେ କଲେ ଠିକାଦାରଙ୍କୁ ପରିଶ୍ରମର କିଛି ଅଂଶ ଦେବାକୁ ପଡୁଛି।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଗୁଜରାଟର ରାଜକୋଟ ଜିଲା ଅନ୍ତର୍ଗତ ରାଜସମଦିୟାଲ ଗାଁ ଅନ୍ୟ ଗାଁଗୁଡ଼ିକଠାରୁ ନିଆରା। ନିର୍ବାଚନ ସମୟରେ ସବୁଠି ପ୍ରଚାର ଗାଡି ବୁଲୁଥିବା ବେଳେ ଏହି ଗାଁରେ କିନ୍ତୁ ପ୍ରଚାର କରାଯାଇ ନ ଥାଏ। ଗାଁ ଲୋକଙ୍କ ମତରେ ପ୍ରଚାର କରାଗଲେ ପରିବେଶରେ ଶବ୍ଦ ପ୍ରଦୂଷଣ ବୃଦ୍ଧିପାଇବ। ତେଣୁ ସେମାନେ କୌଣସି ପ୍ରଚାରଗାଡିକୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାନ୍ତି। ହେଲେ ଏହି ଗାଁରେ ପ୍ରାୟ ୯୫-୯୬ ପ୍ରତିଶତ ମତଦାନ ହୋଇଥାଏ ବୋଲି ସରପଞ୍ଚ ଅଶୋକ ଭାଇ ବାଘେରା ସୂଚନା ଦେଇଛନ୍ତି। ଗାଁର ସମସ୍ତ ବ୍ୟକ୍ତି ମତଦାନ କରିବାକୁ ପରାମର୍ଶ ଦିଆଯାଇଥାଏ। ଯେଉଁମାନେ ମତଦାନ କରି ନ ଥାଆନ୍ତି ସେମାନଙ୍କୁ ୫୧ ଟଙ୍କା ଜରିମାନା ଦେବାକୁ ପଡିଥାଏ। ଶହେ ପ୍ରତିଶତ ମତଦାନ ଲକ୍ଷ୍ୟରେ ଗାଁରେ ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ସେତିକି ନୁହେଁ ଏହା ଏକ ଆଦର୍ଶ ଗାଁ ଭାବେ ଗୁଜରାଟରେ ବେଶ୍ ପରିଚିତ। ଏଠାକାର ଘର ଅବା ଦୋକାନରେ କେବେ ତାଲା ପଡି ନ ଥାଏ। କାରଣ ଏହି ଗାଁରେ କୌଣସି ଜିନିଷ ଚୋରି ହୋଇ ନ ଥାଏ।

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର !'' (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୯୪

- ଇରାକ ସହିତ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କରିବା ପାଇଁ ଲେବାନନ୍‌ର ନିଷ୍ପତ୍ତି।
- ବୋସ୍‌ନିଆ-ହେର୍ଜେଗୋଭିନାରେ ତୁରନ୍ତ ଯୁଦ୍ଧବିରତି ପାଇଁ ଜାତିସଂଘ ନିରାପତ୍ତା ପରିଷଦ ନୂଆ ଭାବେ ପ୍ରସ୍ତୁତ କରିଥିବା ପ୍ରସ୍ତାବରେ ଆହ୍ୱାନ ଜଣାଇଛି।

## ସାପ୍ତାହିକ ପଞ୍ଜିକା

ଏପ୍ରିଲ ୧୪- ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ।

୧୫- ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ବଳାତ୍କାର ହିସାବରେ ଗଣାଯିବ ବୋଲି ସୁପ୍ରିମ୍‌କୋର୍ଟ ଏକ ରାୟରେ କହିଛନ୍ତି।

୧୬- ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଆସନରୁ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିପକ୍ଷରେ କଂଗ୍ରେସର ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ପୁନମ୍ ସିହ୍ନା ସମାଜବାଦୀ ପାର୍ଟି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି।

୧୭- ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ବିଚାରର ସମ୍ମୁଖୀନ ହୋଇ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ୍ୟପ୍ରଦେଶର ଭୋପାଳ ଆସନରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ସହ ସେ ନିର୍ବାଚନ ଲଢ଼ିବେ।

୧୮- ସୁରକ୍ଷା ଦୃଷ୍ଟିରୁ ନିୟନ୍ତ୍ରଣ ରେଖା ଅତିକ୍ରମ କରି ପାକିସ୍ତାନ ସହ ଚାଲିଥିବା ବାଣିଜ୍ୟ କାରବାର ବନ୍ଦ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ବିଜେପି
ନୂଆ ଓଡ଼ିଶା ପାଇଁ ସଂକଳ୍ପ
ସବୁ ଜିଲ୍ଲାରେ ମେଡିକାଲ କଲେଜ, ବିଏଡ୍ କଲେଜ ଏବଂ ରେଳ ସଂଯୋଗ
ଫିର୍ ଏକ୍ ବାର୍ ମୋଦି ସରକାର
କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ମୋଦି ସରକାର
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍ଏଲ୍ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

ମହିଳାଙ୍କ ପାଇଁ ନବୀନ ଓଡ଼ିଶା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ▪ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା
- ବିଧବା ଏବଂ ଅସହାୟ ମହିଳାଙ୍କୁ ସାମାଜିକ ସୁରକ୍ଷା ଏବଂ ଦକ୍ଷତା ବୃଦ୍ଧି ପାଇଁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ▪ ମହିଳା ଉଦ୍ୟୋଗୀଙ୍କ ପାଇଁ ସୁଧ ଛାଡ ଯୋଜନା
- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ 'ମିଶନ ଶକ୍ତି ଫେଡେରେସନ'
- ସବୁ ଜିଲ୍ଲା ଏବଂ ପଞ୍ଚାୟତରେ 'ମିଶନ ଶକ୍ତି ଘର'
- 'ମିଶନ ଶକ୍ତି' ମହିଳାଙ୍କୁ ଆର୍ଥିକ ସହାୟତା ପାଇଁ 'ମିଶନ ଶକ୍ତି କର୍ପସ ପାଣ୍ଠି'

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ
ଥରେ ଏମ୍.ଏଲ୍.ଏ ପାଇଁ
ବିଜୁ ଜନତା ଦଳ
ମହିଳା ସଶକ୍ତିକରଣରେ ଅଗ୍ରଣୀ

# ନିମ୍ନମାନର ରାସ୍ତା କାମକୁ ବନ୍ଦ କଲେ ଗ୍ରାମବାସୀ

**କାଳିଆପାଣି,୨୧।୪(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅଧୀନ ପଟଣାଠାରୁ ନାତୁରକୁ ନିର୍ମାଣାଧୀନ ରାସ୍ତା କାମ ନିମ୍ନମାନର କରାଯାଉଛି। ରାସ୍ତାକାମ ପ୍ରାରମ୍ଭରୁ ନିମ୍ନମାନର କାମ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ରବିବାର ରାସ୍ତା କାମରେ ଠିକାଦାର ପୂର୍ବପରି କାମ କରିବାରୁ ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି କାମ ବନ୍ଦ କରିଥିଲେ। ଏଥିସହ ବିଭାଗୀୟ ଯନ୍ତ୍ରୀଙ୍କୁ ଖବର ଦେଇଥିବା ଜଣାପଡିଛି।

ଯାଜପୁର ଆରଡି ବିଭାଗ ଅଧୀନରେ ସମ୍ପୃକ୍ତ ରାସ୍ତା କାମ ଚଳିତ ମାସରେ ଆରମ୍ଭ କରାଯାଇଛି। ପୂର୍ବରୁ ରାସ୍ତାଟି ମଜଭୁତ ଥିବାବେଳେ ଡିଏମ୍ଏଫ ଫଣ୍ଡ (ଡିଷ୍ଟ୍ରିକ ମିନେରାଲ ଫଣ୍ଡ) ଅନୁଦାନରେ ରାସ୍ତାଟିର ପୁନଃ ପିଚୁ କାର୍ଯ୍ୟ କରାଯାଉଛି। ଠିକାଦାର ପୂର୍ବରୁ ହୋଇଥିବା ଆଇଏପି ରାସ୍ତା ମେଟାଲକୁ ପକାଇ ପିଚୁ କରୁଥିବା ନେଇ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଏବେ ରାସ୍ତା କାମ ଆରମ୍ଭ ହୋଇଥିବାବେଳେ ଠିକାଦାର ବିନା ସୂଚନା ଫଳକରେ ପିଚୁ ରାସ୍ତାକୁ ମାତ୍ର ୨ ଇଞ୍ଚ ପକାଇ କାମ ଆରମ୍ଭ କରିଛନ୍ତି। ଏହାକୁ ଗ୍ରାମର ମହେନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବଳଭଦ୍ର ମହାନ୍ତ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିଥିଲେ। ଏଥିସହ ବିଭାଗୀୟ ଜେଇ ରାଧାରମଣ ବାରିକଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ନ ପାଇବାରୁ କାର୍ଯ୍ୟ ବନ୍ଦ ରଖିଥିବା ଜଣାପଡିଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ରାଧାରମଣ ବାରିକଙ୍କୁ ଯୋଗାଯୋଗ କରିବାରୁ ଘଟଣାସ୍ଥଳକୁ ଯାଇ କାମ ତଦାରଖ କରିବା ପରେ କିଛି କହିପାରିବେ ବୋଲି ସେ କହିଛନ୍ତି।


ନିର୍ମାଣ ସ୍ଥଳରେ ଉପସ୍ଥିତ ଗ୍ରାମବାସୀ।

# ସ୍ୱାମୀଙ୍କ ପାଇଁ ଭୋଟ ଭିକ୍ଷା

**ଧର୍ମଶାଳା,୨୧।୪(ଡି.ଏନ୍.ଏ.)**

ନିର୍ବାଚନ ଆଉ ମାତ୍ର ୮ଦିନ ଥିବାବେଳେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ଚିତ୍ରପଟକୁ ନେଇ ଆଶା ଆଶଙ୍କା ବଢ଼ିବାରେ ଲାଗିଛି। ମୈଦାନରେ ଉଭୟ ବିଜେଡି-ଭାଜପା ବଳ କଷାକଷି ସ୍ଥିତିରେ ପହଞ୍ଚିଛନ୍ତି। ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା ତୃତୀୟ ଥର ପାଇଁ ପୁଣି ପ୍ରାର୍ଥୀ ହୋଇଛନ୍ତି। ଅନୁକମ୍ପା ଓ ପରିବର୍ତ୍ତନ ସ୍ୱର ତାଙ୍କ ପାଇଁ ପୂର୍ବ ଦୁଇଥର ଅପେକ୍ଷା ଚଳିତ ଥର ବହୁତ ଭଲ ସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ରମେଶ ନିଜ ପ୍ରଚାର ଜୋରଦାର କରିଥିବାବେଳେ ଏବେ ସ୍ତ୍ରୀ ସଞ୍ଜୁଲତା ପରିଡା ପ୍ରଚାର କ୍ଷେତ୍ରକୁ ଓହ୍ଲାଇଛନ୍ତି। ସଞ୍ଜୁଲତା ୨୦୦୨ରୁ ୨୦୦୭ ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷା ଥିଲେ। ନିଜ ରାଜନୈତିକ ଅଭିଜ୍ଞତାକୁ ଭିତିକରି ସେ ଏବେ ବିଭିନ୍ନ ପଞ୍ଚାୟତକୁ ଗସ୍ତ କରୁଛନ୍ତି। ମଣ୍ଡଳ ସଭାନେତ୍ରୀ ମୋନାଲିସା ଦାଶ ଓ ଶାନ୍ତିଲତା ଦୋରା, ଉପସଭାପତି ପୁଷ୍ପାଞ୍ଜଳି ଘଡାଇ, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଛନ୍ତି।


ସଞ୍ଜୁଲତାଙ୍କ ସହ ଅନ୍ୟମାନେ।

ADMISSION 2019-21
IIRM Approved by AICTE
PGDM
2 - Years Residential Program
Dual Specializations
Finance | Risk Management
Financial Services | Health Insurance
Insurance | Marketing
Actuarial Science | Analytics | HRM
IIRM - HYDERABAD
(A Joint Initiative of IRDAI and Govt. of Telangana)
81063 60044 / 96527 40909
www.iirmworld.org.in

Your classified advertisement published in Dharitri will be listed free in Dharitri online edition :
www.dharitri.com

## ସଂକ୍ଷେପରେ

### ୨ମଦ ବ୍ୟବସାୟୀ ଗିରଫ

**ଧର୍ମଶାଳା,୨୧।୪(ଡି.ଏନ୍.ଏ.):** ଧର୍ମଶାଳା ଓ ଜେନାପୁର ପୋଲିସ ଶନିବାର ସନ୍ଧ୍ୟାରେ ୨ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରିବା ସହ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳକଣ୍ଠପୁର ଗ୍ରାମରେ ପ୍ରତାପ ବେହେରା ଓ ଜଗତପୁର ଥାନା ଇମାମନଗର ଗ୍ରାମର ଶ୍ରୀଧର ସାହୁ। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ପ୍ରତାପଙ୍କ କ୍ୟାବିନରୁ ପୋଲିସ ୨୫ ଲିଟର ବିଦେଶୀ ମଦ ଜବତ କରିଥିବାବେଳେ ଆରୁହା ଢାବାରେ ଚୋରା ମଦ ବିକ୍ରି କରୁଥିବା ଶ୍ରୀଧରଙ୍କ ଠାରୁ ୧୫ ଲିଟର ମଦ ଜବତ କରିଛି।

### ବଳାତ୍କାର ଉଦ୍ୟମ କରି ଛେଚା ଖାଇଲେ ଯୁବକ

**ବିଞ୍ଝାରପୁର,୨୧।୪(ଡି.ଏନ,ଏ):** ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ଜଣେ ଯୁବତୀଙ୍କୁ ରୁଦ୍ରପୁର ଗ୍ରାମର ଜଣେ ଯୁବକ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ନିର୍ଦ୍ଧୁମ ଛେଚା ଖାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ରବିବାର ମଧ୍ୟାହ୍ନରେ ଜଣେ ଯୁବତୀ ଗାଧୋଉଥିବାବେଳେ ସେହି ଗ୍ରାମର ଜଣେ ଯୁବକ ଜୋର ଜବରଦସ୍ତ ଗାଧୁଆ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯୁବକଙ୍କୁ ନିର୍ଦ୍ଧୁମ ଛେଚିଥିଲେ। କୌଶଳ କ୍ରମେ ଯୁବକ ଜଣକ ଖସି ପଳାଇଥିଲେ। ଏନେଇ ଯୁବତୀଙ୍କ ମା' ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

TVS
ଘରକୁ ଆଣନ୍ତୁ ସର୍ବୋତ୍ତମ TVS ସ୍କୁଟର
ବିଶେଷ ଅଫର୍*
କମ ଡାଉନ ପେମେଣ୍ଟ ₹3250/-
ନୋ-କଷ୍ଟ ଇଏମ୍ଆଇ
₹6000/- ପର୍ଯ୍ୟନ୍ତ ସଞ୍ଚୟ
0 ପ୍ରୋସେସିଙ୍ଗ୍ ଚାର୍ଜ



Scooty Pep+ Ex-showroom price ₹41,927
TVS Wego 110 With Body Balance Technology
TVS Jupiter ଜେଣ୍ଟ ଲାଭ J.D. Power Winner 2018
TVS NTORQ 125 India's first Bluetooth connected scooter
ଫାଇନାନ୍ସ ଆପ୍ରୁଭାଲ୍ ନିମନ୍ତେ 15 ମିନିଟ
ଶୋରୁମ୍ ପ୍ରତ୍ୟେକ ରବିବାର ଦିନ ଖୋଲା ରହିବ।
Paytm mall Get benefits up to ₹7000/-
₹4000/-# ଏକ୍ସଚେଞ୍ଜ ବୋନସ୍
TVS CREDIT | HDFC BANK We understand your world | IndusInd Bank | IDFC FIRST Bank | SHRIRAM City
* Finance at the sole discretion of the financier. # Terms & Conditions apply. Ex-showroom price in Orissa for Scooty Pep+. Accessories shown in the ad may not be a part of the standard equipment. Offers cannot be clubbed together. For T&C, please visit www.tvsmotor.com.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com
dentsuindia/dha bhu/10/19

# ପିସିସି ସଭାପତିଙ୍କ ଗାଡି ଉପରକୁ ଆକ୍ରମଣ ଅଭିଯୋଗ

- ଭଣ୍ଡାରୀପଡା ଛକରେ କଂଗ୍ରେସ -ବିଜେଡି କର୍ମୀ ମୁହାଁମୁହିଁ ,
- ପିସିସି ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ସମେତ ୮ ଆହତ

ଆନନ୍ଦପୁର/କେନ୍ଦୁଝର, ୨୧।୪(ସ୍ୱ.ପ୍ର.) କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀ ଅଧୀନ ବାନ୍ଧଗୋଡା ନିକଟସ୍ଥ ଭଣ୍ଡାରୀପଡା ଛକ ନିକଟରେ ରବିବାର ସନ୍ଧ୍ୟା ସାଢେ ୬ଟା ବେଳେ କଂଗ୍ରେସ କର୍ମୀ ଓ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳୀୟ କର୍ମୀଙ୍କ ସହ ନିର୍ବାଚନ ପ୍ରଚାର କରି ଫେରିବା ବେଳେ ଏଭଳି ଗଣ୍ଡଗୋଳ ଘଟିଛି। ଏହି ଆକ୍ରମଣ ଘଟଣାରେ ପିସିସି ସଭାପତି ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ରମେଶ ଜେନାଙ୍କ ସମେତ ୮ ଜଣ ଆହତ ହୋଇଥିବା କୁହାଯାଉଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାମଚନ୍ଦ୍ରପୁର ଥାନା ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପ୍ରଶାସନ ଓ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବା ସୂଚନା ମିଳିଛି। ଖବର ଲେଖାହେବା ଯାଏ ଥାନାରେ ଏ ନେଇ କୌଣସି ପକ୍ଷ ଅଭିଯୋଗ କରି ନାହାନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ପିସିସି ସଭାପତି ନିରଞ୍ଜନଙ୍କ ସହ ତାଙ୍କ ସମର୍ଥକମାନେ ପ୍ରାୟ ୧୫ରୁ ଅଧିକ ବୋଲେରୋରେ ଆସି ଆନନ୍ଦପୁରଠାରୁ ୩୦ କି.ମି. ଦୂର ଭଣ୍ଡାରୀପଡା ଛକ ନିକଟରେ ସନ୍ଧ୍ୟାରେ ପହଞ୍ଚିଥିଲେ। ଏହି ଛକଠାରୁ ଅନତି ଦୂରରେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଘର । ସ୍ଥାନୀୟ ଲୋକେ କଂଗ୍ରେସ କର୍ମୀଙ୍କ ହୋହାଲ୍ଲାକୁ ବିରୋଧ କରିବାରୁ ସେଠାରେ କେହି ଜଣେ ଫାଙ୍କାଗୁଳି ଚାଳନା କରିଥିବା କୁହାଯାଉଛି। ପରେ ଉଭୟ ପକ୍ଷ ପରସ୍ପର ଉପରକୁ ଟେକାପଥର ମାଡ଼ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଜେଡି ସମର୍ଥକମାନେ ପ୍ରଥମେ ଏଭଳି ଆକ୍ରମଣ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଉଥିବା ବେଳେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ବଦ୍ରି ନାରାୟଣ ଏହାକୁ ଅସ୍ୱୀକାର କରିଛନ୍ତି। ସେ ନିକଟସ୍ଥ ଅଞ୍ଚଳକୁ ପ୍ରଚାର କାର୍ଯ୍ୟରେ ଯାଇଥିବାରୁ ଗାଁରେ ଉପସ୍ଥିତ ନ ଥିଲେ ବୋଲି କହିଛନ୍ତି। ଗତ କିଛିଦିନ ହେଲା ଏହି ଅଞ୍ଚଳରେ ଅନ୍ୟୂନ ୧୫ଟି ବୋଲୋରୋ ସନ୍ଦେହଜନକ ଭାବେ ଘୂରି ବୁଲୁଥିଲା । ଏ ସମ୍ପର୍କରେ ବିଜେଡି ପକ୍ଷରୁ ସ୍ଥାନୀୟ ପୋଲିସ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରବିବାର ସନ୍ଧ୍ୟାରେ ବୋଲେରୋରେ ଆସିଥିବା ଲୋକେ ହିଂସା ଘଟାଇଛନ୍ତି ବୋଲି ବଦ୍ରି କହିଛନ୍ତି। ଏ ନେଇ ପିସିସି ସଭାପତି ନିରଞ୍ଜନଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଏ ସମ୍ପର୍କରେ ଏସପି ଜୟ ନାରାୟଣ ପଙ୍କଜଙ୍କୁ ପଚାରିବାରୁ କହିଛନ୍ତି, ଗଣ୍ଡଗୋଳର ଅନୁଧ୍ୟାନ କରାଯାଉଛି। ଆହତମାନେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭଣ୍ଡାରୀପଡା ଛକ ଭଣ୍ଡାରୀପଡା ଛକ ନିବାଚନୀ ହିଂସା ଘଟଣାକୁ ନେଇ ଡାକ୍ତରଖାନା ଆଗରେ ଲୋକେ ଭିଡ ଜମାଇଥିବାରୁ ପୋଲିସ ପରିସ୍ଥିତି ଉପରେ ନଜର ରଖିଛି।



ଆନନ୍ଦପୁର ମେଡିକାଲ ପରିସରରେ ଲୋକଙ୍କ ଭିଡ଼।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଢ଼ ପଇସାର ପିତ୍ତଳ ଗୁଣା**
**ଛାଟି ପକାଉଛି ଦେଢ଼ି ଓଢ଼ଣା ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ନାକରେ ପିତ୍ତଳର ଗୁଣା ଭଳି ସାମାନ୍ୟ ଅଳଙ୍କାର ପିନ୍ଧିଥିବା ମହିଳା ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖାଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦେବା ଦ୍ୟାଇବାକୁ ହରି**
**କରତା ଅଟେ ସବୁରି ।**

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ସର୍ବତ୍ର ବିଦ୍ୟମାନ ଓ ସର୍ବଶକ୍ତିମାନ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ତାଙ୍କ ବିନା ଇଚ୍ଛାରେ ଗଛଡାଳରୁ ପତ୍ର ମଧ ଝଡ଼ି ପାରି ନ ଥାଏ। ଏ ସଂସାରରେ ଯାହା ବି ଘଟୁଛି ସବୁ ତାଙ୍କରି ଲୀଳାଖେଳା। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍ସ ପବ୍ଲିଶର୍ସ

## ଆତଙ୍କବାଦୀ...

ଏହି ହୋଟେଲଗୁଡ଼ିକରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ। ସ୍ଥାନୀୟ କର୍ତ୍ତୃପକ୍ଷ ସ୍ଥିତି ନିୟନ୍ତ୍ରଣକୁ ଆଣୁଥିବାବେଳେ ମୃତ୍ୟୁର ସୌଦାଗରମାନେ କଲମ୍ବୋର ଦେମାଟୋଗୋଡା ଏବଂ ଦେହିୱାଲା ଚିଡିଆଖାନା ନିକଟରେ ଅପରାହ୍ନରେ ପୁଣି ଦୁଇଟି ବିସ୍ଫୋରଣ ଘଟାଇ ଆଉ ୫ ଜଣଙ୍କ ଜୀବନ ନେଇଥିଲେ। ମୃତକଙ୍କ ମଧ୍ୟରେ ଥିବା ୩୫ ବିଦେଶୀ ନାଗରିକ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ। ବିସ୍ଫୋରଣରେ ମୃତକମାନଙ୍କ ଶରୀରର ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ି ହୋଇ ପଡ଼ିଛି। ହୋଟେଲ ଓ ଚର୍ଚ୍ଚଗୁଡ଼ିକର ଧ୍ୱସ୍ତବିଧ୍ୱସ୍ତ କାନ୍ଥ ଓ ଝରକାରେ ରକ୍ତର ଛିଟା ପ୍ରମାଣ ଦେଉଛି କେତେ ଭୟଙ୍କର ଥିଲା ଏହି ଆକ୍ରମଣ। ସୋସିଆଲ ମିଡିଆରେ ଏହି ସବୁ ଦୃଶ୍ୟର ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଗୁଜବ ରୋକିବା ପାଇଁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଉପରେ ସରକାର କଟକଣା ଜାରି କରିଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ରୀଲଙ୍କା ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସାରା ଦେଶରେ କର୍ଫ୍ୟୁ ଜାରି କରିଛନ୍ତି। ରାଷ୍ଟ୍ରପତି ସିରିସେନା ଶୋକବ୍ୟକ୍ତ କରିବା ସହ ଆକ୍ରମଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ସରକାରୀ ସ୍କୁଲଗୁଡ଼ିକ ପାଇଁ ଛୁଟି ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେ (ଯାହାଙ୍କ ନେତୃତ୍ୱରେ ୨୦୦୯ ମେ'ରେ ଶ୍ରୀଲଙ୍କା ସେନା ଏଲ୍‌ଟିଟିଇକୁ ପ୍ରତିହତ କରାଯାଇଥିଲା) ଏହି ଆକ୍ରମଣକୁ 'ଅତ୍ୟନ୍ତ ବର୍ବର' ବୋଲି ନିନ୍ଦା କରିଛନ୍ତି।

ଏହି ଗଣହତ୍ୟା ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ। ତେବେ ଏହା ପଛରେ ଇସ୍‌ଲାମିଷ୍ଟ ଆତ୍ମଘାତୀଙ୍କ ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ୨୦୧୮ରେ ବୌଦ୍ଧମୂର୍ତ୍ତିଗୁଡ଼ିକୁ ଭାଙ୍ଗିଥିବା ସ୍ଥାନୀୟ ମୁସ୍‌ଲିମ ମୌଳବାଦୀ ଗୋଷ୍ଠୀ ନ୍ୟାଶନାଲ୍ ଥୋୱିଦ୍ ଜମାତ୍ (ଏନ୍‌ଟିଜେ) ପକ୍ଷରୁ ଏହି ଆକ୍ରମଣ କରାଯାଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଆତଙ୍କବାଦୀମାନେ କ୍ୟାଥୋଲିକ୍ ଚର୍ଚ୍ଚଗୁଡ଼ିକୁ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇପାରନ୍ତି ବୋଲି ୧୦ ଦିନ ପୂର୍ବରୁ ଶ୍ରୀଲଙ୍କା ପୋଲିସ ମୁଖ୍ୟ ପୁଜୁଥ ଜୟସୁନ୍ଦରା ଚେତାଇଦେବା ସହ ଦେଶବ୍ୟାପୀ ଆଲର୍ଟ ଜାରି କରିଥିଲେ। ସ୍ଥାନୀୟ ପୋଲିସ ଦ୍ୱାରା ଯାଞ୍ଚବେଳେ ଶାଙ୍ଗ୍ରି-ଲା ଷ୍ଟାର ହୋଟେଲର ରୁମ୍ ନମ୍ବର ୬୧୬ରୁ ଇସ୍‌ଲାମିକ୍ କଠୋରପନ୍ଥୀଙ୍କ ଦ୍ୱାରା ବ୍ୟବହୃତ କେତେକ ବିସ୍ଫୋରକ ଜବତ ହୋଇଥିଲା। ତେବେ ଶ୍ରୀଲଙ୍କା ନାଗରିକ ଅଥବା ବିଦେଶୀ ଆତଙ୍କବାଦୀଙ୍କ ଦ୍ୱାରା ଏହି ସିରିଜ୍ ବିସ୍ଫୋରଣ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ ବୋଲି 'ଦି ମିରର୍' ଖବରକାଗଜ ପକ୍ଷରୁ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସୁନିୟୋଜିତ ବର୍ବରତା ବୋଲି ଅଭିହିତ କରିବା ସହ ନୂଆଦିଲ୍ଲୀ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଲମ୍ବୋସ୍ଥିତ ଭାରତୀୟ ଦୂତାବାସ ସ୍ଥିତି ଅନୁଧ୍ୟାନ କରୁଛି। ଦୂତାବାସ ପକ୍ଷରୁ ଭାରତୀୟଙ୍କୁ ସହାୟତା ପ୍ରଦାନ ନିମନ୍ତେ ହେଲ୍‌ପଲାଇନ୍ ନମ୍ବର: +୯୪୭୭୭୯୦୩୦୮୨, ୯୪୧୧୨୪୨୨୭୮ ଏବଂ ୯୪୧୧୨୪୨୨୭୮୯ ଜାରି କରାଯାଇଛି।

## ପ୍ରଚାର ସରିଲା...

ପ୍ରାଣମୂର୍ଚ୍ଛା ଉଦ୍ୟମ କରିବ। ପୁରୀରେ ବିଜେଡି-ଭାଜପା-କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ହେଉଛି। ଶାସକ ବିଜେଡିରୁ ପିନାକୀ ମିଶ୍ର, ଭାଜପାରୁ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ କଂଗ୍ରେସରୁ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ପ୍ରାର୍ଥୀ ହୋଇଛନ୍ତି। ଭୁବନେଶ୍ୱରରେ ଭାଜପାର ଅପରାଜିତା ଷଡ଼ଙ୍ଗୀଙ୍କ ମୁକାବିଲା ବିଜେଡିର ଅରୂପ ପଟ୍ଟନାୟକଙ୍କ ସହ ହେଉଛି। ଏଠାରେ କଂଗ୍ରେସ-ସିପିଏମ୍ ପକ୍ଷରୁ ଜନାର୍ଦ୍ଦନ ପତିଙ୍କୁ ପ୍ରାର୍ଥୀ କରାଯାଇଛି। ସମ୍ବଲପୁରରେ ବିଜେଡିରୁ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ମୁକାବିଲା ଭାଜପାର ନିତେଶ ଗଙ୍ଗଦେବ ଏବଂ କଂଗ୍ରେସର ଶରତ ପଟ୍ଟନାୟକଙ୍କ ସହ ହେଉଛି। ଭାଜପା ଗତଥର ଏହି ଆସନରୁ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲା, ତେଣୁ ଚଳିତଥର ରାଜ୍ୟରେ ଭାଜପା ପ୍ରତି ସୃଷ୍ଟି ହୋଇଥିବା ହାୱାରୁ ଫାଇଦା ନେବାକୁ ଦଳ ଆପ୍ରାଣ ଉଦ୍ୟମ କରୁଛି। ଢେଙ୍କାନାଳ ଲୋକସଭାରେ ବିଜେଡିର ମହେଶ ସାହୁଙ୍କ କଂଗ୍ରେସର କେ.ପି ସିଂଦେଓ ଏବଂ ଭାଜପାର ରୁଦ୍ର ପାଣିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଲୋକ ସଭା ରାଜନୀତିରେ କେ.ପି ଏବଂ ରୁଦ୍ର ପୁରୁଣାମୁହଁ, ମହେଶ ପୂର୍ବରୁ ବିଧାୟକ ହୋଇଛନ୍ତି, ହେଲେ ଚଳିତଥର ପ୍ରଥମଥର ପାଇଁ ଲୋକ ସଭା ପାଇଁ ଲଢୁଛନ୍ତି। ତେଣୁ ୨୦୦୪ରୁ ବିଜେଡି ହାତରେ ଥିବା ସେହି ଆସନର ଫଳାଫଳ କ'ଣ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। କେନ୍ଦୁଝର ଲୋକ ସଭାରେ ବିଜେଡିର ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ଭାଜପାର ଅନନ୍ତ ନାଏକଙ୍କ ସିଧାସଳଖ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କଟକରେ ବିଜେଡି ସଂସଦୀୟ ନେତା ଭର୍ତ୍ତୃହରି ମହତାବଙ୍କ ମୁକାବିଲା କଂଗ୍ରେସର ପଞ୍ଚାନନ କାନୁନଗୋ ଏବଂ ଭାଜପା ପ୍ରାର୍ଥୀ ପ୍ରକାଶ ମିଶ୍ରଙ୍କ ସହ ହେଉଛି।

ଏହି ପର୍ଯ୍ୟାୟର ୪୨ ବିଧାନସଭା ଆସନରେ ପୂର୍ବଥର ବିଜେଡି ୩୭, ଭାଜପା ୩ ଏବଂ ସ୍ୱାଧୀନ ୨ ସ୍ଥାନରେ ବିଜୟୀ ହୋଇଥିଲା। କଂଗ୍ରେସ କୌଣସି ଆସନ ଜିତିପାରି ନ ଥିଲା। ରାଜନୈତିକ ଘଟଣାକ୍ରମରେ ସତ୍ୟବାଦୀର ସ୍ୱାଧୀନ ବିଧାୟକ ବିଜେଡିରେ ଯୋଗ ଦେଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ ବିଜେଡିରେ ଯୋଗ ଦେଇ ନାହାନ୍ତି। ହେଲେ ତାଙ୍କ ସୁପାରିସକ୍ରମେ ବିଜେଡି ଚମ୍ପୁଆ ବିଧାନସଭା ଏବଂ କେନ୍ଦୁଝର ଲୋକ ସଭାରେ ପ୍ରାର୍ଥୀ କରିଥିବା ସନା ଗଣମାଧ୍ୟମରେ ସ୍ୱୀକାର କରିସାରିଛନ୍ତି। ଭାଜପା ଚିଲିକା, କୁଚିଣ୍ଡା ଏବଂ ଦେବଗଡ ଆସନ ଜିତିପାରିଥିଲା। ସାମ୍ପ୍ରତିକସ୍ଥିତିରେ ବିଜେଡି ବହୁ ଆସନରେ କଡା ମୁକାବିଲାର ସମ୍ମୁଖୀନ ହେଉଛି। ଏହି ଆସନଗୁଡିକ ହେଉଛି- ବ୍ରହ୍ମଗିରି, ନୟାଗଡ, ରଣପୁର, ଚିଲିକା, ଭୁବନେଶ୍ୱର(ମଧ୍ୟମ), କଟକ ସଦର, ପାଲଲହଡା, ବଡମ୍ବା ଏବଂ ସମ୍ବଲପୁର। ଉପରୋକ୍ତ ଆସନଗୁଡିକରେ ଭାଜପା ବିଜେଡିକୁ କଡା ଟକ୍କର ଦେଉଛି। ସେହିପରି ବେଗୁନିଆ, ବାରବାଟୀ-କଟକ, ବାଙ୍କୀ, ଆଠଗଡ, ଘସିପୁରା ଆଦି ଆସନରେ କଂଗ୍ରେସ ଶାସକ ଦଳକୁ ଟକ୍କର ଦେଉଛି। ଢେଙ୍କାନାଳ ଏବଂ ସତ୍ୟବାଦୀରେ ତ୍ରିକୋଣୀୟ ମୁକାବିଲା ଦେଖିବାକୁ ମିଳିବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

ଏପରି ସ୍ଥିତିରେ ବିଜେଡି ହେଭିୱେଟ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁଙ୍କ ଭଳି ନେତାଙ୍କ ବିଧାନସଭା ଆସିବା ନେଇ ସଂଶୟ ଜାରି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ପର୍ଯ୍ୟାୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ପୂର୍ବ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଭାଜପା ବିଧାୟକ ରବି ନାଏକ, ଜିତୁ ମିତ୍ର , ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭଳି ହେଭିୱେଟ ଭାଗ୍ୟ ପରୀକ୍ଷା କରୁଛନ୍ତି। ମତଦାନଗୁଡିକ ଶାନ୍ତିପୂର୍ଣ୍ଣ କରିବା ପାଇଁ ରାଜ୍ୟ ପୋଲିସ ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ପ୍ରଥମ ପୃଷ୍ଠାରୁ...

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEHICLE-ASTECTC-147, ତା.15.04.2019ରିଖ
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ସିଗ୍‌ନାଲ ଏବଂ ଟେଲିକମ୍ୟୁନିକେସନ ଯନ୍ତ୍ରୀ, କଟକଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ଗାଡ଼ି (ପିକ୍-ଅପ୍ ଭ୍ୟାନ୍) ଭଡ଼ା ସୂତ୍ରରେ ନେବା ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 8,70,977.04, EMD (ଟଙ୍କାରେ) : 17,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।
ବିଡ୍ ଆରମ୍ଭ ହେବା ତାରିଖ : ତା.23.04.2019 ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.05.2019 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।
ଦ୍ରଷ୍ଟବ୍ୟ : ପ୍ରତ୍ୟାଶିତ ଟେଣ୍ଡର ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ବନ୍ଦ ହେବାର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃ ଅବଲୋକନ କରନ୍ତୁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)
ଖୋର୍ଦ୍ଧା ରୋଡ଼
PR-43/K/19-20

## ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ: ୨ ମୃତ

ପଦ୍ମପୁର/ଗୁଡାରୀ, ୨୧।୪(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କିନିଡ଼ି ଗ୍ରାମ ନିକଟ ମାଛବନ୍ଧଠାରେ ରବିବାର ଏକ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନଙ୍କୁ ପ୍ରଥମେ ଗୁଡ଼ାରୀ ଓ ପଦ୍ମପୁର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଗୁଣପୁର ଓ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ଜାନକୀ ଶବର ଓ ନୀଳକଣ୍ଠ କୈବର୍ତ୍ତ ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



ସ୍ୱ ପ୍ରଭାକର ପଟ୍ଟନାୟକ
(୧୯୨୪-୨୦୧୯)
ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଚରଣରେ ପ୍ରାର୍ଥନା କରୁଅଛୁ ।
ହରମୋହନ, ଗୀତାରାଣୀ, ଅମୃତା, ଅମିତାଂଶୁ, ମଧୁସ୍ମିତା, ନନ୍ଦିକେଶ, ଆଦିତି, ଇତିଶ୍ରୀ, ଶମ୍ଭୁରାମ, ଅରବିନ୍ଦ, ରବିଶଙ୍କର, ଜ୍ୟୋତି, ଅନିନ୍ଦିତା, ଅଂଶୁମାନ, ଅଞ୍ଜନ, ରାଜେନ୍ଦ୍ର ନାରାୟଣ, ମିନାକ୍ଷୀ, ଆଦିତ୍ୟ ନାରାୟଣ, ଯଶ ନାରାୟଣ, ରଶ୍ମି ରଞ୍ଜନ, ମିନତୀ, ଅରୁଣିମା, ରଞ୍ଜିତା, ଶଙ୍କର ନାରାୟଣ, ସୁବ୍ରତ, ଅନାମିକା, ସ୍ମିତିକ, ସନ୍ଦୀପ, ଲିପ୍‌ସା, ଶ୍ରୀହାନ, ସନତ, ବ୍ରତତୀ, ସାଇଭି, ନମିତା, ମୀନକେତନ, ଦେବାଶିଷ, ପୂର୍ଣ୍ଣିମା, ଆୟୁଷ୍ମାନ, ସୁଜ୍ଞାନୀ, ସମ୍ବିତ, ଶ୍ରେୟାନ୍
ଧ-୧୨୨୭୦

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ସତ୍ୟସ୍ୱରୂପ ସାବତ୍
(ପପୁ)
ଆବିର୍ଭାବ: ତା. ୦୩।୦୭।୧୯୮୪
ତିରୋଧାନ: ତା.୧୨।୦୪।୨୦୦୯
(ବୈଶାଖ କୃଷ୍ଣ ୩ୟା)
ଅଡ଼ଶପୁର, କଟକ
ପପୁ ! ଚାହୁଁ ଚାହୁଁ ଦଶବର୍ଷ ଅତିବାହିତ ହୋଇଗଲାଣି କନ୍ତୁ ଏବେ ବି ତୁ ଆମ୍ଭମାନଙ୍କ ନିକଟରେ ଥିଲାପରି ଅନୁଭବ କରୁଛୁ। ତୋର ସ୍ମୃତି ଆମ୍ଭମାନଙ୍କର ପାଥେୟ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ତୋର ଅତି ଆଦରର ବୋଉ, ନନା, ଶୋକସନ୍ତପ୍ତ ପରିଜନବର୍ଗ ।
ଧ-୧୨୨୬୯

## ସାନଭାଇ ଠେଙ୍ଗା ମାଡରେ ବଡ ଭାଇ ମୃତ

ଡାବୁଗାଁ, ୨୧।୪(ଡି.ଏନ୍.ଏ.)

କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି କୁହାଯାଏ। ଏଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେରଣ୍ଡି ଗ୍ରାମରେ। କ୍ରୋଧର ବଶବର୍ତ୍ତୀ ହୋଇ ସାନଭାଇ ଠେଙ୍ଗାରେ ବଡ଼ ଭାଇକୁ ଆକ୍ରମଣ କରିଛନ୍ତି। ଏଥିରେ ବଡ଼ଭାଇ ପ୍ରାଣ ହରାଇଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ କେରଣ୍ଡି ଗ୍ରାମର ତୁଳାରାମ ମାଝି(୬୦)। ପୋଲିସ ଅଭିଯୁକ୍ତ କନି ମାଝିଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗିଲା ଗ୍ରାମରେ ଗତ ୧୮ ତାରିଖରେ ମାଟି ଯାତ୍ରା ଚାଲିଥିଲା। କେରଣ୍ଡି ଗ୍ରାମର ତୁଳାରାମ ଯାତ୍ରା ଦେଖିବାକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ଦାଦା ଗୁରୁବନ୍ଧୁଙ୍କ ସହ ତାଙ୍କର ଝଗଡା ହୋଇଥିଲା। ୧୯ ତାରିଖରେ କେରଣ୍ଡି ଗ୍ରାମରେ ଏକ ବୈଠକ ହେଉଥିଲା। ଗୁରୁବନ୍ଧୁଙ୍କ ପୁଅ କନି ମାଝି ସେଠାରେ ପହଞ୍ଚି ପୂର୍ବ ଦିନର ଘଟଣା ସମ୍ପର୍କରେ ବୈଠକରେ କହିବା ସହ ଏହାର ବିଚାର କରିବାକୁ ଭଦ୍ରବ୍ୟକ୍ତିଙ୍କୁ କହିଥିଲେ। ପରେ ତୁଳାରାମଙ୍କୁ ବୈଠକରେ ହାଜର ହେବାପାଇଁ ଖବର ଦିଆଯାଇଥିଲା। କିନ୍ତୁ ତୁଳାରାମ ବୈଠକକୁ ଆସି ନ ଥିଲେ। ଏଥିରେ କନି ରାଗି ଯାଇ ତୁଳାରାମଙ୍କ ଘରେ ପହଞ୍ଚି ସାଙ୍ଗରେ ନେଇଥିବା ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ତୁଳାରାମ ତଳେ ପଡି ବେହୋସ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ତୁଳାରାମଙ୍କ ମୃତ୍ୟୁ ଘଟିଛି। ଏନେଇ ତୁଳାରାମଙ୍କ ସାନଭାଇ ଖଗୁ ମାଝି ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ୪୯/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST: 5% will be added extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ଟିମ୍ ଚୟନ ଗୁରୁତ୍ୱ ରଖିଥାଏ

**କ୍ରିକେଟ୍ ଆପଣଙ୍କୁ ଏକ ସରଳତମ ଉପାୟରେ ନିବେଶର ଗୁରୁତ୍ୱପୂର୍ଣ୍ଣ ଅବଧାରଣକୁ ବୁଝିବାରେ ସାହାଯ୍ୟ କରିପାରିବ - ଆସେଟ୍ ଆଲୋକେଶନ୍।**

ଏକ କ୍ରିକେଟ୍ ଟିମ୍‌ର ସଫଳତା ତାହାର ଖେଳାଳିମାନଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିଥାଏ। ସେହିଭଳି, ଏକ ନିବେଶ ପୋର୍ଟଫୋଲିଓର ସଫଳତା ଏହାର ଅଂଶଭୂତ ଆସେଟ୍ କ୍ଲାସ୍‌ଗୁଡ଼ିକର ପ୍ରଦର୍ଶନ ଉପରେ ନିର୍ଭର କରିଥାଏ। ତେଣୁ, ଚୟନ ଗୁରୁତ୍ୱ ରଖିଥାଏ - ଉଭୟ କ୍ରିକେଟ୍ ଓ ନିବେଶରେ। ବିଜୟ ପାଇଁ ଏକ ଟିମ୍ କେବଳ ଗୋଟିଏ ଖେଳାଳିଙ୍କ ଉପରେ ନିର୍ଭର କରିବାର ରିସ୍କ ନେଇ ନ ଥାଏ, ତେଣୁ ନିଜ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ଆପଣଙ୍କୁ ମଧ୍ୟ କେବଳ ଗୋଟିଏ ଆସେଟ୍ କ୍ଲାସ୍ ଉପରେ ନିର୍ଭରଶୀଳ ରହିବା ଉଚିତ ନୁହେଁ। ଏବଂ, ଏହିଠାରେ ହିଁ ଆସେଟ୍ ଆଲୋକେଶନ୍ ସହାୟକ ହୋଇଥାଏ।



## ଠିକ୍ ମିଶ୍ରଣ ଚୟନ କରିବା - ଲକ୍ଷ୍ୟ-ଭିତ୍ତିକ ନିବେଶ

ଖେଳାଳିମାନଙ୍କୁ ସେମାନଙ୍କର ଅତୀତର ପ୍ରଦର୍ଶନ, ଫିଟ୍‌ନେସ୍ ଓ ପିଚ୍ ଭିତ୍ତିରେ ଚୟନ କରାଯାଇଥାଏ। ସେହିଭଳି, ଆପଣଙ୍କ ଆସେଟ୍ କ୍ଲାସ୍‌ଗୁଡ଼ିକୁ ମଧ୍ୟ ଆପଣଙ୍କ ବୟସ, ଲକ୍ଷ୍ୟ, ଆର୍ଥିକ ସ୍ଥିତି, ରିସ୍କ ନେବାର ସାମର୍ଥ୍ୟ ଏବଂ ନିବେଶ ସମୟସୀମା ଭଳି ଦିଗ ଭିତ୍ତିରେ ଚୟନ କରାଯିବା ଆବଶ୍ୟକ।

ଟିପ୍: ନିଜ ପାଇଁ ଆସେଟ୍‌ଗୁଡ଼ିକର ମିଶ୍ରଣ ବାଛିବା ସମୟରେ ଗୋଷ୍ଠୀକୁ ଅନୁସରଣ କରନ୍ତୁ ନାହିଁ । କାରଣ, ଆପଣଙ୍କ ଲକ୍ଷ୍ୟ ସମାନ ହୋଇପାରେ, କିନ୍ତୁ ବୟସ, ରିସ୍କର ସାମର୍ଥ୍ୟ ଏବଂ ଅନ୍ୟାନ୍ୟ ପରିସ୍ଥିତିଗୁଡ଼ିକ ଭିନ୍ନ ହୋଇପାରେ।

## ନିଜର ଟିମ୍ ଗଢ଼ନ୍ତୁ - ଆସେଟ୍ ଆବଣ୍ଟନ

ଶୁଣିବାରେ ଏହା ଜଟିଳ ହୋଇପାରେ କିନ୍ତୁ ଆସେଟ୍ ଆବଣ୍ଟନ ହେଉଛି ଠିକ୍ ଏକ ପରଫେକ୍ଟ କ୍ରିକେଟ୍ ଟିମ୍ ଗଢ଼ିବା ଭଳି। ରନ୍ ସ୍କୋର୍ କରିବା ପାଇଁ ଆପଣଙ୍କୁ ବ୍ୟାଟ୍ସମ୍ୟାନ୍ ଓ ୱିକେଟ୍ ନେବା ପାଇଁ ବୋଲର୍ ଓ ଫିଲ୍ଡର୍ ଆବଶ୍ୟକ ହୋଇଥାନ୍ତି। ସେହିଭଳି, ଆପଣଙ୍କ ପୋର୍ଟଫୋଲିଓରେ ଭିନ୍ନ ଉଦ୍ଦେଶ୍ୟ ପାଇଁ ଭିନ୍ନ ଫଣ୍ଡ ରହିବା ଆବଶ୍ୟକ। ଏହି ଉଦ୍ଦେଶ୍ୟଗୁଡ଼ିକ ସମ୍ପତ୍ତି ଗଢ଼ିବା, ଟିକସ ସଞ୍ଚୟ କରିବା କିମ୍ବା ବଡ଼ ଘର କିଣିବା କିମ୍ବା ପିଲାଙ୍କ ଶିକ୍ଷା ଭଳି ଆର୍ଥିକ ଲକ୍ଷ୍ୟ ହୋଇପାରେ। ଆସେଟ୍ ଆବଣ୍ଟନ ହେଉଛି ବିଭିନ୍ନ ଆସେଟ୍ କ୍ଲାସ୍ ମଧ୍ୟରେ ନିଜର ନିବେଶଗୁଡ଼ିକୁ ବିଭକ୍ତ କରିବାର ପ୍ରକ୍ରିୟା।

ଟିପ୍: ଆସେଟ୍‌ଗୁଡ଼ିକର ଠିକ୍ ସମ୍ମିଶ୍ରଣ ହାସଲ କରନ୍ତୁ । ଅତ୍ୟଧିକ ଡେବ୍ଟ ଆପଣଙ୍କ ରିଟର୍ନଗୁଡ଼ିକ ପ୍ରଭାବିତ କରିପାରେ, ଅତ୍ୟଧିକ ଇକ୍ୱିଟି ଆପଣଙ୍କ ପୁଞ୍ଜି ଉପରେ ରିସ୍କ ଆଣିପାରେ।

## ବଦଳୁଥିବା ଖେଳ ଉପରେ ଧ୍ୟାନ ଦିଅନ୍ତୁ - ପରିସ୍ଥିତି ଅନୁଯାୟୀ ନିବେଶ

ଖେଳ ଆଗକୁ ବଢ଼ିବା ସହିତ ଯେପରି ଆପଣଙ୍କ ଟିମ୍ ତାହାର ରଣନୀତିକୁ ଆଡ୍‌ଜଷ୍ଟ କରିଥାଏ, ସେହିଭଳି ଆପଣଙ୍କ ଆର୍ଥିକ ସ୍ଥିତି ସହ ଆପଣଙ୍କ ନିବେଶ ରଣନୀତି ସୁସଙ୍ଗତ କି ନୁହେଁ ଏହା ସମୀକ୍ଷା କରିବା ଆପଣଙ୍କ ପାଇଁ ଜରୁରୀ। ଉଦାହରଣସ୍ୱରୂପ, ଆପଣଙ୍କ ବୟସ ବଢ଼ିବା ସହିତ, ଆପଣ ଇକ୍ୱିଟି ଫଣ୍ଡରୁ ଡେବ୍ଟ ଫଣ୍ଡକୁ ନିଜ ଟଙ୍କା ସ୍ଥାନାନ୍ତର କରିବା କଥା ବିଚାରକୁ ନେଇପାରନ୍ତି।

ଟିପ୍: ଆପଣ ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) ସହାୟତାରେ ସମାନ ଫଣ୍ଡ ହାଉସ୍‌ର ଗୋଟିଏ ସ୍କିମ୍‌ରୁ ଅନ୍ୟ ସ୍କିମ୍‌କୁ ଟଙ୍କା ସ୍ଥାନାନ୍ତର କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ ?** କ୍ରିକେଟ୍ ହେଉ କି ନିବେଶ, ଭିନ୍ନ ଲକ୍ଷ୍ୟ ଭିନ୍ନ ଯୋଜନା ଆବଶ୍ୟକ କରେ। ନିବେଶ କ୍ଷେତ୍ରରେ, ମ୍ୟୁଚୁଆଲ୍ ଫଣ୍ଡ କିପରି ସହାୟକ ହୋଇପାରିବ ଆସନ୍ତୁ ଦେଖିବା

## ବିଶେଷଜ୍ଞ କୁହନ୍ତି



ପୂର୍ଣ୍ଣେନ୍ଦୁ ରାୟ
ଆର୍ଥିକ ପରାମର୍ଶଦାତା

**ଜଣେ ପାଠକ ଆମକୁ ପଚାରିଛନ୍ତି: ଆସେଟ୍ ଆଲୋକେଶନ୍ ପାଇଁ କୌଣସି ସାଧାରଣ ନିୟମ ଅଛି କି?**

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ଆସେଟ୍ ଆଲୋକେଶନ୍‌ର ପୁରୁଣା ସାଧାରଣ ନିୟମ ହେଉଛି ଆପଣ ନିଜ ବୟସକୁ ୧୦୦ରୁ ବିଯୋଗ କରିବେ – ଏବଂ ଆପଣଙ୍କ ପୋର୍ଟଫୋଲିଓର ସେତିକି ଶତକଡ଼ା ଇକ୍ୱିଟିରେ ରଖିବେ। ଉଦାହରଣସ୍ୱରୂପ, ଯଦି ଆପଣଙ୍କ ବୟସ ୨୫, ତେବେ ଆପଣ ଆପଣଙ୍କ ପୋର୍ଟଫୋଲିଓର ୭୫%କୁ ଷ୍ଟକ୍‌ରେ ରଖିବା ଉଚିତ। ଯଦି ଆପଣଙ୍କ ବୟସ ୭୫ ବର୍ଷ, ତେବେ ଆପଣ ନିଜର ପୋର୍ଟଫୋଲିଓର ୨୫% ଇକ୍ୱିଟି କିମ୍ବା ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ରଖିବା ଆବଶ୍ୟକ। ବୟସ–ଆଧାରିତ ଆସେଟ୍ ଆଲୋକେଶନ୍ ପଛରେ ଥିବା ମୌଳିକ ସିଦ୍ଧାନ୍ତ ହେଉଛି ଆପଣଙ୍କ ବୟସ ବଢ଼ିବା ସହିତ ରିସ୍କ ପ୍ରତି ଆପଣଙ୍କ ପୋର୍ଟଫୋଲିଓର ସଂସ୍ପର୍ଶତା ହ୍ରାସ ପାଇବା ଉଚିତ। ଏଠାରେ, ବିଶେଷଭାବେ ପୋର୍ଟଫୋଲିଓର ଉପାଦାନ ଭାବେ ସମାନୁପାତିକ ଇକ୍ୱିଟିକୁ ଦର୍ଶାଯାଇଛି। ଅନେକ ନିବେଶକ ବିଭିନ୍ନ ଆସେଟ୍ ବର୍ଗ ମଧ୍ୟରେ ସେମାନଙ୍କର ନିବେଶଗୁଡ଼ିକୁ ବିବିଧକୃତ କରିବା ପାଇଁ ଆସେଟ୍ ଆଲୋକେଶନ୍‌ର ପନ୍ଥା ଆପଣାଇଥାନ୍ତି। କିନ୍ତୁ ଅନ୍ୟାନ୍ୟ ନିବେଶକ ଜାଣିଶୁଣି ଏହା କରି ନ ଥାନ୍ତି।

## ଗୁରୁ କୁହନ୍ତି



ସଞ୍ଜୀବ ସେନ୍
ଆର୍ଥିକ ପରାମର୍ଶଦାତା

**ମୁଁ ମୋ ଟଙ୍କାକୁ ଗୋଟିଏ ଫଣ୍ଡରୁ ଅନ୍ୟ ଫଣ୍ଡକୁ ସ୍ଥାନାନ୍ତର କରିବାକୁ ଚାହୁଁଛି। ମୁଁ ଏହା କିପରି କରିବି ?**

ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) ବିକଳ୍ପରେ, ଟାର୍ଗେଟ୍ ଇକ୍ୱିଟି ଫଣ୍ଡ ଓ ଡେବ୍ଟ ଫଣ୍ଡ ସମ୍ପର୍କରେ ନିଷ୍ପତ୍ତି ନେବା, ଏହି ଦୁଇ ଫଣ୍ଡ ମଧ୍ୟରେ ନିୟମିତ ଭିତ୍ତିରେ ପାଣ୍ଠି ସ୍ଥାନାନ୍ତର କରିବା ପ୍ରାଥମିକ ଭାବେ ଜଟିଳ ଓ ଜଞ୍ଜାଳପୂର୍ଣ୍ଣ ମନେ ହୋଇପାରେ। କିନ୍ତୁ, ଏସ୍‌ଟିପି ଯୋଗେ ନିବେଶ କରିବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଅତ୍ୟନ୍ତ ସରଳ ଓ ସମ୍ପାଦନ ପାଇଁ ସହଜ।

ଜଣେ ନିବେଶକଙ୍କୁ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରିବାକୁ ହେବ:

- ନିଜର ନିବେଶ ଖାତାକୁ ସକ୍ରିୟ କରନ୍ତୁ । ଇନ୍/ଅନ୍–ବୋର୍ଡିଂରେ ନିଜର ଅନ୍–ବୋର୍ଡିଂ ସମ୍ପୂର୍ଣ୍ଣ କରନ୍ତୁ ଏବଂ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରନ୍ତୁ।
- ଆପଣ ଯେଉଁ ଇକ୍ୱିଟି ଫଣ୍ଡ କିମ୍ବା ଇକ୍ୱିଟି ଫଣ୍ଡ ପୋର୍ଟଫୋଲିଓ (ଗନ୍ତବ୍ୟ ଫଣ୍ଡ)ରେ ଦୀର୍ଘ–ମିଆଦୀ ନିବେଶ କରିବାକୁ ଚାହୁଁଛନ୍ତି ତାହାକୁ ଚୟନ କରନ୍ତୁ।
- ଆପଣ ଯେଉଁ ଡେବ୍ଟ ଫଣ୍ଡ କିମ୍ବା ଡେବ୍ଟ ଫଣ୍ଡ ପୋର୍ଟଫୋଲିଓ (ଉତ୍ସ ଫଣ୍ଡ) ରେ ଏକକାଳୀନ ଅର୍ଥରାଶି ନିବେଶ କରିବାକୁ ଚାହୁଁଛନ୍ତି ତାହାକୁ ଚୟନ କରନ୍ତୁ ଓ ସେଥିରେ ନିବେଶ କରନ୍ତୁ । ସୁନିଶ୍ଚିତ କରିନିଅନ୍ତୁ ଯେ ଏସବୁ ସମାନ ଫଣ୍ଡ ହାଉସ୍‌ର ଅଟେ।

# ନିଜ ଲକ୍ଷ୍ୟଗୁଡ଼ିକର ପିଛା କରିବା ପାଇଁ ଆପଣ ପ୍ରସ୍ତୁତ ତ?

ଯଦିଓ ଉଚ୍ଚ ରନ୍ ହାର ବାଞ୍ଛନୀୟ, କିନ୍ତୁ ଯଦି ୧୫୦ ରନ୍‌ର ଲକ୍ଷ୍ୟର ପିଛା କରୁଥିବା ଜଣେ ଖେଳାଳି ୫୦୦ ରନ୍ ସ୍କୋର୍ କରିବାର ଲକ୍ଷ୍ୟ ରଖିବେ ନାହିଁ - ଏହା କେବଳ ଉଚ୍ଚ ସ୍କୋରିଂର କଥା ନୁହେଁ, ଏହା ହେଉଛି ଟାର୍ଗେଟ୍‌କୁ ପିଛା କରିବାର କଥା। ଏବଂ, ନିବେଶ କରିବା ସମୟରେ ମଧ୍ୟ ଆପଣ ଏକଥାକୁ ଧ୍ୟାନରେ ରଖିବା ଜରୁରୀ - ଏହା ଉଚ୍ଚ ରିଟର୍ନ ପାଇବା ପାଇଁ ନୁହେଁ, ଏହା ନିଜ ଲକ୍ଷ୍ୟକୁ ପିଛା କରିବା ପାଇଁ।

ନିଜ ଲକ୍ଷ୍ୟଗୁଡ଼ିକ ପାଇଁ ନିବେଶ କରିବା ପୂର୍ବରୁ ବିଚାରକୁ ନେବାଯୋଗ୍ୟ କେତେକ କଥା:

- ଚଳିତ ଆର୍ଥିକ ସ୍ଥିତି
- ରିସ୍କ ନେବାର ସାମର୍ଥ୍ୟ
- ନିବେଶ ମିଆଦ
- ପ୍ରତ୍ୟାଶିତ ରିଟର୍ନ
- ଟିକସ
- ପ୍ରସ୍ଥାନ ଭାର ଓ ଶୁଳ୍କ

ଆମ କ୍ରିକେଟର୍‌ମାନେ ୨୦-ଓଭର ଓ ୫୦-ଓଭର ବିଶିଷ୍ଟ ମ୍ୟାଚ୍‌କୁ ସମାନ ପଦ୍ଧତିରେ ଖେଳି ନ ଥାନ୍ତି। ନିବେଶରେ ମଧ୍ୟ, ଭିନ୍ନ ଲକ୍ଷ୍ୟ ବା ଟାର୍ଗେଟ୍ ପାଇଁ ଭିନ୍ନ ଗେମ୍ ପ୍ଲାନ୍ ଆବଶ୍ୟକ ହୋଇଥାଏ।

## ମ୍ୟୁଚୁଆଲ୍ ଫଣ୍ଡ ସହିତ ଲକ୍ଷ୍ୟଗୁଡ଼ିକର ପିଛା କରିବା

| ଲକ୍ଷ୍ୟ | ପିଛା କରନ୍ତୁ | କାହିଁକି |
|---|---|---|
| ଜରୁରିକାଳୀନ ପରିସ୍ଥିତିଗୁଡ଼ିକ ପାଇଁ ଆର୍ଥିକ ଭାବେ ପ୍ରସ୍ତୁତ ରହିବା | ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡ ସହିତ | ଏହା ବ୍ୟାଙ୍କ ସଞ୍ଚୟ ଖାତା ତୁଳନାରେ ଉଚ୍ଚତର ରିଟର୍ନ ପ୍ରଦାନ କରିଥାଏ। ଏହାର ନାମ ସୂଚାଉଥିବା ଅନୁଯାୟୀ, ଏପରି ଫଣ୍ଡଗୁଡ଼ିକ ଲିକ୍ୱିଡ୍ ହୋଇଥାଏ, ଏଗୁଡ଼ିକୁ ସହଜରେ ଏବଂ ତତ୍କାଳ ମୁକୁଳାଇହୁଏ। ତେଣୁ, ସ୍ୱଳ୍ପ ଅବଧି ପାଇଁ ନିଜର ବଳକା ଟଙ୍କାକୁ ପାର୍କ କରିବା ଏବଂ ଜରୁରିକାଳୀନ ପାଣ୍ଠି ଗଢ଼ିବା ପାଇଁ ଏହା ଆଦର୍ଶ ଅଟେ। |
| ସ୍ୱଳ୍ପ ତଥା ମଧ୍ୟମ-ମିଆଦୀ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା | ଡେବ୍ଟ ତଥା ହାଇବ୍ରିଡ୍ ମ୍ୟୁଚୁଆଲ୍ ଫଣ୍ଡ ସହିତ | ଏହା ସ୍ୱଳ୍ପ-ରୁ-ମଧ୍ୟମ ରିଟର୍ନ ଯୋଗାଇଥାଏ, ଏବଂ ଯେହେତୁ ଏହାର ସ୍ୱଳ୍ପ-ରୁ-ମଧ୍ୟମ ରିସ୍କ ରହିଥାଏ, ତେଣୁ ଏପରି ଫଣ୍ଡଗୁଡ଼ିକ ଆପଣଙ୍କ ନିବେଶ ପୋର୍ଟଫୋଲିଓରେ ସ୍ଥିରତା ଯୋଗ କରିପାରିଥାଏ। |
| ମୁଦ୍ରାସ୍ଫୀତିକୁ ପରାଜିତ କରିବା ଏବଂ ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ କରିବା | ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ | ଇକ୍ୱିଟି ଏକ ଅସ୍ଥିର ଆସେଟ୍ କ୍ଲାସ୍ ହୋଇପାରେ, କିନ୍ତୁ ଦୀର୍ଘ ମିଆଦରେ ଉଚ୍ଚ ରିଟର୍ନ ଯୋଗାଇବାର ସାମର୍ଥ୍ୟ ଏହାର ରହିଛି। ଏପରି ଫଣ୍ଡଗୁଡ଼ିକ ମୁଦ୍ରାସ୍ଫୀତିକୁ ପରାଜିତ କରିବା ପାଇଁ ଆଦର୍ଶ। |
| ଟିକସ ସଞ୍ଚୟ କରିବା | ଇକ୍ୱିଟି-ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ (ଇଏଲ୍‌ଏସ୍‌ଏସ୍) | ଆପଣ ନିବେଶଗୁଡ଼ିକ ଉପରେ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ଟିକସ ସଞ୍ଚୟ କରିପାରିବେ। ଆପଣଙ୍କୁ ଏକକାଳୀନ ନିବେଶ କରିବାର ଆବଶ୍ୟକତା ନାହିଁ। ଆପଣ ସିଷ୍ଟମାଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ନିବେଶ କରି ଟିକସ ସଞ୍ଚୟ କରିପାରିବେ। |
| ଅବସରକାଳ ପାଇଁ ସଞ୍ଚୟ କରିବା | ରିଟାୟାରମେଣ୍ଟ ଫଣ୍ଡ | ସମାଧାନ-ଅଭିମୁଖୀ ମ୍ୟୁଚୁଆଲ ଫଣ୍ଡ ହାଇବ୍ରିଡ୍ ପ୍ରକୃତିର ହୋଇଥାଏ ଏବଂ ୫ ବର୍ଷର ଲକ୍-ଇନ୍ ଅବଧି ସହିତ ଆସିଥାଏ। ତେଣୁ, ଆପଣ ଏକ ସମର୍ପିତ ଏବଂ ଅପେକ୍ଷାକୃତ ସୁରକ୍ଷିତ ଉପାୟରେ ଅବସରକାଳ ପାଇଁ ସଞ୍ଚୟ କରିପାରିବେ। ଅବସରଗ୍ରହଣ କରିବା ପରେ, ଆପଣ ଏକ ବ୍ୟବସ୍ଥିତ ଉପାୟରେ ନିଜର ଅବସରକାଳୀନ ଟଙ୍କାକୁ ବ୍ୟବହାର କରିବା ପାଇଁ ସିଷ୍ଟମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି)ର ବିକଳ୍ପ ବାଛିପାରନ୍ତି। |

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

### କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଳାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ଆପଣଙ୍କ ପ୍ରିୟ ଖେଳ ଓ ନିବେଶ ମଧ୍ୟରେ ଆଗ୍ରହ ଉଦ୍ରେକକାରୀ ସମାନତା ସମ୍ପର୍କରେ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି:

**ଭ୍ରାନ୍ତ ଧାରଣା: ରକ୍ଷଣାତ୍ମକ ଖେଳ ସର୍ବଦା ସହାୟକ ହୋଇଥାଏ**

*ଜଣେ ଜ୍ଞାନୀ ଲୋକ ଥରେ କହିଥିଲେ: "ରକ୍ଷଣାତ୍ମକ ଖେଳ ଆମେ ନେଉଥିବା ସବୁଠାରୁ ରିସ୍କପୂର୍ଣ୍ଣ ପସନ୍ଦ ହୋଇପାରେ।" କ୍ରିକେଟ୍ ହେଉ କି ନିବେଶ, ଯାଠାରୁ ବଡ଼ ସତ୍ୟ ଆଉ କିଛି ନାହିଁ।*

**ରିସ୍କ ଓ ପ୍ରତିଫଳ ମଧ୍ୟରେ ସନ୍ତୁଳନ ରକ୍ଷା**

ରୋମାଞ୍ଚକ ଖେଳ କ୍ରିକେଟ୍‌ରେ, ଆଉଟ୍ ହୋଇଯିବାର ଭୟରେ ବ୍ୟାଟ୍ସମ୍ୟାନ୍ ବଡ଼ ଷ୍ଟ୍ରାଇକ୍ କରିବାର ସୁଯୋଗକୁ ହାତଛଡ଼ା କରିପାରିବେ ନାହିଁ । ଏହି ରିସ୍କ ହୁଏତ ତାଙ୍କୁ ବଡ଼ ହିଟ୍ ଦେଇପାରେ। ସେହିଭଳି, ସୁଯୋଗ ଆସିଲେ ଜଣେ ଫିଲ୍ଡର୍ ତାଙ୍କ ଆଡ଼କୁ ଆସୁଥିବା କ୍ୟାଚ୍‌କୁ ହାତଛଡ଼ା କରିବାକୁ ଚାହିଁବେ ନାହିଁ । ଯାହା ବି ହେଉ ନା କାହିଁକି, କ୍ୟାଚ୍ ଜିତାଏ ମ୍ୟାଚ୍।

ସେହିଭଳି, ମ୍ୟୁଚୁଆଲ ଫଣ୍ଡ ନିବେଶ ସହିତ ରିସ୍କଗୁଡ଼ିକ ଜଡ଼ିତ ଥାଏ କିନ୍ତୁ ସେଗୁଡ଼ିକ ସହିତ ପ୍ରତିଫଳ ମଧ୍ୟ ସଂଲଗ୍ନ ଥାଏ। ଆହୁରିମଧ୍ୟ, ରିସ୍କକୁ ବିବିଧକୃତ କରିବା ପାଇଁ ମଧ୍ୟ ଉପାୟଗୁଡ଼ିକ ଅଛି।

ଇକ୍ୱିଟି ଲିଙ୍କ୍‌ଡ ସେଭିଂ ସ୍କିମ୍ (ଇଏଲ୍‌ଏସ୍‌ଏସ୍) ଏବଂ ୫–ବର୍ଷିଆ ସ୍ଥାୟୀ ଜମା ବା ଏଫ୍‌ଡି ଉଭୟ ଯଦିଓ ଆପଣଙ୍କୁ ନିବେଶ ଉପରେ ବାର୍ଷିକ ୧.୫ ଲକ୍ଷ ସଞ୍ଚୟ କରିବାରେ ସହାୟତା କରେ କିନ୍ତୁ ତାହା ଯଥେଷ୍ଟ ପ୍ରତିଫଳଦାୟୀ କି?



ଆସନ୍ତୁ ଯାଞ୍ଚ କରିବା:

| ସ୍ଥାୟୀ ଜମା | ବିବରଣୀ | ଇଏଲ୍‌ଏସ୍‌ଏସ୍ |
|---|---|---|
| ସ୍ୱଳ୍ପ | ରିସ୍କ | ଉଚ୍ଚ |
| ୫ ବର୍ଷ | ଲକ୍-ଇନ୍ ଅବଧି | ୩ ବର୍ଷ |
| ନା | ନିବେଶଗୁଡ଼ିକୁ ବ୍ୟାପ୍ତ କରାଯାଇପାରିବ କି | ହଁ, ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ |
| ୭.୬୦% | ୧୦ ବର୍ଷର କମ୍ପାଉଣ୍ଡ ବାର୍ଷିକ ବୃଦ୍ଧି ହାର (ସିଏଜିଆର୍) | ୧୩.୯୩% |

ସୌଜନ୍ୟ: ଏସ୍‌ବିଆଇ, ଅର୍ଥ ମନ୍ତ୍ରଣାଳୟ, ଏମ୍‌ଏଫ୍‌ଆଇଇ

ଜାନୁୟାରୀ-୦୯ରୁ ଜାନୁୟାରୀ-୧୮ ପର୍ଯ୍ୟନ୍ତ ପ୍ରତିବର୍ଷ ୧ ଜାନୁୟାରୀରେ ପ୍ରତ୍ୟେକ ଟିକସ ସଞ୍ଚୟ ବିକଳ୍ପରେ ନିବେଶ କରାଯିବା କ୍ଷେତ୍ରରେ। ତଥ୍ୟ ୩୧ ଡିସେମ୍ବର, ୨୦୧୮ ସୁଦ୍ଧା।

**ସାର କଥା:**
**କ୍ରିକେଟ୍ ହେଉ କି ନିବେଶ, ସାମାନ୍ୟ ରିସ୍କ ନେବା ଦ୍ୱାରା ଆପଣଙ୍କୁ ପ୍ରତିଫଳ ମିଳିପାରେ। ବିଜ୍ଞତାର ସହିତ ଚୟନ କରନ୍ତୁ!**

## ଜାଣିବା କଥା



ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ବା ଆଇପିଏଲ୍ ହେଉଛି ଏକ ଟି୨୦ କ୍ରିକେଟ୍ ଲିଗ୍ ଯାହା ୨୦୦୮ଠାରୁ କ୍ରିକେଟ୍ ପ୍ରଶଂସକଙ୍କ ମନ ମୋହିନେଇଛି। ଏହା ପ୍ରତିବର୍ଷ ମାର୍ଚ୍ଚ/ଏପ୍ରିଲ ଓ ମେ ମାସରେ ଖେଳାଯାଇଥାଏ। ବିଭିନ୍ନ ଭାରତୀୟ ସହରର ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ଟିମ୍ ଆଇପିଏଲ୍ ଟ୍ରଫି ଜିତିବା ପାଇଁ ଖେଳିଥାନ୍ତି। ଏହି ଲିଗ୍‌ର ଏକ ଉଲ୍ଲେଖନୀୟ କଥା ହେଉଛି ଟିମ୍‌ଗୁଡ଼ିକ ଉଭୟ ଭାରତୀୟ ତଥା ବିଦେଶୀ ଖେଳାଳିମାନଙ୍କୁ ନେଇ ଗଠିତ ହୋଇଥାଏ।

**ଏସ୍‌ଆଇପି ଆପଣଙ୍କୁ ଜିତାଇବାର କ୍ଷମତା ରଖୁଥିବା ଗେମ୍ ଚେଞ୍ଜର୍ ହୋଇପାରିବ !**

ବିଜୟ ପାଇଁ ପ୍ରସ୍ତୁତ ହେବା ଲାଗି ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ପରବର୍ତ୍ତୀ ସଂସ୍କରଣରେ: ସନ୍ତାନମାନେ ଜୀବନରେ ଯେପରି ସବୁକିଛି ସର୍ବୋତ୍ତମ ପାଆନ୍ତି ଏହା ପ୍ରତ୍ୟେକ ମା' କାମନା କରିଥାଏ।**
**ପରବର୍ତ୍ତୀ ସଂସ୍କରଣରେ, ମ୍ୟୁଚୁଆଲ ଫଣ୍ଡ କିପରି ଯୁବ ମା'ମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ସହାୟତା କରିପାରିବ ତାହା ଉପରେ ନଜର ପକାଇବା।**

LIVE — ଯୁବ ମା'ମାନଙ୍କ ପାଇଁ ନିବେଶ ରଣନୀତି ସମ୍ପର୍କରେ ଅଧିକ ଜାଣିବା ପାଇଁ, ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍ ଶୋ': 'ହେ ଯୁବ ମା'ମାନେ, ନିଜ ଆର୍ଥିକ ସ୍ଥିତିକୁ ଶୀର୍ଷକୁ ନେବାର ସମୟ ଆସିଯାଇଛି'ରେ ଟ୍ୟୁନ୍ ଇନ୍ କରନ୍ତୁ ୨୫ ଏପ୍ରିଲ, ୨୦୧୯ ଅପରାହ୍ନ ୫.୦୦ ଘଟିକା ପରଠାରୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUALFUNDS Sahi Hai
uti UTI Mutual Fund
Haq, ek behtar zindagi ka.




Contact your mutual fund distributor or give a missed call on 8655097225.

ବଜାରର ଜଟିଳତାକୁ ବୁଝିବା, ଅନୁସନ୍ଧାନ କରିବା ଏବଂ ବୈଷୟିକ ବିଶ୍ଳେଷଣର ପ୍ରୟାସ କରିବା ନିରୁତ୍ସାହିତ ହୋଇପାରେ।
ଉତ୍ତମ ଖବର ଏହା ଅଟେ କି, ଏକ ଶୃଙ୍ଖଳିତ ନିବେଶ ଦୃଷ୍ଟିକୋଣ ଆପଣଙ୍କୁ ଏହି ସବୁରେ ସାହାଯ୍ୟ କରେ।
**ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି):**
ସମୟ–ସମୟରେ ବିଶେଷ ମ୍ୟୁଚୁଆଲ୍ ଫଣ୍ଡ ଯୋଜନାରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ନିଶ୍ଚିତ ରାଶି ନିବେଶ କରିବାର ଏହି ପ୍ରକ୍ରିୟା ମାଧ୍ୟମରେ ନିବେଶର ଏକ ଶୃଙ୍ଖଳ ବନାନ୍ତୁ।
**ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍‌ଟିପି):**
ପୂର୍ବ ଅଧିକୃତ ଧନରାଶିରୁ ଏକ ନିଶ୍ଚିତ ବା ପରିବର୍ତ୍ତନଶୀଳ ରାଶିକୁ ଅନ୍ୟ ଫଣ୍ଡରେ ଙ୍କ ନିୟମିତ ଟ୍ରାନ୍ସଫରକରିବାର ଏକ ପ୍ରକ୍ରିୟା* ।
**ସିଷ୍ଟମେଟିକ୍ ୱିଥଡ୍ରଲ୍ ପ୍ଲାନ୍ (ଏସ୍‌ଡବ୍ଲୁପି):**
ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଏକ ନିଶ୍ଚିତ ତାରିଖରେ ଫଣ୍ଡରୁ ନିଶ୍ଚିତ ରାଶି ଉଠାଣରେ ଆପଣଙ୍କୁ ସାହାଯ୍ୟ କରେ#।

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା
Visit us at www.utiswatantra.com
Follow us on f t in
Scan this QR code to know more.

*ଟ୍ରାନ୍ସଫର୍ କେବଳ ସମାନ ମ୍ୟୁଚ୍ୟୁଆଲ୍ ଫଣ୍ଡର ଦୁଇଟି ସ୍କିମ୍ ମଧ୍ୟରେ କରାଯାଇ ପାରିବ । #ଏହା ଖାତାରେ ବକେୟା ରାଶିର ଉପଲବ୍ଧତା ଅଧୀନ ଅଟେ ।

ମ୍ୟୁଚୁଆଲ୍ ପଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ।

# ବିକାଶ ହିଁ ହେବ ମାପକାଠି

ହେମନ୍ତ ନାୟକ/କିଶୋର ମହାପାତ୍ର
ପୁରୀ ଅଫିସ/ସାକ୍ଷୀଗୋପାଳ,୨୧।୪ (ଡି.ଏନ୍.ଏ.)

## ସତ୍ୟବାଦୀ ନିର୍ବାଚନମଣ୍ଡଳୀ

ଖରା ଆସିଲେ କଣାସରେ ପାଣି ପାଇଁ ହାହାକାର ପଡ଼େ, ବର୍ଷାଋତୁରେ ବନ୍ୟାପାଣି ଧାନ ଚାଷକୁ ଗିଳି ପକାଏ। ଏହି ସମସ୍ୟା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ବାସ୍ତବତା, ପଞ୍ଚସଖାଙ୍କ ସ୍ମୃତିପୀଠର ବିକାଶ ଏବଂ କୃଷକଙ୍କ ଦୁର୍ଦ୍ଦଶା ଭଳି ପ୍ରସଙ୍ଗ ଏଥର ମତଦାନକୁ ପ୍ରଭାବିତ କରିବ ବୋଲି କହୁଛନ୍ତି ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର। ବହୁ ସମସ୍ୟାରେ ଜର୍ଜରିତ ଭୋଟରମାନେ ଏଭଳି ୨ଜଣ ପ୍ରାର୍ଥୀଙ୍କୁ ବାଛିବାକୁ ସ୍ଥିର କରିଛନ୍ତି, ଯିଏ ବିଧାନସଭାରେ ସତ୍ୟବାଦୀର ବିକାଶ ପାଇଁ ଲଢ଼େଇ କରିବେ ଏବଂ





ଉମାକାନ୍ତ ସାମନ୍ତରାୟ　ଓମ୍‌ପ୍ରକାଶ ମିଶ୍ର　ପ୍ରସାଦ ହରିଚନ୍ଦନ

ପାର୍ଲାମେଣ୍ଟରେ ନିର୍ବାଚନମଣ୍ଡଳୀର ହକ୍ ମାଗିପାରିବେ।

ପୁରୀ ଲୋକ ସଭା ଆସନ ଅଧୀନ ଏହି ନିର୍ବାଚନମଣ୍ଡଳୀ କଣାସ ବ୍ଲକର ୨୮ ଏବଂ ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତକୁ ନେଇ ଗଠିତ। ଏହି ଆସନ କେବେ ବିଜେଡିକୁ ବିଜୟ ଦେଇନି। ୨୦୦୦ରୁ ୨୦୧୪ ମଧ୍ୟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ରାଜ୍ୟବ୍ୟାପୀ ବିଜେଡିର ପ୍ରଭାବ ରହିଥିବା ବେଳେ ସତ୍ୟବାଦୀରେ ଭିନ୍ନତା ଦେଖିବାକୁ ମିଳିଛି। ଦୁଇଥର କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଦୁଇଥର ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଅବଶ୍ୟ ପରବର୍ତ୍ତୀ ସମୟରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜେଡିରେ ସାମିଲ ହୋଇଛନ୍ତି। କିନ୍ତୁ ବିଜେଡି ଟିକେଟ ପାଇଥିବା ପ୍ରାର୍ଥୀଙ୍କୁ ହିଁ ସର୍ବଦା ପରାଜୟ ସାମ୍ନା କରିବାକୁ ପଡ଼ିଛି। ୨୦୧୪ରେ ରମାରଞ୍ଜନ ବଳିୟାର ସିଂହ ବିଜେଡି ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କଠାରୁ ପରାସ୍ତ ହୋଇଥିଲେ। ପୂର୍ବରୁ ଉମାଙ୍କୁ ବିଜେଡି ନିଲମ୍ବିତ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲା। ଏଥର ଉମାକାନ୍ତ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ପ୍ରସଙ୍ଗ କରି ଉମା ଭୋଟରଙ୍କ ପାଖକୁ ଯାଇଛନ୍ତି।

ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଦୀର୍ଘଦିନର ରାଜନୈତିକ ଅଭିଜ୍ଞତା ରଖିଥିବା ପ୍ରସାଦ ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ଥିଲେ। କିନ୍ତୁ ୧୯୯୫, ୨୦୦୦ ଏବଂ ୨୦୦୯ରେ ପ୍ରସାଦ ଏଠାରେ ବିଜୟୀ ହୋଇଥିଲେ। ରାଜ୍ୟ ରାଜନୀତିରେ ବେଶ୍ ପ୍ରଭାବଶାଳୀ ରହିଥିବା ପ୍ରସାଦଙ୍କ ପାଇଁ ଏଥର ସମ୍ମାନର ପ୍ରଶ୍ନ ହୋଇଛି। ତେଣୁ ଜିତିବା ପାଇଁ ତାଙ୍କର ସମସ୍ତ ବଳ, କୌଶଳ ଲଗାଇ ଦେଇଛନ୍ତି। ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକଜୁଟ କରିବାରେ ସେ କେତେଦୂର ସଫଳ ହୋଇଛନ୍ତି ଏବଂ ଏହା ଭୋଟରେ କେତେଦୂର ପ୍ରତିଫଳିତ ହେଉଛି ତାହା ଫଳାଫଳ ହିଁ ସ୍ପଷ୍ଟ କରିବ।

ଗତଥର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିବା ଓମ୍‌ପ୍ରକାଶ ମିଶ୍ର ଏଥର ଭାଜପା ପ୍ରାର୍ଥୀ ହୋଇଛନ୍ତି। ଜଣେ ଯୁବ ସଙ୍ଗଠକ ଭାବେ ଜଣାଶୁଣା ଓମ୍‌ପ୍ରକାଶ ଉଭୟ ବିଜେଡି ଏବଂ କଂଗ୍ରେସକୁ ଚ୍ୟାଲେଞ୍ଜ ଦେବା ଲାଗି ଜୋର୍‌ଦାର ପ୍ରସ୍ତୁତିରେ ଲାଗିଛନ୍ତି। କେନ୍ଦ୍ରର ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା, ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ଆରମ୍ଭ ନ ହେବା ଏମିତି ଅନେକ ପ୍ରସଙ୍ଗକୁ ଧରି ଭୋଟରଙ୍କୁ ଆକୃଷ୍ଟ କରିଛନ୍ତି। ସେହିପରି ଆଉଜଣେ ପ୍ରାର୍ଥୀ ବିଏସ୍‌ପିର ପ୍ରଭାତ କୁମାର ଭୋଇ ଏବଂ ହିନ୍ଦୁସ୍ଥାନ ନିର୍ମାଣ ଦଳର କୈଳାସ ଚନ୍ଦ୍ର ବରାଳ ବିଭିନ୍ନ ସ୍ଥାନୀୟ ପ୍ରସଙ୍ଗରେ ମତଦାତାଙ୍କୁ ସଚେତନ କରାଇ ଭୋଟ ଦେବାକୁ ନିବେଦନ କରିଛନ୍ତି। ମୋଟ ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଲଢ଼େଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେଉଥିବା କୁହାଯାଉଛି।

ଅନ୍ୟପକ୍ଷରେ ଭୋଟର ନିର୍ବାଚନମଣ୍ଡଳୀର ବିକାଶ ପ୍ରସଙ୍ଗକୁ ଗଣ୍ଠି କରିଛନ୍ତି। ଯେଉଁ ପ୍ରାର୍ଥୀ କ୍ଷମତାକୁ ଆସିଲେ ତାଙ୍କ ଅଞ୍ଚଳର ବିକାଶ କରିବେ ସେହିଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ମନସ୍ଥ କରିଛନ୍ତି। ଭୋଟର ନରହରି ସିଂହ କହିଛନ୍ତି, ଯିଏ ସତ୍ୟବାଦୀ ବିକାଶର ସାରଥି ହେବେ ଏବଂ ନିର୍ବାନମଣ୍ଡଳୀବାସୀଙ୍କ ଭଲରେ ମନ୍ଦରେ ପହଞ୍ଚିବେ ତାଙ୍କୁ ହିଁ ଭୋଟର ଭୋଟ ଦେବେ ବୋଲି ସେ ଭାବୁଛନ୍ତି। ଅନ୍ୟ ଜଣେ ମତଦାତା ରାଜକିଶୋର ସାହୁ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାର ସୁଫଳ ଦଳୀୟ କର୍ମୀ ପାଉଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ୬ ମାସ ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ବି ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ତେଣୁ ଏ ସବୁକୁ ବିଚାର କରି ଜଣେ ଯୋଗ୍ୟ, ଜ୍ଞାନୀ ଏବଂ କାମ କରିବାର ଜିଜ୍ଞାସା ରଖିଥିବା ପ୍ରାର୍ଥୀ ବିଜୟୀ ହେବା ଦରକାର। ତାଙ୍କ ମତରେ ସତ୍ୟବାଦୀର ବିକାଶ ହିଁ ପ୍ରାର୍ଥୀଙ୍କୁ ବାଛିବା ଲାଗି ମାପକାଠି ହେବ। ଅନ୍ୟଜଣେ ଭୋଟର ପ୍ରଶାନ୍ତ ବୈରୀଶଳ କହିଛନ୍ତି, କଣାସରେ ଜଳ ସମସ୍ୟା ସବୁବେଳେ ରହିଛି। ଖରାଦିନେ ପାଣିର ଅଭାବ ରହୁଥିବା ବେଳେ ବର୍ଷାଦିନେ ବନ୍ୟା ଦାଉ ସାଧିଥାଏ। ତେଣୁ ଏହାର ସ୍ଥାୟୀ ସମାଧାନ ହେବା ଦରକାର। ଏହାକୁ ଏଥର ଭୋଟର ପ୍ରସଙ୍ଗ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ମତଦାନ କଲେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସାଧନ ହୋଇପାରନ୍ତା। ତେଣୁ କାହା କଥାରେ ପ୍ରଲୋଭିତ ନ ହୋଇ ନିଜ ଇଚ୍ଛା ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ଦରକାର ବୋଲି ସେ କହିଛନ୍ତି।

## ମୟୂରଭଞ୍ଜରେ ଜୋରଦାର ପ୍ରଚାର ଲାଗି ଭାଜପାର ରଣନୀତି

# ପ୍ରବୀଣଙ୍କ ହାତରେ ରହିବ ପ୍ରଚାର ମଙ୍ଗ

ବାରିପଦା ଅଫିସ,୨୧।୪

ମୟୂରଭଞ୍ଜ ଜିଲାରେ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ଜୋରଦାର କରିବା ଲାଗି ଭାଜପା ରଣନୀତି ପ୍ରସ୍ତୁତ କରିଛି। ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ମୋରଡା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ ଜିଲାରେ ଦଳ ଲାଗି ପ୍ରଚାର ମଙ୍ଗ ଧରିବେ। ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏନେଇ ରବିବାର ରାତିରେ ଦଳୀୟ କାର୍ଯ୍ୟାଳୟରେ ୨୦ ଜଣିଆ ପ୍ରଚାର କମିଟିର ସ୍ୱତନ୍ତ୍ର ବୈଠକ ଡକାଯାଇଛି। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଏଥିରେ ଯୋଗ ଦେବା ସାଙ୍ଗକୁ ମୟୂରଭଞ୍ଜରେ ଡେରା ପକାଇ ଦଳ ପାଇଁ କାର୍ଯ୍ୟ କରିବେ। ଆସନ୍ତା ୨୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ଲାଗି ଆସୁଛନ୍ତି। ଏହାବାଦ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପ୍ରଚାର ଲାଗି ଆସିବେ ବୋଲି ବାରିପଦା ବିଜୁ ପଟ୍ଟନାୟକ ଗୋଲେଇ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଭାଜପାର ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ ଏହି ସୂଚନା ଦେଇ କହିଥିଲେ, ଏଥର ସାଧାରଣ ନିର୍ବାଚନରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳର ପୁନରାବୃତ୍ତି ହେବ। ଜିଲାରେ ବିଜେଡିର ୨ ଜଣ ଏମପି ଓ ୯ ଜଣ ବିଧାୟକ ଥିବା ସତ୍ତ୍ୱେ ପଞ୍ଚାୟତ ନିର୍ବାଚନରେ ଜନମତ ଭାଜପା ସପକ୍ଷରେ ଯାଇଥିଲା। ମୋଟ ୫୬ ଜିଲା ପରିଷଦ ଆସନ ମଧ୍ୟରୁ ୪୯ ଆସନକୁ ଭାଜପା କବ୍‌ଜା କରିଥିଲା। ଏଥର ସାଧାରଣ ନିର୍ବାଚନରେ ନୂତନ ଓଡିଶା ଗଠନ ଲାଗି ଭାଜପା ୯ ଟି ସଙ୍କଳ୍ପ ଘୋଷଣା କରିଛି। ଏଥିରେ ସବୁ ସ୍ତରର ଲୋକଙ୍କୁ ବିଭିନ୍ନ ସବୁଧା ଓ ରୋଜଗାର ଆଦି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଗତ ୧୮ ବର୍ଷ ମଧ୍ୟରେ ବିଜେଡି ୩୬ଟି ଦୁର୍ନୀତିରେ ବୁଡି ରହିଛି। ମୟୂରଭଞ୍ଜ ଲୋକ ସଭା ସଦସ୍ୟ ଚିଟ୍‌ଫଣ୍ଡ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜଣେ ପ୍ରଶାସନିକ ଅଧିକାରୀ ଏଠାରେ ଲୁଟତରାଜ କରୁଥିବା ବେଳେ ବିଜେଡିର ବିଧାୟକ ଓ ଏମପିମାନେ ତାଙ୍କୁ ସୁରକ୍ଷା ଦେଇ ଆସୁଥିଲେ। ପୁରୁଣା ପ୍ରାର୍ଥୀଙ୍କ ପ୍ରତି ଜନ ସମର୍ଥନ ନ ଥିବା ସନ୍ଦେହ କରି ବିଜେଡି ଏଥର ସେମାନଙ୍କ ଟିକେଟ କାଟି ନୂତନ ପ୍ରାର୍ଥୀଙ୍କୁ ମଇଦାନରେ ଛାଡିଛି। କିନ୍ତୁ ଆରମ୍ଭରୁ ତୃଣମୂଳ ସ୍ତରରେ ଲୋକଙ୍କ ସହିତ ରହି କାର୍ଯ୍ୟ କରୁଥିବା ପ୍ରତିନିଧିଙ୍କୁ ଭାଜପା ଟିକେଟ ଦେଇଛି। ବିଜେଡରେ ଅଣନିଃଶ୍ୱାସୀ ହୋଇ ଦଳ ଛାଡିଥିବା ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଜିଲାରେ ଭାଜପାର ପ୍ରଚାରର ମଙ୍ଗ ଧରିବା ପରେ ଏହା ଦଳକୁ ଅଧିକ ଶକ୍ତିଶାଳୀ କରିବ। ଏହି ଖବରଦାତା ସମ୍ମିଳନୀରେ ପ୍ରବୀଣଚନ୍ଦ୍ରଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ପୂର୍ବତନ ବିଧାୟକ ବିରାମ ମୁର୍ମୁ, ବରିଷ୍ଠ ନେତା ଛୋଟେଲାଲ ମହାନ୍ତ, ନରୋତ୍ତମ ପାଣିଗ୍ରାହୀ ଅବନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**୨୦ ଜଣିଆ ପ୍ରଚାର କମିଟିର ସ୍ୱତନ୍ତ୍ର ବୈଠକ**

■ ପଞ୍ଚାୟତ ନିର୍ବାଚନ ଫଳାଫଳ ଦୋହରାଇବା ନେଇ ଦୃଢୋକ୍ତି




ଖବରଦାତା ସମ୍ମିଳନୀରେ ଉପସ୍ଥିତ ରାଜ୍ୟ ମୁଖପାତ୍ର ଜୀବନ ସାହୁ ଓ ମୋରଡା ବିଧାୟକ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ ଏବଂ ଅନ୍ୟ ନେତୃବୃନ୍ଦ।

### ଭାଜପା ଦିବାସ୍ୱପ୍ନ ଦେଖୁଛି: ବିଜେଡି

ଖବରଦାତା ସମ୍ମିଳନୀରେ ଭାଜପା ଦେଇଥିବା ମତାମତ ସମ୍ପର୍କରେ ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତି କହିଛନ୍ତି, ଯେ ଭାଜପା ଏବେ ଦିବାସ୍ୱପ୍ନ ଦେଖୁଛି। ପଞ୍ଚାୟତ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ପାଇଥିଲେ ବି ଭାଜପା ଜିଲାବାସୀ ପାଇଁ ସେଭଳି କିଛ ଆଖିଦୃଶିଆ କାର୍ଯ୍ୟ କରିନାହିଁ। ମୟୂରଭଞ୍ଜବାସୀ ସରଳ ବିଶ୍ୱାସୀ ହୋଇ ପାରନ୍ତି, ହେଲେ ଠିକଣା ସମୟରେ ଠିକ ଜବାବ ଦେଇ ଶିଖିଛନ୍ତି। ପଞ୍ଚାୟତ ନିର୍ବାଚନ ଓ ସାଧାରଣ ନିର୍ବାଚନ ମଧ୍ୟରେ ପାର୍ଥକ୍ୟ ରହିଛି। ସେତେବେଳର ପରିସ୍ଥିତି ଅଲଗା ଥିଲା। ବର୍ତ୍ତମାନ ସମଗ୍ର ଜିଲାରେ ବିଜେଡି ସଂଗଠନ ଦୃଢ଼ ରହିଛି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ କାର୍ଯ୍ୟଶୈଳୀ ଆଗରେ ଦିନେ ଅଧେ ଜିଲାକୁ ଆସୁଥିବା ଦିଲ୍ଲୀର ନେତାଙ୍କ ପ୍ରଚାର କାମ ଦେବ ନାହିଁ। ସମୟ ଆସିଲେ ଭାଜପା ନେତାମାନେ ଏହା ବୁଝି ପାରିବେ ବୋଲି ଦେବାଶିଷ କହିଥିଲେ।

# ଠିକ ନିଷ୍ପତ୍ତି ସବୁଠୁ ମୂଲ୍ୟବାନ

ମଙ୍ଗଳବାର ହେବ ତୃତୀୟ ପର୍ଯ୍ୟାୟ ଭୋଟ। ଭୁବନେଶ୍ୱର, କଟକ ସମେତ ୬ ଲୋକ ସଭା ଓ ୪୨ ବିଧାନସଭା ଆସନ ପାଇଁ ହେବ ମତଦାନ। ରବିବାରଠାରୁ ପ୍ରଚାର ସରିବା ପରେ ରାତିରୁ ଆରମ୍ଭ ହୋଇଛି ଭିତିରି ଅଭିଯାନ। ଭୋଟରଙ୍କୁ ମନାଇବାକୁ ଶେଷ ପ୍ରୟାସ ଚଳାଇଛନ୍ତି ପ୍ରାର୍ଥୀ, ନେତା ଓ କର୍ମୀ। କିଏ ପିନ୍ଧିବ ବିଜୟ ମୁକୁଟ, ଆଉ କିଏ ହେବେ ପ୍ରତ୍ୟାଖ୍ୟାତ, ଏବେ ସବୁକିଛି ଜନତା ଜନାର୍ଦ୍ଦନଙ୍କ ଉପରେ ନିର୍ଭର। ଟଙ୍କା, ମଦ, ସମ୍ପର୍କକୁ ନେଇ ଭୋଟ ଦେବେ ନା ଯୋଗ୍ୟ ଜନପ୍ରତିନିଧି ବାଛିବେ ତାହା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଇଭିଏମ୍‌ର ବଟମ୍ ଦବାଇବା ପୂର୍ବରୁ ଠିକ୍ ନିଷ୍ପତ୍ତି ସବୁଠୁ ମୂଲ୍ୟବାନ। ଏ କ୍ଷେତ୍ରରେ କେତେ ସଚେତନ ଭୋଟର? ସେମାନଙ୍କ ନେତା କିପରି ହେବା ଦରକାର? ଏ ସଂକ୍ରାନ୍ତରେ ଆମର ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର, ଭୁବନେଶ୍ୱର

### ନୀତି ଆଦର୍ଶ ଥିବା ନେତାଙ୍କୁ ବାଛିବି



ରାଜନୈତିକ ଦଳଗୁଡିକର କ'ଣ ଇସ୍ତାହାର ଥିଲା ଓ ଏବେ କ'ଣ ରହିଛି। ଦଳ ତିଆରି ବେଳର ନୀତି ଆଦର୍ଶ ଏବେ ରହିଛି ନା ବଦଳି ଯାଇଛି। ପ୍ରଥମେ ନୀତି ଆଦର୍ଶ ଥିବା ଦଳକୁ ଦେଖିବି। ତା'ପରେ ଦଳ କରିଥିବା ପ୍ରାର୍ଥୀଙ୍କୁ ମଧ ଗୁରୁତ୍ୱ ଦେବି। ଯିଏ ନେତା ହେବ ସେ ନୀତି ଆଦର୍ଶ ସହ ବଞ୍ଚୁଥିବା ଦରକାର। ଯେଉଁମାନେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ଯୋଗ୍ୟ ବୋଲି ଭାବିବି ସେପରି ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବାକୁ ଶ୍ରେୟ ମଣିବି। ମୁଖ୍ୟତଃ ଯେଉଁ ଦଳ ଦେଶରେ ବ୍ୟକ୍ତି ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରି ନ ଥିବ, ସମାନତା ପାଇଁ ଲଢୁଥିବ, ପକ୍ଷପାତିତା କରୁ ନ ଥିବ, ଆଇନଶୃଙ୍ଖଳା ପରିସ୍ଥିତି ଉପୁଜାଉ ନ ଥିବ, ଦରଦାମ ନିୟନ୍ତ୍ରଣ ସହ କୃଷି ଓ ଜଙ୍ଗଲ ସୁରକ୍ଷାକୁ ପ୍ରୋତ୍ସାହନ ଦେଉଥିବ ସେପରି ଏକ ଦଳର ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି।

- ସୌରଭ ପ୍ରଧାନ, ଫାର୍ମାସିଷ୍ଟ

### ଦାଗୀ ନେତାଙ୍କୁ ଭୋଟ ଦେବିନି



ଜନପ୍ରତିନିଧିମାନେ ଜନତାଙ୍କ ସୁଖଦୁଃଖର ସାଥୀ ହେବା ଦରକାର। ବିଶେଷ କରି ପ୍ରଗତିଶୀଳ ଚିନ୍ତାଧାରା ବ୍ୟକ୍ତି ଓ ଜନସାଧାରଣଙ୍କ ଜୀବନ ଜୀବିକା ସହ ଜଡିତ ରହୁଥିବା ବ୍ୟକ୍ତିଙ୍କୁ ହିଁ ଲୋକେ ନେତା ଭାବେ ନିର୍ବାଚିତ କରିବା ଦରକାର। ଯେଉଁମାନଙ୍କର ଏସବୁ ଗୁଣ ବା ଦକ୍ଷତା ନ ଥିବ ସେମାନେ ଆଦୌ ନେତା ପଦବାଚ୍ୟ ନୁହେଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଦାଗୀନେତାଙ୍କୁ ଭୋଟରମାନେ ପ୍ରତ୍ୟାଖ୍ୟାନ କରିବା ଦରକାର। ସେମାନେ ଗଣତନ୍ତ୍ର ପାଇଁ ବିପଦ। ତେଣୁ ମୁଁ ଦାଗୀ ନେତାଙ୍କୁ ଭୋଟ ଦେବିନି, ଜଣେ ଭଲ ପ୍ରାର୍ଥୀଙ୍କୁ ବାଛିବି।

-ବିସ୍ମୟ କୁମାର ଷ୍ଟାଲିନ, ଆଇନଜୀବୀ

### ନେତା ଆଇନ ଜାଣିବା ଉଚିତ



ଏମ୍‌ପି, ଏମ୍‌ଏଲ୍‌ଏ ହେଉଛନ୍ତି ଲ' ମେକର। ଯେଉଁମାନେ ବି ପ୍ରାର୍ଥୀ ହେଉଛନ୍ତି ସେମାନେ ଅନ୍ତତଃ ରାଜନୀତି ସହ ଆଇନକାନୁନ ବିଷୟରେ ଅବଗତ ଥିବା ଆବଶ୍ୟକ। ଏପରି ପ୍ରାର୍ଥୀ ନିର୍ବାଚିତ ହେଲେ ଲୋକଙ୍କ ସମସ୍ୟା ଦୂର କରିପାରିବେ। ସୁଖଦୁଃଖରେ ଭାଗୀଦାର ହୋଇପାରିବେ। ଚାଷୀମାନଙ୍କ ପାଇଁ କେଉଁ ଆଇନ ତିଆରି ହେବ, କେଉଁଭଳି ଅର୍ଥନୀତି ପ୍ରଣୟନ ହେଲେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ହୋଇପାରିବ, ସେଥିନେଇ ଜ୍ଞାନ ରହିବା ଆବଶ୍ୟକ। ଏଥିସହିତ ସାଧୁତା ଗୁଣ ଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଅଧିକ ପସନ୍ଦ କରିବି।

- ପ୍ରଦୀପ ନାୟକ, ମାନବାଧିକାର କର୍ମୀ


### ବସ୍ତିବାସିନ୍ଦାଙ୍କ ଉନ୍ନତି ଦରକାର



ଅନେକ ପ୍ରାର୍ଥୀ ଅଛନ୍ତି ଯେଉଁମାନେ ନିର୍ବାଚନରେ ବାରମ୍ବାର ହାରିବା ସତ୍ତ୍ୱେ ମଧ ଲୋକମାନଙ୍କ ସେବା କରିବାକୁ ଭୁଲି ନାହାନ୍ତି। ମୋ ମତରେ ଯିଏ ନିଃସ୍ୱାର୍ଥପର ଭାବେ ଲୋକମାନଙ୍କ ସୁଖ ଦୁଃଖରେ ଠିଆ ହେବା ସହ ମହତ୍ କାର୍ଯ୍ୟ କରିପାରୁଥିବ, ସେମିତି ଜଣେ ଲୋକଙ୍କୁ ମୁଁ ସମର୍ଥନ କରୁଛି। ରାଜଧାନୀ ସମେତ ସହରଗୁଡିକରେ ଏବେ ବସ୍ତି ସଂଖ୍ୟା ବଢ଼ି ଚାଲିଛି। ମାତ୍ର ବସ୍ତିଗୁଡିକରେ ଶିକ୍ଷାର ଅଭାବ ରହିଥିବାରୁ ଏଠାକାର ପିଲାମାନେ ଅଧିକାଂଶ ଅପରାଧ ରାସ୍ତାକୁ ବାଛି ନେଉଛନ୍ତି। ଫଳରେ ସହରରେ ଅପରାଧ ବଢୁଛି, ଆଇନଶୃଙ୍ଖଳା ଭୁଶୁଡୁଛି। ତେଣୁ ବସ୍ତିବାସିନ୍ଦାଙ୍କ ଉନ୍ନତି ଓ ଶିକ୍ଷାର ପ୍ରଗତି ପାଇଁ ପ୍ରକୃତ ଆଭିମୁଖ୍ୟ ରଖିଥିବା ପ୍ରାର୍ଥୀଙ୍କୁ ଭୋଟ ଦେବା ନିହାତି ଆବଶ୍ୟକ।

- ମିର୍ଜା ଆଦିଲ ବେଗ୍, ବ୍ୟବସାୟୀ

### ନିଜ ନିଷ୍ପତ୍ତି ନିଜେ ନିଅନ୍ତୁ



ମହିଳାଙ୍କ ପାଇଁ ସଂରକ୍ଷଣ ଆଇନ ନ ଆଣି ସମାଜରେ ସମାନତା ଅଧିକାର ପାଇଁ ଲଢୁଥିବା ପ୍ରାର୍ଥୀଙ୍କୁ ମୁଁ ସ୍ୱାଗତ କରିବି। ଯିଏ ଗରିବ ଓ ମଧ୍ୟବିତ୍ତଙ୍କ ଚିନ୍ତା କରୁଥିବ, ପୁଣି କଥା ସହ କାର୍ଯ୍ୟ କରି ଦେଖାଉଥିବ ତାଙ୍କୁ ନେତା ବୋଲି ମାନିବି। ମୁଁ ଏତିକି କହିବି, ଭୋଟରମାନେ କ୍ଷଣିକ ଲୋଭ କିମ୍ବା ବିଶ୍ୱାସର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ସାଙ୍ଗ କିମ୍ବା ଅନ୍ୟମାନଙ୍କ କଥାରେ ପରିଚାଳିତ ନ ହୋଇ ନିଜର ମୂଲ୍ୟବାନ ଭୋଟକୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବାକୁ ଭୋଟରମାନେ ନିଜେ ନିଷ୍ପତ୍ତି ନିଅନ୍ତୁ। ଭୋଟରମାନେ ସଚେତନ ହେଲେ ଭଲ ନେତା ବାଛିପାରିବେ, ଭଲ ଶାସନ ମିଳିପାରିବ।

-ପ୍ରିୟଙ୍କା ଭାଲ୍ଲା, ନ୍ୟୁଜ୍ ରିଡର


### ଭୋଟରଙ୍କ ପାଇଁ ପ୍ରାର୍ଥୀ ଚୟନର ସୁଯୋଗ ନାହିଁ



ପ୍ରତ୍ୟେକ ବିଧାନସଭା ଓ ଲୋକ ସଭା କ୍ଷେତ୍ରରେ ସମସ୍ୟା ଅଲଗା ଅଲଗା ରହିପାରେ। କିନ୍ତୁ ପ୍ରାୟତଃ ସବୁଠି ମୁଖ୍ୟ ପ୍ରସଙ୍ଗ ହେଉଛି ଯୁବବର୍ଗଙ୍କ ପାଇଁ ରୋଜଗାର, ଲୋକଙ୍କ ପାଇଁ ପାଣି, ଅପରାଧ ରୋକିବା, ମହିଳାଙ୍କ ଉନ୍ନତିକୁ ଗୁରୁତ୍ୱ ଦେବା, କ୍ଷୁଦ୍ର କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ପ୍ରାର୍ଥୀମାନେ ଗୁରୁତ୍ୱ ଦେବା ଉଚିତ। କିନ୍ତୁ ଦଳଗୁଡିକ ପକ୍ଷରୁ ଅଧିକାଂଶ କ୍ଷେତ୍ରରେ ନିର୍ବାଚନୀ ଖର୍ଚ୍ଚ କରିପାରୁ ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଉଛି। ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ରାଜନୈତିକ ପରିସର ସଙ୍କୁଚିତ ହୋଇଯାଉଛି। ଏ କ୍ଷେତ୍ରରେ ଜଣେ ଭୋଟର ହିସାବରେ ମୋ ପାଇଁ ପ୍ରକୃତ ପ୍ରାର୍ଥୀଙ୍କୁ ଭୋଟ ଚୟନ କରିବାରେ ସୁଯୋଗ ରହୁନି। ଶେଷରେ ମତଦାତା କୌଣସି ଉପାୟ ନ ପାଇ ପ୍ରାର୍ଥୀଙ୍କର ଦଳୀୟ ସ୍ଥିତି ସହ ଅର୍ଥ ଓ କ୍ଷମତା ବଳକୁ ଦେଖି ଭୋଟ ଦେବାକୁ ବାଧ ହେଉଛି।

- କମଳାକାନ୍ତ ଦାସ, ପ୍ରଫେସର, ଆଇନ ବିଶ୍ୱବିଦ୍ୟାଳୟ, କଟକ

### ସାମ୍ବିଧାନିକ ଆନୁଗତ୍ୟ ଥିବା ପ୍ରାର୍ଥୀ ହିଁ ନେତା ପଦବାଚ୍ୟ



ସୁଶାସନ ପାଇବାକୁ ହେଲେ ଭୋଟରମାନେ ସମ୍ବିଧାନ ପ୍ରତି ଆନୁଗତ୍ୟ ଥିବା ପ୍ରାର୍ଥୀଙ୍କୁ ନେତା ଭାବେ ବାଛିବା ଦରକାର। ସମ୍ବିଧାନ ବିରୋଧୀ ନେତା ଦେଶ ବିରୋଧୀ। ସେମାନଙ୍କୁ ଭୋଟ ଦେବା ଅର୍ଥ ଆମ ଗଣତନ୍ତ୍ର ବା ଦେଶକୁ ବିପଦ ମୁହଁକୁ ଠେଲିବା। ସେମାନେ ନିଶ୍ଚୟ କ୍ଷମତାର ଅପବ୍ୟବହାର କରିବେ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଲୋକେ ଜାଣିଛନ୍ତି କାହାର ଚରିତ୍ର କ'ଣ? ମହିଳାଙ୍କୁ ସମ୍ମାନ ଦେଉ ନ ଥିବା, ସମାଜର ଉନ୍ନତିରେ ଅବହେଳା କରୁଥିବା ପ୍ରାର୍ଥୀଙ୍କୁ ନେତା ବାଛିବା ଉଚିତ ନୁହେଁ।

- ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ

# ଭାଜପା ପ୍ରାର୍ଥୀଙ୍କ କାର୍‌କୁ ବୋମାମାଡ଼

■ ଅଳ୍ପକେ ବର୍ତ୍ତିଲେ ଜଗନ୍ନାଥ ପ୍ରଧାନ ■ ପୂର୍ବରୁ ହୋଇଥିଲା ଟେକାମାଡ଼

ଭୁବନେଶ୍ୱର,୨୧।୪ (ବ୍ୟୁରୋ)

ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ଉପରେ ପୁଣି ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ କାର ଉପରକୁ ବୋମାମାଡ଼ କରିଛନ୍ତି। ତେବେ ଏଥିରେ କାର କାଚ ଭାଙ୍ଗିଯାଇଥିବାବେଳେ ପ୍ରଧାନ ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରବିବାର ସନ୍ଧ୍ୟାରେ ନୟାପଲ୍ଲୀ ଥାନା ଡେଲ୍‌ଟା ଛକସ୍ଥିତ ଭାଜପା ପାର୍ଟି ଅଫିସ ନିକଟରେ ଏହି ଘଟଣା ଘଟିଛି। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସଂକ୍ରାନ୍ତରେ ପ୍ରଧାନ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୋମା ମାଡ଼ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନି।

ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ନିର୍ବାଚନୀ ପ୍ରଚାର ସାରିବା ପରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଡେଲ୍‌ଟା ଛକ ନିକଟ ପାର୍ଟି ଅଫିସକୁ ଫେରୁଥିଲେ। ଏହି ସମୟରେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ କଟିଯାଇଥିଲା। ପ୍ରଧାନ ଅଫିସ ସମ୍ମୁଖରେ କାର୍‌ରୁ ବାହାରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ତାଙ୍କ ଉପରକୁ ଲକ୍ଷ୍ୟ କରି ଗୋଟିଏ ବୋମା ମାଡ଼ କରିଥିଲେ। ବୋମାଟି କାରର ଡାହାଣ ପଟ କାଚରେ ପଡି ବିସ୍ଫୋରଣ ହୋଇଥିଲା। ଭୟରେ ପ୍ରଧାନ କାରରୁ ଡେଇଁ ପଡି ଅଫିସକୁ ଚାଲି ଆସିଥିଲେ।

ଗତ ୧୨ ତାରିଖ ସନ୍ଧ୍ୟାରେ ମଧ ତାଙ୍କ ଉପରକୁ ଆକ୍ରମଣ ହୋଇଥିଲା। ସେ ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ୟୁନିଟ୍-୮ କ୍ଲବ୍ ନିକଟରେ ରାଲିରେ ଯାଉଥିବାବେଳେ ସେମାନଙ୍କ ଉପରେ ଟେକାମାଡ଼ ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ପୁଣି ସେମାନେ ଆକ୍ରମଣ କଲେ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବୋମାମାଡ଼ ପଛରେ ବିଜେଡି ଗୁଣ୍ଡାଙ୍କ ହାତ ରହିଛି। ସେମାନେ ହାରିବା ଭୟରେ ରକ୍ତମୁଖା ହୋଇଛନ୍ତି। ଗୁଣ୍ଡାଗର୍ଦ୍ଦି କରି ନିର୍ବାଚନ ଜିତିବା ପାଇଁ ଯୋଜନା କରୁଛନ୍ତି। ପୋଲିସ ସେମାନଙ୍କୁ ସହଯୋଗ କରୁଛି। ରାଜଧାନୀବାସୀ ସବୁ ଜାଣୁଛନ୍ତି। ଆସନ୍ତା ୨୩ରେ ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

ଏନେଇ ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା କହିଛନ୍ତି, ସେ ଜଣେ ଅଭ୍ୟାସଗତ ମିଛୁଆ। ବିଭିନ୍ନ ସମୟରେ ମୋ ନାଁରେ ମିଥ୍ୟା ଅଭିଯୋଗ ଆଣିବା ପରେ ସେଥିରେ ସଫଳ ହେଲେ ନାହିଁ। ଶେଷରେ ହତାଶ ହୋଇ ଏଭଳି ବୋମାମାଡ଼ର ମିଛ ନାଟକ କରିଛନ୍ତି ବୋଲି ସେ କହିଛନ୍ତି।

## ଆଠଗଡ଼ରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ନିର୍ବାଚନୀ ସଭା

# 'ରାଜ୍ୟରେ ସରକାର ପରିବର୍ତ୍ତନର ସମୟ ଆସିଛି'

ଆଠଗଡ଼,୨୧।୪(ସ୍ୱ.ପ୍ର.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସ୍ଥାଣୁ ପାଲଟିବା ସହ ରାଜ୍ୟର ବିକାଶରେ ବାଧକ ସାଜିଛି। ତେଣୁ ଏବେ ରାଜ୍ୟର ଏହି ସ୍ଥାଣୁ ସରକାରକୁ ପରିବର୍ତ୍ତନ କରିବାର ସମୟ ଆସିଛି। ରବିବାର ଭାଜପା ପକ୍ଷରୁ କଟକ ଜିଲା ଆଠଗଡ଼ରେ ଆୟୋଜିତ ନିର୍ବାଚନୀ ପ୍ରଚାର ସଭାରେ ଯୋଗଦେଇ କେନ୍ଦ୍ର ରେଳଓ୍ୱେ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ ଏ କଥା କହିଛନ୍ତି। ଏଥିସହିତ ସେ କହିଛନ୍ତି, ରାଜ୍ୟରେ ପ୍ରାକୃତିକ ଖଣିଜ ସମ୍ପଦ ଓ ଜଳ ସମ୍ପଦ ଭରପୂର ରହିଥିବାବେଳେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଏହାର ସଦୁପଯୋଗ ହୋଇପାରୁ ନାହିଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ବିଜେଡି ସରକାର ରାଜନୈତିକ ଅଭିସନ୍ଧି ରଖି କାର୍ଯ୍ୟକାରୀ ନ କରିବା ଦୁର୍ଭାଗ୍ୟଜନକ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଯେଉଁ ବିକାଶର ଧାରାକୁ ଆଗେଇ ନେଉଛନ୍ତି ତାକୁ ଆହୁରି ଗତିଶୀଳ କରିବା ପାଇଁ ଏବଂ ଓଡିଶାର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଏଠାରେ ଭାଜପାର ସରକାର ହେବା ଦରକାର। ଏଥିଲାଗି ଓଡିଶାବାସୀ ଭାଜପା ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାକୁ ଗୋଏଲ ନିବେଦନ କରିଥିଲେ। ଆଠଗଡ଼ ମହିଳା କଲେଜ ନିକଟସ୍ଥ ମିନି ଷ୍ଟାଡିୟମରେ ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ଓ ଆଠଗଡ଼ ବିଧାନସଭା ପ୍ରାର୍ଥୀ ବ୍ରଜେନ୍ଦ୍ର କୁମାର ରାୟ ଭୋଟ୍ ଦେବାକୁ ନିବେଦନ କରିଥିଲେ।



# ବାଟ ହୁଡୁଛି ତଦନ୍ତ, ଖାକିରେ ଲାଗିଛି କଳଙ୍କ

**ବାଟରେ କମିଶନରେଟ ପୋଲିସ**
- ଆତ୍ମରକ୍ଷା ପାଇଁ ଦିଆଯାଉଛି ଆତ୍ମହତ୍ୟା ରୂପ
- ଏବେବି ରହସ୍ୟ ଘେରରେ ବହୁ ହତ୍ୟା ମାମଲା
- କ୍ରାଇମବ୍ରାଞ୍ଚ, ସିବିଆଇକୁ ତଦନ୍ତ ସୁପାରିସ କରାଯାଉନି
- ନ୍ୟାୟ ଅପେକ୍ଷାରେ ମୃତକଙ୍କ ପରିବାର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୨୧।୪(ବ୍ୟୁରୋ)

ଆଜି ବି ପୋଲିସ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରି ନାହିଁ। ଥାନା, ପୋଲିସ ନାଁ ଶୁଣିଲେ ଲୋକେ ଭିନ୍ନ କଥା କହୁଛନ୍ତି। ଘଟଣା ଘଟିଲେ ବି ଅନେକେ ଥାନାକୁ ଯିବାକୁ ଚାହୁଁନାହାନ୍ତି। ନ୍ୟାୟ ବଦଳରେ ପୋଲିସ ଶୋଷଣ କରୁଥିବା ଓ ଲାଞ୍ଚ ନେଇ ଅପରାଧୀଙ୍କୁ ସୁରକ୍ଷା ଯୋଗାଉଥିବା ଲୋକଙ୍କ ମନରେ ଧାରଣା ରହୁଛି। କେତେବେଳେ ଲାଞ୍ଚ ନେଇ ପୋଲିସ ଭିଜିଲାନ୍ସ ଦ୍ୱାରା ଗିରଫ ହେଲାଣି ତ ପୁଣି କେତେବେଳେ ମାମଲାକୁ ଓଲଟପାଲଟ କରି ନିର୍ଦ୍ଦୋଷଙ୍କୁ ଜେଲ ପଠାଇଲାଣି। ଏମିତି ଅନେକ ଘଟଣାକୁ ନେଇ ପୂରା ବିଭାଗ ବଦନାମ ମୁଣ୍ଡାଇଛି। କେତେଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଖାକିରେ କଳଙ୍କ ଲାଗିଛି। ସବୁଠୁ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ମଧ୍ୟ ଏଭଳି ଉଦାହରଣ ଅନେକ ରହିଛି। ଏଠି ତଦନ୍ତ ବାଟ ହୁଡୁଛି। ଚାର୍ଜଶିଟ ଠିକ୍ ଭାବେ କରାଯାଉନି। ପ୍ରମାଣ ଯୋଗାଡ଼ରେ ବିଫଳ ହୋଇ ପୋଲିସ ନିଜ ଦୋଷ ଓ ଦୁର୍ବଳତା ଘୋଡ଼ାଇବାକୁ ଯାଇ ଅନେକ ଘଟଣାକୁ ଭିନ୍ନ ରୂପ ଦେଉଛି। ହତ୍ୟାକୁ ବି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ରହିଛି। ମାମଲାର ମୂଳକୁ ଯାଇ ତଦନ୍ତ କରିବା ବଦଳରେ ଫାଇଲ ବି ବନ୍ଦ କରିଦିଆଯାଇଥିବା ନଜିର ରହିଛି। ଫଳରେ ବହୁ ପରିବାର ଏବେବି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷରେ ବିଫଳତା ସତ୍ତ୍ୱେ ପୋଲିସ ନିଜର ବାହାଦୁରି ଦେଖାଇବାକୁ ଯାଇ ହତ୍ୟା ପରି ଅନେକ ସଙ୍ଗିନ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁପାରିସ କରୁନି। କମିଶନରେଟ ପୋଲିସ ଥାନାଞ୍ଚଳର କେତେକ ଚର୍ଚ୍ଚିତ ହତ୍ୟା ଘଟଣାରୁ ଏପରି ଅଭିଯୋଗର ବାସ୍ତବତା ବାରି ହୋଇପଡୁଛି।

## ଉନ୍ମୟ ପାଢ଼ୀ ହତ୍ୟା ମାମଲାରେ ପୋଲିସର ଅଜବ ଯୁକ୍ତି

ବହୁ ଚର୍ଚ୍ଚିତ ଉନ୍ମୟ ପାଢ଼ୀ ମାମଲା ଏବେ ମଧ୍ୟ ରହସ୍ୟ ଘେରରେ। ୨୦୧୮ ମାର୍ଚ୍ଚ ୨୧ରେ କୁଆଖାଇ ନଦୀ ପଠାରୁ ଉନ୍ମୟଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଉଦ୍ଧାର ସମୟରେ ପେଟରେ ଏକ ଛୁରି ଭୁସା ହୋଇଥିଲା ଓ ପାଟିରେ ଇଟା ପଶିଥିଲା। ମୁଣ୍ଡକୁ ମଧ୍ୟ ଛେଚାଯାଇଥିବା ଦେଖିବାକୁ ମିଳିଥିଲା। ତ୍ରିକୋଣୀୟ ପ୍ରେମକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ହେଲେ କମିଶନରରେଟ ପୋଲିସ ତଦନ୍ତରୁ ସେପରି କିଛି ପ୍ରମାଣ ନ ପାଇ ଶେଷରେ ଏହାକୁ ଏକ ଯୋଜନାବଦ୍ଧ ଆତ୍ମହତ୍ୟା ବୋଲି କହିଥିଲା। ଉନ୍ମୟ ପ୍ରତାରଣାର ଶିକାର ହେବା ପରେ ସମ୍ପୃକ୍ତ ଯୁବତୀ ଓ ତାଙ୍କ ପ୍ରେମିକଙ୍କୁ ଫସାଇବା ପାଇଁ ନିଜେ ଆତ୍ମହତ୍ୟା କରି ହତ୍ୟାର ରୂପ ଦେଇଥିଲା ବୋଲି ପୋଲିସ ଅଜବ ଯୁକ୍ତି ଦର୍ଶାଇଥିଲା।

## ରହସ୍ୟରେ କାଠମିସ୍ତ୍ରି ହତ୍ୟା

୨୦୧୮ ଫେବୃୟାରୀ ୧୭ରେ ଭୁବନେଶ୍ୱରର ଏମ୍ଏଲ୍ଏ କଲୋନୀ ପ୍ଲଟ୍ ନଂ.ଏ/୧୯୨ରୁ କାଠ ମିସ୍ତ୍ରି ଗୋପୀନାଥ ମହାରଣାଙ୍କ ମୃତଦେହ ଜବତ କରାଯାଇଥିଲା। ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହିଥିଲା। ହେଲେ ଆତ୍ମହତ୍ୟାର କାରଣ କ'ଣ ସେସମ୍ପର୍କରେ କିଛି ବି କହି ନ ଥିଲା। ମାତ୍ର ମୃତ ଗୋପୀନାଥଙ୍କ ପୁଅ ଏହାର ପ୍ରତିବାଦ କରିବା ସହ ଠିକ୍ ଭାବେ ତଦନ୍ତ ଦାବି କରିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା।

## ଟ୍ରକ୍ ଡାଲାରେ ଝୁଲନ୍ତା ମୃତଦେହ ଘଟଣାର ଫାଇଲ୍ ବନ୍ଦ

୨୦୧୮ ଜାନୁୟାରୀ ୨୮ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭେଙ୍କେଟେଶ୍ୱର ସ୍କୁଲ ପଛରେ ପାର୍କିଂ ହୋଇଥିବା ଏକ ଟ୍ରକ୍ ଡାଲାରେ ଝୁଲନ୍ତା ଅବସ୍ଥାରେ କଟକ ବ୍ରାହ୍ମଣସାହିର ସୂର୍ଯ୍ୟକାନ୍ତ ଭୋଇଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ବେକରେ ରଶି ଲାଗିଥିବାବେଳେ ମୃତଦେହଟି ଆଣ୍ଠେଇବା ଅବସ୍ଥାରେ ରହିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଯୋଜନାବଦ୍ଧ ହତ୍ୟା ବୋଲି କୁହାଗଲା। ହତ୍ୟା ପଛରେ ସୂର୍ଯ୍ୟକାନ୍ତଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ସଂପୃକ୍ତଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ହେଲେ ପୋଲିସ ଠିକ୍ ଭାବେ ତଦନ୍ତ ନ କରି ଶେଷରେ ଘଟଣାକୁ ଆତ୍ମହତ୍ୟା ବୋଲି କହି ଫାଇଲ୍ ବନ୍ଦ କରିଦେଲା।

## ଗଙ୍ଗୁଆରୁ ନିଖୋଜ ବ୍ୟବସାୟୀଙ୍କ ମୃତଦେହ ମିଳିବା ଘଟଣା

୨୦୧୮ ନଭେମ୍ବର ୫ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଙ୍ଗୁଆ ନାଳରୁ ପରିବା ବ୍ୟବସାୟୀ କେନ୍ଦ୍ରାପଡା ପାଟକୁରା ଅଞ୍ଚଳର ରାକେଶ ଭଦ୍ରାଙ୍କ ମୃତଦେହ ମିଳିଥିଲା। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା। ଦୁଇଦିନ ତଳୁ ସେ ନିଖୋଜ ଥିଲେ। ସାଙ୍ଗମାନେ ଭୋଜି କରିବାକୁ କହି ତାଙ୍କୁ ଘରୁ ଡାକି ନେଇଥିଲେ। ହେଲେ ପରେ ସେହି ସାଙ୍ଗମାନେ ତାଙ୍କୁ ଦେଖି ନ ଥିବା ଓ ହଠାତ୍ ମୃତଦେହ ଗଙ୍ଗୁଆ ନାଳରୁ ମିଳିବା ପରିବାର ଲୋକଙ୍କୁ ଚକିତ କରିଥିଲା। ପୋଲିସ ପ୍ରଥମେ ଏହାକୁ ହତ୍ୟା ବୋଲି କହିଥିଲା। କିନ୍ତୁ ଠିକ୍ ଭାବେ ତଦନ୍ତ ନ କରି ଆତ୍ମହତ୍ୟା କହି ମାମଲା ବନ୍ଦ କରିଦେଲା।

## ଜଟଣୀ ନାବାଳିକା ବଳାତ୍କାର, ହତ୍ୟାର ଭିନ୍ନ ମୋଡ଼

ଦୁଇମାସ ତଳେ ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ଘରୁ ମିଳିଥିଲା। ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ତଥ୍ୟ ପ୍ରମାଣ ନ ପାଇ ଶେଷରେ କହିଲା ଏହା ବଳାତ୍କାର ନୁହେଁ କି ଆତ୍ମହତ୍ୟା ନୁହେଁ। ପୋଲିସ ମିଛ କାହାଣୀ ରଚିଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଶେଷରେ ତାଙ୍କ ଘରକୁ ଯାଉଥିବା ଜଣେ ଯୁବକଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫାରେ ଗିରଫ କରିଥିଲା।

## ମାର୍ବଲ ଶୋ'ରୁମ୍ ସିକ୍ୟୁରିଟି ଗାର୍ଡ ହତ୍ୟା ମାମଲା

ଗତ ମାର୍ଚ୍ଚ ୨୭ ତାରିଖ ରାତିରେ ବାଲିଅନ୍ତା ଥାନା ପାହାଳ ନିକଟ ମା' ଶାରଳା ମାର୍ବଲ ଓ ଗ୍ରାନାଇଟ୍ ଶୋ'ରୁମ୍ ପରିସରରୁ ସିକ୍ୟୁରିଟି ଗାର୍ଡ ଗଦାଧର ସ୍ୱାଇଁଙ୍କ ତଣ୍ଟିକଟା ମୃତଦେହକୁ ପୋଲିସ ଉଦ୍ଧାର କରିବା ସହ ତାଙ୍କ ପକେଟରୁ ରକ୍ତଭିଜା ଛୁରି ଜବତ କରିଥିଲା। ତଦନ୍ତ ପରେ ପୋଲିସ ଯାହା କହିଲା ତାହା ପରିବାର ଲୋକଙ୍କୁ ଚକିତ କରିଦେଲା। ମାର୍ବଲ ଚୋରି ଅପବାଦରୁ ବର୍ତ୍ତିବା ପାଇଁ ଗଦାଧର ଆତ୍ମହତ୍ୟା କରିଥିବା ପୋଲିସ ଦର୍ଶାଇଥିଲା। ଏହି ଘଟଣାରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ କଟକ ମିରଜାପୁରର ବାବୁନା ଓରଫ ଦିବାକର ଭୂୟାଁ(୨୯)କୁ ଗିରଫ କରିଥିଲା। ପୋଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମୃତ ଗଦାଧରଙ୍କ ପରିବାର ଓ ଗ୍ରାମବାସୀ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ମାତ୍ର ପୋଲିସ ଚାପ ପକାଇ ବ୍ୟବଚ୍ଛେଦ ରିପୋର୍ଟକୁ ବଦଳାଇଥିବା ଓ ଜାଣିଶୁଣି ମାମଲାକୁ ବନ୍ଦ କରିବା ପାଇଁ ଏଭଳି ତରବରିଆ ଭାବେ ତଦନ୍ତ ସାରି ଆତ୍ମହତ୍ୟା ଦର୍ଶାଇଛି। ତେଣୁ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ଗଦାଧରଙ୍କ ପରିବାର ଲୋକେ।

## ୩୦ ହତ୍ୟା ମାମଲାକୁ ବନ୍ଦ ଯୋଜନା

୨୦୦୭ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ ୩୦ ହତ୍ୟା ମାମଲା ପଡ଼ି ରହିଛି। ପୋଲିସ ମଧ୍ୟ ଏହାକୁ ଆଉ ଗୁରୁତ୍ୱ ଦେଉନି। ଏସବୁ ମାମଲାକୁ ମଧ୍ୟ ପୋଲିସ ଅତ୍ମହତ୍ୟା ରୂପ ଦେଇ ଫାଇଲ୍ ବନ୍ଦ କରିଦେବାକୁ ଯୋଜନା କରୁଥିବା କୁହାଯାଉଛି। ମୃତକଙ୍କ ପରିବାର ଲୋକେ ଏବେବି ନ୍ୟାୟ ଅପେକ୍ଷାରେ ରହିଥିବାବେଳେ କମିଶନରେଟ ପୋଲିସର ଏଭଳି ଆଭିମୁଖ୍ୟ ସେମାନଙ୍କୁ ନିରାଶ କରିଛି।

### କ'ଣ କହୁଛନ୍ତି ଏମାନେ.....

**ସନ୍ଦେହ ହେଉଥିଲେ କୋର୍ଟର ଆଶ୍ରୟ ନିଅନ୍ତୁ**



ମୋ ପୂର୍ବରୁ ଯେଉଁ ଘଟଣାସବୁ ଘଟିଛି ତାହା ଉପରେ ମୁଁ ମତ ଦେଇପାରିବି ନାହିଁ। ମୋ ସମୟରେ ଯେଉଁ ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପ ଦିଆଯାଉଛି ବୋଲି ଅଭିଯୋଗ ଉଠୁଛି ତାହାକୁ ମୁଁ ଗୁରୁତ୍ୱ ଦେଉଛି। ତେବେ ପୋଲିସ ତଥ୍ୟ ଓ ପ୍ରମାଣ ଆଧାରରେ ମାମଲାକୁ ଆତ୍ମହତ୍ୟା ବୋଲି ସ୍ପଷ୍ଟ କରୁଛି। ଯେଉଁ ମୃତକଙ୍କ ପରିବାର ଲୋକଙ୍କ ସନ୍ଦେହ ହେଉଛି ସେମାନେ କୋର୍ଟର ଆଶ୍ରୟ ନେଇପାରିବେ।

–ସତ୍ୟଜିତ ମହାନ୍ତି, ପୋଲିସ କମିଶନର

**ଖାକି ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଆଶଙ୍କାରେ ଏପରି କରାଯାଉଛି**



ପୋଲିସ ତଦନ୍ତରେ ଫେଲ୍ ମାରିବା ପରେ ଆତ୍ମରକ୍ଷା ପାଇଁ ଆତ୍ମହତ୍ୟାର ରୂପ ଦେଉଛି। ଏପରିକି ଘଟଣା ଉପରୁ ଲୋକଙ୍କ ନଜର ହଟାଇବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାପାଇଁ ଜଣେ ଦୁଇଜଣଙ୍କୁ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଗିରଫ କରି କୋର୍ଟ ଚାଲାଣ କରିଦେଉଛି। ପୋଲିସ ଯଦି ଠିକ୍ ଭାବେ ତଦନ୍ତ କରିପାରୁନି ତେବେ ପୋଲିସ କମିଶନର କିମ୍ବା ଡିଜି ଏହାକୁ କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇକୁ ତଦନ୍ତ ପାଇଁ ସୁପାରିସ କରିପାରନ୍ତେ। କିନ୍ତୁ ଖାକି ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଆଶଙ୍କାରେ ପୋଲିସ ଅଧିକାରୀମାନେ ତାହା ନ କରି ଭିନ୍ନ ରୂପ ଦେଇ ଫାଇଲ୍ ବନ୍ଦ କରିଦେଉଛନ୍ତି।

–ଚିତ୍ତରଞ୍ଜନ ଦାଶ, ବରିଷ୍ଠ ଆଇନଜୀବୀ

### ସଂକ୍ଷେପରେ

**୨୩ରେ ଆସୁଛନ୍ତି ମୋଦି, ୨୭ରେ ଶାହ**

**ଭୁବନେଶ୍ୱର, ୨୧।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଓଡିଶା ଗସ୍ତରେ ଆସୁଛନ୍ତି। ମୋଦି ସକାଳ ୧୦ଟାରେ ୩୦ରେ କେନ୍ଦ୍ରାପଡାଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ ମଧ୍ୟାହ୍ନ ୧୨ଟାରେ ମୋଦି ବାଲେଶ୍ୱରଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସାଧାରଣସଭାରେ ସମ୍ବୋଧିତ କରିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ମୋଦିଙ୍କ ୨୩ ଗସ୍ତ ପରେ ଆସନ୍ତା ୨୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶାହ ମୟୂରଭଞ୍ଜର ମୋରଡା ଏବଂ ଯାଜପୁର ଜିଲାର ସୁକିନ୍ଦାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସନ୍ତା ୨୬ରେ ଯାଜପୁର ଏବଂ ମୟୂରଭଞ୍ଜଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଗୋଲକ ସୂଚନା ଦେଇଛନ୍ତି।

**ସ୍ୱାମୀର ଏସିଡ୍ ମାଡ଼ରେ ସ୍ତ୍ରୀ ଗୁରୁତର**

**ମାଲକାନଗିରି/ଏମଭି-୭୯,୨୧।୪ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଏମ.ଭି-୭୯ ଥାନା ଅନ୍ତର୍ଗତ ଏମଭି-୧୧୪ ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ଉପରକୁ ଏସିଡ୍ ମାଡ କରିଛନ୍ତି। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ଏମ.ପି.ଭି-୮୩ ଗ୍ରାମର ତପନ ମଣ୍ଡଳ ମୋଟୁ ଥାନା ଅନ୍ତର୍ଗତ ଏମ.ପି.ଭି-୧୧୪ ଗ୍ରାମର ମମତା ଜୋଦାରଙ୍କୁ ଗତ ୬ ମାସ ତଳେ ବିବାହ କରିଥିଲେ। ବିବାହର ୨ମାସ ପରେ ଉଭୟଙ୍କ ମଧ୍ୟରେ କଳହ ଲାଗିବାରୁ ମମତା ବାପଘରେ ଆସି ରହୁଥିଲେ। ରବିବାର ମମତା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ନିକଟସ୍ଥ ବଜାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ତପନ ପଛପଟୁ ଆସି ମମତାଙ୍କ ଉପରେ ଏସିଡ୍ ପକାଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀର କିଛି ଅଂଶ ପୋଡିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ପରେ ତପନ ଫେରାର ଅଛନ୍ତି।

## ବାଇକ୍ ଡିକିରୁ ୧୪.୬୮ ଲକ୍ଷ ଟଙ୍କା ଜବତ

**କଣାସ ଅଞ୍ଚଳରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ନେଇ ଚର୍ଚ୍ଚା**

ପୁରୀ ଅଫିସ/ବ୍ରହ୍ମଗିରି, ୨୧।୪(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ପୁରୀ–ସାତପଡ଼ା ଜାତୀୟ ରାଜପଥର ସୁନାମୁହିଁ ଛକ ନିକଟରୁ ରବିବାର ଫ୍ଲାଇଂ ସ୍କ୍ୱାଡ୍ ଏକ ବାଇକ୍ ଡିକିରୁ ୧୪ଲକ୍ଷ ୬୮ହଜାର ୫୦୦ଟଙ୍କା ଜବତ କରିଛି। ସୁନାମୁହିଁ ଛକ ନିକଟରେ ଜିଲା ରିଟର୍ଣ୍ଣିଂ ଅଫିସରଙ୍କ ନେତୃତ୍ୱରେ ଗାଡି ମୋଟର ଯାଞ୍ଚ କରାଯାଉଥିବା ବେଳେ ବ୍ରହ୍ମଗିରିରୁ ସାତପଡ଼ା ଯାଉଥିବା ଏକ ବାଇକ୍‌କୁ ଅଟକା ଯାଇଥିଲା। ବାଇକ୍‌ର ଡିକି ଖୋଲାଯିବାରୁ ଉକ୍ତ ଟଙ୍କା ଜବତ ହୋଇଥିଲା। ପରେ ସ୍କ୍ୱାଡ୍ ଅଧିକାରୀମାନେ ଟଙ୍କା ଜବତ କରି ବାଇକ୍ ଚାଳକଙ୍କୁ ବ୍ରହ୍ମଗିରି ଥାନାକୁ ଆଣିଥିଲେ। ସେଠାରେ ଅଧିକାରୀମାନେ ଏହି ଟଙ୍କା କେଉଁଠୁ ଆଣିଲ ବୋଲି ପ୍ରଶ୍ନ କରିବାରୁ ବାଇକ ଚାଳକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ସମ୍ପର୍କରେ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସ ଅଧିକ ଯାଞ୍ଚ କରୁଥିବାବେଳେ ବାଇକ୍ ଚାଳକ ଓ ଗାଡ଼ିରେ ବସିଥିବା ଅନ୍ୟଜଣେ ଯୁବକଙ୍କୁ ପୋଲିସ ଛାଡ଼ି ଦେଇଛି। ଜବତ ଟଙ୍କାକୁ ଜିଲା ଷ୍ଟ୍ରଙ୍ଗରୁମ୍‌କୁ ପଠାଇ ଦିଆଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜବତ ଟଙ୍କା କୌଣସି ରାଜନୈତିକ ଦଳର କି ନାହିଁ ତାହା ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଗଡ଼ିଶାଗୋଡା ଥାନା ଅଞ୍ଚଳରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ଚର୍ଚ୍ଚା ହେଉଛି। ଶନିବାର ବିଳମ୍ବିତ ରାତିରେ ଫ୍ଲାଇଂ ସ୍କ୍ୱାଡ୍ ଏହି ଟଙ୍କା ଏକ କାରରୁ ଜବତ କରିଥିବା ଶୁଣିବାକୁ ମିଳୁଛି। ଭୋଟରଙ୍କୁ ବାଣ୍ଟିବାକୁ ଏହି ଟଙ୍କା ନିଆଯାଉଥିବାବେଳେ ଜବତ ହୋଇଥିବା କୁହାଯାଉଛି। କିନ୍ତୁ ଏ ନେଇ କୌଣସି ଖବର ନ ଥିବା ଜିଲା ରିଟର୍ଣ୍ଣିଂ ଅଫିସର ତଥା ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ କହିଛନ୍ତି। ଯଦି ଜବତ ହୋଇଥାନ୍ତା ତାହାହେଲେ ଫ୍ଲାଇଂ ସ୍କ୍ୱାଡ୍ ତାହା ଜଣାଇଥାନ୍ତେ ବୋଲି ଜିଲାପାଳ ଦାଶ କହିଛନ୍ତି।

## ଜାହ୍ନବୀ, ଇଶାନ୍‌ଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର



**ମୁମ୍ବାଇ:** 'ଧଡକ' ଫିଲ୍ମର ଅଭିନେତ୍ରୀ ଜାହ୍ନବୀ ଏବଂ ଅଭିନେତା ଇଶାନ ଖଟ୍ଟରଙ୍କୁ ସ୍ଥାନୀୟ ଭିଲେ ପାର୍ଲେ ଅଡିଟୋରିୟମ୍‌ରେ ଦାଦାସାହେବ ଫାଲ୍‌କେ ଏକ୍‌ସେଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ପ୍ରନୂତନ ବହଲଙ୍କ ସମେତ ଅନ୍ୟ ଅଭିନେତା, ଅଭିନେତ୍ରୀଙ୍କୁ ଦାଦାସାହେବ ଫାଲ୍‌କେ ସମ୍ମାନ ପ୍ରଦାନ କରାଯାଇଛି। ଜାହ୍ନବୀ ହେଉଛନ୍ତି ସ୍ୱର୍ଗୀୟା ଅଭିନେତ୍ରୀ ଶ୍ରୀଦେବୀଙ୍କ ଜ୍ୟେଷ୍ଠକନ୍ୟା। ପ୍ରତିବର୍ଷ ସିନେମା କଳାକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ଏଥିପାଇଁ ବିଶେଷକରି ତରୁଣ ପିଢ଼ିର କଳାକାରଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଏ। ଉକ୍ତ ଉତ୍ସବରେ ଯୋଗଦେଇଥିବା ଜାହ୍ନବୀ କପୁରଙ୍କଠୁ ଆରମ୍ଭ କରି କାଜଲ ଏବଂ କୁବ୍ରା ସେଟ୍ ସମସ୍ତେ ପାରମ୍ପରିକ ଶାଢ଼ି ପରିଧାନ କରିଥିଲେ। ଜାହ୍ନବୀ ଲାଲ୍ ଶାଢ଼ି ଓ ହଳେ ନେକ୍‌ଲେସ୍ ପିନ୍ଧି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଇଶାନ୍ ଧଳା ପୋଷାକରେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଅଭିନେତା ସକିବ୍ ସଲିମ ଏବଂ ଅଭିନେତ୍ରୀ କୁବ୍ରା ସେଟ୍ ଯଥାକ୍ରମେ 'ରଙ୍ଗବାଜ' ଏବଂ 'ସାକ୍ରିଡ ଗେମ୍‌ସ' ପାଇଁ ପୁରସ୍କୃତ ହୋଇଥିଲେ। ସକିବ୍ ମେରୁନ ବନ୍ଧଗଳା ଏବଂ କୁବ୍ରା ଧଳା ଶାଢ଼ି ପରିଧାନ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଟିଭି କଳାକାର ସୁମୋନା ଚକ୍ରବର୍ତ୍ତୀ ଏହି ଉତ୍ସବରେ ପୁରସ୍କୃତ ହୋଇଥିଲେ। 'ବଧାଇ ହୋ' ଅଭିନେତ୍ରୀ ସୁରେଖା ସିକ୍ରି ଏବଂ ନିର୍ଦ୍ଦେଶକ ଅମିତ ଶର୍ମା ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଦାଦାସାହେବ ପୁରସ୍କାର ଲାଭ କରିଥିଲେ।

## ରାଜଧାନୀ ସମସ୍ୟା ଦୂର କରିପାରିନି ବିଜେଡି: ଭାଜପା

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ଦୀର୍ଘବର୍ଷ ଶାସକ ବିଜେଡି ଦଳର ନେତାମାନେ ରାଜଧାନୀରେ ଶାସନ କରିବା ପରେ ମଧ୍ୟ ଲୋକଙ୍କ ସମସ୍ୟା ସୁଧାରି ପାରିନାହାନ୍ତି । ବର୍ଷାଦିନେ କୃତ୍ରିମ ବନ୍ୟା, ବର୍ଷ ତମାମ ଟ୍ରାଫିକ ସମସ୍ୟା, ଆତତାୟୀ ଏବଂ ଚୋର ଲୁଟେରାଙ୍କ ଆତଙ୍କରାଜ, ପାନୀୟ ଜଳ ସମସ୍ୟାରେ ରାଜଧାନୀବାସୀ ଅଣନିଶ୍ୱାସୀ ହୋଇପଡିଲେଣି। ରାଜଧାନୀର ସରକାରୀ ମେଡିକାଲ ଗୁଡିକରେ ଡାକ୍ତର ନାହାଁନ୍ତି । ସେହିପରି ସରକାରୀ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ଅନ୍ଧାର ଘେରକୁ ଚାଲିଗଲାଣି। ଡ୍ରେନେଜର ସୁବିଧା ନ ଥିବାରୁ ଅସରାଏ ବର୍ଷରେ ରାଜରାସ୍ତା ଉପରେ ଗାଡି ଭାସୁଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜଧାନୀରେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି, ବିଧାୟକ, ଏବଂ ମନ୍ତ୍ରୀ ରହୁଥିବା ବେଳେ ରାଜଧାନୀର ସମସ୍ୟା ସମାଧାନ ହୋଇପାରୁନାହିଁ। ଭୁବନେଶ୍ୱର ସମସ୍ୟାକୁ ନେଇ ଗୋଲକ ଏକ ଭିଡିଓ ପ୍ରଦର୍ଶିତ କରିବା ସହ ରାଜଧାନୀ ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

## ଆଡ଼ଚେରରେ ରାଜନୈତିକ ହିଂସା: ୨ ଗୁରୁତର

- କାଳିକାପ୍ରସାଦ ସମିତିସଭ୍ୟ ଆହତ
- ଜଣେ ଗିରଫ, ୫ ଫେରାର

ନୟାଗଡ଼ ଅଫିସ,୨୧।୪

ନୟାଗଡ଼ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ତାରିଖରେ ମତଦାନ ହେବ। ଏହାର ଅବ୍ୟବହିତ ପୂର୍ବରୁ ରାଜନୈତିକ ହିଂସାକାଣ୍ଡ ଘଟିଛି। ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ଆଡ଼ଚେର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏହି ହିଂସାକାଣ୍ଡ ଘଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆଡ଼ଚେର ଗ୍ରାମର ରମେଶ କୁମାର ବିଶ୍ୱାଳ ଓ କାଳିକାପ୍ରସାଦ ଗ୍ରାମ ସଭାପତି ବିରଞ୍ଚି ମହାନ୍ତି। ସେହିଭଳି ଆକ୍ରମଣରେ କାଳିକାପ୍ରସାଦ ସମିତିସଭ୍ୟ ସୁଶାନ୍ତ କୁମାର ଭଞ୍ଜ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରମେଶ ୬୪ ବାଟାଲିୟନରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। କିଛିଦିନ ହେଲା ସେ ଘରକୁ ଆସିଥିଲେ। ଶନିବାର ରାତିରେ ରମେଶ କାଳିକାପ୍ରସାଦ ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ରମେଶଙ୍କୁ ସାଙ୍ଗରେ ଧରି ବିରଞ୍ଚି ଓ ସୁଶାନ୍ତ ଗ୍ରାମକୁ ଆସିଥିଲେ। ରାତ୍ରି ୨ଟା ସମୟରେ ଆଡ଼ଚେର ଗ୍ରାମ ମୁଣ୍ଡରେ ୪ରୁ ୫ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରାସ୍ତାରେ ୩ ଜଣ ପଡିଥିବା ବେଳେ ଗ୍ରାମର କିଛି ଲୋକ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରମେଶ ଓ ବିରଞ୍ଚିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୁଶାନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୁଶାନ୍ତଙ୍କ ଅଭିଯୋଗକ୍ରମେ ସଦର ଥାନାରେ ଏ ନେଇ ୪୮/୧୯ରେ ମାମଲା ରୁଜୁ କରାଯାଇ କେଶରପୁର ଗ୍ରାମର ସୁରେଶ ଡ଼ୋରାଙ୍କୁ ଗିରଫ କରାଯାଇଛି। ସେହିଭଳି ଆଡଚେର ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ, ଶଙ୍କର୍ଷଣ ସ୍ୱାଇଁ, କାଶୀନାଥ ସ୍ୱାଇଁ, କେଶରପୁର ଗ୍ରାମର ସୁରେଶଙ୍କ ଭାଇ ଜଗଦୀଶ ଡୋରା ଓ ନାରାୟଣ ପ୍ରଧାନଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଏହି ୫ଜଣ ଫେରାର ଥିବା ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା ସୂଚନା ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ନେତା ଓ କର୍ମୀମାନେ ବିଜେଡିର ହୋଇଥିବା ବେଳେ ତାଙ୍କୁ ଭାଜପା କର୍ମୀମାନେ ଆକ୍ରମଣ କରିଥିବା ସୁଶାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ବ୍ୟକ୍ତିଗତ କାରଣରୁ ଏହି ଗଣ୍ଡଗୋଳ ହୋଇଥିବା ବେଳେ ଏହାକୁ ରାଜନୈତିକ ରୂପ ଦିଆଯାଉଥିବା ଚର୍ଚ୍ଚା ହେଉଛି।

## ଗରିବଙ୍କୁ ଧମକାଇ ଭୋଟ୍ ନେବାକୁ ଚାହୁଁଛି ବିଜେଡି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୧।୪ (ବ୍ୟୁରୋ):** ରାଜ୍ୟର ଗରିବ ଲୋକଙ୍କୁ ଡରେଇ, ଧମକାଇ ବିଜେଡି ଭୋଟ ନେବାକୁ ଉଦ୍ୟମ କରୁଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ସରକାରକୁ ଆସିଲେ ଖାଦ୍ୟ ସୁରକ୍ଷା ସହ ପୁଷ୍ଟି ନିରାପତ୍ତା ସୁନିଶ୍ଚିତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ଏକ ଭିଡିଓ ଜାରି କରି ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବା ପର୍ଯ୍ୟନ୍ତ ଦେଶର ଗରିବ ଲୋକମାନଙ୍କର କେହି ଅନିଷ୍ଟ କରିପାରିବେ ନାହିଁ। ୧୯ବର୍ଷ ଶାସନ ପରେ ମଧ୍ୟ ରାଜ୍ୟର ୨୫ଜିଲାରେ ଗରିବ ଘରର ଗର୍ଭବତୀ ମହିଳା ଓ ଶିଶୁମାନେ କୁପୋଷଣର ଶିକାର ହୋଇଛନ୍ତି। ଜାତୀୟ ହାରରୁ ଏହା ତଳେ ରହିଛି । ୨୦୩୬କୁ ଓଡିଶା ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ବର୍ଷ ପୂର୍ତ୍ତି ହେବାକୁ ଥିବାବେଳେ ଆଜି ଜନ୍ମ ନେଇଥିବା ଶିଶୁ ସେତେବେଳେ ଦୁର୍ବଳ ଯୁବତୀ,ଯୁବକ ଅବସ୍ଥାରେ ଥିବ । ଏହାକୁ ଧ୍ୟାନରେ ରଖି ରାଜ୍ୟରେ ଭାଜପା ସରକାର ହେଲେ ଓଡିଶାର ୩କୋଟି ୨୬ଲକ୍ଷ ଲୋକଙ୍କୁ ମୋଟ ୧ଟଙ୍କାରେ ୫କେଜି ଚାଉଳ, ଅଧକେଜି ଡାଲି ଓ ଲୁଣ ଦିଆଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଆଜି ଜନ୍ମ ନେଇଥିବା ଶିଶୁ ସେତେବେଳେ ଦୁର୍ବଳ ଯୁବତୀ, ଯୁବକ ହୋଇ ରହିବାକୁ ଦିଆଯିବ ନାହିଁ । ଓଡିଶାରେ ମୋଦି ସରକାର ଆସିଲେ ଟଙ୍କିକିଆ ଚାଉଳ ବନ୍ଦ ହୋଇଯିବ ବୋଲି ଅପପ୍ରଚାର କରୁଛନ୍ତି। ଟଙ୍କିକିଆ ଚାଉଳର ହିସାବ ପ୍ରଧାନମନ୍ତ୍ରୀ ଖୋଦ୍ ଓଡିଶାର ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରିଛନ୍ତି ।

## ସଂକ୍ଷେପରେ

### ରାଜନଗରରେ କଂଗ୍ରେସର ମିଶ୍ରଣ ପର୍ବ

ରାଜନଗର, ୨୧।୪ (ଡିଏନଏ)ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡଠାରେ କଂଗ୍ରେସ ପକ୍ଷରୁ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜଗଡ ଗାଁର ୩୮ ବିଜେଡି ପରିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ନୂତନ ସଦସ୍ୟମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ରାଜଗଡ ଗାଁର ପ୍ରଫୁଲ୍ଲ କୁମାର ଜେନା, କୈଳାସ ଜେନା, ମଧୁସୂଦନ ଜେନା, ବୃନ୍ଦାବନ ଜେନା, ମାଗୁଣି ଜେନା, ବିଜୟ ଜେନା, ନିରାକାର ବେହେରା, ସମର ଦାସ, ଫକୀର ସାହୁ, ପ୍ରଫୁଲ୍ଲ ବେହେରା, ସଞ୍ଜୟ ସାହୁ, ଅମର ସାହୁ, ବଳରାମ ବେହେରା, ରବୀନ୍ଦ୍ର କୁମାର ବେହେରାଙ୍କ ସମେତ ୩୮ ପରିବାର କଂଗ୍ରେସରେ ସାମିଲ ହୋଇଥିଲେ। ସେହିପରି ହାତୀନା ପଞ୍ଚାୟତର ଜୁଣୁପାଙ୍ଗରା ଓ ପରିପାଙ୍ଗରା ଗାଁର ଘନଶ୍ୟାମ ପାଢୀ, ସନ୍ତୋଷ ଷଣ୍ଢ, ଅଜାମ୍ବର ଷଣ୍ଢ, ପ୍ରଭାକର ସାମଲ, ପ୍ରଫୁଲ୍ଲ ସାମଲ, ସନାତନ ଷଣ୍ଢ, ଚନ୍ଦ୍ରମଣି ସାମଲ, ଗୟାଧର ସ୍ୱାଇଁ, ଶ୍ରୀଧର ଜେନା, ପ୍ରଦୀପ ଜେନା, ସୁକାନ୍ତ ଦାସ, ସନ୍ତୋଷ ସେଠୀ, ଲମ୍ବୋଦର ସେଠୀ, ଘନଶ୍ୟାମ ପ୍ରଧାନ, ଅର୍ଜ୍ଜୁନ ସେଠୀଙ୍କ ସମେତ୧୫ ପରିବାର ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଛନ୍ତି। ଗୁପ୍ତି ପଞ୍ଚାୟତ କାନଫୁଲିଆ ଗାଁର କୃଷ୍ଣଚନ୍ଦ୍ର ବାହାଲିଆ, ନାଗେଶ୍ୱର ଖଟୁଆ, ନଛିପଡା ଗାଁର ଫକିର ପରିଡା, ଅଲେଖ ଦାସ ପ୍ରମୁଖ କଂଗ୍ରେସରେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୧ ନଂ ଜୋନ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ମହୁଲିଆ ପଞ୍ଚାୟତ ସଭାପତି ଧନେଶ୍ୱର ନାୟକ, ଯୁବନେତା ପବିତ୍ର କୁମାର ଷଣ୍ଢ, ଭୀମସେନ ସେଠୀ, ପ୍ରଫୁଲ୍ଲ ପାଣ୍ଡବ, ନକୁଳ ଚରଣ ଦାସ, ଶତ୍ରୁଘ୍ନ ପରିଡା, ଭୀମସେନ ପଢିହାରୀ, ଅଲେଖ ଚନ୍ଦ୍ର ଭୂୟାଁ, ରଞ୍ଜନ କୁମାର ଦାସ, ଶ୍ରୀଧର ସାମଲ, ଗୁପ୍ତି ପଞ୍ଚାୟତ ସଭାପତି କେଶବ ଚନ୍ଦ୍ର ଜେନା, କଂଗ୍ରେସନେତା ଖଗେଶ୍ୱର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

### ବେଦପ୍ରକାଶଙ୍କ ପରଲୋକରେ ଶୋକ

ରାଜକାନିକା, ୨୧।୪(ଡି.ଏନ୍.ଏ.)- ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତ ଅନ୍ତର୍ଗତ ବିଜେଡି ପକ୍ଷରୁ ବଳିଭଣ୍ଡାଗ୍ରାମର ମଙ୍ଗଳା ପୀଠରେ ରବିବାର ପାଟକୁରା ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ୍‌ଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି କର୍ମୀ ଚଇତନ ମଲିକ ପୌରୋହିତ୍ୟରେ ଆୟୋଜିତ ଏହି ଶୋକସଭାରେ ବିଜେଡି ନେତା ନିମାଇଁ ଚରଣ ଦାସ, ରମେଶ ବାରିକ , ସୁବାସ ବେହୁରିଆ, ଯୁଗଳ ମଲିକ, ପ୍ରକାଶ ବାରିକ, ରମେଶ ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇ କେନ୍ଦ୍ରାପଡାର ବିକାଶ ପାଇଁ ବେଦପ୍ରକାଶଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# କେନ୍ଦ୍ର, ପୂର୍ବତନ ଏମ୍‌ପିଙ୍କୁ ଟାର୍ଗେଟ

**କେନ୍ଦ୍ରାପଡା ଅଫିସ, ୨୧।୪**

କେନ୍ଦ୍ରାପଡା ଜିଲାର ରାଜନଗର ଓ କେନ୍ଦ୍ରାପଡା ନିର୍ବାଚନୀ ସଭାରୁ କେନ୍ଦ୍ର ଓ ପୂର୍ବତନ ଏମପିଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କେନ୍ଦ୍ରାପଡା ବ୍ଲକ ୮ ନଂ ଜୋନ ଅନ୍ତର୍ଗତ ଛଘରିଆ ଠାରେ ରବିବାର ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତିଯେ, କାଳିଆ ଯୋଜନାରେ ୪୦ ହଜାର ଚାଷୀ ଉପକୃତ ହୋଇଛନ୍ତି । ତେବେ ଏହି ଯୋଜନାକୁ କେନ୍ଦ୍ର ସରକାର ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି । ହେଲେ କେହି ଏହାକୁ ବନ୍ଦ କରିପାରିବେ ନାହିଁ । ନିର୍ବାଚନ ପରେ ଏକକାଳୀନ ୧୦ ହଜାର ଟଙ୍କା ହିତାଧିକାରୀଙ୍କୁ ଦିଆଯିବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି । ସେହିପରି ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଇଥିବା ପ୍ରସଙ୍ଗ ଉତ୍ଥାପନ କରିଥିଲେ । ବିଜୁ ବାବୁଙ୍କ କର୍ମସ୍ଥଳୀ କେନ୍ଦ୍ରାପଡ଼ାରେ ଘୋଷଣା ହୋଇଥିବା ବିଜେଡିର ୩୩ ପ୍ରତିଶତ ମହିଳାଙ୍କୁ ଏଥର ଲୋକସଭା ପାଇଁ ପ୍ରାର୍ଥୀ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ମହିଳାମାନେ ଦେଶର ପ୍ରକୃତ ଡବଲ୍ ଇଞ୍ଜିନ ବୋଲି କହିଥିଲେ । ପୂର୍ବତନ ଏମପିଙ୍କୁ ଟାର୍ଗେଟ କରି ସେ କହିଥିଲେ ଯେ, ବିଜୁବାବୁଙ୍କ ଏହି କର୍ମସ୍ଥଳୀର ଉନ୍ନତି ପାଇଁ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଲୋକସଭା ପଠା ଯାଇଥିଲା । ଏହି ବ୍ୟକ୍ତି କେନ୍ଦ୍ରାପଡ଼ାକୁ ରେଳ ପରିବର୍ତ୍ତେ ନିଜ ଶିଳ୍ପ ନିକଟକୁ ରେଳପଥ ପାଇଁ ଲବି କରୁଥିବା ଜଣାପଡିଥିଲା । ମୋ ଅନୁରୋଧରେ ଲୋକେ ତାଙ୍କୁ ଦୁଇଥର ଭୋଟ ଦେଇଥିଲେ । ଏଠାରେ ରେଳ ଓ ଶିଳ୍ପର ବିକାଶ ହୋଇ ନ ଥିବାରୁ ସେ ନିଜେ ଉତ୍ତର ଦାୟୀ। ସେ କେନ୍ଦ୍ରାପଡାର ବିକାଶ ସହ ଖେଳିଛନ୍ତି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ । କେନ୍ଦ୍ରାପଡାବାସୀ ଏହାର ଜବାବ ଦେବେ। ଏହି ଜିଲାର ବିକାଶ ଏବେ ତାଙ୍କ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ ।

ଏଥିସହ ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି, କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା ଓ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଭୋଟ ଦେବା ପାଇଁ ସେ ଅନୁରୋଧ କରିଥିଲେ। ଏହି ସଭାରେ ଆସ୍କା ଲୋକସଭା ପ୍ରାର୍ଥୀ ପ୍ରମିଳା ବିଶୋୟୀ, ସ୍ଥାନୀୟ ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି, ବିଧାୟକ ପ୍ରାର୍ଥୀ ଶଶିଭୂଷଣ ଓ ମହାକାଳପଡା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ପାଟକୁରା ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ୍‌ଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାକୁ ବ୍ଲକ ସଭାପତି ଆଲୋକ ସାହୁ ପରିଚାଳନା କରିଥିଲେ । ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ଓ ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରାଜନଗରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କୁ ଜିତାଇବା ପାଇଁ ଅନୁରୋଧ କରିଥିଲେ ।



ଛଅଘରିଆଠାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

## ରାଜନଗରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

# କେନ୍ଦ୍ରାପଡା ବିକାଶ ନିଜେ ଦେଖିବି : ମୁଖ୍ୟମନ୍ତ୍ରୀ

**ରାଜନଗର, ୨୧।୪(ଡିଏନଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜନଗରଠାରେ ରବିବାର ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡାଙ୍କୁ ଟାର୍ଗେଟ କରି କେନ୍ଦ୍ରାପଡା ବିକାଶ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ, ସ୍ୱାଧୀନତାର ୭୦ବର୍ଷ ପରେ କେନ୍ଦ୍ରାପଡାକୁ ରେଳ ଯୋଗାଯୋଗ ହୋଇ ପାରିନାହିଁ। ଏଥିପାଇଁ କେନ୍ଦ୍ର ନିକଟରେ ବହୁବାର ଦାବି କରିଛି। କିନ୍ତୁ ଦିଲ୍ଲୀରେ ମିଟିଂ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଥିଲା। ସେହିପରି କାଳିଆ ଯୋଜନା ବନ୍ଦ କରିବାକୁ କେନ୍ଦ୍ର ଚକ୍ରାନ୍ତ କରୁଛି। ମୁଁ ଥିବା ଯାଏଁ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ । କେନ୍ଦ୍ରାପଡା ବିଜୁବାବୁଙ୍କ କର୍ମଭୂମି। କେନ୍ଦ୍ରାପଡାର ସ୍ୱାଭିମାନୀ ଲୋକେ ବିଜୁବାବୁଙ୍କୁ ତାଙ୍କ ପରିବାର ଭଳି ଭଲ ପାଉଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡାର ବିକାଶ ଏଥର ମୁଁ ନିଜେ ଦେଖିବି ବୋଲି କହିଥିଲେ । ପରେ କେନ୍ଦ୍ରାପଡା ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ଯୁବ ପ୍ରାର୍ଥୀ ଅନୁଭବ ମହାନ୍ତି ଓ ରାଜନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଆର୍ଶୀବାଦ କରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସେ ଅନୁରୋଧ କରିଥିଲେ । ଏହି ସଭାରେ ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ କହିଲେ ଯେ, ପଟ୍ଟାମୁଣ୍ଡାଇ ଓ ରାଜନଗରକୁ ସମୃଦ୍ଧ ଅଞ୍ଚଳ ଭାବେ ଗଢି ତୋଳିବା ପାଇଁ ବିଜୁବାବୁ ସ୍ୱପ୍ନ ଦେଖିଥିଲେ। ସେହି ସ୍ୱପ୍ନ ପୂରଣ ପାଇଁ ନବୀନବାବୁ ବିକାଶର ଧାରା ଜାରି ରଖିଛନ୍ତି। ପରିବାରବାଦରୁ ଏ ଅଞ୍ଚଳକୁ ମୁକ୍ତ କରି ନବୀନବାବୁଙ୍କ ସାଥେ ଚାଲିବା ଓ ସମୃଦ୍ଧ ରାଜନଗର ପଟ୍ଟାମୁଣ୍ଡାଇ ଗଢି ତୋଳିବା ପାଇଁ ଧ୍ରୁବ ନିବେଦନ କରିଥିଲେ। ଏମପି ପ୍ରାର୍ଥୀ ଅନୁଭବ ମହାନ୍ତି ଏହି ନିର୍ବାଚନୀ ସଭାରେ ଯୋଗଦେଇ କହିଲେ ଯେ, ପ୍ରଥମଥର ଲୋକସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସ୍ୱାଭିମାନ ମାଟିରୁ ସୁଯୋଗ ମିଳିଛି। କେନ୍ଦ୍ରାପଡା ବିଜୁବାବୁଙ୍କ ମାଟି । ଏହି ଅଞ୍ଚଳର ବିକାଶ ଆପଣମାନଙ୍କ ସାଙ୍ଗରେ ରହି କରିବି ବୋଲି କହିଥିଲେ ।

ଅପରାହ୍ନରେ ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ରାଜନଗର ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ସାହୁ, ପଟ୍ଟାମୁଣ୍ଡାଇ ନଗର ସଭାପତି ଭୋଳାନାଥ ପାଢୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହାଛଡା ସୁଦର୍ଶନ ଦାସ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ଯୁବ ବିଜେଡି ସଭାପତି ପାରେଶ୍ୱର ନାୟକ, ବିଜେଡି ନେତା ସୁବାଷ ଚନ୍ଦ୍ର ଦାସ, ବିଜୟ କୁମାର ପରିଡା, ବାରେଣୀ ସେଠୀ, ନରହରି ଜେନା, ନିରଞ୍ଜନ ରାଉତ, ପ୍ରଶାନ୍ତ କୁମାର ରାଉତ, ବିକ୍ରମ କୁମାର ବାରିକ ପ୍ରମୁଖ ନବୀନ ସରକାରଙ୍କ ବିକାଶଧାରାରେ ସାମିଲ ହୋଇ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ ।



ରାଜନଗରଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯୋଗ ଦେଇଥିବା ଜନସାଧାରଣ ।

## ପଲ୍ଲୀ-ରଘୁନାଥପୁର ଗ୍ରାମରେ ଅଗ୍ନିକାଣ୍ଡ

# ୪ ପରିବାରର ୧୦ ବଖରା ଭସ୍ମୀଭୂତ

**ଡେରାବିଶ,୨୧।୪(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅଧୀନ ପଲ୍ଲୀ-ରଘୁନାଥପୁର(ପାଟଣା) ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ଭସ୍ମୀଭୂତ ହୋଇଯାଇଛି।

ପ୍ରକାଶ ଯେ, ପୂର୍ବାହ୍ନ ୧୦ଟା ସମୟରେ ପ୍ରଥମେ ଗ୍ରାମର ରବୀନ୍ଦ୍ର କୁମାର ପାତ୍ରଙ୍କ ଘରେ ନିଆଁ ଲାଗି ଯାଇଥିଲା। ଏହାଦେଖି ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଚାହୁଁ ଚାହୁଁ ରବୀନ୍ଦ୍ରଙ୍କ ଘରକୁ ଲାଗିଥିବା ତାଙ୍କ ସାନ ଭାଇ ଜିତେନ୍ଦ୍ର ପାତ୍ରଙ୍କ ଘରକୁ ଧରି ପକାଇଥିଲା। ପରେ ପଡୋଶୀ ପଦ୍ମନାଭ ପାତ୍ର ଓ ତ୍ରିଲୋଚନ ପାତ୍ରଙ୍କ ଘରକୁ ବ୍ୟାପି ଯାଇଥିଲା। ଖବରପାଇ କେନ୍ଦ୍ରାପଡାରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଉପରୋକ୍ତ ୪ ପରିବାରଙ୍କ ଘରେ ଥିବା ଧାନ, ଚାଉଳ ଓ ଘରକରଣା ଆସବାବପତ୍ର ପୋଡି ପାଉଁଶ ହୋଇ ସାରିଥିଲା। ନିଆଁର ପ୍ରଖରତା ଏତେ ତୀବ୍ର ଥିଲା ଯେ ଅଗ୍ନିବିପନ୍ନ ପରିବାର ସଦସ୍ୟମାନେ ପିନ୍ଧିଥିବା ଲୁଗା ବ୍ୟତୀତ ଅନ୍ୟ କୌଣସି ଜିନିଷ ଉଦ୍ଧାର କରିବା ସମ୍ଭବପର ହୋଇ ପାରି ନ ଥିଲା । ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ବିପନ୍ନ ପରିବାର ସର୍ବସ୍ୱାନ୍ତ ହୋଇ ପାଖ ପଡୋଶୀଙ୍କ ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିବା ଜଣାଯାଇଛି। ସ୍ଥାନୀୟ ସରପଞ୍ଚ ଉମାକାନ୍ତ ନାୟକ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିବା ଜଣାଯାଇଛି। ସେହିପରି ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ , କେନ୍ଦ୍ରାପଡା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ପ୍ରାଧାପକ ଅଜୟ କୁମାର ରାଉତ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପଲିଥିନ, ବସ୍ତ୍ର, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସମେତ ନିର୍ବାଚିତ ପ୍ରତିନିଧିମାନେ ଦାବି କରିଛନ୍ତି।



ଅଗ୍ନିକାଣ୍ଡରେ ପୋଡିଯାଇଥିବା ଘର।

### ସ୍ୱାଧୀନ ବିଧାୟିକା ପ୍ରାର୍ଥୀ ସୁଜାତାଙ୍କ ପ୍ରଚାର

**ରାଜକନିକା ,୨୧।୪ (ଡି.ଏନ୍.ଏ.)**

ଆଳି ନିର୍ବାଚନ ଆସନ ପାଇଁ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ଏହି ଅବସରରେ ଆଳି ନିର୍ବାଚନ ମଣ୍ଡଳିର ଏକମାତ୍ର ସ୍ୱାଧିନ ବିଧାୟିକା ପ୍ରାର୍ଥୀ ସୁଜାତା ବାରିକ ରବିବାର ଘରଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ରାଜକନିକା ବ୍ଲକର ପଣସଗଣ୍ଡ, ଚରପଡା, ଦାମୋଦରପୁର, ପଧାନପଡା, କଣ୍ଡିଆହାଟ, କଣ୍ଡିଆ, ନମତରା ଓ ଦେଉଳତରା ଅଞ୍ଚଳ ବୁଲି ପ୍ରଚାର କାର୍ଯ୍ୟ କରିଛନ୍ତି। ଏହି ପ୍ରଚାର ସମୟରେ ତାଙ୍କ ସମର୍ଥକମାନେ ଯୋଗ ଦେଇଥିଲେ।

# ଭୋଟିଂ ମେଶିନ୍ ଧରି ବୁଥ୍‌କୁ ଗଲେ ପୋଲିଂ ଦଳ

**ବାଙ୍କୀ,୨୧।୪(ସ୍ୱ.ପ୍ର.)**

ବାଙ୍କୀ ବିଧାନସଭା ନିର୍ବାଚନ ଆସନ୍ତା ୨୩ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତ୍ୟକ ବୁଥ୍‌କୁ ଭୋଟିଂ ମେଶିନ ସହ ଅନ୍ୟାନ୍ୟ ସରଞ୍ଜାମ ବଣ୍ଟନ ପାଇଁ ବାଙ୍କୀ କଲେଜ ପରିସରରେ ୪୦ କେନ୍ଦ୍ର ଖୋଲାଯାଇଥିଲା। ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନେ ଭୋଟିଂ ମେଶିନ୍ ଓ ଅନ୍ୟାନ୍ୟ ସରଞ୍ଜାମ ଗ୍ରହଣ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାଗାଡିରେ ନିର୍ଦ୍ଧାରିତ ପୋଲିଂ କେନ୍ଦ୍ରକୁ ଯାତ୍ରା କରିଛନ୍ତି। ସମସ୍ତ ଅଧିକାରୀ ରବିବାର ସନ୍ଧ୍ୟାସୁଦ୍ଧା ସେମାନଙ୍କ କେନ୍ଦ୍ରମାନଙ୍କରେ ପହଞ୍ଚିଛନ୍ତି। ସୋମବାର ବୁଥମାନଙ୍କରେ ଭୋଟ ଗ୍ରହଣ ପାଇଁ ସମସ୍ତ ବ୍ୟବସ୍ଥା କରିବେ। ବାଙ୍କୀ ଉପଜିଲାପାଳ ତଥା ନିର୍ବଚନ ଅଧିକାରୀ ଅରୁଣ ବିଶ୍ୱାଳ, ସହକାରୀ ନିର୍ବାଚନ ଅଧିକାରୀ ତଥା ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁ ଓ ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ବାଙ୍କୀ ବିଡିଓ ପ୍ରଭାତ ସାହୁ ଓ ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ସୂଚନା କେନ୍ଦ୍ର ଖୋଲାଯାଇ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରାଯାଉଛି।

# ନୀରବୀ ଯାଇଛି ପାଟକୁରା, ଆଶାୟୀଙ୍କ ମଧ୍ୟରେ ପ୍ରତିଯୋଗିତା

**ଡେରାବିଶ, ୨୧।୪(ସ୍ୱ.ପ୍ର.)**

ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡା ଜିଲାରେ ଭୋଟ ଗ୍ରହଣ ହେବ । ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ରାଜନୈତିକ ଗୁରୁତ୍ୱ ବହନ କରୁଥିବା ପାଟକୁରା ନିର୍ବାଚନମଣ୍ଡଳୀରେ ଗତ କିଛି ଦିନ ହେବ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଚାଲିଥିଲା । ତେବେ ଶନିବାର ପୂର୍ବାହ୍ନରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଦେବ ପ୍ରକାଶ ଅଗ୍ରୱାଲାଙ୍କ ବିୟୋଗ ପରେ ଚଳଚଞ୍ଚଳ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ହଠାତ୍ ଥଣ୍ଡା ପଡିଯାଇଛି । ଗତ ଶୁକ୍ରବାର ରାତିଯାଏ ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମାଇକ ପ୍ରଚାର, ରାଜନୈତିକ ସଭା ଆଦି ହୋଇଥିବା ବେଳେ ଏବେ ଗାଁ ଦାଣ୍ଡ ଖାଁ ଖାଁ ମନେ ହେଉଛି । ଏହି ଆସନରେ ନିର୍ବାଚନ ସ୍ଥଗିତ ରହିବା ଜାଣିବା ପରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଯେଉଁ ଉତ୍ସାହ ଥିଲା, ତାହା ମରିଯାଇଛି । ଆସନ୍ତା ୬ ମାସ ମଧ୍ୟରେ ନିର୍ବାଚନ କମିଶନଙ୍କ ପକ୍ଷରୁ ସାନି ନିର୍ବାଚନ ଲାଗି ପୁନର୍ବାର ଏକ ତାରିଖ ଘୋଷଣା ହେବା ପରେ ବିଧାନସଭା ପାଇଁ ପୁନର୍ବାର ଭୋଟଦାନ ପ୍ରକ୍ରିୟା ଆରମ୍ଭ ହେବ । ଏଣୁ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଏକ ପ୍ରକାର ନିରାଶା ଭାବ ସୃଷ୍ଟି ହୋଇଛି । ମାତ୍ର ୨୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ନର୍ବାଚନରେ ଲୋକ ସଭା ପ୍ରାର୍ଥୀ ପାଇଁ ଭୋଟରମାନେ ମତଦାନ କରିବେ । ପୁନର୍ବାର ନିର୍ବାଚନ କମିଶନରଙ୍କ ଧାର୍ଯ୍ୟ ତାରିଖରେ ହେବାକୁ ଥିବା ବିଧାନସଭା ପାଇଁ ମତଦାନ କରାଯିବ । ଏ ସଂପର୍କରେ ପାଟକୁରାର କଂଗ୍ରେସ ଦଳର ପ୍ରାର୍ଥୀ ଜୟନ୍ତ ମହାନ୍ତି କୁହନ୍ତି ,ପ୍ରତ୍ୟେକ ୫ ବର୍ଷରେ ଥରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳ ତରଫରୁ ପ୍ରାର୍ଥୀ ଘୋଷଣା କରାଯାଇଥାଏ । ବିଜେଡିର ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ମଧ୍ୟ ଦଳ ପକ୍ଷରୁ ତାଙ୍କୁ ପ୍ରାର୍ଥୀ ଚୟନ କରିବା ତାଙ୍କ ପ୍ରତି ସଂପୂର୍ଣ୍ଣ ଅନ୍ୟାୟ ହୋଇଛି । ସେହିପରି ଭାଜପା ନେତା ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ପାଟକୁରା ନିର୍ବାଚନ ମଣ୍ଡଳୀ ସମଗ୍ର ରାଜ୍ୟରେ ଗୁରୁତ୍ୱ ବହନ କରୁଛି । ଚଳିତ ନିର୍ବାଚନରେ ଏହି ଆସନ ପାଇଁ ବହୁ ଆଶାୟୀ ପ୍ରାର୍ଥୀ ଥିଲେ ମଧ୍ୟ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଦ ପ୍ରକାଶଙ୍କୁ ପ୍ରାର୍ଥୀ କରାଯିବା ବିଜେଡି ପକ୍ଷରୁ ଏକ ବିରାଟ ଷଡଯନ୍ତ୍ର ବୋଲି ସେ କହିଛନ୍ତି।

ଏହା ପାଟକୁରାବାସୀଙ୍କ ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ଗଣେଶ କହିଛନ୍ତି। ତେବେ ଏଭଳି ସମାଲୋଚନାକୁ ରାଜ୍ୟ ବିଜେଡି ସାଧାରଣ ସଂପାଦକ ରବି ସାମଲ ଦୃଢ ଭାବେ ଖଣ୍ଡନ କରିଛନ୍ତି । ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବେଦୁବାବୁଙ୍କ ଭଳି ବର୍ଷିୟାନ ନେତାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା କୌଣସି ଭୁଲ ହୋଇ ନାହିଁ । ବେଦ ପ୍ରକାଶଙ୍କ ବିୟୋଗ ପରେ ପରବର୍ତ୍ତୀ ସମୟରେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ଅଙ୍କକଷା ଆରମ୍ଭ ହୋଇ ଯାଇଥିବା ବେଳେ ଆଶାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି ।

# ମାର୍ଶାଘାଇରେ କେନ୍ଦ୍ରମନ୍ତ୍ରୀଙ୍କ ରୋଡ ଶୋ

**ମାର୍ଶାଘାଇ, ୨୧।୪(ଡିଏନଏ)**

ମାର୍ଶାଘାଇରେ ନିର୍ବାଚନ ପ୍ରଚାର ଜମିବାରେ ଲାଗିଛି । ରବିବାର କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋୟଲ, ଓଡିଆ ସିନେ ତାରକା ବାବୁସାନ୍, ଶୀତମ ଦାସ ମାର୍ଶାଘାଇରେ ରୋଡ ଶୋ କରି ଭାଜପାର କେନ୍ଦ୍ରାପଡା ଏମପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାନସଭା ପ୍ରାର୍ଥୀ ବିଜୟ ପ୍ରଧାନଙ୍କ ପାଇଁ ପ୍ରଚାର କରିଛନ୍ତି। ଜାତୀୟ ରାଜପଥ ନିକଟ ମାର୍ଶାଘାଇର ହଜାରୀ ଛକ ନିକଟରୁ କେନ୍ଦ୍ରମନ୍ତ୍ରୀ ଗୋଏଲଙ୍କ ସହ ଏକ ଖୋଲା ଜିପରେ ଏମପି ପ୍ରାର୍ଥୀ ପଣ୍ଡା, ମହାକାଳପଡା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜୟ ପ୍ରଧାନ,ଅଭିନେତା ଦାସ, ଭାଜପା ନେତା ଜୟରାମ ପାଙ୍ଗୀ ପ୍ରମୁଖ ହଜାରୀ ଛକ, ହାତିଆ, ମାଣତୀର, ମଝିଅଣ୍ଟା ଓ ମଣିକୁଣ୍ଡା ଗ୍ରାମ ପରିକ୍ରମା କରି ଭାଜପା ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ସନ୍ଧ୍ୟା ହୋଇ ଆସିବାରୁ କେନ୍ଦ୍ରମନ୍ତ୍ରୀ ଓ ଅଭିନେତା ଦାସ ମଣିକୁଣ୍ଡା ଛକରୁ ଫେରି ଯାଇଥିଲେ। ପୂର୍ବରୁ ମଣିକୁଣ୍ଡା ଛକରେ ପହଞ୍ଚି ଥିବା ବାବୁସାନ ରୋଡଶୋରେ ସାମିଲ ହୋଇଥିଲେ। ବାବୁସାନଙ୍କୁ ପାଖରେ ପାଇ ଯୁବପୀଢି ସେଲଫି ନେବା ପାଇଁ ଉତ୍ସାହିତ ହୋଇ ଭିଡ ଜମାଇଥିଲେ। ଗାଁ ନିକଟ ଛକରେ ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ,ହୁଳହୁଳି ପକାଇ ସ୍ୱାଗତ କରିଥିଲେ। ମଣିକୁଣ୍ଡା ପରେ ଦରବଚ୍ଛା, ପେହେଣ୍ଡା, କଷୋଟି ଗ୍ରାମ ଛକ ଦେଇ ମାର୍ଶାଘାଇ ବ୍ଲକ ଛକ, ଜୁଣ ଛକ ଦେଇ ମାର୍ଶାଘାଇ କ୍ରସିଂ ବାଟେ ଅଙ୍ଗୁଳାଇ ଯାଇଥିଲେ। ଅଙ୍ଗୁଳାଇ ଛକରେ ଉପସ୍ଥିତ ହଜାର ହଜାର ସମର୍ଥକ ସ୍ୱାଗତ କରିଥିଲେ। ଏହା ପରେ ଅଙ୍ଗୁଳାଇ ବଜାର,ବରେଇ, ଅରଖିଆ, କୁରୁଡୁଙ୍ଗା, ପଣ୍ଡା, ନେମ୍ବରା, ଥାଉରି ଛକରେ ରୋଡ ଶୋ କରି ଭାଜପା ପ୍ରାର୍ଥୀ ଦ୍ୱୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହାପରେ ମହାକାଳପଡା ବ୍ଲକର ରାଜଗଡ ପଞ୍ଚାୟତ, ଅଳାଇଲୋ ପଞ୍ଚାୟତ,ଦେଉଳପଡା,ବିଜୟନଗର ପଞ୍ଚାୟତରେ ରୋଡ ଶୋ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଉମାକାନ୍ତ ପଟ୍ଟନାୟକ, ଭାଜପା ନେତା ଉମାକାନ୍ତ ନାୟକ, କୃଷକ ନେତା ବିକ୍ରମ ରାଉତରାୟ, ମିହିର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମଣିକୁଣ୍ଡା ପଞ୍ଚାୟତ ସରପଞ୍ଚ ପ୍ରତାପ ଚନ୍ଦ୍ର ଦାସ,ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ,ମାର୍ଶାଘାଇ ସମିତି ସଭ୍ୟ ନିଗମ ପ୍ରସାଦ ରଥ, ଭାଜପା ନେତା ଶାରଦା ପ୍ରସନ୍ନ ବେଉରା, ଦଶିପୁରର ଗୋପୀନାଥ ବେହେରା, ସ୍ମୃତିରଞ୍ଜନ ରାଉତ,ଉଦୟ ଦାସ),ପୂର୍ବତନ ଛାତ୍ରନେତା ସଦାନନ୍ଦ ଦାସଙ୍କ ସମେତ ହଜାର ହଜାର ସମର୍ଥକ ବାଇକ ନେଇ ରୋଡ ଶୋରେ ସାମିଲ ହୋଇଥିଲେ।



ମାର୍ଶାଘାଇ ଅଞ୍ଚଳରେ ରୋଡ ଶୋ'ରେ ଭାଜପା ନେତୃବୃନ୍ଦ।

# କାର୍ଯ୍ୟକାରୀ ହେଉନି ସମଗ୍ର ଶିକ୍ଷା ଅଭିଯାନ

- ଏକକ ଶିକ୍ଷା ବ୍ୟବସ୍ଥା ପ୍ରହସନ
- ବର୍ଷେ ହେଲା ଘୋଷଣାରେ ରହିଛି ଅଭିଯାନ
- ବିଦ୍ୟାଳୟରେ ପ୍ରି-ନର୍ସରୀ ଖୋଲିବା ଆଶା ମଉଳିଲାଣି

**ଜଗତ୍‌ସିଂହପୁର ଅଫିସ, ୨୧।୪**

ଦେଶରେ ଏକାଧିକ ଶିକ୍ଷା ବ୍ୟବସ୍ଥା ରହିଛି, ଯେଉଁଥିପାଇଁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ତେଣୁ କେନ୍ଦ୍ର ସରକାର ସାରା ଦେଶରେ ଏକକ ଶିକ୍ଷା ବ୍ୟବସ୍ଥା ତଥା ସମଗ୍ର ଶିକ୍ଷା ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ଷେ ପୂର୍ବରୁ ଏଭଳି ନିଷ୍ପତ୍ତି ନିଆଯାଇ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ।

ଭାରତ ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ସମଗ୍ର ଶିକ୍ଷା ଅଭିଯାନର ଚିଠା ଦସ୍ତାବିଜ୍ ଉପରେ ୧୦।୪।୧୮ ଭିତରେ ମତାମତ ଓ ପରାମର୍ଶ ଦେବାକୁ ଆହ୍ୱାନ ଦିଆଯାଇଥିଲା। ସମସ୍ତ ରାଜ୍ୟ ସରକାର ଏହା ଉପରେ ସକରାତ୍ମକ ମତାମତ ଓ ପରାମର୍ଶ ଦେଇଥିଲେ। ପରେ କେନ୍ଦ୍ର ସରକାର ଚୂଡ଼ାନ୍ତ ଦସ୍ତାବିଜ୍ ପ୍ରସ୍ତୁତ କରୁଥିବା କୁହାଯାଇଥିଲା। ଆଶା ଥିଲା ଖୁବଶୀଘ୍ର ସାରା ଦେଶରେ ଅଭିଯାନ ଆରମ୍ଭ ହେବ। ଏହା ହୋଇଥିଲେ ଆମ ରାଜ୍ୟରେ ଥିବା ସର୍ବଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ), ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆର୍‌ଏଏମ୍‌ଏସ୍‌ଏ) ଓ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଗୋଟିଏ ଫୋଲ୍ଡରରେ ରହିଥାନ୍ତା। ଅର୍ଥାତ୍ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରାଥମିକରୁ ଉଚ୍ଚମାଧ୍ୟମିକ (ପ୍ରି ନର୍ସରୀରୁ ଦ୍ୱାଦଶ) ପର୍ଯ୍ୟନ୍ତ ସବୁର ମୁଖ୍ୟ ରହିଥାନ୍ତେ। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ପଦବୀ ରହି ନ ଥାନ୍ତା। ଏହା ଶିକ୍ଷା ବ୍ୟବସ୍ଥାରେ ଦୃଢ଼ ମୂଳଦୁଆ ସୃଷ୍ଟି କରିବାରେ ସହାୟକ ହୋଇ ପାରିଥାନ୍ତା। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଅନୁଦାନ ଦେଇଥାନ୍ତେ। ସୂଚନା ଅନୁଯାୟୀ, ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରମ, ନାଗାଲାଣ୍ଡ, ସିକିମ, ତ୍ରିପୁରା, ଜାମ୍ମୁ ଓ କଶ୍ମିର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଆଦି ରାଜ୍ୟରେ କେନ୍ଦ୍ର ଓ ରାଜ୍ୟ (ଅନୁଦାନ) ଅନୁପାତ ୯୦:୧୦ ରଖାଯାଇଛି। ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ କେନ୍ଦ୍ର ୬୦% ଓ ରାଜ୍ୟ ସରକାର ୪୦% ଅନୁଦାନ ଦେବେ। ରାଜ୍ୟରେ ସମଗ୍ର ଶିକ୍ଷା ଅଭିଯାନର ସୁପରିଚାଳନା ପାଇଁ ସିଙ୍ଗଲ ଷ୍ଟେଟ୍ ଇମ୍ପ୍ଲିମେଣ୍ଟେଶନ୍ ସୋସାଇଟି ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମଗ୍ର ଶିକ୍ଷା ଅଭିଯାନର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ଦେଶରେ ପ୍ରାଥମିକ, ମାଧ୍ୟମିକ ଶିକ୍ଷାରେ ବଡ଼ ଧରଣର ବିକାଶ ଆଣିବା। ଅର୍ଥାତ୍ ମୁକ୍ତ, ସମାନତା ଓ ଗୁଣାତ୍ମକ ଶିକ୍ଷା ପ୍ରାପ୍ତି ହେବା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମାଜରେ ଥିବା ଲିଙ୍ଗଗତ ଭେଦଭାବ ଦୂର କରିବା ସହ ଆପାଦକାଳୀନ ସ୍ଥିତିରେ ଥିବା ପିଲାଙ୍କୁ (ଭିନ୍ନକ୍ଷମ ଆଦି) ମୁଖ୍ୟ ସ୍ରୋତରେ ସାମିଲ କରିବା। କେନ୍ଦ୍ରୀୟ ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱୟ ସମେତ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଆଣିବା ଉପରେ ଧ୍ୟାନ ଦିଆଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଦ୍ୟାଳୟଗୁଡ଼ିକରେ ପ୍ରି ନର୍ସରୀ ଖୋଲିବ। ଛୋଟ ପିଲାଙ୍କ ମାନସିକ ବିକାଶ ପାଇଁ ପାଠ ସହ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ୨୦ ଜଣ ପିଲାରେ ଜଣେ ଶିକ୍ଷକ ନିଯୁକ୍ତି ପାଇବେ। ଧନ୍ଦାମୂଳକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯିବାର ଉଦ୍ଦେଶ୍ୟ ହେଉଛି ବେକାରୀ ସମସ୍ୟାର ସମାଧାନ କରିବା। ଶିକ୍ଷକ ତାଲିମ ଏବଂ ତଦାରଖକୁ ନିଶ୍ଚିତ କରିବା। ବୈଷୟିକ ଜ୍ଞାନ ପ୍ରୟୋଗ କରାଗଲେ ଭବିଷ୍ୟତରେ ପିଲାମାନେ ଏହାର ଭରପୂର ଫାଇଦା ଉଠାଇବେ। ଶିକ୍ଷାରେ ପଛୁଆ ବ୍ଲକ ବିଶେଷକରି ସୀମାନ୍ତରେ ଥିବା ଅଞ୍ଚଳ, ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା ଜିଲା ସମେତ ୧୧୫ଟି ଜିଲା ଉପରେ ପ୍ରାଥମିକତା ଦିଆଯିବ। ବିଜ୍ଞାନ ଶିକ୍ଷାର ବ୍ୟାପକ ପ୍ରଚାର ଓ ପ୍ରସାର, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଉପରେ ଧ୍ୟାନ ଦିଆଯିବ। ୬ରୁ ୧୪ ବର୍ଷର କୌଣସି ପିଲା ଯେପରି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସରକାର ବିଶେଷ ଦାୟିତ୍ୱବାନ ହେବେ। ଗୁଣାତ୍ମକ ଶିକ୍ଷାଦାନ ପାଇଁ ସରକାର ଶିକ୍ଷକମାନଙ୍କ ବେତନ ବୃଦ୍ଧି କରିବେ। ଏସବୁ ପ୍ରସ୍ତାବକୁ ନେଇ ଶିକ୍ଷା ବିଭାଗରେ ଉତ୍ସାହ ପରିଲକ୍ଷିତ ହୋଇଥିଲେ ସୁଦ୍ଧା କାହିଁକି କେଜାଣି ଏହା କାର୍ଯ୍ୟକାରୀ ହେଉନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ଷେ ପୂର୍ବରୁ ସରକାର ଏନେଇ ବିଶେଷ ତତ୍ପରତା ପ୍ରକାଶ କରିଥିଲେ ସୁଦ୍ଧା ତା ପରେ ଆଉ କିଛି ଆଗେଇ ପାରିନାହିଁ।

## ସଂକ୍ଷେପରେ

### ଜଳିଗଲା ୪ ବଖରା

**ବାଲିକୁଦା,୨୧।୪(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ କାଳିଓ ପଞ୍ଚାୟତର ଜଖୁଁରୀ ଗାଁରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରଙ୍କ ୪ ବଖରା ପୋଡ଼ିଯାଇଛି। ଏଥିରେ ଗାଁର କବି ପରିଡ଼ା ଓ ରବି ପରିଡ଼ାଙ୍କ ପରିବାର ବିପନ୍ନ ହୋଇଯାଇଛନ୍ତି। ପରିବାର ଲୋକେ ଶୋଇଥିବାବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ନିଆଁ ଉତ୍ତାପ ଦେହରେ ବାଜିବା ପରେ ସେମାନେ ଜୀବନ ବିକଳରେ ବାହାରକୁ ଚାଲିଆସିଥିଲେ। ମାତ୍ର କୌଣସି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା।

### ବିରିଡ଼ିରେ ଭାଜପା ପ୍ରାର୍ଥୀଙ୍କ ରୋଡ ଶୋ

**ବିରିଡି,୨୧।୪(ଡି.ଏନ.ଏ.):** ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ିରେ ରବିବାର ଭାଜପାର ରୋଡ ଶୋ ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ବିରିଡ଼ି ବ୍ଲକର ଉତ୍ତରଶାସନସ୍ଥିତ ମହାବୀର ମନ୍ଦିର ନିକଟରୁ ସମର୍ଥକମାନଙ୍କୁ ଧରି ରୋଡ ଶୋରେ ବାହାରିଥିଲେ। କଟକ-ଜଗତ୍‌ସିଂହପୁର ଏନ.ଏଚ.-୫୫ର ଉତ୍ତରଶାସନ, ମଧଶାସନ, ଦଳେଇଘାଇ, ବଗୁଲା ହାଜିପୁର, ବିରିଡ଼ି, ଦୋଗଛିଆ, ବାଲିଆ, ବାଲିଆଷ୍ଟୋର, ଅଣଖିଆ, ବସନ୍ତପୁର ଦେଇ ଅଡଙ୍ଗଗଡ଼, ଶିବପୁର, ଶଙ୍କରପୁର ଦେଇ କଣ୍ଟୁଆରରେ ପହଁଞ୍ଚି ପାରାଦୀପ ରାସ୍ତାରେ ଶାରଳା ରୋଡ୍ ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କସହ ହାଜିପୁର ମଣ୍ଡଳ ସଭାପତି ଶିଶିର ମହାନ୍ତି, ପୁରଣ ମଣ୍ଡଳ ସଭାପତି ଆଲୋକ ପଣ୍ଡା, କାର୍ତ୍ତିକ ପରିଡ଼ା, ଦୀପକ ସ୍ୱାଇଁ, କବି ପ୍ରସାଦ ଦାଶ, ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ସାହୁ, ଗୁରୁବାରିଆ ଭୋଇ, ରାକେଶ ଭୋଇ, ରାମକୃଷ୍ଣ ପରିଜା, ଦୀପକ ଭୋଇ, ମାନସ ଭୋଇ, ରାଜେଶ ଭୋଇ, ଅଭିଷେକ ଭୋଇ, ପବିତ୍ର ଭୋଇ, ମନୋଜ ଭୋଇ ପ୍ରମୁଖ ବହୁ ଭାଜପା କର୍ମୀ ସାମିଲ ଥିଲେ।

### ପୋଖରୀରୁ ହରିଣ ଉଦ୍ଧାର

**ରଘୁନାଥପୁର, ୨୧।୪ ଡି.ଏନ.ଏ.)-** ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଏକ ହରିଣକୁ ପୋଖରୀ ମଧ୍ୟରୁ ଉଦ୍ଧାର କରି ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ରବିବାର ହସ୍ତାନ୍ତର କରିଛନ୍ତି। ଭୋରୁ ତଥାଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଅଜୟ ଜେନାଙ୍କ ବାଡି ପଟେ ଥିବା ଏକ ପୋଖରୀରେ ହରିଣଟି ପଶି ଯାଇ ଛଟପଟ ହେଉଥିବା ଦେଖି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ପାଣି ଭିତରୁ ହରିଣକୁ ଉଦ୍ଧାର କରି ନିଜ ଅକ୍ତିଆରକୁ ଆଣି ବନ ବିଭାଗ କର୍ମଚାରୀଙ୍କୁ ଫୋନ କରିଥିଲେ। କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ହରିଣକୁ ନେଇ ଜଙ୍ଗଲ ମଧ୍ୟରେ ଛାଡି ଦେଇଥିବା ସୂଚନା ମିଳିଛି। ହରିଣଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ଆସି ମୃତ୍ୟୁମୁଖରେ ପଡୁଥିବା ନଜରି ରହିଛି।

## କୃଷ୍ଣଦାସପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ

**ବାଲିକୁଦା,୨୧।୪(ସ୍ୱ.ପ୍ର.)**

କୃଷ୍ଣଦାସପୁର ପଞ୍ଚାୟତର ମା' ବୀରଜାଇଙ୍କ ପୀଠରେ ଶନିବାର ରାତିରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଶ୍ୱରଞ୍ଜନ ମଲ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ଲୋକସଭା ପ୍ରାର୍ଥୀ ପ୍ରତିମା ମଲ୍ଲିକ, ବିଧାନସଭା ପ୍ରାର୍ଥୀ ଡା. ଲଲାଟେନ୍ଦୁ ମହାପାତ୍ର, ଜିଲା ପରିଷଦ ସଦସ୍ୟ ମହନି ଚରଣ ରାଉତ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡା, ବରିଷ୍ଠ କଂଗ୍ରେସ ନେତା ତଥା ଶିକ୍ଷାବିତ୍ ବୈରଗୀ ଚରଣ ରାଉତ, ପୂର୍ବତନ ସମିତିସଭ୍ୟ ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କଂଗ୍ରେସର ଉଭୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବା ପାଇଁ ଏଥିରେ ଅନୁରୋଧ କରାଯାଇଥିଲା। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୀତବାସ ରାଉତରାୟ, ଖନୁ ଚରଣ ଓଝା, ପ୍ରକାଶ ସେଠୀ, ଶୁଭକାନ୍ତ ଓଝା ପ୍ରମୁଖ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ।

## ■ ଘରୋଇ ସିକ୍ୟୁରିଟି ଗାର୍ଡଙ୍କ ଅସ୍ୱାଭାବିକ ମୃତ୍ୟୁ

# ରାସ୍ତାରୋକୋକୁ ନେଇ ଉତ୍ତେଜନା



ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

**ପାରାଦୀପ,୨୧।୪(ସ୍ୱ.ପ୍ର.)**

ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ଓଭରବ୍ରିଜ ପାଖ ବିଜୁ ସ୍ମୃତି ଉଦ୍ୟାନରେ ରବିବାର ଜଣେ ସିକ୍ୟୁରିଟି ଗାର୍ଡଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକଙ୍କ ସମ୍ପର୍କୀୟ ଓ ଅଠରବାଙ୍କୀର ବ୍ୟବସାୟୀମାନେ ପାରାଦୀକୁ ଥିବା ଏକମାତ୍ର ପ୍ରବେଶ–ପ୍ରସ୍ଥାନ ପଥକୁ ବନ୍ଦ କରିଦେବାରୁ ୪ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ପରେ ସନ୍ଧ୍ୟା ୮ଟାରେ ଲୋକେ ରାସ୍ତାରୁ ହଟିଥିଲେ। ପ୍ରକାଶ ଯେ ଅଠରବାଙ୍କୀ ବିଜୁ ସ୍ମୃତି ପାର୍କକୁ ବନ୍ଦର କର୍ତ୍ତୃପକ୍ଷ ପରିଚାଳନା କରିଥାନ୍ତି। ସହି ପାର୍କରେ ଘରୋଇ ସିକ୍ୟୁରିଟି ଭାବେ ନୃସିଂହ ବାରିକ(୫୬) ନିଯୁକ୍ତ ଥିଲେ। ମଧ୍ୟାହ୍ନରେ ତାଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିଲା। ଏହା ହୃଦଘାତଜନିତ ବୋଲି କୁହାଯାଉଛି। ଏହି ଖବର ନୃସିଂହଙ୍କ ଗ୍ରାମ ଲକ୍ ଥାନା ଅନ୍ତର୍ଗତ ନୁଣୁକୁଆର ଲୋକମାନେ ଜାଣିବା ପରେ ଆସି ପାର୍କରେ ପହଞ୍ଚିଥିଲେ। ପାର୍କର ଅପରପାର୍ଶ୍ୱର ବ୍ୟବସାୟୀମାନେ ମଧ୍ୟ ଜମା ହୋଇଥିଲେ। ଏହି ସମୟରେ ରାସ୍ତାରେ ଜଣେ ଲୋକ ବିଜୁ ମେମୋରିଆଲ ହସ୍ପିଟାଲ ଯାଉଥିଲେ। ତାଙ୍କୁ ମୃତକଙ୍କ ପରିବାର ଅଟକାଇବାରୁ ବ୍ୟବସାୟୀମାନେ ଛାଡି ଦେବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏପରିକି ପଥର ମାଡ଼ ହୋଇଥିଲା। କିଛି ଲୋକ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## ବିଜେଡିର କର୍ମୀ ସମ୍ମିଳନୀ

**ବାଲିକୁଦା,୨୧।୪(ସ୍ୱ.ପ୍ର.)**

ବାଲିକୁଦାର ବିଭିନ୍ନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅଳାବୋଳ ପଞ୍ଚାୟତରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ ସଭାପତି ରତ୍ନାକର ନାୟକ, ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ସରପଞ୍ଚ ପଲିଶ୍ରୀ ସାମଲ, ସମିତିସଭ୍ୟା ସଲିମା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପରେ ମାଛଗାଁ ଓ ଓଷକଣା ପଞ୍ଚାୟତର କୋରଛନ୍ଦା ମଠ ଠାରେ କର୍ମୀ ସମ୍ମଳନୀ ହୋଥିଲା। ଏଥିରେ ପ୍ରାର୍ଥୀ ଦାସଙ୍କ ସମେତ ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ପୂର୍ବତନ ସରପଞ୍ଚ ବ୍ରଜବନ୍ଧୁ ପରିଡ଼ା ଉପସ୍ଥିତ ଥିଲେ। ପରେ କୁଶୁପୁରୁ ପଞ୍ଚାୟତରେ କର୍ମୀ ସମ୍ମିଳନୀ ହୋଇଥିଲା। ଅପରାହ୍ଣରେ ବରମୁଣ୍ଡଳି ପଞ୍ଚାୟତର ନଳକଣଠାରେ ଆୟୋଜିତ ସମ୍ମିଳନୀରେ ସରପଞ୍ଚ ନିରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଦାସଙ୍କ ସମେତ ବ୍ଲକ ସଭାପତି ରତ୍ନାକର ନାୟକ, ବରିଷ୍ଠ ବିଜେଡି ନେତା ବନ୍ଧୁ ନାୟକ, ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ ଦାସ, ନାରୀନେତ୍ରୀ ଶୁଭଶ୍ରୀ ଆଚାର୍ଯ୍ୟ, ଦୀପ୍ତିରେଖା ସ୍ୱାଇଁ, ମନୋରମା ପାଣି, ଯୁବନେତା ସଞ୍ଜୟ ନାୟକ, ସଞ୍ଜୟ ସ୍ୱାଇଁ, ସୁବାସ ନାୟକ, ବାଲିକୁଦା ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର, ଯୁବ ସଂଗଠକ ଶିଶିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ବିଜୟ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ନହରଣା ଓ ତିତିରାରେ କର୍ମୀ ସମ୍ମିଳନୀ କରାଯାଇଥିଲା।

## ■ ପ୍ରେସ କ୍ଲବ ପକ୍ଷରୁ କୁଜଙ୍ଗରେ ଲୋକମଞ୍ଚ

# ସ୍ୱପ୍ନର ପାରାଦୀପ ସମ୍ପର୍କରେ କହିଲେ ପ୍ରାର୍ଥୀ

**କୁଜଙ୍ଗ, ୨୧।୪(ସ୍ୱ.ପ୍ର.)**




ଲୋକମଞ୍ଚରେ ଉପସ୍ଥିତ ପ୍ରାର୍ଥୀ ଓ ଅତିଥି।

ପ୍ରତିବର୍ଷ କୁଜଙ୍ଗ ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଭିନ୍ନ ଧରଣର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କ୍ରମରେ ଗତବର୍ଷ ଲୋକ ମହୋତ୍ସବ କରାଯାଇଥିବାବେଳେ ଚଳିତବର୍ଷ ଶନିବାର ସନ୍ଧ୍ୟାରେ କୁଜଙ୍ଗ ଲୋକମଞ୍ଚ କରାଯାଇଛି। ସମାଗୋଳର ମୁରବୀ ପଦ୍ମନାଭ ସ୍ୱାଇଁଙ୍କ ସଭାପତିତ୍ୱ ଓ କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପରୁ ଚଳିତଥର ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଯୋଗଦେଇ ସେମାନଙ୍କ ସ୍ୱପ୍ନର ପାରାଦୀପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେମାନେ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପାରାଦୀପର ସାମାଜିକ, ଅର୍ଥନୈତିକ ତଥା ମାନବକୃତ ସମସ୍ୟା ବିଷୟରେ କହିଥିଲେ। ଏଥିସହ ବିଧାୟକ ହେଲେ ସେ ନିର୍ବାଚନମଣ୍ଡଳୀ ପାଇଁ କ'ଣ କରିବେ ଜନସାଧାରଣଙ୍କୁ ଜଣାଇଥିଲେ। ବିଏସ୍‌ପିର ଅଞ୍ଜନ ମଲିକ ଉପସ୍ଥିତ ରହି ପାରାଦୀପ ଅଞ୍ଚଳରେ ଦଳିତ ଶୋଷଣକୁ ନେଇ କଡ଼ା ସମାଲୋଚନା କରିବା ସହ ନିଜର ଆଭିମୁଖ୍ୟ ରଖିଥିଲେ। ସ୍ୱାଧୀନ ପ୍ରାର୍ଥୀ ଶ୍ରୀବଲ୍ଲଭ କର ନିଜ ପ୍ରାର୍ଥିତ୍ୱର ସ୍ପଷ୍ଟ ଅଭିମୁଖ୍ୟ ରଖି ତାଙ୍କ ମିଶନ ପାରାଦୀପ ବିଷୟରେ ବହୁ ଯୁକ୍ତିଯୁକ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ତଥାକଥିତ ରାଜନେତା ଓ ତାଙ୍କ ମଧ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ସେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ଖବରଦାତା ତଥା କୁଜଙ୍ଗ ପ୍ରେସ କ୍ଲବ ଉପଦେଷ୍ଟା ଜୀବନାନନ୍ଦ ଅଧିକାରୀ ଉପସ୍ଥିତ ନେତା, ପୋଲିସ ପ୍ରଶାସନ ଓ ପ୍ରାୟ ୫ ହଜାର ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମ ସଫଳ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ କୁଜଙ୍ଗ ପ୍ରେସ୍ କ୍ଲବ ଉପସଭାପତି ଗିରିଜା ମହାନ୍ତି, ସମ୍ପାଦକ ଦୁଷ୍ମନ୍ତ ମାଝୀ, କୋଷାଧ୍ୟକ୍ଷ ରାମଦାସ ମହାନ୍ତି, ରଞ୍ଜିତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଲୋକମଞ୍ଚକୁ କଂଗ୍ରେସ ପ୍ରାର୍ଥୀ ବାପି ସର୍ଖେଲ ଓ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେମାନେ କୌଣସି କାରଣ ପାଇଁ ଆସିପାରି ନ ଥିଲେ।

## କଂଗ୍ରେସ ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ରଘୁନାଥପୁର, ୨୧।୪ ଡି.ଏନ.ଏ.)**

ଜଗତ୍‌ସିଂହପୁର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ପ୍ରତୀମା ମଲ୍ଲିକ ଓ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ରଘୁନାଥପୁର ନୂଆପଡାଠାରୁ ରୋଡ ଶୋ'ରେ ବାହାରି ୧୦ ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଛନ୍ତି। ଦୁଇ ପ୍ରାର୍ଥୀ ନୂଆପଡାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା କର୍ମୀମାନେ ଏକ ବାଇକ୍ ରାଲିରେ ସେମାନଙ୍କୁ ପାଛୋଟି ନେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟରେ କେବଳ କଂଗ୍ରେସ ସରକାର ହିଁ ସ୍ଥିର ଶାସନ ଦେଇପାରିବ ବୋଲି କହି ନିଜ ସପକ୍ଷରେ ଭୋଟ ଦେବାକୁ ପ୍ରଚାର କରିଥିଲେ। ପ୍ରାର୍ଥୀଙ୍କ ସହ ଜୋନ୍ ୨ କଂଗ୍ରେସ ସଭାପତି ସର୍ବେଶ୍ୱର ପଣ୍ଡା, ଦେବବ୍ରତ ତ୍ରିପାଠୀ, ପ୍ରଭାସ କୁମାର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା ଉପସ୍ଥିତ ଥିଲେ।

# ସମ୍ବିତଙ୍କୁ ସମର୍ଥନ ଜଣାଇଲେ ସନ୍ତୋଷ




ଚଇତି ମହୋତ୍ସବରେ ସନ୍ତୋଷ ପଟ୍ଟନାୟକ, ସମ୍ବିତ ରାଉତରାୟ ଓ ଅନ୍ୟମାନେ।

- ସନ୍ତୋଷଙ୍କୁ ମିଳିଲା ବିଜେଡି ସମ୍ପାଦକ ପଦବୀ
- ବସନ୍ତଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

**ପାରାଦୀପ, ୨୧।୪(ସ୍ୱ.ପ୍ର.)**

ନିର୍ବାଚନ ଯେତିକି ପାଖେଇ ଆସୁଛି ପାରାଦୀପ ବିଜେଡି ରାଜନୀତିରେ ସେତିକି ଉତ୍ଥାନ ପତନ ଚାଲିଛି। ଗତମାସ ୨୯ ତାରିଖରେ ବିଜେଡି ସମ୍ବିତ ରାଉତରାୟଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଏହା ପରଦିନ ଅନ୍ୟତମ ଆଶାୟୀ ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ପ୍ରାୟ ୪ହଜାର ଲୋକ ନେଇ ଭୁବନେଶ୍ୱରରେ ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେତେବେଳେ ସନ୍ତୋଷ କହିଥିଲେ ଯେ ସମ୍ବିତଙ୍କ ବ୍ୟତୀତ ଦଳ ଯାହାକୁ ପ୍ରାର୍ଥୀ କରିବ ସେ ସମର୍ଥନ ଦେବେ। ଉକ୍ତ ବିରୋଧ ପରଠାରୁ ସମ୍ପୂର୍ଣ୍ଣ ନୀରବ ରହିଥିବା ସନ୍ତୋଷ ରବିବାର ବିଧାୟକ ପ୍ରାର୍ଥୀ ସମ୍ବିତ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି। ସନ୍ଧ୍ୟାରେ ଜିରୋ ପଏଣ୍ଟସ୍ଥିତ ଶ୍ରମିକ ସଂଘ ପରିସରରେ ଚଇତି ମହୋତ୍ସବ ପାଳିତ ହେଉଥିଲା। ଉକ୍ତ ମହୋତ୍ସବରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଥିଲେ। ସେହି ସମୟରେ ବିଧାୟକ ପ୍ରାର୍ଥୀ ସମ୍ବିତ ପହଞ୍ଚିଥିଲେ। ସଭାରେ ସନ୍ତୋଷ ଘୋଷଣା କଲେ ଯେ ଆମେ ଗତ ୧୯ ବର୍ଷ ହେଲା ଦଳ ଓ ସଭାପତି ନବୀନ ପଟ୍ଟନାୟକଙ୍କ ସହିତ ଅଛୁ। ତେଣୁ ଦଳ ଯାହାଙ୍କୁ ପ୍ରାର୍ଥୀ କରିଛି ତାଙ୍କୁ ସମର୍ଥନ କରିବେ। ଏପରି କି ସମ୍ବିତ କିପରି ବିପୁଳ ଭୋଟ୍‌ରେ ବିଜୟୀ ହେବେ, ସେଥିପାଇଁ ସବୁ ପ୍ରକାର ଉଦ୍ୟମ କରିବେ। ଏହି ଅବସରରେ ସନ୍ତୋଷ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ ଟାର୍ଗେଟ କରିଥିଲେ। ସେହିପରି ସମ୍ବିତ କହିଲେ ଯେ ମୁଁ ହାରେ କି ଜିତେ ପ୍ରତିଜ୍ଞା କରୁଛି, ଏହି ସଙ୍ଗଠନ ସହ ସବୁବେଳେ ରହିବି। ସୂଚନାଯୋଗ୍ୟ, ସନ୍ତୋଷଙ୍କ ସହ ଦାମୋଦର ରାଉତଙ୍କ ସମ୍ପର୍କ ଭଲ ନ ଥିଲା। ତେଣୁ ପୌରାଞ୍ଚଳର ଗୋଟିଏ ଗୋଷ୍ଠୀ ଦାମ ବିଜେଡି ଓ ସନ୍ତୋଷଙ୍କ ଗୋଷ୍ଠୀ ବିଷ୍ଣୁ ବିଜେଡି ବୋଲି ଆଲୋଚନା ହେଉଥିଲା। ଇତିମଧ୍ୟରେ ଦାମ ବିଜେଡିରୁ ବିଦା ହୋଇଛନ୍ତି। ସନ୍ତୋଷଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ପଦବୀ ମିଳିଛି। ଏଥିସହ ସନ୍ତୋଷଙ୍କ ସହଯୋଗୀ ମନିନ୍ଦ୍ର ଗୁରୁଙ୍କୁ ପାରାଦୀପ ନିର୍ବାଚନମଣ୍ଡଳୀ ପ୍ରଭାରୀ ଦାୟିତ୍ୱ ମିଳିଛି। କେତେଜଣ ପୁରୁଖା ନେତା ଓ ଆଗଧାଡ଼ିର ସଙ୍ଗଠକ ଏହି କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଦେଖିବାକୁ ମିଳିଛି। ଦଳୀୟ ଟିକେଟ୍‌ରୁ ବାଦ୍‌ପଡିଥିବା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କିଛିଦିନ ଦଳୀୟ ପ୍ରଚାର ସମ୍ଭାଳିଥିଲେ। କିନ୍ତୁ ଗତ ବୁଧବାରଠାରୁ ତାଙ୍କର ଅନୁପସ୍ଥିତି ଦେଖିବାକୁ ମିଳୁଛି। ସେ ପାରିବାରିକ କାର୍ଯ୍ୟରେ ଦିଲ୍ଲୀ ଯାଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାକ୍ତନ ପୌରାଧଧକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ ଓ କିଶୋର ପରିଡ଼ା ଉପସ୍ଥିତ ଥିଲେ।

## ■ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଧର୍ମେନ୍ଦ୍ର

# ମୋଦି ହାରିଲେ ପାକିସ୍ତାନରେ ହେବ ଦୀପାବଳି




ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

**କୁଜଙ୍ଗ, ୨୧।୪(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଦି ହାରିଯାଆନ୍ତି ଓ ଭାଜପା କେନ୍ଦ୍ରରେ ସରକାର ଗଠନ କରି ନ ପାରେ, ତେବେ ସବୁଠୁ ଅଧିକ ଖୁସି ହେବ ପଡ଼ୋଶୀ ପାକିସ୍ତାନ। ମୋଦି ପରାଜିତ ହେଲେ ପାକିସ୍ତାନରେ ଦୀପାବଳି ହେବ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକ ପଡ଼ିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ସେ କହିଲେ ଯେ, ଦେଶର ସୁରକ୍ଷା ନିମନ୍ତେ କେନ୍ଦ୍ରରେ ଭାଜପା ସରକାର ଗଠନ କରିବା ଆବଶ୍ୟକ। ଏହି ଅବସରରେ ସେ ବିଗତ ୫ ବର୍ଷ ମଧ୍ୟରେ ମୋଦି ସରକାରଙ୍କ ସଫଳତା ବଖାଣିଥିଲେ। ଏଥିସହ ରାଜ୍ୟରେ ନବୀନ ସରକାରଙ୍କ ଅପାରଗତା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। କ୍ଷେତକୁ ପାଣି ନାହିଁ। ଯୁବପିଢି ବେକାରୀ ଜୀବନ ବିତାଉଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିରେ ଦଳେ ବେଲ୍ ପାଇଛନ୍ତି। ତେଣୁ ସରକାର ବଦଳିଲେ ବିକାଶ ସମ୍ଭବ ହେବ। ଡବଲ ଇଞ୍ଜିନ ଲାଗିଲେ ବିକାଶ ହେବା ସହ ଦୁର୍ନୀତିଗ୍ରସ୍ତ ନେତା ଅଫିସରମାନେ ଜେଲରେ ରହିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ପ୍ରଗତିର ମୁଖଶାଳା ପାରାଦୀପ ବନ୍ଦର ନିକଟରେ ଶିଳ୍ପ ବଢିଛି ଓ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଭାଜପା ହାତରେ କ୍ଷମତା ରହିଲେ ଅଞ୍ଚଳର ବିକାଶ ହେବା ସହିତ ଯୁବବର୍ଗଙ୍କ ହାତରେ ନିଯୁକ୍ତି ରହିବ ବୋଲି ସେ ପ୍ରକାଶ କରିଥିଲେ। ଏଥିପାଇଁ ଭାଜପାର ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଓ ପାରାଦୀପ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ଜିତାଇବାକୁ ସେ ନିବେଦନ କରିଥିଲେ। ଏମପି ପ୍ରାର୍ଥୀ ତରାଇ ଉକ୍ତ ସଭାରେ କହିଲେ ଯେ ପାରାଦୀପ ତାଙ୍କ ଭିଟାମାଟି। ସେ ଜିତିଲେ କେନ୍ଦ୍ର ସରକାରଙ୍କ ମାଧ୍ୟମରେ ବିକାଶର ଧାରାକୁ ଆଗେଇ ନେବେ ବୋଲି କହି ଭୋଟ୍ ଭୀକ୍ଷା କରିଥିଲେ। ବିଧାୟକ ପ୍ରାର୍ଥୀ ସମ୍ପଦ କହିଲେ ଯେ, ମାଟିପୁଅ ବଦଳରେ ଯେଉଁ ବିଦେଶୀ ଦଲାଲମାନେ ରାଜନୀତି ନାମରେ କ୍ଷମତା ହାତେଇବାକୁ ଚାହୁଁଛନ୍ତି, ଜନତା ସେମାନଙ୍କୁ ଉଚିତ ଜବାବ ଦିଅନ୍ତୁ। ସଭାରେ ଆଞ୍ଚଳିକ ପ୍ରସଙ୍ଗରେ ଏକ ସଂକଳ୍ପ ପତ୍ର ଉନ୍ମୋଚିତ ହୋଇଥିଲା।

## ଭାଜପାର ବିଜୟ ସଙ୍କଳ୍ପ ସଭା

**ତିର୍ତ୍ତୋଲ,୨୧।୪(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତର ଶାରଳାରୋଡ଼ କାଳିପଡିଆଠାରେ ରବିବାର ଅପରାହ୍ଣରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ, ଓଡ଼ିଶାରେ ଏବେ ଭାଜପା ସପକ୍ଷରେ ପରିବର୍ତ୍ତନର ଲହରୀ ସୃଷ୍ଟି ହୋଇଛି। ନବୀନ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଛନ୍ତି। ମହିଳାମାନେ ଅତ୍ୟାଚାରିତ ହେଉଛନ୍ତି ଓ ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା ନାହିଁ। ସ୍କୁଲରେ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ତେଣୁ ଓଡ଼ିଶାର ବିକାଶ ପାଇଁ ଡବଲ୍ ଇଞ୍ଜିନର ଆବଶ୍ୟକତା ରହିଛି। ଏଥିପାଇଁ ଏମପି ପ୍ରାର୍ଥୀ ବିଭୂପ୍ରସାଦ ତରାଇ ଓ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ଚଳିତ ନିର୍ବାଚନରେ ବିଜୟୀ କରିବାକୁ ସେ ଅନୁରୋଧ କରିଥିଲେ। ସମାବେଶରେ ଜିଲା ସମ୍ପାଦକ ବିଜୟ ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଖ୍ୟାଲଘୁ ସେଲର ମିର୍ଜା ଜାଫର ବେଗ, ନିର୍ବାଚନମଣ୍ଡଳୀ ପ୍ରଭାରୀ ଲଲାଟେନ୍ଦୁ ବଡୁ, ଜିଲା ଉପସଭାପତି ମୋହିତ ମହାନ୍ତି, ଜିଲାପରିଷଦ ସଭ୍ୟ ଅଶୋକ ମହାରଣା, ମଣ୍ଡଳ ସଭାପତି ଆଲୋକ ପଣ୍ଡା, ଜିଲା କୋଷାଧ୍ୟକ୍ଷ ସୁଧୀର ପଣ୍ଡା, ବିରିଡ଼ି ବ୍ଲକ ଉପାଧ୍ୟକ୍ଷ ଗୀତାଞ୍ଜଳି ସାହୁ, ପ୍ରମୋଦିନୀ ସେଠୀ, ମାନସ ମହାପାତ୍ର, ଜ୍ୟୋତିରଞ୍ଜନ ସାହୁ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଝଙ୍କଡ଼ ସାହିତ୍ୟ ସଂସଦ ତରଫରୁ ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିଶେଷାଙ୍କ 'ଝଙ୍କଡ' ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



ପରପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ ବରୀ ଗସ୍ତ

**ବରୀ,୨୧।୪(ସ୍ୱ.ପ୍ର.):** ବରୀ ନିର୍ବାଚନମଣ୍ଡଳୀରେ ପ୍ରଚାରକୁ ଶକ୍ତିଶାଳୀ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନରେ ବରୀ ଗସ୍ତରେ ଆସୁଛନ୍ତି। ଏ ନେଇ ସମଗ୍ର ବରୀ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲାବେଳେ ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୪୭ ପଞ୍ଚାୟତରେ କର୍ମୀମାନେ ଲୋକଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏନେଇ ରବିବାର ସନ୍ଧ୍ୟାସୁଦ୍ଧା ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ନିର୍ବାଚନ ମଣ୍ଡଳୀ ଅଧୀନ ଅଟିରା ପଞ୍ଚାୟତସ୍ଥିତ ସନ୍ଥନମଠ ନିକଟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେବେ। ପରେ ବରୀ, ବାଲିଆପାଳ, ଶଙ୍ଖାରିଗଡା, ସୁଜନପୁର, ବରୁହାଁ, କୁଅଖିଆ, ବାରବାଟି, ଜାରକା, ଚଣ୍ଡିଖୋଲ ଓ ଛତିଆ ପର୍ଯ୍ୟନ୍ତ ରାସ୍ତାରେ ନିର୍ବାଚନୀ ପ୍ରଚାର କରି ଫେରିଯିବେ।

### ସୁକିନ୍ଦା ଭାଜପା ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲି

**କାଳିଆପାଣି,୨୧।୪(ଡି.ଏନ୍.ଏ.):** ସୁକିନ୍ଦା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଟୁଟୁ) ରବିବାର ଦୁଧୁଜୋରୀ ପଞ୍ଚାୟତର ବୋଳପାଳ,ଦାମୋଦରପୁର, ବୋତଲଣ୍ଡା, ମଙ୍ଗଳପୁର, ପୁବଳ, କଞ୍ଚୁଆ, ମୁଣ୍ଡାକୁଳ, ଭାଲୁକି, ହରିଡାବାହାଳି ପ୍ରଭୃତି ଗ୍ରାମଗୁଡିକରେ ଘରଘର ବୁଲି ସୁକିନ୍ଦାରେ ପରିବର୍ତ୍ତନ ପାଇଁ ଭୋଟରଙ୍କ ଆଶିର୍ବାଦ ମାଗିଥିଲେ। ଏହି ଅବସରରେ ଦୁଧୁଯୋରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସାହୁ ବିଜେଡି ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି। ବୋତଲଣ୍ଡା ଗ୍ରାମର ଭାଜପା ନେତା ସନ୍ଧିବିଗ୍ରହ ଘଡ଼େଇଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଗତିକୃଷ୍ଣ କର, ସରୋଜ ବାରିକ, ମାନସ ବାରିକ, ବିଜୟ ବେହେରା, କୁଳମଣି ମହାନ୍ତ, ଦୁଃଶାସନ ତିରିଆ, ରଶ୍ମିରଞ୍ଜନ ସିଂସାମନ୍ତ, ପ୍ରଶାନ୍ତ ସିଂ ସାମନ୍ତ, ତପନ ସିଂସାମନ୍ତ, ବିଶ୍ୱଜିତ ନାୟକ, ଦେବେନ୍ଦ୍ର ପ୍ରଧାନ, ନାଣ୍ଡୁ ଶତପଥୀ ପ୍ରଭୃତି ରାଲିରେ ସାମିଲ ହୋଇଥିଲେ। ରାଲିପରେ କାଙ୍କଡ଼ପାଳ ପଞ୍ଚାୟତର ପନାସିଆଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୁଥ କମିଟି ଏଜେଣ୍ଟ ନିଯୁକ୍ତ ସହିତ ଘରଘର ବୁଲି ପ୍ରଚାର ପତ୍ର ମାରିବା ଓ ପ୍ରଦୀପ ବଳସାମନ୍ତଙ୍କ ପାଇଁ ଭୋଟ ଭିକ୍ଷା କରିବା ଉପରେ ଆଲୋଚିତ ହୋଇଯାଇଛି। ପରେ ରାଲିରେ ବିଧାୟକ ପ୍ରାର୍ଥୀ ଟୁଟୁ ପାନସିଆ ଗ୍ରାମରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଭାଜପା ନେତା ସନ୍ତୋଷ ମୁଦୁଲିଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ମୁଣ୍ଡା, ପଦନ ମୁଣ୍ଡା, ମଙ୍ଗଳ ହେମ୍ବ୍ରମ, ସନାତନ ଜାମୁଦା, ପାଣ୍ଡୁ ଜାମୁଦା, ପ୍ରଫୁଲ୍ଲ ଦେହୁରୀ, ଯୁଗୋଳ ବେହେରା ପ୍ରଭୃତି ସାମିଲ ହୋଇଥିଲେ।

### ଶଙ୍ଖଚିଲା ମା' ହିଙ୍ଗୁଳା ମହାଯଜ୍ଞୋତ୍ସବ ଉଦ୍‌ଯାପିତ

**କୋରେଇ,୨୧।୪(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥିତ ମା' ହିଙ୍ଗୁଳାଙ୍କ ମହାଯଜ୍ଞୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟା ସୁଦ୍ଧା ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଦିନତମାମ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳିଥିଲା। ପିଲାଙ୍କୁ ଆକୃଷ୍ଟ କରିବା ନିମନ୍ତେ ଯାତ୍ରା ପଡ଼ିଆରେ ବିଭିନ୍ନ ପ୍ରକାର ଦୋଳି ପଡ଼ିବା ସହ ଷ୍ଟେଶନାରୀ ଓ ପ୍ଲାଷ୍ଟିକ ଫୁଲ ଦୋକାନୀ ସେମାନଙ୍କ ପସରା ମେଲାଇଥିଲେ। ଭୁବନେଶ୍ୱର ଓ ଯାଜପୁରରୋଡ ଆଦି ସ୍ଥାନରୁ ଅସିଥିବା କଳାକାରଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବ୍ୟାସନଗର ତଥା ସ୍ଥାନୀୟ ଅଞ୍ଚଳରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଓ ମଡର୍ଣ୍ଣ ଡ୍ୟାନ୍ସ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ରବିବାର ପୂର୍ଣ୍ଣାହୁତି ଲାଗି ଦିନତମାମ ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ସୁଅ ଛୁଟିଥିଲା। ମା' ଯଜ୍ଞ କୁଣ୍ଡରୁ ଉଭାହୋଇ ପଣା ହାଣ୍ଡିରୁ ପଣା ପିଇବାର ଲୋକକଥା ରହିଥିବାବେଳେ ଏହି ଦୃଶ୍ୟ ଦେଖିବା ପାଇଁ ଯଜ୍ଞସ୍ଥଳରେ ଭକ୍ତମାନେ ରୁଣ୍ଡିଭୂତ ହୋଇଥିଲେ। ଭକ୍ତଙ୍କ ସମାଗମ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ରାତିର ୪ର୍ଥ ପ୍ରହରରେ ପୂର୍ଣ୍ଣାହୁତି ଦେଖିବାକୁ ଭକ୍ତଙ୍କ ସମାଗମ ବୃଦ୍ଧି ପାଇବାରେ ଲାଗିଛି।

# ଭୋଟର ଚାହୁଁଛନ୍ତି ଖର୍ଚ୍ଚର ହିସାବ

**ଯାଜପୁର ଅଫିସ,୨୧।୪**

ଯାଜପୁର ବିଧାନସଭା ଆସନରେ ରାଜନୈତିକ ସ୍ଥିତି ନେଇ ନାନା କଳ୍ପନାଜଳ୍ପନା ଓ ଅଙ୍କକଷା ଆରମ୍ଭ ହୋଇଛି। ଏଠାରେ ଭାଜପା ଜିଲା ସଭାପତି ଗୌତମ ରାୟ ଓ ବିଜେଡି ନେତା ପ୍ରଣବପ୍ରକାଶ ଦାସ ନିର୍ବାଚନ ଲଢୁଛନ୍ତି। ଏହି ଦୁଇ ହେଭିୱେଟ ନେତାଙ୍କ ପାଇଁ ହାରଜିତ ସମ୍ମାନର ପ୍ରଶ୍ନ ହୋଇଛି। ତେଣୁ ଉଭୟ ଦଳ ପକ୍ଷରୁ ପ୍ରଚାର ସରଗରମ ହୋଇଛି। ଯାଜପୁର ବିଧାନସଭା କ୍ଷେତ୍ରରେ ବ୍ୟାପକ ଦୁର୍ନୀତି, ସ୍ୱେଚ୍ଛାଚାରିତା, ମନମାନି, ଦୁର୍ନୀତିଖୋର ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବା ଆଦିକୁ ଅସ୍ତ୍ର କରି ଭାଜପା ଲୋକଙ୍କ ନିକଟତର ହେବାରେ ଲାଗିଛି। ଅନ୍ୟପକ୍ଷେ ବିଜେଡି ବିଭିନ୍ନ ସଭା ସମିତିରେ ବିକାଶକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛି। ଗତ ୫ବର୍ଷ ମଧ୍ୟରେ ଜିଲା ସାରା ଯେତେ ଅନୁଦାନ ଆବଣ୍ଟିତ ହୋଇଛି ତାର ପ୍ରାୟ ଅର୍ଦ୍ଧାଧିକ ଯାଜପୁର ବିଧାନସଭା କ୍ଷେତ୍ରରେ ବିନିଯୋଗ ହୋଇଛି। ବିଡମ୍ବନା ଯେ, କୌଣସି କାର୍ଯ୍ୟରେ ସୂଚନା ଫଳକ ଲଗାଯାଉ ନ ଥିବାରୁ ଭୋଟର ଏବେ ଖର୍ଚ୍ଚର ହିସାବ ଚାହୁଁଛନ୍ତି। ଏପରିକି ସୂଚନା ଅଧିକାର ଆଇନ ବଳରେ ସୂଚନା କର୍ମୀମାନେ ବିଭିନ୍ନ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ମାଗୁଥିଲେ ହେଁ ସେମାନଙ୍କୁ ଦିଆଯାଉ ନାହିଁ। ଏଥିରୁ କୁସୁମା ପୋଖରୀରୁ ଆରମ୍ଭ କରି ସହରର ରାସ୍ତା ଓସରିଆ, ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ, ବିରଜା ରିଂରୋଡ, ଡ୍ରେନେଜ, ରାଜୀବ ଆବାସ ଆଦି ଯୋଜନାରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ କରାଯାଉଛି । ଏହିକ୍ରମରେ ଭୋଟର ଖୋଲାଖୋଲି କୌଣସି ମନ୍ତବ୍ୟ ଦେଉ ନ ଥିଲେ ହେଁ ଭିତିରିଆ ଭାବେ ଭାଜପା କିମ୍ବା କଂଗ୍ରେସକୁ ସମର୍ଥନ କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ବିଜେଡି ପ୍ରାର୍ଥୀ ପ୍ରଣବ ଜିତିବା ନିଶ୍ଚିତ ବୋଲି ଅଧିକ ଆତ୍ମବିଶ୍ୱାସୀ ହୋଇପଡିଥିବାରୁ ନିଜ ନିର୍ବାଚନମଣ୍ଡଳୀକୁ ଛାଡି ପଡୋଶୀ ନିର୍ବାଚନମଣ୍ଡଳୀରେ ପ୍ରଚାର କରୁଥିବା ଦେଖାଯାଉଛି।

ଯାଜପୁର ଜିଲା ଯାଜପୁର ପୌର ପରିଷଦରେ ଗରିବ ନୀରିହ ଝୁମ୍ପୁଡିବାସୀଙ୍କ ପାଇଁ ଉଦ୍ଦିଷ୍ଟ ରାଜୀବ ଆବାସ ଯୋଜନା ଓ ଟ୍ରାନଜିଟ ହାଉସ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ବିଡମ୍ବନା ଯେ, ଗରିବ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪କୋଟି ଟଙ୍କା ମୂଲ୍ୟର ଟ୍ରାନଜିଟ ହାଉସ ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି। ଫଳରେ ୧୦୪ ପରିବାର ତାଙ୍କ ଆବାସ ନିର୍ମାଣ ସମୟରେ ପକ୍କାଘରେ ରହିବା ଅଭିଳାଷରୁ ବଞ୍ଚିତ ହୋଇଥିଲେ। ଏହା କୌଣସି ଅଭିଯୋଗ ନୁହେଁ ବରଂ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ତଦନ୍ତ ରିପୋର୍ଟରେ ଜଣାପଡିଥିଲା। ଏହାସହ ରିପୋର୍ଟରେ ରାଜୀବ ଆବାସ ଯୋଜନାରେ ବ୍ୟାପକ ଅର୍ଥ ହେରଫେର ହେବା ସହିତ ହିତାଧିକାରୀ ଚୟନରେ ପାତରଅନ୍ତର ହୋଇଥିବା ଦର୍ଶାଯାଇଥିଲା। ଏହାପରେ ଅନେକ ତଦନ୍ତ ହୋଇଛି। ହେଲେ ଏହି ମହାଦୁର୍ନୀତିକୁ ରାଜନୈତିକ ପ୍ରଭାବରେ ଶିଥିଳ କରି ଦିଆଯାଇଛି । ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଆସୁଥିବା ଅନୁଦାନରେ କୁସୁମା ପୋଖରୀ କୁସୁମିତ ହୋଇଛି। ହେଲେ ଏଥିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଆଉ କେତେ ଖର୍ଚ୍ଚ ହେବା ବାକି ରହିଛି ସେ ସମ୍ବନ୍ଧରେ କୌଣସି ତଥ୍ୟ ଲୋକଲୋଚନକୁ ଆସିପାରି ନାହିଁ। ତେଣୁ ଏଥିରେ ମଧ୍ୟ ବଡଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରାଯାଉଛି। ଯାଜପୁର ପୌର ପରିଷଦର ୧୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ତେବେ ଏହି ଅନୁଦାନ କେଉଁ ବାଟରେ ଖର୍ଚ୍ଚ ହୋଇଛି ତାହା ମଧ୍ୟ କେହି ଜାଣିନାହାନ୍ତି। ଏଠାରେ ପାର୍ଟନରସିପରେ ଠିକାକାର୍ଯ୍ୟ ହେଉଥିବା କୁହାଯାଉଛି। ଖାଲି ସେତିକି ନୁହେଁ, ଜିଲା ସଦର ମହକୁମାର ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ସହରର ଆଉଟଲେଟ ନ ଥିବାରୁ ବର୍ଷା କିମ୍ବା ଡ୍ରେନ ପାଣି ବାହାରକୁ ଯାଇପାରୁ ନାହିଁ। ଡ୍ରେନେଜ ବ୍ୟବସ୍ଥା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଉକ୍ତ ଖର୍ଚ୍ଚର ସଫଳତା ଏଯାଏ ସହରବାସୀ ପାଇ ପାରିନାହାନ୍ତି। ସହରର ଯୋଜନା ମଧ୍ୟ ଏଠାରେ ନାହିଁ କହିଲେ ଚଳେ। ମନଇଚ୍ଛା ଘର ନିର୍ମାଣ କରୁଥିବାରୁ ଟ୍ରାଫିକ ସମସ୍ୟା ସହରବାସୀଙ୍କ ପାଇଁ ଚିର ସହଚର ପାଲଟିଛି। ଯେଉଁ ରାସ୍ତା ଓସାରିଆ ହୋଇଛି ସେଠାରେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ସେଥିରୁ ପିଚୁ ଉଠି ଯାଇଥିବା ଦେଖିବାକୁ ମିଳିଛି । ବିରଜା ରିଂରୋଡ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି, ହେଲେ ଏଯାଏ ବଲ୍ଲଭିଘାଟରୁ ସୁନ୍ଦରାଇମୁହଁ ରାସ୍ତା ଅବସ୍ଥାକୁ ଦେଖିଲେ କାର୍ଯ୍ୟର ମାନ ଯେ କେହି ବି ଠଉରାଇ ପାରିବେ। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବଲିଉଡଠାରୁ ଆରମ୍ଭ କରି ଓଲିଉଡ ପର୍ଯ୍ୟନ୍ତ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ମନୋରଞ୍ଜନ ହୋଇଛି ସତ ହେଲେ ବିକାଶ କେବଳ କାଗଜକଲମରେ ସୀମିତ ରହିଥିବା ଦେଖିବାକୁ ମିଳିଛି। ଏହିସବୁ ଦୁର୍ନୀତି ଓ ଅନିୟମିତତାକୁ ପାଥେୟ କରି ଭାଜପା ଆଗକୁ ବଢୁଥିବାବେଳେ ବିଜେଡି ସ୍ଥିର ରହିଥିବା ଚର୍ଚ୍ଚା ହେଉଛି। କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦଙ୍କ ପ୍ରଚାର ସେତେଟା ସରଗରମ ହୋଇ ନ ଥିବାରୁ କେବଳ ଦଳୀୟ ଭୋଟବ୍ୟାଙ୍କ ହିଁ ସାହା ହେବ ବୋଲି କର୍ମୀ ମହଲରେ ଆଶା କରାଯାଉଛି। ତେଣୁ ଯାଜପୁର ବିଧାନସଭା ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ ଏଥର କଡା ମୁକାବିଲା ହେଉଥିବା ସ୍ପଷ୍ଟ ହୋଇଛି।

**ଯାଜପୁର ବିଧାନସଭା କ୍ଷେତ୍ର**



ପ୍ରଣବ ପ୍ରକାଶ ଦାସ। ଗୌତମ ରାୟ। ସନ୍ତୋଷ ନନ୍ଦ।

## ଜିଲା ପୋଲିସ ଅଧିକାରୀ, କର୍ମଚାରୀଙ୍କ ମତଦାନ

**କୋରେଇ,୨୧।୪(ସ୍ୱ.ପ୍ର.)**

ଯାଜପୁର ଜିଲା ପୋଲିସର ବିଭିନ୍ନ ପଦପଦବୀରେ କାର୍ଯ୍ୟରତ କର୍ମଚାରୀଙ୍କ ଭୋଟ ଗ୍ରହଣ ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବରୀ, ବଡ଼ଚଣା, ବିଞ୍ଝାରପୁର, ଧର୍ମଶାଳା, ସୁକିନ୍ଦା, କୋରେଇ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପୋଲିସ କର୍ମଚାରୀ ଉପସ୍ଥିତ ରହି ମତ ସାବ୍ୟସ୍ତ କରିଥିଲେ। କିନ୍ତୁ ଯାଜପୁର ଜିଲାର ପୋଲିସ ବିଭାଗରେ କାର୍ଯ୍ୟରତ ୩୦୦ରୁ ଉର୍ଦ୍ଧ୍ୱ ଭୋଟର ଅନ୍ୟ ଜିଲାରେ କାର୍ଯ୍ୟ କରୁଥିବା ଯୋଗୁ ଭୋଟ ଦେଇପାରିନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୫୦, ବରୀର ୯୯, ବଡ଼ଚଣାର ୧୩୫, ଧର୍ମଶାଳାର ୯୦, କୋରେଇର ୧୪୩, ସୁକିନ୍ଦାର ୧୮୯ ଓ ଯାଜପୁରର ୧୪୨ ଜଣ ପୋଲିସ କର୍ମଚାରୀ ମତଦାନ କରିଥିଲେ। ବରୀ, ବିଞ୍ଝାରପୁର, ବଡ଼ଚଣା ଓ ଧର୍ମଶାଳା ନିମନ୍ତେ ଜିଲା ଜମି ଅଧିଗ୍ରହଣ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ ଓ ସୁକିନ୍ଦା, କୋରେଇ, ଯାଜପୁର ନିମନ୍ତେ ସହକାରୀ ଜିଲାପାଳ ଶିବ ପ୍ରସାଦ ମହାପାତ୍ର ନିର୍ବାଚନ ପରିଚାଳନା କରୁଥିଲେ।

# ପ୍ରଣବଙ୍କ ପ୍ରଚାରରେ ସିନେ ତାରକା

**ଧର୍ମଶାଳା,୨୧।୪(ଡି.ଏନ୍.ଏ.)**

ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ରବିବାର ଓଡ଼ିଆ ସିନେ ତାରକାଙ୍କୁ ନେଇ ନିର୍ବାଚନୀ ପ୍ରଚାର କରିଛନ୍ତି। ଅଭିନେତ୍ରୀ ଏଲିନା ଓ ଅଭିନେତା ସମ୍ବିତ କାଏମା, ଅଭୟପୁର, ମିର୍ଜାପୁର, ସୁନ୍ଦରିଆ, ପାଟପୁର, ଭବାନୀପୁର ଓ ଚହଟା ପଞ୍ଚାୟତରେ ବଳବନ୍ତଙ୍କ ସହ ପ୍ରଚାରରେ ସାମିଲି ହୋଇଥିଲେ। ଏହି ଅବସରରେ ସମ୍ବିତ ଓ ଏଲିନା ବିଜେଡି ବିଧାୟକ ପ୍ରାର୍ଥୀ ଓ ଯାଜପୁର ଏମ୍‌ପି ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ବାରବାଟୀସ୍ଥିତ ଅଗ୍ରଣୀ ନେତାଜୀ ଶ୍ରମିକ ସଂଘ ଆନୁକୂଲ୍ୟରେ ବହୁ ଶ୍ରମିକ ସଂଗଠନର କର୍ମକର୍ତ୍ତା ଜାରକା ବିଜେଡି କାର୍ଯ୍ୟାଳୟ ପରିସରରେ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ସଂଗଠନର ସମର୍ଥନ ଘୋଷଣା କରିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକ, ଶ୍ରମିକ ସଂଘର ସଂଗଠକ କୁନିଲ୍ କୁମାର ରାଉତ, ବୋର୍ଡର ସଭ୍ୟ ହୃଷୀକେଶ ସ୍ୱାଇଁ ପ୍ରମୁଖ ବହୁ ଶ୍ରମଜୀବୀ ଉପସ୍ଥିତ ଥିଲେ। ସେହିପରି ୫ନଂ ଜୋନ୍‌ର ଅରେଇକଣା ଗ୍ରାମ ପଞ୍ଚାୟତର ରମ୍ଭାପୁରର ଯୁବ ସଂଗଠକ ସୁନୀଲ୍ ସାମଲଙ୍କ ନେତୃତ୍ୱରେ ଭାଜପା ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କଦମପାଳ ଗ୍ରାମ ପଞ୍ଚାୟତର ଭାଜପା ଦଳର ବହୁକର୍ମୀ ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ବଳବନ୍ତରାୟ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ। ଯାଜପୁର ଜିଲା ବିଜୁ ଜନତାଦଳ ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ନିର୍ବାଚନମଣ୍ଡଳୀର ସଭାପତି ଜଳଧର ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସଂଗ୍ରାମ ଜେନା, ନିରଞ୍ଜନ ବଳ, ଶ୍ରୀକାନ୍ତ ସାହୁ, ବିରଞ୍ଚି ନାରାୟଣ ସାହୁ, ଧରଣୀଧର ସାହୁ ଓ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଣବଙ୍କ ପାଇଁ ସିନେତାରକାଙ୍କ ନିର୍ବାଚନୀ ପ୍ରଚାର।

## ମଦ ଜବତ, ଜଣେ ଗିରଫ

**ଜେନାପୁର,୨୧।୪(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଗ୍ରାମର ଜଣେ ମଦ ବ୍ୟବସାୟୀଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ଲକ୍ଷ୍ମଣ ସାହୁ (୬୦)। ପୋଲିସ ଚଢାଉବେଳେ ଲକ୍ଷ୍ମଣଙ୍କ ବାରିରୁ ୫ ଲିଟର ଦେଶୀ ମଦ ଜବତ କରିଥିଲେ। ଏ ନେଇ ଏକ ମାମଲା (୮୩/୧୯ ) ରୁଜୁ କରିଛି।

## ହିନ୍ଦୁସ୍ଥାନ ନିର୍ମାଣ ଦଳ ପକ୍ଷରୁ ପ୍ରଚାର

**ରତ୍ନଗିରି,୨୧।୪(ଡି.ଏନ୍.ଏ.)**

ବରୀ ନିର୍ବାଚନମଣ୍ଡଳୀର ହିନ୍ଦୁସ୍ଥାନ ନିର୍ମାଣ ଦଳ ତରଫରୁ ପ୍ରାର୍ଥୀ ହୋଇଥିବା ଅସିତ କୁମାର ରାୟ ଶନିବାର ଘରଘର ବୁଲି ପ୍ରଚାର କରିଛନ୍ତି। ବର୍ତ୍ତମାନ ଶାସକ ଦଳ ଦୁର୍ନୀତିରେ ବୁଡି ରହିଛି ଓ ଅନ୍ୟ ଦଳର ରାଜନେତାମାନେ ନିଜର ସ୍ୱାର୍ଥ ପାଇଁ ବାରମ୍ବାର ଦଳ ବଦଳ କରୁଛନ୍ତି, ଯାହାକି ବରୀ ନିର୍ବାଚନମଣ୍ଡଳୀର ପ୍ରଗତି କ୍ଷେତ୍ରରେ ବାଧକ ସାଜିଛି ବୋଲି ଅସିତ୍ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବରୀ ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚିତ ହେଲେ ବିକାଶ ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ରକ୍ତ ତୀର୍ଥ କଳାମାଟିଆ ସମେତ ବରୀ ଅଞ୍ଚଳରେ ବିଭିନ୍ନ ସମାଜ ସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଯୁବ ଭୋଟରମାନେ ତାଙ୍କ ସହ ସାମିଲ ହେଉଥିବା ଦେଖିବାକୁ ମିଳୁଛି।

# ବିଜେଡିରେ ମିଶିଲେ ସଂଖ୍ୟାଲଘୁ ସମ୍ପ୍ରଦାୟ

**ଚଣ୍ଡିଖୋଲ,୨୧।୪(ଡି.ଏନ.ଏ.)**

ବଡ଼ଚଣାର ବିଭିନ୍ନ ଅଞ୍ଚଳରୁ ରବିବାର କଂଗ୍ରେସ ଓ ଭାଜପା କର୍ମୀ ବିଧାୟକ ଅମର ପ୍ରସାଦ ଶତପଥିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଦର୍ପଣ ପଞ୍ଚାୟତର ବହୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ମୁସଲିମ କର୍ମୀ ଦଳତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ଏନେଇ ଦର୍ପଣଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାକୟ ଶତପଥୀ ଯୋଗଦେଇ ଦଳରେ ସାମିଲ ହୋଇଥିବା ମୁସଲିମ ଭାଇଙ୍କୁ ସ୍ୱାଗତ କରିଥିଲେ। ଏଥିରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଯୋଗଦେଇ ଚଳିତ ନିର୍ବାଚନରେ ଦର୍ପଣ ପଞ୍ଚାୟତ ବିଜେଡିକୁ ଅଧିକରୁ ଅଧିକ ସମର୍ଥନ କରି ବିଧାୟକ ଶତପଥୀଙ୍କୁ ବିଜୟୀ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଉପସଭାପତି ନିରଞ୍ଜନ ସେନାପତି, ମିହିର ପ୍ରତାପ ଦାସ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ରଞ୍ଜନ କୁମାର ଦାସ, ଅଫସର ଖାଁ, ଫଜିଲ ହକି, ନାରାୟଣ ସାହୁ, ସଞ୍ଜୟ ସ୍ୱାଇଁ, ଆଶିଷ ରଞ୍ଜନ ଚୌଧୁରୀ, ଅମରେଶ ନନ୍ଦଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେହିପରି ବିଜେଡି ନେତା ମିହିର ପ୍ରତାପ ଦାସଙ୍କ ନେତୃତ୍ୱରେ ଛତିଆର ଭାଜପା ନେତା ଭାଗ୍ୟଧର ବିଶ୍ୱାଳ ଓ ନେଳିଆ ପଞ୍ଚାୟତର ଗୋପେନ୍ଦ୍ର ବେହେରା ବିଜେଡିରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଭାଜପା ନେତା ଭାଗ୍ୟଧର ବିଶ୍ୱାଳ ନିର୍ବାଚନରେ ବଡ଼ଚଣାରୁ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ତାଙ୍କର ନାମାଙ୍କନ ପତ୍ରରେ ତ୍ରୁଟି ଥିବାରୁ ନିର୍ବାଚନ ଅଧିକାରୀ ଖାରଜ କରିଦେଇଥିବା ସେ ପ୍ରକାଶ କରିଥିଲେ।



ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଉପସ୍ଥିତିରେ ଯୋଗ ଦେଇଥିବା ନୂତନ କର୍ମୀ।

## ଅଗ୍ନିକାଣ୍ଡରେ ଜଳିଗଲା ୨ବଖରା

**ରତ୍ନଗିରି,୨୧।୪(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଉଦୟନାଥପୁର ପଞ୍ଚାୟତ ଉଦୟନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ସାମଲଙ୍କ ଘରେ ରବିବାର ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ବରୀ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ତରଫରୁ ନାରାୟଣ ମଲ୍ଲିକ, ଚନ୍ଦନ ପଟ୍ଟନାୟକ, ମନୋଜ ଦାସ, ଦ୍ୱାରିକାନାଥ ମେକାପ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବିଜେଡି ଶୋଭାଯାତ୍ରା ବେଳେ ୨ ଗୋଷ୍ଠୀ ମୁହାଁମୁହିଁ

**କୋରେଇ,୨୧।୪(ସ୍ୱ.ପ୍ର.)**

ଅସନଝର ପଞ୍ଚାୟତରେ କୋରେଇର ବିଜେଡି ପ୍ରାର୍ଥୀ ଅଶୋକ ବଳଙ୍କ ନିର୍ବାଚନୀ ଶୋଭାଯାତ୍ରା ସମୟରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ସରପଞ୍ଚ ଓ ସମିତି ସଭ୍ୟଙ୍କ ସମର୍ଥକଙ୍କ ମଧ୍ୟରେ ଏହି ଗୋଷ୍ଠୀ ସଂଘର୍ଷ ହୋଇଥିବା ଜଣାପଡ଼ିଛି। ସରପଞ୍ଚ ନିରଞ୍ଜନ ବାରିକ ବିଧାୟକ ଆକାଶ ଦାସ ନାୟକଙ୍କ ସମର୍ଥକ ହୋଇଥିବାବେଳେ ଅସନଝର ସମିତି ସଭ୍ୟା ନିର୍ମଳା ବେହେରା ସ୍ୱାଧୀନ ଭାବେ ଜିତିଥିଲେ। ପଞ୍ଚାୟତ ସମିତି ଗଠନ ସମୟରେ କଂଗ୍ରେସ ସମର୍ଥିତ ଅଧ୍ୟକ୍ଷା ମାଳତି ଟୁଡୁଙ୍କୁ ମତଦାନ କରିଥିଲେ। ପରେ ସମିତି ସଭ୍ୟା ବେହେରା ଭାଜପାରେ ଯୋଗ ଦେଇଥିଲେ। ବର୍ତ୍ତମାନ ବିଜେଡିରୁ ଅଶୋକ ପ୍ରାର୍ଥୀ ହେବା ପରେ ସେ ପୁନଶ୍ଚ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ। ସେହିଦିନଠାରୁ ଅଶୋକ ବଳ ସରପଞ୍ଚଙ୍କୁ ଛାଡି ସମିତିସଭ୍ୟା ଗୋଷ୍ଠୀକୁ ଅଗ୍ରାଧିକାର ଦେଉଛନ୍ତି। ଏହି ଅବସରରେ ରବିବାର ଶୋଭାଯାତ୍ରା ବେଳେ ସମିତିସଭ୍ୟାଙ୍କ ଗୋଷ୍ଠୀର କେତେଜଣ ଯୁବକ ଶୀତଳ ଗୋବିନ୍ଦପୁର ଛକଠାରେ ସରପଞ୍ଚଙ୍କ ଗୋଷ୍ଠୀର ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ କୋରେଇରେ ବିଧାୟକ ଆକାଶଙ୍କ ସମର୍ଥକଙ୍କୁ ଅଶୋକ ଅଣଦେଖା କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡ଼ିଛି। ଗତ ୧୬ ତାରିଖରେ ବନ୍ଦାଳ ପଞ୍ଚାୟତରେ ଅଶୋକଙ୍କ ଉପସ୍ଥିତିରେ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ଏଭଳି ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ କୋରେଇରେ ବିଜେଡିର ୩ଟି ଗୋଷ୍ଠୀ ସୃଷ୍ଟି ହୋଇଥିବାରୁ ଅଶୋକ କିଭଳି ନିର୍ବାଚନ ବୈତରଣୀ ପାର ହେବେ, ସେ ନେଇ ଆଲୋଚନା ହେଉଛି।

## ■ତରାପୁର ହିଙ୍ଗୁଳା ମହାଯଜ୍ଞ ଉଦ୍‌ଯାପିତ

# ୨୪ ପ୍ରହର ନାମ ସଂକୀର୍ତ୍ତନରେ କମ୍ପିଲା ମଣ୍ଡଳ

**କୋରେଇ,୨୧।୪(ସ୍ୱ.ପ୍ର.)**

ଲକ୍ଷ୍ମୀନଗର ପଞ୍ଚାୟତସ୍ଥିତ ଆଞ୍ଚଳିକ ହିଙ୍ଗୁଳା କମିଟି ତରାପୁର ପକ୍ଷରୁ ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ୮୩ତମ ଯଜ୍ଞୋତ୍ସବ ଓ ନାମଯଜ୍ଞ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାର ନାମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରବିବାର ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱର୍ଣ୍ଣମହଲ ପକ୍ଷରୁ ନାଟକ ପରିବେଷଣ କରାଯାଉଛି। ସୋମବାର ରାତିର ୪ର୍ଥ ପ୍ରହରରେ ପୂର୍ଣ୍ଣାହୁତି ଦିଆଯିବ ବୋଲି କମିଟି ସଭାପତି ପ୍ରଭାତ କୁମାର ମଲ୍ଲିକ ଓ ସମ୍ପାଦକ ନନ୍ଦ କିଶୋର ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ୨୪ ପ୍ରହର ନାମ ସଂକୀର୍ତ୍ତନରେ ମଣ୍ଡଳ ପ୍ରକମ୍ପିତ ହେଉଥିବାବେଳେ ମଙ୍ଗଳବାର ନାମଯଜ୍ଞର ନଗର ଭ୍ରମଣ ହେବ ବୋଲି ନନ୍ଦକିଶୋର ମହାରଣା ଓ ରଞ୍ଜନ କୁମାର ରଥ ସୂଚନା ଦେଇଛନ୍ତି। ଯଜ୍ଞ ପାଇଁ ରାତ୍ରି ପାକ ଓ ଆମିଷ ନିଷେଧ କରାଯାଇଛି। କର୍ତ୍ତାଭାବେ ଅନିଲ କୁମାର ଦାସ ରହିଥିଲା ବେଳେ କମିଟି ଉପସଭାପତି ଉମାକାନ୍ତ ରାଉତ, ଚକ୍ରଧର ପାଢି, ସମ୍ପାଦକ ନନ୍ଦକିଶୋର ସାହୁ, ସହସମ୍ପାଦକ ଅକ୍ଷୟ କୁମାର ସାହୁ, ଯୁଗ୍ମସମ୍ପାଦକ ଟୁକୁନା ବଳ, କୋଷାଧ୍ୟକ୍ଷ ବାବନଚନ୍ଦ୍ର ମଲ୍ଲିକ, ପ୍ରତାପ ରୁଦ୍ର ପାଢୀ, ମନୋହର ରାଉତ, ରାମଚନ୍ଦ୍ର ପଣ୍ଡୁ, ରମେଶଚନ୍ଦ୍ର ସାହୁ, ବାବାଜୀ ଚରଣ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି। କମିଟିର ୩୪ ଜଣ ସଦସ୍ୟଙ୍କ ସମେତ ଲକ୍ଷ୍ମୀନଗର ପଞ୍ଚୟତବାସୀ ସହଯୋଗ କରୁଛନ୍ତି। ଭକ୍ତ ମାନଙ୍କ ଭିଡକୁ ଲକ୍ଷ୍ୟ ରଖି ଯାଜପୁରରୋଡ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



ତରାପୁରରେ ମା' ହିଙ୍ଗୁଳା ମହାଯଜ୍ଞ।

## ନିର୍ବାଚନୀ ହିଂସା, ଥାନାରେ ଅଭିଯୋଗ

**କଳିଙ୍ଗନଗର,୨୧।୪(ଡି.ଏନ୍.ଏ)**

କଳିଙ୍ଗନଗର ଥାନା ଅନ୍ତର୍ଗତ ନୂଆଗାଁ ହାଟିଂ ଗ୍ରାମରେ ଶନିବାର ନିର୍ବାଚନୀ ହିଂସା ଦେଖାଦେଇଛି। ଗ୍ରାମରେ ଆୟୋଜିତ ଏକ ଦଳୀୟ ଶୋଭାଯାତ୍ରାରେ ଗ୍ରାମର ସୋନୁ ଲୋହାର(୩୪) ଯୋଗଦେବାକୁ ନେଇ ଅନ୍ୟଦଳର କେତେଜଣ କର୍ମୀ ତାଙ୍କ ସ୍ତ୍ରୀଙ୍କୁ ଧମକ ଦେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୭୩/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶନିବାର ଏକ ଦଳୀୟ ନିର୍ବାଚନ ପ୍ରଚାରରେ ସୋନୁ ଯୋଗଦେଇଥିଲେ। ଏହାକୁ ନେଇ ରାତିରେ ସେ ଘରେ ନ ଥିବାବେଳେ ବାରଗାଡ଼ିଆ ଗ୍ରାମର ଦିଲୀପ ଦେଓ, ଗୁଲ ଦେଓ, ପୁପୁନା ଦେଓ ଓ କୋଲିଆ ଦେଓ ସୋନୁ ଘରକୁ ଯାଇ ସ୍ତ୍ରୀଙ୍କୁ ଗାଳିଦେବା ସହ ଘର ପୋଡି ଦେବା ସହ ନିଆଁ ପାଣି ବନ୍ଦ ରଖିବା ପାଇଁ ଧମକ ଦେଇଥିଲେ ବୋଲି ସୋନୁ ଥାନାରେ ଅଭିଯୋଗ କରିଛନ୍ତି।

### ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା

# ବର୍ତ୍ତମାନ ସୁଦ୍ଧା ୬୩ ହଜାର ୩୪୦ ଅଟକ

ଭୁବନେଶ୍ୱର,୨୧।୪(ବ୍ୟୁରୋ): ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ରବିବାର ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୧୪ହଜାର ୪୬ଟି ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ଦଫା ୧୦୭/୧୧୦ ଅନୁଯାୟୀ, ୬୩ହଜାର ୩୪୦ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ନ ଥିବା ୨୪୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୫୭.୫୮୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ରବିବାର ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ଅବକାରୀ ବିଭାଗ ଓ ପୋଲିସର ମିଳିତ ଉଦ୍ୟମରେ ପ୍ରାୟ ୧୪୬୧୫୪.୩୧୮ ବଲ୍କ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩କୋଟି ୮୦ଲକ୍ଷ ୪୯ହଜାର ୨୦୦ ଟଙ୍କା। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୪୧ଲକ୍ଷ ୪୫ହଜାର ୮୧୮ ପୋଷ୍ଟରକୁ ହଟାଇ ଦିଆଯାଇଛି। ସେହିପରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନରେ ବେଆଇନ ଭାବେ ଲାଗିଥିବା ୩ଲକ୍ଷ ୩୬ହଜାର ୧୬୭ ହୋର୍ଡିଂ, ପୋଷ୍ଟର ଆଦି ବାହାର କରାଯାଇଛି। ରାଜ୍ୟସ୍ତରରେ ଖୋଲା ଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍ ନମ୍ବର ୦୬୭୪-୨୩୯୫୦୧୫କୁ ରବିବାର ସୁଦ୍ଧା ୧୦୯୧ଟି କଲ୍ ଏବଂ ଭୋଟର ହେଲ୍ପଲାଇନ ନମ୍ବର ୧୯୫୦କୁ ୧୬ହଜାର ୨୮୭ଟି କଲ୍ ମିଳିଥିବା ବେଳେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ସେହିପରି ସି-ଭିଜିଲ ଆପ୍ ମାଧ୍ୟମରେ ୧୯୭୦ ଅଭିଯୋଗ ଗ୍ରହଣ କରାଯାଇ ୧୯୨୭ଟିର ସମାଧାନ କରାଯାଇଥିବା ରବିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲା କାର୍ଯ୍ୟାଳୟ, ଭଦ୍ରକ

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକ ଏବଂ କ୍ଷମତାପନ୍ନ ପ୍ରାଧିକାରୀ ଓ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଏନ୍.ଏଚ୍.-୩୧୬(କ), ଭାରତମାଳା ପ୍ରକଳ୍ପ, ଭଦ୍ରକ
ସା: ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୋ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: (୦୬୭୮୪) ୨୫୦୧୪୪

### ସର୍ବସାଧାରଣ ନୋଟିସ୍

ସଂଖ୍ୟା: ୧୫ ତାରିଖ: ୧୫.୦୪.୨୦୧୯

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଉପଧାରା (୧) ଧାରା ୩(କ) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୩୧୬(କ) ର ଓଡ଼ିଶା ରାଜ୍ୟର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାସୁଦେବପୁର ତହସିଲର ପଢୁଆଁ ଏବଂ ରାଧାମୋହନପୁର ମୌଜାର (ଭାରତମାଳା ଅନ୍ତର୍ଗତ ପଢୁଆଁ-ରାଧାମୋହନପୁର ସେକ୍ସନ)ର ସଂପ୍ରସାରଣ (ଯଥା ୨ ଲେନ୍ ସହିତ ପେଭଡ ସୋଲ୍ଡର / ୪ ଲେନ୍ / ରକ୍ଷଣା ବେକ୍ଷଣ / ପରିଚାଳନା ଇତ୍ୟାଦି) (୧୦୧.୮୦୦ କି.ମି. ରୁ ୧୦୪.୨୫୮ କି.ମି.) ନିମନ୍ତେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ଅଧିନିୟମ ର ଧାରା ୩(କ)ର ଉପଧାରା-(୧) ଅନୁଯାୟୀ ଭାରତ ସରକାରଙ୍କ ଅଧିସୂଚନା ନଂ. S.O. 1262(E) ତା.୦୮.୦୩.୨୦୧୯ରିଖରେ ପ୍ରକାଶିତ ବିଜ୍ଞପ୍ତି ରାଜପତ୍ର ସଂଖ୍ୟା-୧୧୨୬ ତା.୦୯.୦୩.୨୦୧୯ରିଖରେ ପ୍ରୋକ୍ତ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରିକରିଛନ୍ତି।

ଏତଦ୍‌ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶି) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହେଲେ ସେ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ। ଏ ସମ୍ପର୍କରେ ଧାରା ୩ଗ ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୁଡାନ୍ତ ବିବେଚିତ ହେବ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତ୍ୟ ଲଭ୍ୟ ହେଉଅଛି।

ସ୍ୱା/-
ଭୂ-ଅର୍ଜନ ଅଧିକାରୀ ଓ କ୍ଷମତାପନ୍ନ ପ୍ରାଧିକାରୀ,
ଭଦ୍ରକ ଏନ୍.ଏଚ୍.-୩୧୬(କ), ଭାରତମାଳା ପ୍ରକଳ୍ପ

### MINISTRY OF ROAD TRANSPORT AND HIGHWAYS

### NOTIFICATION

New Delhi, the 08th March, 2019

**S.O: 1262(E)-** In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening, two lane with paved shoulder/four laning, etc.), maintenance, management and operation of National Highway No. 316A in the stretch of land from Km.101.800 to Km.104.258 (Padhuan-Radhamohanpur Section under Bharatmala) in the district of BHADRAK in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Special Land Acquisition Officer, Dhamara Port Project, Bhadrak in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

### SCHEDULE

**Brief description of the land to be acquired, with or without structures, falling within the stretch of land from Km.101.800 to Km.104.258 (Padhuan-Radhamohanpur Section under Bharatmala) of the National Highway No. 316A in the District of BHADRAK in the State of Odisha.**

ରାଜ୍ୟ: ଓଡ଼ିଶା ଜିଲ୍ଲା: ଭଦ୍ରକ

| କ୍ର. ନ. | ସର୍ଭେ / ପ୍ଲଟ୍ ନଂ. | ଜମିର ପ୍ରକାର | ଜମିର କିସମ | ଅଧିଗ୍ରହଣ ଜମିର ରକବା (ସ୍ଥାନୀୟ ୟୁନିଟ୍‌ରେ) | ଅଧିଗ୍ରହଣ ଜମିର ରକବା (ହେକ୍ଟରରେ) |
|---|---|---|---|---|---|
| ତହସିଲ: ବାସୁଦେବପୁର | | | | | |
| ଗ୍ରାମ: ପଢୁଆଁ | | | | | |
| ୧. | ୧୦ | ବେସରକାରୀ( ) | ଶାରଦ ଦୁଇ | ୦.୦୭୮୯୦୦୦(ହେକ୍ଟର) | ୦.୦୭୮୯୦୦୦ |
| ୨. | ୧୧/୫୦୧୩ | ବେସରକାରୀ( ) | ଶାରଦ ଦୁଇ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୩. | ୧୨ | ବେସରକାରୀ( ) | ଶାରଦ ଦୁଇ | ୦.୦୨୨୫୦୦୦(ହେକ୍ଟର) | ୦.୦୨୨୫୦୦୦ |
| ୪. | ୧୫ | ବେସରକାରୀ( ) | ଶାରଦ ଦୁଇ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୫. | ୧୭ | ବେସରକାରୀ( ) | ଶାରଦ ଦୁଇ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୬. | ୧୮ | ବେସରକାରୀ( ) | ଶାରଦ ଦୁଇ | ୦.୦୯୪୪୦୦୦(ହେକ୍ଟର) | ୦.୦୯୪୪୦୦୦ |
| ୭. | ୧୯ | ବେସରକାରୀ( ) | ଶାରଦ ଦୁଇ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୮. | ୨୦ | ବେସରକାରୀ( ) | ଶାରଦ ଦୁଇ | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୯. | ୨୧ | ବେସରକାରୀ( ) | ଶାରଦ ଦୁଇ | ୦.୦୧୫୫୦୦୦(ହେକ୍ଟର) | ୦.୦୧୫୫୦୦୦ |
| ୧୦. | ୨୧/୩୯୮୬ | ବେସରକାରୀ | ଶାରଦ ଦୁଇ | ୦.୦୦୨୪୦୦୦(ହେକ୍ଟର) | ୦.୦୦୨୪୦୦୦ |
| ୧୧. | ୨୫ | ବେସରକାରୀ( ) | ଶାରଦ ଦୁଇ | ୦.୦୬୬୫୦୦୦(ହେକ୍ଟର) | ୦.୦୬୬୫୦୦୦ |
| ୧୨. | ୨୭ | ବେସରକାରୀ( ) | ଶାରଦ ଦୁଇ | ୦.୦୪୮୯୦୦୦(ହେକ୍ଟର) | ୦.୦୪୮୯୦୦୦ |
| ୧୩. | ୨୮ | ବେସରକାରୀ( ) | ଶାରଦ ଦୁଇ | ୦.୧୫୩୮୦୦୦(ହେକ୍ଟର) | ୦.୧୫୩୮୦୦୦ |
| ୧୪. | ୨୯ | ବେସରକାରୀ( ) | ଶାରଦ ଦୁଇ | ୦.୪୨୮୮୦୦୦(ହେକ୍ଟର) | ୦.୪୨୮୮୦୦୦ |
| ୧୫. | ୩୦ | ବେସରକାରୀ( ) | ଶାରଦ ଦୁଇ | ୦.୦୭୦୫୦୦୦(ହେକ୍ଟର) | ୦.୦୭୦୫୦୦୦ |
| ୧୬. | ୩୧ | ବେସରକାରୀ( ) | ଶାରଦ ଦୁଇ | ୦.୦୧୬୮୦୦୦(ହେକ୍ଟର) | ୦.୦୧୬୮୦୦୦ |
| ୧୭. | ୪ | ବେସରକାରୀ( ) | ଶାରଦ ଦୁଇ | ୦.୦୨୨୧୦୦୦(ହେକ୍ଟର) | ୦.୦୨୨୧୦୦୦ |
| ୧୮. | ୫ | ବେସରକାରୀ( ) | ଶାରଦ ଦୁଇ | ୦.୦୧୯୭୦୦୦(ହେକ୍ଟର) | ୦.୦୧୯୭୦୦୦ |
| ୧୯. | ୮ | ବେସରକାରୀ( ) | ଶାରଦ ଦୁଇ | ୦.୨୪୨୮୦୦୦(ହେକ୍ଟର) | ୦.୨୪୨୮୦୦୦ |
| ୨୦. | ୯ | ବେସରକାରୀ | ଶାରଦ ଦୁଇ | ୦.୧୨୫୫୦୦୦(ହେକ୍ଟର) | ୦.୧୨୫୫୦୦୦ |
| ଗ୍ରାମ: ରାଧାମୋହନପୁର | | | | | |
| ୧. | ୧୦୦୫ | ବେସରକାରୀ( ) | ଶାରଦ ଏକ | ୦.୧୦୪୬୦୦୦(ହେକ୍ଟର) | ୦.୧୦୪୬୦୦୦ |
| ୨. | ୧୦୦୬ | ବେସରକାରୀ( ) | ଶାରଦ ଏକ | ୦.୧୩୧୪୦୦୦(ହେକ୍ଟର) | ୦.୧୩୧୪୦୦୦ |
| ୩. | ୧୦୦୭ | ବେସରକାରୀ( ) | ଶାରଦ ଏକ | ୦.୦୩୭୩୦୦୦(ହେକ୍ଟର) | ୦.୦୩୭୩୦୦୦ |
| ୪. | ୧୦୧୯ | ବେସରକାରୀ( ) | ଶାରଦ ଏକ | ୦.୦୮୨୦୦୦୦(ହେକ୍ଟର) | ୦.୦୮୨୦୦୦୦ |
| ୫. | ୧୦୨୦ | ବେସରକାରୀ( ) | ଶାରଦ ଏକ | ୦.୦୯୪୩୦୦୦(ହେକ୍ଟର) | ୦.୦୯୪୩୦୦୦ |
| ୬. | ୧୦୩୩ | ବେସରକାରୀ( ) | ଶାରଦ ଏକ | ୦.୦୦୬୮୦୦୦(ହେକ୍ଟର) | ୦.୦୦୬୮୦୦୦ |
| ୭. | ୧୦୩୪ | ବେସରକାରୀ( ) | ଶାରଦ ଏକ | ୦.୧୨୧୨୦୦୦(ହେକ୍ଟର) | ୦.୧୨୧୨୦୦୦ |
| ୮. | ୧୦୩୫ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୯. | ୧୦୩୬ | ବେସରକାରୀ( ) | ଶାରଦ ଏକ | ୦.୧୦୦୧୦୦୦(ହେକ୍ଟର) | ୦.୧୦୦୧୦୦୦ |
| ୧୦. | ୧୦୩୭ | ବେସରକାରୀ( ) | ଶାରଦ ଏକ | ୦.୦୨୨୨୦୦୦(ହେକ୍ଟର) | ୦.୦୨୨୨୦୦୦ |
| ୧୧. | ୧୦୩୮ | ବେସରକାରୀ( ) | ଶାରଦ ଏକ | ୦.୦୫୬୭୦୦୦(ହେକ୍ଟର) | ୦.୦୫୬୭୦୦୦ |
| ୧୨. | ୧୦୩୯ | ବେସରକାରୀ( ) | ଶାରଦ ଏକ | ୦.୧୦୦୬୦୦୦(ହେକ୍ଟର) | ୦.୧୦୦୬୦୦୦ |
| ୧୩. | ୧୦୪୦ | ବେସରକାରୀ( ) | ଶାରଦ ଏକ | ୦.୦୫୭୬୦୦୦(ହେକ୍ଟର) | ୦.୦୫୭୬୦୦୦ |
| ୧୪. | ୧୦୫୫ | ବେସରକାରୀ( ) | ଶାରଦ ଏକ | ୦.୦୦୪୮୦୦୦(ହେକ୍ଟର) | ୦.୦୦୪୮୦୦୦ |
| ୧୫. | ୧୦୫୭ | ବେସରକାରୀ( ) | ଶାରଦ ଏକ | ୦.୧୦୮୨୦୦୦(ହେକ୍ଟର) | ୦.୧୦୮୨୦୦୦ |
| ୧୬. | ୧୦୫୮ | ବେସରକାରୀ( ) | ଶାରଦ ଏକ | ୦.୦୬୪୭୦୦୦(ହେକ୍ଟର) | ୦.୦୬୪୭୦୦୦ |
| ୧୭. | ୧୦୫୯ | ବେସରକାରୀ( ) | ଶାରଦ ଏକ | ୦.୦୩୧୩୦୦୦(ହେକ୍ଟର) | ୦.୦୩୧୩୦୦୦ |
| ୧୮. | ୧୦୬୦ | ବେସରକାରୀ( ) | ଶାରଦ ଏକ | ୦.୦୧୨୨୦୦୦(ହେକ୍ଟର) | ୦.୦୧୨୨୦୦୦ |
| ୧୯. | ୧୦୬୧ | ବେସରକାରୀ( ) | ଶାରଦ ଏକ | ୦.୦୦୦୬୦୦୦(ହେକ୍ଟର) | ୦.୦୦୦୬୦୦୦ |
| ୨୦. | ୧୧୨୩/୨୬୨୨ | ବେସରକାରୀ( ) | ଶାରଦ ଏକ | ୦.୦୩୬୫୦୦୦(ହେକ୍ଟର) | ୦.୦୩୬୫୦୦୦ |
| ୨୧. | ୧୧୨୭ | ବେସରକାରୀ( ) | ଶାରଦ ଏକ | ୦.୦୦୧୦୦୦୦(ହେକ୍ଟର) | ୦.୦୦୧୦୦୦୦ |
| ୨୨. | ୧୧୨୮ | ବେସରକାରୀ( ) | ପତିତ | ୦.୦୧୭୯୦୦୦(ହେକ୍ଟର) | ୦.୦୧୭୯୦୦୦ |
| ୨୩. | ୧୧୩୦ | ବେସରକାରୀ( ) | ଶାରଦ ଏକ | ୦.୦୧୫୯୦୦୦(ହେକ୍ଟର) | ୦.୦୧୫୯୦୦୦ |
| ୨୪. | ୧୧୩୧ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୨୫. | ୧୧୩୨ | ବେସରକାରୀ( ) | ଶାରଦ ଏକ | ୦.୦୨୧୭୦୦୦(ହେକ୍ଟର) | ୦.୦୨୧୭୦୦୦ |
| ୨୬. | ୧୧୩୪ | ବେସରକାରୀ( ) | ଶାରଦ ଏକ | ୦.୦୦୮୧୦୦୦(ହେକ୍ଟର) | ୦.୦୦୮୧୦୦୦ |
| ୨୭. | ୧୧୩୫ | ବେସରକାରୀ( ) | ପତିତ | ୦.୦୦୮୦୦୦୦(ହେକ୍ଟର) | ୦.୦୦୮୦୦୦୦ |
| ୨୮. | ୧୧୩୬ | ବେସରକାରୀ( ) | ଶାରଦ ଏକ | ୦.୦୫୧୨୦୦୦(ହେକ୍ଟର) | ୦.୦୫୧୨୦୦୦ |
| ୨୯. | ୧୧୩୭ | ବେସରକାରୀ( ) | ପତିତ | ୦.୦୧୨୬୦୦୦(ହେକ୍ଟର) | ୦.୦୧୨୬୦୦୦ |
| ୩୦. | ୧୧୩୮ | ବେସରକାରୀ( ) | ଶାରଦ ଏକ | ୦.୦୦୫୪୦୦୦(ହେକ୍ଟର) | ୦.୦୦୫୪୦୦୦ |
| ୩୧. | ୧୧୩୯ | ବେସରକାରୀ( ) | ଶାରଦ ଏକ | ୦.୦୨୪୩୦୦୦(ହେକ୍ଟର) | ୦.୦୨୪୩୦୦୦ |
| ୩୨. | ୧୧୪୧ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୩୩. | ୧୧୪୨ | ବେସରକାରୀ( ) | ପତିତ | ୦.୦୨୨୩୦୦୦(ହେକ୍ଟର) | ୦.୦୨୨୩୦୦୦ |
| ୩୪. | ୧୧୪୩ | ବେସରକାରୀ( ) | ପତିତ | ୦.୦୨୦୨୦୦୦(ହେକ୍ଟର) | ୦.୦୨୦୨୦୦୦ |
| ୩୫. | ୧୧୪୪ | ବେସରକାରୀ( ) | ଶାରଦ ଏକ | ୦.୦୧୬୮୦୦୦(ହେକ୍ଟର) | ୦.୦୧୬୮୦୦୦ |
| ୩୬. | ୧୧୪୫ | ବେସରକାରୀ( ) | ଶାରଦ ଏକ | ୦.୦୧୨୭୦୦୦(ହେକ୍ଟର) | ୦.୦୧୨୭୦୦୦ |
| ୩୭. | ୧୧୪୬ | ବେସରକାରୀ( ) | ଶାରଦ ଏକ | ୦.୦୪୭୫୦୦୦(ହେକ୍ଟର) | ୦.୦୪୭୫୦୦୦ |
| ୩୮. | ୧୧୪୭ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୬୯୦୦୦(ହେକ୍ଟର) | ୦.୦୨୬୯୦୦୦ |
| ୩୯. | ୧୧୪୮ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୪୦. | ୧୨୧୪ | ବେସରକାରୀ( ) | ଶାରଦ ଏକ | ୦.୦୩୪୩୦୦୦(ହେକ୍ଟର) | ୦.୦୩୪୩୦୦୦ |
| ୪୧. | ୧୨୧୫ | ବେସରକାରୀ( ) | ଶାରଦ ଏକ | ୦.୦୨୧୧୦୦୦(ହେକ୍ଟର) | ୦.୦୨୧୧୦୦୦ |
| ୪୨. | ୧୨୧୮ | ବେସରକାରୀ( ) | ଶାରଦ ଏକ | ୦.୦୩୩୨୦୦୦(ହେକ୍ଟର) | ୦.୦୩୩୨୦୦୦ |
| ୪୩. | ୧୨୧୯ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୪୪. | ୧୨୨୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଦୁଇ | ୦.୦୦୪୦୦୦୦(ହେକ୍ଟର) | ୦.୦୦୪୦୦୦୦ |
| ୪୫. | ୧୨୨୪ | ବେସରକାରୀ( ) | ଶାରଦ ଏକ | ୦.୦୩୩୫୦୦୦(ହେକ୍ଟର) | ୦.୦୩୩୫୦୦୦ |
| ୪୬. | ୧୨୨୫ | ବେସରକାରୀ( ) | ଶାରଦ ଏକ | ୦.୦୭୨୮୦୦୦(ହେକ୍ଟର) | ୦.୦୭୨୮୦୦୦ |
| ୪୭. | ୧୨୨୬ | ବେସରକାରୀ( ) | ଶାରଦ ଏକ | ୦.୦୮୨୦୦୦୦(ହେକ୍ଟର) | ୦.୦୮୨୦୦୦୦ |
| ୪୮. | ୧୨୨୭ | ବେସରକାରୀ( ) | ଶାରଦ ଏକ | ୦.୧୨୪୫୦୦୦(ହେକ୍ଟର) | ୦.୧୨୪୫୦୦୦ |
| ୪୯. | ୧୨୨୮ | ବେସରକାରୀ( ) | ଶାରଦ ଏକ | ୦.୦୮୧୭୦୦୦(ହେକ୍ଟର) | ୦.୦୮୧୭୦୦୦ |
| ୫୦. | ୧୨୨୯ | ବେସରକାରୀ( ) | ଶାରଦ ଏକ | ୦.୦୭୭୦୦୦୦(ହେକ୍ଟର) | ୦.୦୭୭୦୦୦୦ |
| ୫୧. | ୧୨୩୦ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୧୬୪୦୦୦(ହେକ୍ଟର) | ୦.୦୧୬୪୦୦୦ |
| ୫୨. | ୧୨୩୧ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୫୩. | ୧୨୩୨ | ବେସରକାରୀ( ) | ଶାରଦ ଏକ | ୦.୦୩୫୩୦୦୦(ହେକ୍ଟର) | ୦.୦୩୫୩୦୦୦ |
| ୫୪. | ୧୨୩୩ | ବେସରକାରୀ( ) | ଶାରଦ ଏକ | ୦.୧୧୨୭୦୦୦(ହେକ୍ଟର) | ୦.୧୧୨୭୦୦୦ |
| ୫୫. | ୧୨୩୪ | ବେସରକାରୀ( ) | ଶାରଦ ଏକ | ୦.୦୧୧୯୦୦୦(ହେକ୍ଟର) | ୦.୦୧୧୯୦୦୦ |
| ୫୬. | ୧୨୩୫ | ବେସରକାରୀ( ) | ଶାରଦ ଏକ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୫୭. | ୧୨୩୬ | ବେସରକାରୀ( ) | ଶାରଦ ଏକ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୫୮. | ୧୨୫୬ | ବେସରକାରୀ( ) | ଶାରଦ ଏକ | ୦.୦୧୮୦୦୦୦(ହେକ୍ଟର) | ୦.୦୧୮୦୦୦୦ |
| ୫୯. | ୧୨୫୭ | ବେସରକାରୀ( ) | ଶାରଦ ଏକ | ୦.୦୫୧୫୦୦୦(ହେକ୍ଟର) | ୦.୦୫୧୫୦୦୦ |
| ୬୦. | ୧୨୫୮ | ବେସରକାରୀ( ) | ଶାରଦ ଏକ | ୦.୦୭୯୭୦୦୦(ହେକ୍ଟର) | ୦.୦୭୯୭୦୦୦ |
| ୬୧. | ୧୨୫୯ | ବେସରକାରୀ( ) | ଶାରଦ ଏକ | ୦.୦୧୩୩୦୦୦(ହେକ୍ଟର) | ୦.୦୧୩୩୦୦୦ |
| ୬୨. | ୧୪୨୧ | ବେସରକାରୀ( ) | ଶାରଦ ଏକ | ୦.୦୫୮୧୦୦୦(ହେକ୍ଟର) | ୦.୦୫୮୧୦୦୦ |
| ୬୩. | ୧୪୨୨ | ବେସରକାରୀ( ) | ଶାରଦ ଏକ | ୦.୧୦୮୮୦୦୦(ହେକ୍ଟର) | ୦.୧୦୮୮୦୦୦ |
| ୬୪. | ୧୪୨୩ | ବେସରକାରୀ( ) | ଶାରଦ ଏକ | ୦.୦୮୧୮୦୦୦(ହେକ୍ଟର) | ୦.୦୮୧୮୦୦୦ |
| ୬୫. | ୧୪୨୪ | ବେସରକାରୀ( ) | ଶାରଦ ଏକ | ୦.୦୩୦୬୦୦୦(ହେକ୍ଟର) | ୦.୦୩୦୬୦୦୦ |
| ୬୬. | ୧୪୨୫ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୯୦୦୦୦(ହେକ୍ଟର) | ୦.୦୦୯୦୦୦୦ |
| ୬୭. | ୧୪୨୬ | ବେସରକାରୀ( ) | ଶାରଦ ଏକ | ୦.୧୦୦୦୦୦୦(ହେକ୍ଟର) | ୦.୧୦୦୦୦୦୦ |
| ୬୮. | ୧୪୨୭ | ବେସରକାରୀ( ) | ଶାରଦ ଏକ | ୦.୦୮୯୦୦୦୦(ହେକ୍ଟର) | ୦.୦୮୯୦୦୦୦ |
| ୬୯. | ୧୪୨୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୧୧୩୬୦୦୦(ହେକ୍ଟର) | ୦.୧୧୩୬୦୦୦ |
| ୭୦. | ୧୪୨୯ | ବେସରକାରୀ( ) | ଶାରଦ ଏକ | ୦.୦୪୫୩୦୦୦(ହେକ୍ଟର) | ୦.୦୪୫୩୦୦୦ |
| ୭୧. | ୧୪୩୦ | ବେସରକାରୀ( ) | ଶାରଦ ଏକ | ୦.୧୦୮୯୦୦୦(ହେକ୍ଟର) | ୦.୧୦୮୯୦୦୦ |
| ୭୨. | ୧୪୩୧ | ବେସରକାରୀ( ) | ଶାରଦ ଏକ | ୦.୦୫୪୮୦୦୦(ହେକ୍ଟର) | ୦.୦୫୪୮୦୦୦ |
| ୭୩. | ୧୪୩୩ | ବେସରକାରୀ( ) | ଶାରଦ ଏକ | ୦.୧୩୮୪୦୦୦(ହେକ୍ଟର) | ୦.୧୩୮୪୦୦୦ |
| ୭୪. | ୧୪୯୭ | ବେସରକାରୀ( ) | ଶାରଦ ଏକ | ୦.୧୧୦୬୦୦୦(ହେକ୍ଟର) | ୦.୧୧୦୬୦୦୦ |
| ୭୫. | ୧୪୯୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୫୯୩୦୦୦(ହେକ୍ଟର) | ୦.୦୫୯୩୦୦୦ |
| ୭୬. | ୧୪୯୯ | ବେସରକାରୀ( ) | ଶାରଦ ଏକ | ୦.୦୩୬୪୦୦୦(ହେକ୍ଟର) | ୦.୦୩୬୪୦୦୦ |
| ୭୭. | ୧୫୦୦ | ବେସରକାରୀ( ) | ଶାରଦ ଏକ | ୦.୦୦୯୬୦୦୦(ହେକ୍ଟର) | ୦.୦୦୯୬୦୦୦ |
| ୭୮. | ୧୬୪୮ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୭୯. | ୧୬୪୯ | ବେସରକାରୀ( ) | ଶାରଦ ଏକ | ୦.୦୦୬୨୦୦୦(ହେକ୍ଟର) | ୦.୦୦୬୨୦୦୦ |
| ୮୦. | ୧୬୫୦ | ବେସରକାରୀ( ) | ଶାରଦ ଏକ | ୦.୦୪୮୧୦୦୦(ହେକ୍ଟର) | ୦.୦୪୮୧୦୦୦ |
| ୮୧. | ୧୬୫୧ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୮୨. | ୧୬୫୫ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୮୩. | ୧୬୫୬ | ବେସରକାରୀ( ) | ଶାରଦ ଏକ | ୦.୦୩୪୩୦୦୦(ହେକ୍ଟର) | ୦.୦୩୪୩୦୦୦ |
| ୮୪. | ୧୬୫୭ | ବେସରକାରୀ( ) | ଶାରଦ ଏକ | ୦.୧୮୨୧୦୦୦(ହେକ୍ଟର) | ୦.୧୮୨୧୦୦୦ |
| ୮୫. | ୧୬୫୮ | ବେସରକାରୀ( ) | ଶାରଦ ଏକ | ୦.୦୮୦୯୦୦୦(ହେକ୍ଟର) | ୦.୦୮୦୯୦୦୦ |
| ୮୬. | ୧୬୫୯ | ବେସରକାରୀ( ) | ଶାରଦ ଏକ | ୦.୦୩୬୦୦୦୦(ହେକ୍ଟର) | ୦.୦୩୬୦୦୦୦ |
| ୮୭. | ୧୬୬୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୩୦୦୦(ହେକ୍ଟର) | ୦.୦୩୨୩୦୦୦ |
| ୮୮. | ୧୬୬୧ | ବେସରକାରୀ( ) | ଶାରଦ ଏକ | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୮୯. | ୧୬୬୨ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୯୦. | ୧୬୬୩ | ବେସରକାରୀ( ) | ଶାରଦ ଏକ | ୦.୦୩୮୯୦୦୦(ହେକ୍ଟର) | ୦.୦୩୮୯୦୦୦ |
| ୯୧. | ୧୬୬୪ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୯୨. | ୧୬୬୯ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୯୩. | ୧୬୭୦ | ବେସରକାରୀ( ) | ଶାରଦ ଏକ | ୦.୦୧୪୧୦୦୦(ହେକ୍ଟର) | ୦.୦୧୪୧୦୦୦ |
| ୯୪. | ୧୬୭୧ | ବେସରକାରୀ( ) | ପତିତ | ୦.୦୧୯୪୦୦୦(ହେକ୍ଟର) | ୦.୦୧୯୪୦୦୦ |
| ୯୫. | ୧୬୮୧ | ବେସରକାରୀ( ) | ଶାରଦ ଏକ | ୦.୦୦୫୮୦୦୦(ହେକ୍ଟର) | ୦.୦୦୫୮୦୦୦ |
| ୯୬. | ୧୬୮୨ | ବେସରକାରୀ( ) | ଶାରଦ ଜଳ ଏକ | ୦.୦୬୮୮୦୦୦(ହେକ୍ଟର) | ୦.୦୬୮୮୦୦୦ |
| ୯୭. | ୧୬୮୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୦୯୨୦୦୦(ହେକ୍ଟର) | ୦.୦୦୯୨୦୦୦ |
| ୯୮. | ୧୬୮୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୭୯୩୦୦୦(ହେକ୍ଟର) | ୦.୦୭୯୩୦୦୦ |
| ୯୯. | ୧୬୮୯ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୩୫୦୦୦(ହେକ୍ଟର) | ୦.୦୨୩୫୦୦୦ |
| ୧୦୦. | ୧୬୯୬ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୭୪୦୦୦(ହେକ୍ଟର) | ୦.୦୦୭୪୦୦୦ |
| ୧୦୧. | ୧୬୯୭ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୦୫୦୦୦(ହେକ୍ଟର) | ୦.୦୦୦୫୦୦୦ |
| ୧୦୨. | ୧୭୦୧ | ବେସରକାରୀ( ) | ଶାରଦ ଏକ | ୦.୦୫୩୭୦୦୦(ହେକ୍ଟର) | ୦.୦୫୩୭୦୦୦ |
| ୧୦୩. | ୧୭୦୨ | ବେସରକାରୀ( ) | ଶାରଦ ଏକ | ୦.୦୬୮୮୦୦୦(ହେକ୍ଟର) | ୦.୦୬୮୮୦୦୦ |
| ୧୦୪. | ୧୭୦୩ | ବେସରକାରୀ( ) | ଶାରଦ ଏକ | ୦.୦୫୪୭୦୦୦(ହେକ୍ଟର) | ୦.୦୫୪୭୦୦୦ |
| ୧୦୫. | ୧୭୦୪ | ବେସରକାରୀ( ) | ଶାରଦ ଏକ | ୦.୦୫୧୧୦୦୦(ହେକ୍ଟର) | ୦.୦୫୧୧୦୦୦ |
| ୧୦୬. | ୧୭୦୫ | ବେସରକାରୀ( ) | ଶାରଦ ଏକ | ୦.୦୦୭୨୦୦୦(ହେକ୍ଟର) | ୦.୦୦୭୨୦୦୦ |
| ୧୦୭. | ୧୭୦୬ | ବେସରକାରୀ( ) | ଶାରଦ ଏକ | ୦.୦୪୦୫୦୦୦(ହେକ୍ଟର) | ୦.୦୪୦୫୦୦୦ |
| ୧୦୮. | ୧୭୦୭ | ବେସରକାରୀ( ) | ଶାରଦ ଏକ | ୦.୦୪୮୬୦୦୦(ହେକ୍ଟର) | ୦.୦୪୮୬୦୦୦ |
| ୧୦୯. | ୧୭୦୮ | ବେସରକାରୀ | ଶାରଦ ଏକ | ୦.୦୨୦୦୦୦୦(ହେକ୍ଟର) | ୦.୦୨୦୦୦୦୦ |
| ୧୧୦. | ୧୭୦୯ | ବେସରକାରୀ( ) | ଶାରଦ ଏକ | ୦.୦୧୯୨୦୦୦(ହେକ୍ଟର) | ୦.୦୧୯୨୦୦୦ |
| ୧୧୧. | ୧୭୧୦ | ବେସରକାରୀ( ) | ଶାରଦ ଏକ | ୦.୦୭୦୪୦୦୦(ହେକ୍ଟର) | ୦.୦୭୦୪୦୦୦ |
| ୧୧୨. | ୧୭୧୧ | ବେସରକାରୀ( ) | ଶାରଦ ଏକ | ୦.୦୦୨୦୦୦୦(ହେକ୍ଟର) | ୦.୦୦୨୦୦୦୦ |
| ୧୧୩. | ୧୭୧୬ | ବେସରକାରୀ( ) | ଶାରଦ ଏକ | ୦.୦୦୧୭୦୦୦(ହେକ୍ଟର) | ୦.୦୦୧୭୦୦୦ |
| ୧୧୪. | ୧୭୧୭ | ସରକାରୀ( ) | ଗୋଚର | ୦.୧୯୧୯୦୦୦(ହେକ୍ଟର) | ୦.୧୯୧୯୦୦୦ |
| ୧୧୫. | ୧୮୧୧ | ବେସରକାରୀ( ) | ଶାରଦ ଏକ | ୦.୦୩୧୯୦୦୦(ହେକ୍ଟର) | ୦.୦୩୧୯୦୦୦ |
| ୧୧୬. | ୧୮୧୨ | ବେସରକାରୀ( ) | ଶାରଦ ଏକ | ୦.୦୨୯୬୦୦୦(ହେକ୍ଟର) | ୦.୦୨୯୬୦୦୦ |
| ୧୧୭. | ୧୮୧୩ | ବେସରକାରୀ( ) | ଶାରଦ ଏକ | ୦.୦୯୩୮୦୦୦(ହେକ୍ଟର) | ୦.୦୯୩୮୦୦୦ |
| ୧୧୮. | ୧୮୧୪ | ବେସରକାରୀ( ) | ଶାରଦ ଏକ | ୦.୦୧୦୫୦୦୦(ହେକ୍ଟର) | ୦.୦୧୦୫୦୦୦ |
| ୧୧୯. | ୧୮୧୫ | ବେସରକାରୀ( ) | ଶାରଦ ଏକ | ୦.୦୦୦୫୦୦୦(ହେକ୍ଟର) | ୦.୦୦୦୫୦୦୦ |
| ୧୨୦. | ୧୮୧୭ | ବେସରକାରୀ( ) | ଶାରଦ ଏକ | ୦.୦୨୮୬୦୦୦(ହେକ୍ଟର) | ୦.୦୨୮୬୦୦୦ |
| ୧୨୧. | ୧୮୧୮ | ବେସରକାରୀ( ) | ଶାରଦ ଏକ | ୦.୧୨୧୪୦୦୦(ହେକ୍ଟର) | ୦.୧୨୧୪୦୦୦ |
| ୧୨୨. | ୧୮୧୯ | ବେସରକାରୀ( ) | ଶାରଦ ଏକ | ୦.୦୪୬୯୦୦୦(ହେକ୍ଟର) | ୦.୦୪୬୯୦୦୦ |
| ୧୨୩. | ୧୮୨୦ | ବେସରକାରୀ( ) | ଶାରଦ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୨୪. | ୧୮୮୫/୨୬୦୪ | ବେସରକାରୀ( ) | ଶାରଦ ଏକ (ତଳା) | ୦.୦୦୦୯୦୦୦(ହେକ୍ଟର) | ୦.୦୦୦୯୦୦୦ |
| ୧୨୫. | ୧୮୮୬ | ବେସରକାରୀ( ) | ଶାରଦ ଏକ | ୦.୦୯୪୧୦୦୦(ହେକ୍ଟର) | ୦.୦୯୪୧୦୦୦ |
| ୧୨୬. | ୧୮୮୭ | ବେସରକାରୀ | ଶାରଦ ଏକ | ୦.୦୨୭୪୦୦୦(ହେକ୍ଟର) | ୦.୦୨୭୪୦୦୦ |
| ୧୨୭. | ୧୮୮୯ | ବେସରକାରୀ( ) | ଶାରଦ ଏକ | ୦.୦୧୩୮୦୦୦(ହେକ୍ଟର) | ୦.୦୧୩୮୦୦୦ |
| ୧୨୮. | ୧୮୯୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୪୦୦୦(ହେକ୍ଟର) | ୦.୦୩୨୪୦୦୦ |
| ୧୨୯. | ୧୮୯୧ | ବେସରକାରୀ( ) | ଶାରଦ ଏକ | ୦.୦୪୪୫୦୦୦(ହେକ୍ଟର) | ୦.୦୪୪୫୦୦୦ |
| ୧୩୦. | ୧୮୯୨ | ବେସରକାରୀ( ) | ଶାରଦ ଏକ | ୦.୧୧୧୧୦୦୦(ହେକ୍ଟର) | ୦.୧୧୧୧୦୦୦ |
| ୧୩୧. | ୧୮୯୩ | ବେସରକାରୀ( ) | ଶାରଦ ଏକ | ୦.୦୧୩୪୦୦୦(ହେକ୍ଟର) | ୦.୦୧୩୪୦୦୦ |
| ୧୩୨. | ୧୮୯୮ | ବେସରକାରୀ( ) | ଶାରଦ ଏକ | ୦.୦୦୨୯୦୦୦(ହେକ୍ଟର) | ୦.୦୦୨୯୦୦୦ |
| ୧୩୩. | ୧୮୯୯ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୦୧୨୦୦୦(ହେକ୍ଟର) | ୦.୦୦୧୨୦୦୦ |
| ୧୩୪. | ୧୯୨୭ | ବେସରକାରୀ( ) | ପତିତ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୩୫. | ୧୯୩୪ | ବେସରକାରୀ( ) | ପତିତ | ୦.୦୧୨୭୦୦୦(ହେକ୍ଟର) | ୦.୦୧୨୭୦୦୦ |
| ୧୩୬. | ୧୯୩୫ | ବେସରକାରୀ( ) | ପତିତ | ୦.୦୩୬୯୦୦୦(ହେକ୍ଟର) | ୦.୦୩୬୯୦୦୦ |
| ୧୩୭. | ୧୯୩୬ | ବେସରକାରୀ( ) | ଶାରଦ ଏକ | ୦.୦୨୮୯୦୦୦(ହେକ୍ଟର) | ୦.୦୨୮୯୦୦୦ |
| ୧୩୮. | ୧୯୩୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୬୦୦୦(ହେକ୍ଟର) | ୦.୦୦୦୬୦୦୦ |
| ୧୩୯. | ୧୯୪୫ | ବେସରକାରୀ( ) | ଘରବାରି | ୦.୦୦୫୭୦୦୦(ହେକ୍ଟର) | ୦.୦୦୫୭୦୦୦ |
| ୧୪୦. | ୧୯୪୭ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୧୩୯୦୦୦(ହେକ୍ଟର) | ୦.୦୧୩୯୦୦୦ |
| ୧୪୧. | ୧୯୪୮ | ବେସରକାରୀ( ) | ଜଳାଶୟ ଦୁଇ | ୦.୦୧୩୮୦୦୦(ହେକ୍ଟର) | ୦.୦୧୩୮୦୦୦ |
| ୧୪୨. | ୧୯୪୯ | ବେସରକାରୀ( ) | ଶାରଦ ଏକ | ୦.୦୬୫୬୦୦୦(ହେକ୍ଟର) | ୦.୦୬୫୬୦୦୦ |
| ୧୪୩. | ୧୯୫୦ | ବେସରକାରୀ( ) | ପତିତ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୪୪. | ୧୯୫୧ | ବେସରକାରୀ | ପତିତ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୪୫. | ୧୯୫୨ | ବେସରକାରୀ | ଘରବାରି | ୦.୧୦୩୪୦୦୦(ହେକ୍ଟର) | ୦.୧୦୩୪୦୦୦ |
| ୧୪୬. | ୧୯୫୩ | ସରକାରୀ( ) | ରାସ୍ତା | ୦.୦୫୨୬୦୦୦(ହେକ୍ଟର) | ୦.୦୫୨୬୦୦୦ |
| ୧୪୭. | ୧୯୫୪ | ସରକାରୀ( ) | ବସ୍ତି ଯୋଗ୍ୟ | ୦.୧୧୬୧୦୦୦(ହେକ୍ଟର) | ୦.୧୧୬୧୦୦୦ |
| ୧୪୮. | ୧୯୭୦ | ବେସରକାରୀ( ) | ଶାରଦ ଏକ | ୦.୦୦୩୬୦୦୦(ହେକ୍ଟର) | ୦.୦୦୩୬୦୦୦ |
| ୧୪୯. | ୧୯୭୧ | ବେସରକାରୀ( ) | ଶାରଦ ଏକ | ୦.୦୨୦୦୦୦୦(ହେକ୍ଟର) | ୦.୦୨୦୦୦୦୦ |
| ୧୫୦. | ୧୯୭୨ | ବେସରକାରୀ( ) | ଶାରଦ ଏକ | ୦.୦୩୬୦୦୦୦(ହେକ୍ଟର) | ୦.୦୩୬୦୦୦୦ |
| ୧୫୧. | ୧୯୭୩ | ବେସରକାରୀ( ) | ଶାରଦ ଏକ | ୦.୦୪୬୯୦୦୦(ହେକ୍ଟର) | ୦.୦୪୬୯୦୦୦ |
| ୧୫୨. | ୧୯୭୪ | ବେସରକାରୀ( ) | ଶାରଦ ଏକ | ୦.୦୪୮୦୦୦୦(ହେକ୍ଟର) | ୦.୦୪୮୦୦୦୦ |
| ୧୫୩. | ୧୯୭୫ | ବେସରକାରୀ( ) | ଶାରଦ ଏକ | ୦.୦୧୧୧୦୦୦(ହେକ୍ଟର) | ୦.୦୧୧୧୦୦୦ |
| ୧୫୪. | ୧୯୭୬ | ବେସରକାରୀ( ) | ଶାରଦ ଏକ | ୦.୦୪୭୧୦୦୦(ହେକ୍ଟର) | ୦.୦୪୭୧୦୦୦ |
| ୧୫୫. | ୧୯୭୭ | ବେସରକାରୀ( ) | ପତିତ | ୦.୦୧୦୯୦୦୦(ହେକ୍ଟର) | ୦.୦୧୦୯୦୦୦ |
| ୧୫୬. | ୨ | ସରକାରୀ | ନଦୀ | ୦.୧୨୯୪୦୦୦(ହେକ୍ଟର) | ୦.୧୨୯୪୦୦୦ |
| ୧୫୭. | ୫୭୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୨୦୦୦(ହେକ୍ଟର) | ୦.୦୦୦୨୦୦୦ |
| ୧୫୮. | ୫୭୯ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୨୫୯୦୦୦(ହେକ୍ଟର) | ୦.୦୨୫୯୦୦୦ |
| ୧୫୯. | ୫୮୩ | ବେସରକାରୀ( ) | ଶାରଦ ଏକ | ୦.୦୨୦୨୦୦୦(ହେକ୍ଟର) | ୦.୦୨୦୨୦୦୦ |
| ୧୬୦. | ୫୮୪ | ବେସରକାରୀ( ) | ଶାରଦ ଏକ | ୦.୦୨୮୩୦୦୦(ହେକ୍ଟର) | ୦.୦୨୮୩୦୦୦ |
| ୧୬୧. | ୫୮୫ | ବେସରକାରୀ( ) | ଶାରଦ ଏକ | ୦.୦୨୪୩୦୦୦(ହେକ୍ଟର) | ୦.୦୨୪୩୦୦୦ |
| ୧୬୨. | ୫୮୬ | ବେସରକାରୀ( ) | ଶାରଦ ଏକ | ୦.୦୩୦୫୦୦୦(ହେକ୍ଟର) | ୦.୦୩୦୫୦୦୦ |
| ୧୬୩. | ୫୮୭ | ବେସରକାରୀ( ) | ଶାରଦ ଏକ | ୦.୦୩୮୯୦୦୦(ହେକ୍ଟର) | ୦.୦୩୮୯୦୦୦ |
| ୧୬୪. | ୫୮୮ | ବେସରକାରୀ( ) | ଶାରଦ ଏକ | ୦.୦୦୯୬୦୦୦(ହେକ୍ଟର) | ୦.୦୦୯୬୦୦୦ |
| ୧୬୫. | ୫୮୯ | ବେସରକାରୀ( ) | ଶାରଦ ଏକ | ୦.୦୦୮୭୦୦୦(ହେକ୍ଟର) | ୦.୦୦୮୭୦୦୦ |
| ୧୬୬. | ୫୯୦ | ବେସରକାରୀ( ) | ଶାରଦ ଏକ | ୦.୦୦୯୫୦୦୦(ହେକ୍ଟର) | ୦.୦୦୯୫୦୦୦ |
| ୧୬୭. | ୫୯୧ | ବେସରକାରୀ( ) | ଶାରଦ ଏକ | ୦.୦୧୩୦୦୦୦(ହେକ୍ଟର) | ୦.୦୧୩୦୦୦୦ |
| ୧୬୮. | ୫୯୨ | ବେସରକାରୀ( ) | ଶାରଦ ଏକ | ୦.୦୦୬୩୦୦୦(ହେକ୍ଟର) | ୦.୦୦୬୩୦୦୦ |
| ୧୬୯. | ୫୯୫ | ବେସରକାରୀ( ) | ଶାରଦ ଏକ | ୦.୦୦୬୨୦୦୦(ହେକ୍ଟର) | ୦.୦୦୬୨୦୦୦ |
| ୧୭୦. | ୫୯୬ | ବେସରକାରୀ( ) | ଶାରଦ ଏକ | ୦.୦୦୩୯୦୦୦(ହେକ୍ଟର) | ୦.୦୦୩୯୦୦୦ |
| ୧୭୧. | ୬୦୫ | ବେସରକାରୀ( ) | ଶାରଦ ଏକ | ୦.୦୦୪୫୦୦୦(ହେକ୍ଟର) | ୦.୦୦୪୫୦୦୦ |
| ୧୭୨. | ୬୦୬ | ବେସରକାରୀ( ) | ଶାରଦ ଏକ | ୦.୦୧୨୫୦୦୦(ହେକ୍ଟର) | ୦.୦୧୨୫୦୦୦ |
| ୧୭୩. | ୬୧୨ | ବେସରକାରୀ( ) | ଶାରଦ ଏକ | ୦.୦୫୯୫୦୦୦(ହେକ୍ଟର) | ୦.୦୫୯୫୦୦୦ |
| ୧୭୪. | ୬୧୩ | ବେସରକାରୀ( ) | ଶାରଦ ଏକ | ୦.୦୯୩୦୦୦୦(ହେକ୍ଟର) | ୦.୦୯୩୦୦୦୦ |
| ୧୭୫. | ୬୧୫ | ବେସରକାରୀ( ) | ଶାରଦ ଏକ | ୦.୦୫୬୪୦୦୦(ହେକ୍ଟର) | ୦.୦୫୬୪୦୦୦ |
| ୧୭୬. | ୬୭୫ | ବେସରକାରୀ( ) | ଶାରଦ ଏକ | ୦.୦୧୦୭୦୦୦(ହେକ୍ଟର) | ୦.୦୧୦୭୦୦୦ |
| ୧୭୭. | ୬୭୬ | ବେସରକାରୀ( ) | ଶାରଦ ଏକ | ୦.୦୮୦୯୦୦୦(ହେକ୍ଟର) | ୦.୦୮୦୯୦୦୦ |
| ୧୭୮. | ୬୭୭ | ବେସରକାରୀ( ) | ଶାରଦ ଏକ | ୦.୦୧୮୬୦୦୦(ହେକ୍ଟର) | ୦.୦୧୮୬୦୦୦ |
| ୧୭୯. | ୬୭୮ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୨୯୨୯୦୦୦(ହେକ୍ଟର) | ୦.୨୯୨୯୦୦୦ |
| ୧୮୦. | ୬୭୯ | ବେସରକାରୀ( ) | ଶାରଦ ଏକ | ୦.୦୧୬୯୦୦୦(ହେକ୍ଟର) | ୦.୦୧୬୯୦୦୦ |
| ୧୮୧. | ୬୮୦ | ବେସରକାରୀ( ) | ଶାରଦ ଏକ | ୦.୦୧୨୩୦୦୦(ହେକ୍ଟର) | ୦.୦୧୨୩୦୦୦ |
| ୧୮୨. | ୬୯୧ | ବେସରକାରୀ( ) | ଶାରଦ ଏକ | ୦.୦୬୭୩୦୦୦(ହେକ୍ଟର) | ୦.୦୬୭୩୦୦୦ |
| ୧୮୩. | ୬୯୨ | ବେସରକାରୀ( ) | ଶାରଦ ଏକ | ୦.୦୭୭୦୦୦୦(ହେକ୍ଟର) | ୦.୦୭୭୦୦୦୦ |
| ୧୮୪. | ୬୯୩ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୪୦୬୦୦୦(ହେକ୍ଟର) | ୦.୦୪୦୬୦୦୦ |
| ୧୮୫. | ୬୯୪ | ବେସରକାରୀ( ) | ଶାରଦ ଅଣଜଳସେଚିତ ଏକ | ୦.୦୪୮୪୦୦୦(ହେକ୍ଟର) | ୦.୦୪୮୪୦୦୦ |
| ୧୮୬. | ୬୯୫ | ବେସରକାରୀ( ) | ଶାରଦ ଏକ | ୦.୧୦୮୬୦୦୦(ହେକ୍ଟର) | ୦.୧୦୮୬୦୦୦ |
| ୧୮୭. | ୬୯୬ | ବେସରକାରୀ( ) | ଶାରଦ ଏକ | ୦.୦୦୧୩୦୦୦(ହେକ୍ଟର) | ୦.୦୦୧୩୦୦୦ |
| ୧୮୮. | ୮୯୫ | ବେସରକାରୀ( ) | ଶାରଦ ଏକ | ୦.୦୦୦୧୦୦୦(ହେକ୍ଟର) | ୦.୦୦୦୧୦୦୦ |
| ୧୮୯. | ୮୯୬ | ବେସରକାରୀ( ) | ଶାରଦ ଏକ | ୦.୦୨୨୨୦୦୦(ହେକ୍ଟର) | ୦.୦୨୨୨୦୦୦ |
| ୧୯୦. | ୮୯୭ | ବେସରକାରୀ( ) | ଶାରଦ ଏକ | ୦.୦୫୭୮୦୦୦(ହେକ୍ଟର) | ୦.୦୫୭୮୦୦୦ |
| ୧୯୧. | ୮୯୮ | ବେସରକାରୀ( ) | ଶାରଦ ଏକ | ୦.୦୦୪୧୦୦୦(ହେକ୍ଟର) | ୦.୦୦୪୧୦୦୦ |
| ୧୯୨. | ୯୦୫ | ବେସରକାରୀ( ) | ଶାରଦ ଏକ | ୦.୦୪୫୯୦୦୦(ହେକ୍ଟର) | ୦.୦୪୫୯୦୦୦ |
| ୧୯୩. | ୯୦୬ | ବେସରକାରୀ( ) | ଶାରଦ ଏକ | ୦.୦୨୭୪୦୦୦(ହେକ୍ଟର) | ୦.୦୨୭୪୦୦୦ |
| ୧୯୪. | ୯୦୭ | ବେସରକାରୀ( ) | ଶାରଦ ଏକ | ୦.୧୨୧୪୦୦୦(ହେକ୍ଟର) | ୦.୧୨୧୪୦୦୦ |
| ୧୯୫. | ୯୦୮ | ବେସରକାରୀ( ) | ଶାରଦ ଏକ | ୦.୦୩୭୧୦୦୦(ହେକ୍ଟର) | ୦.୦୩୭୧୦୦୦ |
| ୧୯୬. | ୯୦୯ | ବେସରକାରୀ( ) | ଶାରଦ ଏକ | ୦.୦୩୫୭୦୦୦(ହେକ୍ଟର) | ୦.୦୩୫୭୦୦୦ |
| ୧୯୭. | ୯୧୦ | ବେସରକାରୀ( ) | ଶାରଦ ଏକ | ୦.୦୩୨୭୦୦୦(ହେକ୍ଟର) | ୦.୦୩୨୭୦୦୦ |
| ୧୯୮. | ୯୧୩ | ବେସରକାରୀ( ) | ଶାରଦ ଏକ | ୦.୦୨୭୯୦୦୦(ହେକ୍ଟର) | ୦.୦୨୭୯୦୦୦ |
| ୧୯୯. | ୯୧୫ | ବେସରକାରୀ | ଶାରଦ ଏକ | ୦.୦୦୭୩୦୦୦(ହେକ୍ଟର) | ୦.୦୦୭୩୦୦୦ |
| ୨୦୦. | ୯୨୫ | ସରକାରୀ | ରାସ୍ତା | ୦.୦୫୦୯୦୦୦(ହେକ୍ଟର) | ୦.୦୫୦୯୦୦୦ |
| ୨୦୧. | ୯୫୨ | ବେସରକାରୀ( ) | ଶାରଦ ଏକ | ୦.୦୪୨୫୦୦୦(ହେକ୍ଟର) | ୦.୦୪୨୫୦୦୦ |
| ୨୦୨. | ୯୫୩ | ବେସରକାରୀ( ) | ଶାରଦ ଏକ | ୦.୦୭୫୯୦୦୦(ହେକ୍ଟର) | ୦.୦୭୫୯୦୦୦ |
| ୨୦୩. | ୯୫୪ | ବେସରକାରୀ | ଶାରଦ ଏକ | ୦.୦୦୨୬୦୦୦(ହେକ୍ଟର) | ୦.୦୦୨୬୦୦୦ |
| ୨୦୪. | ୯୫୫ | ବେସରକାରୀ( ) | ଶାରଦ ଏକ | ୦.୧୦୦୨୦୦୦(ହେକ୍ଟର) | ୦.୧୦୦୨୦୦୦ |
| ୨୦୫. | ୯୫୬ | ବେସରକାରୀ( ) | ଶାରଦ ଏକ | ୦.୦୬୯୧୦୦୦(ହେକ୍ଟର) | ୦.୦୬୯୧୦୦୦ |
| ୨୦୬. | ୯୭୬ | ବେସରକାରୀ( ) | ଶାରଦ ଏକ | ୦.୧୨୭୦୦୦୦(ହେକ୍ଟର) | ୦.୧୨୭୦୦୦୦ |
| ୨୦୭. | ୯୭୭ | ବେସରକାରୀ( ) | ଶାରଦ ଏକ | ୦.୦୯୯୨୦୦୦(ହେକ୍ଟର) | ୦.୦୯୯୨୦୦୦ |
| ୨୦୮. | ୯୭୮ | ବେସରକାରୀ( ) | ଶାରଦ ଏକ | ୦.୦୦୦୩୦୦୦(ହେକ୍ଟର) | ୦.୦୦୦୩୦୦୦ |
| ୨୦୯. | ୯୯୦ | ବେସରକାରୀ( ) | ଶାରଦ ଏକ | ୦.୦୪୬୩୦୦୦(ହେକ୍ଟର) | ୦.୦୪୬୩୦୦୦ |
| ୨୧୦. | ୯୯୧ | ବେସରକାରୀ( ) | ଶାରଦ ଏକ | ୦.୦୭୮୩୦୦୦(ହେକ୍ଟର) | ୦.୦୭୮୩୦୦୦ |
| ୨୧୧. | ୯୯୨ | ବେସରକାରୀ( ) | ଶାରଦ ଏକ | ୦.୦୩୨୧୦୦୦(ହେକ୍ଟର) | ୦.୦୩୨୧୦୦୦ |
| ୨୧୨. | ୯୯୩ | ବେସରକାରୀ( ) | ଶାରଦ ଏକ | ୦.୦୮୭୩୦୦୦(ହେକ୍ଟର) | ୦.୦୮୭୩୦୦୦ |
| ୨୧୩. | ୯୯୪ | ବେସରକାରୀ( ) | ଶାରଦ ଏକ | ୦.୦୨୩୧୦୦୦(ହେକ୍ଟର) | ୦.୦୨୩୧୦୦୦ |
| ୨୧୪. | ୯୯୬ | ବେସରକାରୀ( ) | ଶାରଦ ଏକ | ୦.୦୧୨୧୦୦୦(ହେକ୍ଟର) | ୦.୦୧୨୧୦୦୦ |
| | | | ସମୁଦାୟ | ୧୦.୬୧୫୦ | ୧୦.୬୧୫୦ |

[F.No. NHAI/11014/01/Rat-Digha(LA-3a)/2018/PIU/BBSR/3A1]
RAJESH GUPTA, Dy. Secy.

# ଜୀବର ସଂରକ୍ଷଣ

ଡା. ରଞ୍ଜିତ କୁମାର ସାମନ୍ତରାୟ

ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ପ୍ରଥମେ ୧୯୭୦ ମସିହାରେ ଏହି ଦିବସ ପାଳିତ ହୋଇଥିବା ବେଳେ ୧୯୯୦ରେ ଆହୁରି ବ୍ୟାପକ ହୋଇଥିଲା। ବର୍ତ୍ତମାନ ଏହା ପ୍ରାୟ ୧୯୨ଟି ଦେଶରେ ପାଳିତ ହେଉଛି। ଏ ବର୍ଷର ଥିମ୍ ହେଉଛି 'ପ୍ରୋଟେକ୍ଟ ଆୱାର ସ୍ପେଶିସ' ବା ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା।

ପ୍ରକୃତିରେ ଥିବା ଜୀବଜଗତ ଈଶ୍ୱରଙ୍କର ଏକ ଅତୁଳନୀୟ ଅବଦାନ। ଜୀବମାନଙ୍କର ସଂଖ୍ୟା ପରିବେଶରେ ଥିବା ମାଟି, ବାୟୁ, ଜଳ, ଗ୍ୟାସ୍ ଓ ଉତ୍ତାପ ଉପରେ ନିର୍ଭରଶୀଳ। ଅଧୁନା ପୃଥିବୀରେ ବିଶେଷଭାବରେ ଯାହା ସବୁ ଘଟୁଛି, ତାହା ମୁଖ୍ୟତଃ ମଣିଷର ଆବଶ୍ୟକତା ପାଇଁ ଘଟୁଛି। ବର୍ତ୍ତମାନ ଜନ ବିସ୍ଫୋରଣ ଦୃଷ୍ଟିରୁ ରାସ୍ତାଘାଟ, କଳ କାରଖାନା ଓ କୋଠାବାଡି ଇତ୍ୟାଦି ବଢ଼ି ଚାଲିଛି। ଏଥିନେଇ ଜଙ୍ଗଲ, ଜଳ ଓ ବାୟୁମଣ୍ଡଳ ବିଶେଷ ଭାବରେ ପ୍ରଭାବିତ। ଏଣୁ ବିଭିନ୍ନ ପ୍ରଜାତିର ବୃକ୍ଷ, ପଶୁପକ୍ଷୀ(ପ୍ରାଣୀ), ଜଳଚର ପ୍ରାଣୀ, କୀଟପତଙ୍ଗ ଇତ୍ୟାଦିଙ୍କ ବଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହା ପ୍ରଭାବରେ କିଛି ପ୍ରଜାତି ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି, କିଛି ବିଲୁପ୍ତ ଦ୍ୱାରଦେଶରେ ଓ ଆଉ କିଛିଙ୍କ ଦ୍ରୁତ ଅବକ୍ଷୟ ପରିବେଶ ଏବଂ ଜୈବ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଏ ବର୍ଷର ଥିମ୍:
ଚଳିତ ବର୍ଷ ବିଶ୍ୱ ଧରିତ୍ରୀ ଦିବସ ଲାଗି ଥିମ୍ ରହିଛି 'ପ୍ରୋଟେକ୍ଟ ଆୱାର ସ୍ପେଶିସ' ବା ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା।



ପ୍ରତିବର୍ଷ ଏପ୍ରିଲ ୨୨ ତାରିଖକୁ 'ବିଶ୍ୱ ଧରିତ୍ରୀ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏ ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ଉପସ୍ଥାପନା...

ବିଗତ ୫୦ବର୍ଷ ମଧ୍ୟରେ ଧରାପୃଷ୍ଠରୁ ବିରଳ ହୋଇଥିବା ଜୀବମାନଙ୍କ ମଧ୍ୟରୁ ଡୋଡୋ, ଗ୍ରେଟ୍ ଅକ୍, ଜାଭାନ ଟାଇଗର, ଆଫ୍ରିକାନ୍ ବ୍ଲାକ୍ ରାଇନୋ, ଉଲି ମାମୋଥ୍, ସୋବ୍ରେ ଟୁଥଡ୍ କ୍ୟାଟ୍, ଇଷ୍ଟର୍ନ ମୋଆ, ପାଇରିନିଆନ ଆଇବେକ୍ସ, ସ୍ୱିକ୍ସ ମାକାଓ, ଗୋଲଡେନ୍ ଟୋଡା, ଡଚ୍ ବ୍ଲୁ ବଟରଫ୍ଲାଏ ଏବଂ ବୁରୋଇଙ୍ଗ ବୁଆ ବିଲୁପ୍ତ ହୋଇସାରିଛନ୍ତି। ବିଲୁପ୍ତ ଦ୍ୱାରଦେଶରେ ଥିବା ଜନ୍ତୁମାନଙ୍କ ମଧ୍ୟରେ ସ୍ନୋଥ ଚାଇନା ଟାଇଗର, ସାମାତ୍ରାନ ରାଇନୋ, ସାଓଲା, ଆମୁର ଲିଓପାର୍ଡ (ରୁଷିଆ), ହ୍ୱାଇଟ୍ ଆଣ୍ଟିପୋଲ୍ (ଚାଇନା), ୱିମିଙ୍ଗ ଟୋଡା (ଆମେରିକା), ହାଇନନ ଗିବନ (ଚାଇନା) ଏବଂ ମାଉଣ୍ଟେନ ଗେରିଲା ଅନ୍ୟତମ।

ଭାରତ ଉପମହାଦେଶର ଜୀବମାନଙ୍କ ସ୍ଥିତି ଉପରେ ନଜର ଦେଲାବେଳେ ଜଣାପଡ଼େ ଭାରତରୁ ଇଣ୍ଡିଆନ୍ ଚିତା, ପିଙ୍କ ହେଡେଡ ଡକ୍, ସୁନ୍ଦରବନ ଜ୍ୱଫ ରାଇନୋ ଏବଂ ଇଣ୍ଡିଆନ ଓଉରୋଚସ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ। ବିଲୁପ୍ତ ଦ୍ୱାରଦେଶରେ ଅଛନ୍ତି କସ୍ତୁରୀ ମୃଗ, ରେଡ୍ ପାଣ୍ଡା, ଢ଼ୋଲେ, ହୋଗ ଡିଅର, ପିଗମି ହୋଗ୍, ହିମାଳୟାନ ବ୍ରାଉନ ବିୟର, ଗୋଲଡେନ୍ ଲଙ୍ଗୁର, ଲାୟନ-ଟେଲଡ୍ ମାକାକ୍ୟୁ, କଶ୍ମିରୀ ଷ୍ଟାଗ୍, ସାଂଘାଇ ଡିଅର ଏବଂ ତିବ୍ବତାନ୍ ଆଣ୍ଟିଲୋପ୍। ଅପରପକ୍ଷରେ ମହାବଳ ବାଘର ଅବସ୍ଥିତି ସଙ୍କଟମୟ। ଗ୍ରେଟ୍ ଇଣ୍ଡିଆନ ବଷ୍ଟାର୍ଡ, ଗ୍ରେଟ୍ ରିଭର ଡଲଫିନ୍, ଗାଙ୍ଗେସ ସାର୍କ ଏବଂ ଶାଗୁଣା ମଧ୍ୟ ଏହି ସ୍ଥିତିରେ ଅଛନ୍ତି। ଏକ ଶିଙ୍ଗ ବିଶିଷ୍ଟ ରାଇନୋ, ନୀଳତିମି, ଭାରତୀୟ ହାତୀ ଓ ଜାଗୁଆର ବ୍ୟାଘ୍ରଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ଏହାବ୍ୟତୀତ ହିଂସ୍ର ଗଧ, ଅଲିଭ ରିଡଲେ କଇଁଚ ମଧ୍ୟ ଏହି ସ୍ଥିତିରେ ଅଛନ୍ତି।

-ବନ୍ୟପ୍ରାଣୀ ବିଶେଷଜ୍ଞ, ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା, ମୋ: ୯୪୩୭୦୯୦୦୧୭

# କାହିଁକି ଏ ଶୁକ୍ରଦଶା

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ପିପିଏମ୍ ଥିବା ବେଳେ ବର୍ତ୍ତମାନ ଏହା ୪୦୦ ପିପିଏମ୍‌କୁ ଛୁଇଁଲାଣି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଏହା ଜଣାଯାଏ ଯେ ୨୧୦୦ ମସିହା ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ।

ଡ. ମାନସ ରଞ୍ଜନ ସେନାପତି

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି ଓ ତଜ୍ଜନିତ ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ୧୮୫୦ ମସିହା ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା କମ୍ ଥିଲା। ଏହାପରେ ଆରମ୍ଭ ହୋଇଥିଲା ଶିଳ୍ପ ବିପ୍ଳବ। ୧୯୬୦ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହୋଇଥିଲା ବ୍ୟାପକ ଶିଳ୍ପାୟନ। ଶିଳ୍ପର ଦ୍ରୁତ ପ୍ରଗତି ପରିବେଶକୁ ଦୂଷିତ କରିଚାଲିଛି। ଜଳ, ସ୍ଥଳ, ବନଗିରି ଓ ଆକାଶକୁ ନେଇ ଆମ ପରିବେଶ ଓ ଆମ ଧରିତ୍ରୀ ଗଠିତ। ଏ ସମସ୍ତ ପ୍ରଦୂଷଣ ବଳୟରେ ଆକ୍ରାନ୍ତ। ଏପରି କି ମହାକାଶ ମଧ୍ୟ ଆଉ ପ୍ରଦୂଷଣମୁକ୍ତ ହୋଇ ରହିନାହିଁ। ଜଳ, ଜମି ଓ ଜଙ୍ଗଲ କ୍ଷୟ ପରିବେଶ ପାଇଁ ବାଧକ ସାଜିଛି। ଶୁକ୍ର ଗ୍ରହର ତାପମାତ୍ରା ୪୬୦ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ମଙ୍ଗଳ ଗ୍ରହର ତାପମାତ୍ରା ୧୪୦ ଡିଗ୍ରୀ ସେଲସିୟସରୁ କମ୍ ରହିଥାଏ। ସୂର୍ଯ୍ୟଠାରୁ ଗ୍ରହମାନଙ୍କର ଦୂରତା ଏହାର ଏକ କାରଣ ହୋଇଥିବା ବେଳେ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା ମଧ୍ୟ ଏହି ତାରତମ୍ୟର ଅନ୍ୟ ଏକ କାରଣ। ଶୁକ୍ର ଗ୍ରହର ବାୟୁମଣ୍ଡଳ ମୁଖ୍ୟତଃ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ, ଯାହାକି ଏକ କମ୍ବଳ ସଦୃଶ କାମ କରିଥାଏ ଓ ଶୁକ୍ର ପୃଷ୍ଠରୁ ଫେରିଆସୁଥିବା ଉତ୍ତପ୍ତ ବିକିରଣକୁ ଅଟକାଇ ଦେଇଥାଏ। ଫଳତଃ ଶୁକ୍ର ଗ୍ରହ ଏକ ଉତ୍ତପ୍ତ ପିଣ୍ଡ ସଦୃଶ। ମଙ୍ଗଳ ଗ୍ରହରେ କିନ୍ତୁ ଏପରି ହୋଇ ନ ଥାଏ। କାରଣ ଏହି ଗ୍ରହରେ ଅପେକ୍ଷାକୃତ କମ୍ ଅଙ୍ଗାରକାମ୍ଳ ବାଷ୍ପ ରହିଥାଏ। ପୃଥିବୀ ପୃଷ୍ଠରେ ଠିକ୍ ପରିମାଣର ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରେ ଥିବା ଦ୍ୱାରା ଜୀବଜଗତ ପାଇଁ ଦରକାରୀ ଠିକ୍ ତାପମାତ୍ରା ବଜାୟ ରହିପାରିଛି। ମାତ୍ର ଆଜି ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ନିରାପଦ ସୀମା ୩୫୦ପିପିଏମ୍ ଥିବା ବେଳେ ବର୍ତ୍ତମାନ ଏହା ୪୦୦ ପିପିଏମ୍‌କୁ ଛୁଇଁଲାଣି। ୨୦୦୧ ମସିହା ପରେ ଏହି ବାଷ୍ପର ମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇଛି। ପରିସଂଖ୍ୟାନରୁ ଏହା ଜଣାଯାଏ ଯେ ୨୧୦୦ ମସିହା ସୁଦ୍ଧା ଏହି ବାଷ୍ପର ମାତ୍ରା କ୍ରମାନ୍ୱୟ ଭାବେ ବୃଦ୍ଧି ପାଇ ଦ୍ୱିଗୁଣିତ ହୋଇଯାଇପାରେ। ପରିମାଣ ସ୍ୱରୂପ ପୃଥିବୀ ପୃଷ୍ଠରେ ଆଭ୍ୟନ୍ତରୀଣ ତାପମାତ୍ରାରେ ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିବ। କାଳକ୍ରମେ ପୃଥିବୀ ଶୁକ୍ର ଗ୍ରହରେ ପରିଣତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ପୃଥିବୀ ପୃଷ୍ଠର ବାୟୁମଣ୍ଡଳରେ ୦.୦୪ ପ୍ରତିଶତ ହୋଇଥିବା ବେଳେ ଶୁକ୍ର ଗ୍ରହରେ ୯୬.୪ ପ୍ରତିଶତ। ପୃଥିବୀର ଏହି ଶୁକ୍ର ଦଶା ପାଇଁ ଦାୟୀ ମନୁଷ୍ୟ।

ସାଧାରଣତଃ ଜଙ୍ଗଲ ଏବଂ ସାଗର ଜଳ ୫୦ ପ୍ରତିଶତରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଶୋଷି ନେଇଥାଏ। ଗବେଷଣାରୁ ଏହା ଜଣାଯାଏ ଯେ ୨୦୦୦ରୁ ୨୦୦୭ ମଧ୍ୟରେ ସାଗରର ଏହି କ୍ଷମତା ହ୍ରାସ ପାଇଛି। ଏଣେ ଜଙ୍ଗଲ କାଟି ଶିଳ୍ପାୟନ ଓ ସହରୀକରଣ ବ୍ୟାପି ଚାଲିଛି। ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ୫,୭୬୨,୦୫୪.୦ ଟନ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡି ପ୍ରଥମ ସ୍ଥାନରେ ଥିବା ବେଳେ ଆମ ଦେଶ ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି ଏବଂ ୧,୦୦୭,୯୭୮.୯ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଛାଡୁଛି। ଏହି ପରିପ୍ରେକ୍ଷୀରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ ପାଇଁ ଜାତିସଂଘ ଦ୍ୱାରା ଗଠିତ ଆନ୍ତଃ-ସରକାରୀ ଜଳବାୟୁ ପରିବର୍ତ୍ତନ କମିଟି (ଆଇପିସିସି) ପ୍ରସ୍ତାବ ଦେଇଛି। ତେଣୁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଅଣପାରମ୍ପରିକ ଇନ୍ଧନ ଯଥା ସୌର ଶକ୍ତି, ଆଣବିକ ଶକ୍ତି, ପବନ ଶକ୍ତି, ତରଙ୍ଗ ଶକ୍ତି, ଜୈବ ଇନ୍ଧନ (ବାୟୋଡିଜେଲ) ଇତ୍ୟାଦି ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟୁତ ସଞ୍ଚୟ ପାଇଁ ସିଏଫଏଲ ବଲ୍‌ବ ବା ଏଲଇଡି ବଲ୍‌ବର ବ୍ୟବହାର କରିବା ଆବଶ୍ୟକ।




୧୯୭୦ ଏପ୍ରିଲ ୨୨ରେ ଧରିତ୍ରୀ ସୁରକ୍ଷା ନେଇ ପ୍ରଥମେ ଅଭିଯାନ ଆରମ୍ଭ ହୋଇଥିଲା। ୧୯୯୦ରେ ୧୪୧ଟି ଦେଶର ୨୦୦ ଲକ୍ଷ ଜନସାଧାରଣଙ୍କୁ ନେଇ ଏକ ବିଶ୍ୱବ୍ୟାପୀ ଅଭିଯାନ ହେବା ପରେ ଏହି ଦିବସକୁ 'ବିଶ୍ୱ ଧରିତ୍ରୀ ଦିବସ' ଭାବରେ ପାଳନ କରାଯାଉଛି। ତେଣୁ ଭବିଷ୍ୟତରେ ଏକ ସବୁଜ ସୁନ୍ଦର ଧରିତ୍ରୀର କାମନା କରି ଆମକୁ ନେତୃତ୍ୱ ନେବା ପାଇଁ ପଡିବ।

-ଡିନ୍, ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ମୋ : ୯୪୩୭୨୩୭୭୯୭

## ଜନବସତି ମୁହାଁ ତୁଷାର ଭାଲୁ




ଗ୍ଲୋବାଲ ୱାର୍ମିଂ ଯୋଗୁ ମେରୁ ଅଞ୍ଚଳରେ ଥିବା ପ୍ରାଣୀ ତଥା ଉଦ୍ଭିଦ ଜଗତ ପ୍ରଭାବିତ ହେବାରେ ଲାଗିଛି। ଏଠାରେ ଲଗାତର ବରଫ ପାହାଡ଼ ତରଳିବାରେ ଲାଗିଛି। ଫଳରେ ଆବଶ୍ୟକ ତାପମାତ୍ରା ଅଭାବ ଏବଂ ଖାଦ୍ୟ ସଙ୍କଟ ଯୋଗୁ ଏଠାରେ ବାସ କରୁଥିବା ତୁଷାର ଭାଲୁ ସ୍ଥାନାନ୍ତର ହେବାରେ ଲାଗିଛନ୍ତି। ଖାଦ୍ୟ ତଥା ସୁରକ୍ଷା କାରଣରୁ ଏଠାରେ ଥିବା ଜନବସତିଗୁଡ଼ିକରେ ତୁଷାର ଭାଲୁ ପ୍ରବେଶ କରୁଛନ୍ତି। ରୁଷିଆର ଉତ୍ତର-ପୂର୍ବ ଅଞ୍ଚଳରେ ଥିବା ନୋବାୟା ଜେମଲ୍ୟା ଦ୍ୱୀପ ସମୂହରେ ତୁଷାର ଭାଲୁ ଲୋକଙ୍କ ଘରେ ମଧ୍ୟ ପଶୁଛନ୍ତି। ବିଭିନ୍ନ ପ୍ରଦୂଷଣ ଯୋଗୁ ବାୟୁ ମଣ୍ଡଳରେ ସୂର୍ଯ୍ୟ ରଶ୍ମିରୁ ତାପ ଅବଶୋଷ କରୁଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ୍, କାର୍ବନ ଡାଇଅକ୍ସାଇଡ୍, ନାଇଟ୍ରସ୍ ଅକ୍ସାଇଡ୍ ବଢ଼ିବାରେ ଲାଗିଛି।

## ଇତିହାସରେ...

ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖକୁ ପୃଥିବୀ ଦିବସ ବା 'ଆର୍ଥ-ଡେ' ଭାବେ ପାଳନ କରାଯାଉଛି। ୧୯୭୦ ମସିହାରେ ପ୍ରଥମେ ଆର୍ଥ-ଡେ ପାଳନ କରାଯାଇଥିଲା। ପରିବେଶବିତ୍ ତଥା ଆମେରିକା ସିନେଟର ଗେଲର୍ଡ ନେଲସନ ପ୍ରଥମେ ଏହି ଦିବସ ପାଳନ କରିଥିଲେ। ପରେ ୧୯୯୦ ମସିହାରେ ପୃଥିବୀର ୧୪୧ଟି ଦେଶରେ ଏହି ଦିବସ ପାଳନ ପାଇଁ ଯୋଜନା ଆରମ୍ଭ ହୋଇଥିଲା।

# ତରଳୁଛି ବରଫ ପାହାଡ଼

ବିଭିନ୍ନ ପ୍ରଦୂଷଣ ଯୋଗୁ ବିପଦ ମାଡି ଆସୁଛି। ମେରୁ ଅଞ୍ଚଳରେ ଥିବା ବରଫ ପାହାଡ଼ ତରଳିବାରେ ଲାଗିଛି। ଏହାଦ୍ୱାରା ବିଭିନ୍ନ ମହାସାଗର ତଥା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ସୁମେରୁ ତୁଷାରହୀନ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ପ୍ରାୟ ୧ ଲକ୍ଷ ବର୍ଷ ପରେ ଏମିତି ଘଟଣା ଘଟିବାକୁ ଯାଉଛି ବୋଲି ପରିବେଶବିଜ୍ଞାନୀ ମତ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ ଯୋଗୁଁ ଏପରି ହେଉଥିବା କୁହାଯାଉଛି। ସୁମେରୁ ତୁଷାରହୀନ ହେଲେ ପୃଥିବୀର ତାପମାତ୍ରା ମଧ୍ୟ ବଢ଼ିଯିବ। ଏବେ ସୁମେରୁର ବରଫହୀନ କେତେକ ଅଞ୍ଚଳରେ ସବୁଜ ଶୈବାଳ ଦେଖାଯାଉଛି। ଏହା ଏକ ବିପଜ୍ଜନକ ପରିସ୍ଥିତିର ପୂର୍ବାଭାସ ଦେଉଛି। ଉପଗ୍ରହ ପଠାଇଥିବା ଚିତ୍ର ଅନୁସାରେ ଆମେରିକାର ରାଷ୍ଟ୍ରୀୟ ତୁଷାର ଓ ବରଫ ତଥ୍ୟ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ସମ୍ପ୍ରତି ସୁମେରୁ ଠାରେ ୧୧.୧ ନିୟୁତ ବର୍ଗ କିମିର ଭାସମାନ ବରଫ ପାହାଡ଼ ରହିଛି। ଏହା ଗତ ୩୦ ବର୍ଷର ହାରାହାରି ପରିମାଣଠାରୁ ପ୍ରାୟ ୧.୫ ନିୟୁତ ବର୍ଗ କିମି କମ। ଗତ ୩୦ ବର୍ଷ ତଳେ ହାରାହାରି ଭାସମାନ ହିମ ପାହାଡ଼ ପରିମାଣ ୧୨.୭ ନିୟୁତ ବର୍ଗ କିମି ଥିଲା। ରୁଷିଆର ଉତ୍ତର ଉପକୂଳରେ ଥିବା ସାମୁଦ୍ରିକ ବରଫ ସୁମେରୁ ହିମ ପାହାଡ଼କୁ ସଂରକ୍ଷିତ ରଖିବାରେ ସହାୟତା କରିଥାଏ। ମାତ୍ର ବିଶ୍ୱ ତାପନ ଯୋଗୁ ତାହା ଦ୍ରୁତଗତିରେ କ୍ଷୟ ହେବାରେ ଲାଗିଛି। ବିଶ୍ୱ ତାପନ ଯୋଗୁଁ ସମୁଦ୍ର ତଳେ ବର୍ଷବର୍ଷ ଧରି ବରଫ ଅବସ୍ଥାରେ ରହିଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ ମିଥେନ ପୁଣି ଗ୍ୟାସ ଅବସ୍ଥାକୁ ଫେରି ସମୁଦ୍ର ଉପରି ଭାଗକୁ ବୁଦ୍‌ବୁଦ୍ ହୋଇ ଫୋଟକା ଭାବେ ଉଠୁଥିବା ପରିବେଶ୍‌ବିତ୍ ଅନୁଧ୍ୟାନ କରିଛନ୍ତି। ଫଳରେ ଜଳର ଉପରି ଭାଗରେ ଥିବା ଭାସମାନ ହିମ ପାହାଡ଼ ତରଳିବାରେ ଲାଗିଛି। ଏହି ପ୍ରକ୍ରିୟା ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ବିଶ୍ୱ ତାପମାନ ୧ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସାମୁଦ୍ରିକ ବରଫ ଯୋଗୁଁ ପୃଥିବୀର ଏହି ଅଞ୍ଚଳ ଧଳା ଦେଖାଯାଏ। ଏହା ସୂର୍ଯ୍ୟ କିରଣକୁ ସ୍କାଟରିଂ କରିବାରେ ସହାୟତା ମଧ୍ୟ କରିଥାଏ। ମାତ୍ର ପ୍ରଦୂଷଣ ଯୋଗୁ ଧୀରେଧୀରେ ପୃଥିର ଏହି ଅଂଶ କଳା ରଙ୍ଗ ଧାରଣ କରିବ। ଫଳରେ ପୃଥିବୀ ପୃଷ୍ଠରେ ଥିବା ମହାସାଗର ଅଧିକ ମାତ୍ରା ଅବଶୋଷ କରିବ। ଏହା ଯୋଗୁ ମଧ୍ୟ ଭାସମାନ ବରଫ ପାହାଡ଼ ଅଧିକ ପରିମାଣରେ ତରଳିବ। ଏହି ଧାରା ଜାରି ରହିଲେ ୨୦୫୦ ସୁଦ୍ଧା ସୁମେରୁ ବରଫ ଶୂନ୍ୟ ହେବାର ଆଶଙ୍କା ଦେଖାଦେଇଛି। ଗତ ବର୍ଷ ଜାନୁଆରୀ ମାସରେ ସୁମେରୁ ଅଂଚଳରେ ସବୁଠୁଁ କମ ବରଫ ଥିଲା। ଫେବୃଆରୀ, ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ମଧ୍ୟ ଏହି ପରିସ୍ଥିତି ଲାଗି ରହିଥିଲା। ତେଣୁ ଏହା ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି।



ବରଫ ପାହାଡ଼ ତରଳିବାରେ ଯୋଗୁ ସମୁଦ୍ର ଜଳସ୍ତର ବଢିଚାଲିଛି। ଏହା ଜାରି ରହିଲେ ଆସନ୍ତା ୨୦୩୦ ସୁଦ୍ଧା ବମ୍ବେ, ବ୍ୟାଙ୍କକ, ଜାକର୍ତ୍ତା, ମାନିଲା ସମେତ ଅନେକ ସହର ଜଳମଗ୍ନ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ବ୍ୟାଙ୍କକ ସହର ଅଧିକ କ୍ଷତିଗ୍ରସ୍ତ ହେବ ବୋଲି କୁହାଯାଉଛି। ୧୨ ବର୍ଷ ପରେ ଏହି ସହରର ପ୍ରାୟ ୪୦ ପ୍ରତିଶତ ଅଂଶ ଜଳମଗ୍ନ ହେବାର ଆଶଙ୍କା ରହିଛି। ଗ୍ରୀନ୍ପିସ ପକ୍ଷରୁ କରାଯାଇଥିବା ଏକ ସର୍ଭେ ଅନୁସାରେ ପ୍ରତିବର୍ଷ ବ୍ୟାଙ୍କକ ସହରର ୨ରୁ୩ ସେମି ଅଂଶ ବୁଡ଼ିବାରେ ଲାଗିଛି। ସମୁଦ୍ର ଜଳସ୍ତର ବୃଦ୍ଧି ଦକ୍ଷିଣ ଏସିଆର ଅନେକ ସହର ପାଇଁ ମଧ୍ୟ ବିପଦ ସୃଷ୍ଟି କରିବାରେ ଲାଗିଛି ବୋଲି ପରିବେଶବିଜ୍ଞାନୀ ସୂଚନା ଦେଇଛନ୍ତି।

# ଆଉ ଅଧିକ ବୋଝ ଦେବା ନାହିଁ

ଇଂ. ମାୟାଧର ସ୍ୱାଇଁ

ବିଶ୍ୱରେ ପୃଥିବୀର ସ୍ଥାନ ହେଉଛି ଅନନ୍ୟ। ସମଗ୍ର ବିଶ୍ୱରେ ଅନେକ ଗାଲାକ୍ସି, ନକ୍ଷତ୍ର, ଗ୍ରହ, ଉପଗ୍ରହ ଥିଲେ ସୁଦ୍ଧା କେବଳ ଆମ ପୃଥିବୀରେ ଜୀବଜଗତ ଗଢ଼ି ଉଠିଛି। ଅନ୍ୟ କେଉଁ ଦୂର ଗ୍ରହରେ ଜୀବଜଗତ ଥାଇପାରେ ବୋଲି ଅନୁମାନ କରାଯାଉଛି, କିନ୍ତୁ ଦୀର୍ଘ ୫୦ବର୍ଷର ଚେଷ୍ଟା ପରେ ମଧ୍ୟ ଆମେମାନେ ତାହାର ସନ୍ଧାନ ପାଇପାରି ନାହୁଁ। ଜୀବଜଗତ ପାଇଁ ଅନୁକୂଳ ସମସ୍ତ ପ୍ରକାର ସୁବିଧା ପୃଥିବୀରେ ଥିବାରୁ ଏଠାରେ ଜୀବଜଗତ ତିଷ୍ଠି ରହିଛି। ସୌରଜଗତର ଅନ୍ୟ ସମସ୍ତ ଗ୍ରହ ସହିତ ପୃଥିବୀ ଆଜକୁ ୪୫୪କୋଟି ବର୍ଷ ତଳେ ସୃଷ୍ଟି ହୋଇଛି। ମାତ୍ର ଏଥିରେ ଜୀବନର ଉଦ୍ଭବ ୩୫୦କୋଟି ବର୍ଷ ପୂର୍ବରୁ ହୋଇଛି। ଜୀବଜଗତ ପାଇଁ ପୃଥିବୀ ନିଜକୁ ଦୀର୍ଘ ବର୍ଷ ଧରି ପ୍ରସ୍ତୁତ କରିଥିଲା। ପୃଥିବୀରେ ମନୁଷ୍ୟର ଉଦ୍ଭବ ୧୫-୨୦ଲକ୍ଷ ବର୍ଷ ପୂର୍ବରୁ ହୋଇଛି ଏବଂ ୨ଲକ୍ଷ ବର୍ଷ ପୂର୍ବରୁ ନବ୍ୟ ମନୁଷ୍ୟର ଆବିର୍ଭାବ ହୋଇଛି। ସଭ୍ୟତାର ଆରମ୍ଭ ମାତ୍ର ୬୦୦୦ ବର୍ଷ ପୂର୍ବରୁ ହୋଇଛି।

ଆଦିମାନବ ଜଙ୍ଗଲରେ ବାସ କରୁଥିଲା ଏବଂ ଜଙ୍ଗଲରୁ ଫଳ, ମୂଳ, ଜୀବଜନ୍ତୁଙ୍କ ମାଂସ ଖାଇ ଓ ନଦୀର ଜଳ ପାନ କରି ବଞ୍ଚୁଥିଲା। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଶିଳ୍ପବିପ୍ଳବ ଆରମ୍ଭ ହେଲା। ଏହାପରେ ମନୁଷ୍ୟ କେବଳ ଖାଇ କରି ବଞ୍ଚି ରହିବାକୁ ଚାହିଁଲା ନାହିଁ; ବରଂ ବଞ୍ଚି ରହି ବିଳାସ ବ୍ୟସନରେ ଜୀବନକୁ ଉପଭୋଗ କରିବା ପାଇଁ ଖାଇବାକୁ ଚାହିଁଲା। ଫଳସ୍ୱରୂପ ପ୍ରକୃତି ଓ ପୃଥିବୀ ଉପରେ ଅଧିକ ଚାପ ପଡ଼ିଲା। ବିକାଶ ନାମରେ ମନୁଷ୍ୟର କାର୍ଯ୍ୟକଳାପ ପରିବେଶର କ୍ଷତି କରିବାକୁ ଲାଗିଲା। ଅବଶ୍ୟ ପୃଥିବୀ ସବୁ ସହିଗଲା। ସେ ହେଉଛି ଆମର ଧରିତ୍ରୀ ମାତା। ତାକୁ 'ସର୍ବଂସହା ଧରିତ୍ରୀ' କୁହାଯାଏ। କିନ୍ତୁ ସହିବାର ଗୋଟିଏ ସୀମା ଅଛି। ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର ବୋଝ ନେବା ଲାଗି ବର୍ତ୍ତମାନ ଧରିତ୍ରୀକୁ କଷ୍ଟ ସହିବାକୁ ପଡୁଛି।

କେତୋଟି ଉଦାହରଣ ଦେଖିବା। ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ପୃଥିବୀର ଜୀବଜଗତକୁ ବାୟୁମଣ୍ଡଳର ଟ୍ରପୋସ୍ଫିୟରରେ ଥିବା ଓଜୋନ୍ ସ୍ତର ରକ୍ଷା କରିଥାଏ। କିନ୍ତୁ ମନୁଷ୍ୟର ବିଳାସବ୍ୟସନ ପାଇଁ ବ୍ୟବହୃତ କେତୋଟି ସାମଗ୍ରୀରୁ ଗ୍ୟାସ ବାହାରି ତାହା ଓଜୋନ୍ ସ୍ତରର ସ୍ଥୂଳତାକୁ ହ୍ରାସ କରିଛି, ଯାହା ଯୋଗୁ ପୃଥିବୀର ଜୀବଜଗତ ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରକୃତିଦତ୍ତ ନଦୀଜଳ ପାନୀୟ ଭାବେ ଆବହମାନ କାଳରୁ ବ୍ୟବହୃତ ହୋଇ ଆସୁଥିଲା। ଏଣୁ ସମସ୍ତ ପ୍ରାଚୀନ ସଭ୍ୟତା ନଦୀକୂଳରେ ଗଢ଼ି ଉଠିଥିଲା। କିନ୍ତୁ ଆଜି କ'ଣ ହୋଇଛି ? ନଦୀଜଳ ପାନୀୟ ଉପଯୋଗୀ ନୁହେଁ। ଏପରି କି ଆମର ପବିତ୍ର ଗଙ୍ଗା ନଦୀର କେତେକ ସ୍ଥାନରେ ଏହା ସ୍ନାନୋପଯୋଗୀ ହୋଇନାହିଁ। ଶିଳ୍ପ ସଭ୍ୟତାର ବିକାଶ ଓ ସହରୀକରଣ ହେଉଛି ଏହାର କାରଣ।

ସାଧାରଣ ଭାବରେ ବର୍ଷକୁ ୧-୫ ଭିତରେ ଜୀବଜାତି ଲୁପ୍ତ ହୋଇଥାଏ। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ଏହା ୧୦୦୦-୧୦,୦୦୦ ଗୁଣ ବୃଦ୍ଧି ପାଇଛି, ଯାହା ପରିବେଶବିତ୍‌ମାନଙ୍କର ଚିନ୍ତାର କାରଣ ହୋଇଛି।



ଏସବୁରୁ ଆବର୍ଜନା ଯାଇ ନଦୀରେ ମିଶୁଛି। ଜଳ ପାଇଁ ଆଜି ଚାରିଆଡ଼େ ହାହାକାର ପଡ଼ିଛି। ପୃଥିବୀରେ ପ୍ରଚୁର ଜଳ ଅଛି, କିନ୍ତୁ ଆମେ ଶୋଷରେ ରହୁଛେ!

ପୃଥିବୀ ପ୍ରତି ଅନ୍ୟ ଏକ ବିପଦ ହେଉଛି ଜାଗତିକ ଉଷ୍ମତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ। ପୃଥିବୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମିଥେନ୍ ଓ ଅନ୍ୟ କେତେକ ସବୁଜଗୃହ ଗ୍ୟାସ୍‌ର ପରିମାଣ ବୃଦ୍ଧି ହେଉଛି ଏହାର କାରଣ। ଆମେ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ପରିତ୍ୟାଗ କରୁ। ସେହିପରି ରୋଷେଇ ପାଇଁ ବ୍ୟବହୃତ କାଠ, କୋଇଲା, ଅଙ୍ଗାର ଆଦିରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ। ପୂର୍ବରୁ ଯେତିକି ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ନିର୍ଗତ ହେଉଥିଲା, ତାହା ବୃକ୍ଷଜଗତ ଶୋଷଣ କରି ନେଉଥିବାରୁ ବାୟୁମଣ୍ଡଳରେ ଏହାର ପରିମାଣ ସମାନ ରହୁଥିଲା, ମାତ୍ର ଶିଳ୍ପ ସଭ୍ୟତା ଆରମ୍ଭ ହେବା ପରେ ଅଧିକ ପରିମାଣର କୋଇଲା, ତୈଳ ଓ ପ୍ରାକୃତିକ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନର ଦହନ ଯୋଗୁ ବାୟୁମଣ୍ଡଳକୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହେଲା, ଯାହାକୁ ବୃକ୍ଷଜଗତ ଶୋଷଣ କରିପାରିଲା ନାହିଁ। ଅଧିକନ୍ତୁ ଜଙ୍ଗଲ ହ୍ରାସ ଏହାକୁ ଅଧିକ କ୍ରାନ୍ତିକ କରି ଦେଇଛି। ପ୍ଲାଷ୍ଟିକ ପ୍ରଦୂଷଣ, କୃଷିରେ କୀଟନାଶକ ଔଷଧର ବ୍ୟବହାର, ସମୁଦ୍ର ଜଳରେ ଜାହାଜରୁ ତେଲ ମିଶିବା ଆଦି ଧରିତ୍ରୀ ମାତା ପ୍ରତି ଅଭିଶାପ ସଦୃଶ ହୋଇଛି।

ପୃଥିବୀକୁ ଏହିସବୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଜନସଚେତନତା ଆବଶ୍ୟକ। ଏଥିପାଇଁ ୧୯୭୦ ମସିହାରୁ ପ୍ରତ୍ୟେକ ବର୍ଷ ଏପ୍ରିଲ ୨୨ ତାରିଖକୁ 'ଧରିତ୍ରୀ ଦିବସ' ଭାବେ ପାଳନ କରାଯାଉଛି ଏବଂ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଆଲୋଚନା କରାଯାଉଛି। ଏହି ବର୍ଷର ଆଲୋଚିତ ବିଷୟ ହେଉଛି 'ଆମ ଜୀବଜାତିକୁ ସୁରକ୍ଷା ଦିଅ'। ଧରିତ୍ରୀମାତା କୋଳରେ କୋଟି କୋଟି ଜାତିର ଜୀବ ଅଛନ୍ତି ଏବଂ ଆହୁରି ଅନେକ ଆବିଷ୍କାର ହୋଇନାହିଁ। ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ନିଃସନ୍ଦେହ ଭାବେ ହେଉଛି ଶ୍ରେଷ୍ଠ ଓ ଚାଲାକ, କିନ୍ତୁ ଏହାର କାର୍ଯ୍ୟକଳାପ ଯୋଗୁ ପୃଥିବୀ ପୃଷ୍ଠରୁ ଅନେକ ଜାତିର ଜୀବ ଲୋପ ପାଇଲାଣି ଓ ଅନେକ ବିପଦାପନ୍ନ ଅବସ୍ଥାରେ ଅଛନ୍ତି। ଜଙ୍ଗଲ କ୍ଷୟ ଯୋଗୁ ବନ୍ୟ ଜନ୍ତୁମାନଙ୍କର ବାସସ୍ଥାନ ଓ ଖାଦ୍ୟରେ ସମସ୍ୟା ଆସିଛି। ଏହା ସାଙ୍ଗକୁ ଶିକାର ଯୋଗୁ ସେମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଲାଣି। ପୃଥିବୀରେ ଆଜି ବଡ଼ ବଡ଼ ଜୀବ ଯଥା ହାତୀ, ବାଘ, ଜିରାଫ, ତିମି ଆଦିଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ କମି ଯାଇଛି। ପୂର୍ବରୁ ଗାଁ ଗହଳିରେ ବହୁ ସଂଖ୍ୟାରେ ଦେଖାଯାଉଥିବା କାଉ, ବାଇଚଢେଇ, ଶାଗୁଣା, ଚିଲ ଆଦିଙ୍କୁ ଦେଖିବା ଆଜିକାଲି ବିରଳ ହେଲାଣି। ସେହିପରି ଛୋଟ ଛୋଟ କୀଟ ପତଙ୍ଗ ମଧ୍ୟରେ ଅନେକ ଜାତି ଲୁପ୍ତ ହୋଇଗଲାଣି। ପୃଥିବୀର ଜୀବନ ଜାଲକରେ ପ୍ରତ୍ୟେକ ଜୀବର କିଛି ଭୂମିକା ଅଛି।

ସାଧାରଣ ଭାବରେ ବର୍ଷକୁ ୧-୫ ଭିତରେ ଜୀବଜାତି ଲୁପ୍ତ ହୋଇଥାଏ। କିନ୍ତୁ ଗତ କିଛିବର୍ଷ ମଧ୍ୟରେ ଏହା ୧୦୦୦-୧୦,୦୦୦ ଗୁଣ ବୃଦ୍ଧି ପାଇଛି, ଯାହା ପରିବେଶବିତ୍‌ମାନଙ୍କର ଚିନ୍ତାର କାରଣ ହୋଇଛି। ଏକ ହିସାବରୁ ଜଣାଯାଇଛି ଯେ ଜର୍ମାନୀରେ ଗତ ୨୮ବର୍ଷ ମଧ୍ୟରେ କୀଟପତଙ୍ଗ ସଂଖ୍ୟା ୭୫ ପ୍ରତିଶତ ହ୍ରାସ ପାଇଛି। ଏଗୁଡିକ ମଧ୍ୟରେ ମହୁମାଛି ଅନ୍ତର୍ଗତ, ଯାହା ଉପରେ ୮୦ ପ୍ରତିଶତ ବୃକ୍ଷ ପରାଗ ସଙ୍ଗମ ପାଇଁ ନିର୍ଭର କରିଥାଆନ୍ତି।

ଆଜିର ଧରିତ୍ରୀ ଦିବସରେ ଆମେ ସମସ୍ତେ ପ୍ରତିଜ୍ଞା କରିବା ଯେ ଆମେ ଧରିତ୍ରୀ ମାତା ଉପରେ ଆଉ ଅଧିକ ବୋଝ ଦେବା ନାହିଁ ଏବଂ ଏହାର ସମସ୍ତ ସନ୍ତାନସନ୍ତତିଙ୍କୁ ସୁରକ୍ଷା ଦେବା।

-ଡାଇରେକ୍ଟର, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୪୩୮୬୯୩୭୨୪

ଧରିତ୍ରୀ
DHARITRI
Monday, 22 April 2019



"ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ଇଣ୍ଡିଆମାର୍ଟ ୨୯% ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିବାର ଲକ୍ଷ୍ୟ ରଖିଛି। କାରଣ ଅଧିକ ସଂଖ୍ୟାରେ ସପ୍ଲାୟର ଏବଂ ସାମଗ୍ରୀ କମ୍ପାନୀର ଇ-କମର୍ସ ପ୍ଲାଟଫର୍ମରେ ଯୋଡି ହେଉଛି।
– ଦିନେଶ ଅଗ୍ରୱାଲ, ପ୍ରତିଷ୍ଠାତା ତଥା ସିଇଓ, ଇଣ୍ଡିଆମାର୍ଟ



"ଭାରତରୁ ଇଲେକ୍ଟ୍ରିକ ଗାଡ଼ିର ଯନ୍ତ୍ରାଂଶ କିଣିବାକୁ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ବିଚାର କରୁଛି। ଭାରତରେ ଇଲେକ୍ଟ୍ରିକ ଗାଡ଼ି ଲଞ୍ଚ କରିବାର ଯୋଜନା କରୁଛି।
– ଏସ୍.ଏସ୍. କିମ୍, ଏମ୍‌ଡି, ହ୍ୟୁଣ୍ଡାଇ ଇଣ୍ଡିଆ



## ସଂକ୍ଷେପରେ

### ସଂଶୋଧିତ ହେବ ଆଇବିସି ନିୟମ

ନୂଆଦିଲ୍ଲୀ,୨୧-୪: ରଣପ୍ରଦାନକାରୀ ଏବଂ ଗ୍ରହୀତାଙ୍କ ମଧ୍ୟରେ ବର୍ତ୍ତମାନ ଦୃଶ୍ୟପଟରେ ମତପାର୍ଥକ୍ୟ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହାକୁ ଆସନ୍ତା ଆର୍ଥିକ ବର୍ଷରୁ ଲାଗୁ କରାଯିବ ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ପକ୍ଷରୁ କୁହାଯାଇଛି। ଆଇବିସି, ୨୦୧୬ରେ ସଂଶୋଧନ ନେଇ ଆଇବିବିଆଇ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କଠାରୁ ମତାମତ ଆହ୍ୱାନ କରିଛି। ନିକଟରେ ସୁପ୍ରିମକୋର୍ଟ ଭାରତୀୟ ରିଜର୍ଭ ବ୍ୟାଙ୍କର ଫେବୃୟାରୀ ୧୨ ସର୍କୁଲାରକୁ ରଦ୍ଦ କରିଦେବା ପରେ ଆଇବିସିରେ ସଂଶୋଧନ ଜରୁରୀ ହୋଇପଡିଛି। ଏହି କାରଣରୁ ଆଇବିବିଆଇ ଭଲ୍ୟୁଣ୍ଟାରୀ ଲିକ୍ୟୁଇଡେଶନ ପ୍ରୋସେସ୍, ୨୦୧୭, ଫାଷ୍ଟ ଟ୍ରାକ୍ କର୍ପୋରେଟ ଇନ୍‌ସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ ରେଗୁଲେଶନ, ୨୦୧୭, ଲିକ୍ୟୁଇଡେଶନ ପ୍ରୋସେସ୍, ୨୦୧୬ ଏବଂ ଇନ୍‌ସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ୍ ଫର୍ କର୍ପୋରେଟ ପର୍ସନ୍ସ, ୨୦୧୬ରେ ସଂଶୋଧନ ପ୍ରସ୍ତାବ ରହିଛି।

### ଅତ୍ୟାଧୁନିକ ହେଲା ୧.୫ ଲକ୍ଷ ପୋଷ୍ଟଅଫିସ



ନୂଆଦିଲ୍ଲୀ,୨୧-୪: ଦେଶର ସର୍ବବୃହତ୍ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି(ଟିସିଏସ୍) ଭାରତୀୟ ପୋଷ୍ଟ ଅଫିସଗୁଡ଼ିକୁ ଆଧୁନିକ କରିବାରେ ବଡ଼ ଭୂମିକା ନେଉଛି। ଏହାର ସହାୟତାରେ ଅଦ୍ୟାବଧି ୧.୫ ଲକ୍ଷ ପୋଷ୍ଟଅଫିସକୁ ଅତ୍ୟାଧୁନିକ କରାଯାଇସାରିଛି। କମ୍ପାନୀ ଏଥିଲାଗି ଏକୀକୃତ ସମାଧାନ ସେବା ଉପଲବ୍ଧ କରାଇଛି। ପୋଷ୍ଟଅଫିସର ଆଧୁନିକୀକରଣ ଲାଗି ଟିସିଏସ୍‌କୁ ୨୦୧୩ରେ ଠିକା ଦିଆଯାଇଥିଲା। ଟିସିଏସ୍ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, କେନ୍ଦ୍ରୀୟ ପ୍ରଣାଳୀର ଏକୀକରଣ(ସିଏସ୍ଆଇ) ସମ୍ପୂର୍ଣ୍ଣ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ ଥିଲା। ଏଥିରେ ଏକୀକୃତ ଇଆର୍‌ପି(ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ)ର ଉପଯୋଗ କରିବାକୁ ସାମିଲ କରାଯାଇଥିଲା। ଏହାଦ୍ୱାରା ଡାକ ସେବା, ଅର୍ଥ, ଆକାଉଣ୍ଟ ତଥା ମାନବ ସମ୍ବଳ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିଥାଏ। ଟିସିଏସ୍ ପକ୍ଷରୁ ୨୪ ହଜାର ପୋଷ୍ଟଅଫିସରେ ୮୦ ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ଟର୍ମିନାଲ ଜରିଆରେ ପିଓଏସ୍ ସମାଧାନକୁ କାର୍ଯ୍ୟକାରୀ କରାଯାଇଛି। ଏଥିସହିତ ଏକ ୱେବ ପୋର୍ଟାଲ ତିଆରି କରାଯାଇଛି, ଯାହାଦ୍ୱାରା ସାମଗ୍ରୀର ଟ୍ରାକିଂ ସହଜରେ କରାଯାଇପାରିବ। ଏହାଛଡ଼ା ଗ୍ରାହକଙ୍କ ସହାୟତା ଲାଗି ଏକ କଲ୍ ସେଣ୍ଟର ସ୍ଥାପନ କରାଯାଇଛି, ଯାହା କି ବିଭିନ୍ନ ଭାଷାରେ କାମ କରୁଛି।

### ଶୀର୍ଷ ୬ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୯୮,୫୦୨ କୋଟି ବୃଦ୍ଧି

ନୂଆଦିଲ୍ଲୀ,୨୧-୪: ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀଙ୍କ ମଧ୍ୟରେ ୬ଟିର ବଜାର ପୁଞ୍ଜୀକରଣ ଗତ ସପ୍ତାହରେ ୯୮,୫୦୨.୪୭ କୋଟି ଟଙ୍କା ବଢ଼ିଛି। ତନ୍ମଧ୍ୟରୁ ଆଇଟି ସେକ୍ଟରରେ ଅଗ୍ରଣୀ କମ୍ପାନୀ ଟିସିଏସ୍ ସବୁଠାରୁ ଲାଭାନ୍ୱିତ ହୋଇଛି। ଗୁରୁବାର ବନ୍ଦ ପରେ ଲାଭରେ ରହିଥିବା ଅନ୍ୟ କମ୍ପାନୀଗୁଡ଼ିକ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ୍), ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏଚ୍‌ୟୁଏଲ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ରହିଛି। ଅନ୍ୟପକ୍ଷରେ ଆଇଟିସି, ଏଚ୍‌ଡିଏଫ୍‌ସି, ଇନ୍‌ଫୋସିସ୍ ଏବଂ ଏସ୍‌ବିଆଇର ବଜାର ପୁଞ୍ଜୀକରଣ ହ୍ରାସ ପାଇଛି। ମହାବୀର ଜୟନ୍ତୀ ଏବଂ ଗୁଡ଼ ଫ୍ରାଇଡେ କାରଣରୁ ଷ୍ଟକ୍ ମାର୍କେଟ ବୁଧବାର ଏବଂ ଶୁକ୍ରବାର ବନ୍ଦ ରହିଥିଲା। ଆଲୋଚ୍ୟ ସପ୍ତାହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବଜାର ପୁଞ୍ଜୀକରଣ ୨୫,୯୫୭.୧୮ କୋଟି ବୃଦ୍ଧି ପାଇ ୮,୭୬,୫୮୫.୮୧ କୋଟି ଟଙ୍କା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୬୮୦୮.୨୬ କୋଟି ବଢ଼ି ୬,୨୩,୬୭୮.୦୬ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆଇସିଆଇସିଆଇ ବ୍ୟାଙ୍କର ମୂଲ୍ୟ ୬୭୩୯.୫୧ କୋଟି ଟଙ୍କା ବଢ଼ି ୨,୬୧,୦୧୮.୩୭ କୋଟି ଟଙ୍କା ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କର ମୂଲ୍ୟ ୫୯୬୬.୪୪ କୋଟି ଟଙ୍କା ବୃଦ୍ଧି ପାଇ ୨,୬୨,୭୮୯.୪୦ କୋଟି ଟଙ୍କା ହୋଇଛି।

## ରଣପ୍ରଦାନକାରୀଙ୍କ 'ପ୍ଲାନ-ବି' ପ୍ରସ୍ତୁତ

# ଆଇବିସି ବଦଳରେ ଡିଆରଟି ଆପଣାଯିବ

ନୂଆଦିଲ୍ଲୀ,୨୧-୪

ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ଅଂଶଧନ ବିକ୍ରି କରି ବକେୟା ରଣ ଆଦାୟ ଲାଗି ଉଦ୍ୟମ କରୁଥିବା ଏସ୍‌ବିଆଇ ନେତୃତ୍ୱାଧୀନ ରଣପ୍ରଦାନକାରୀ ବିଡ୍ ପ୍ରକ୍ରିୟା ଆହ୍ୱାନ କରିଛନ୍ତି। ତେବେ ଏହା ସଫଳ ନ ହେଲେ ସେମାନେ ଏଥିପାଇଁ ପ୍ଲାନ-ବି ପ୍ରସ୍ତୁତ କରିଛନ୍ତି। ଦେବାଳିଆ ସମାଧାନ ପ୍ରକ୍ରିୟା(ଆଇବିସି) ବାହାରେ ମାମଲାର ସମାଧାନ କରିବାକୁ ଡିଆରଟି(ଡେବ୍ଟ ରିକଭରୀ ଟ୍ରିବ୍ୟୁନାଲ) ଆପଣାଇବାକୁ ସେମାନେ ପ୍ରସ୍ତୁତ ହେଲେଣି।



ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ଜେଟ୍‌ର ଅଂଶଧନ ବିକ୍ରି କରିବା ଲାଗି ଯଥାସମ୍ଭବ ପ୍ରୟାସ କରାଯାଉଛି। ତେବେ ଡିଆରଟି ସେମାନଙ୍କ ପାଇଁ ଶେଷ ବିକଳ୍ପ କୁହାଯାଉଛି। ବ୍ୟାଙ୍କିଙ୍ଗ ଶିଳ୍ପ ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଡିଆରଟି ଏକ ସାମାନ୍ୟ ରଣ ଅସୁଲ ପ୍ରକ୍ରିୟା। କମ୍ପାନୀ ନିକଟରେ ଥିବା ୧୬ ବିମାନ ଏବଂ କିଛି ସମ୍ପତ୍ତି ପୂର୍ବରୁ ହିଁ ବନ୍ଧା ପଡ଼ିଛି। ତେବେ ଡିଆରଟି ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସଂସ୍ଥାକୁ ନିଜ ଗ୍ରାହକଙ୍କଠାରୁ ରଣ ଅସୁଲ କରିବାରେ ସହାୟତା କରିଥାଏ। ବକେୟା ଅସୁଲ ଲାଗି ଜେଟ୍ ଏୟାରୱେଜକୁ ଏନ୍‌ସିଏଲ୍‌ଟି ହାତରେ ଟେକି ଦେବାକୁ ରଣପ୍ରଦାନକାରୀ ଇଚ୍ଛୁକ ଥିବା ପୂର୍ବରୁ କୁହାଯାଉଥିଲା। ବର୍ତ୍ତମାନ ଜେଟ୍ ଉପରେ ପ୍ରାୟ ୮୫୦୦ କୋଟି ଟଙ୍କାର ରଣ ରହିଛି। ବ୍ୟାଙ୍କ ଦ୍ୱାରା ଜରୁରୀ ପାଣ୍ଠି ଯୋଗାଣ ନ ହେବାରୁ କମ୍ପାନୀ ନିଜ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଡିଆରଟି ମାଧ୍ୟମରେ ଜେଟ୍‌ର ବିମାନ ଓ ଅନ୍ୟ ସମ୍ପତ୍ତି ବିକ୍ରିରୁ ଉଚିତ୍ ମୂଲ୍ୟ ମିଳିବାର ସମ୍ଭାବନା ରହିଛି। ୪ଟି କମ୍ପାନୀ ଏତିହାଦ ଏୟାରୱେଜ, ଟିପିଜି କ୍ୟାପିଟାଲ, ଇଣ୍ଡିଗୋ ପାର୍ଟନର୍ସ ଏବଂ ରାଷ୍ଟ୍ରୀୟ ନିବେଶ ଏବଂ ଭିତ୍ତିଭୂମି ଡାଞ୍ଚା ପାଣ୍ଠି(ଏନ୍‌ଆଇଆଇଏଫ୍) ଜେଟ୍‌ର ଅଂଶଧନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାରମ୍ଭିକ ନିଲାମଧାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ମେ ୧୦ରେ ମିଳିଯିବ।

### ସ୍ପାଇସଜେଟ୍, ଏୟାର ଇଣ୍ଡିଆ ଉଡ଼ାଇବେ ଜେଟ୍‌ର ବିମାନ

ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଏହାର ୪୦ରୁ ୪୫ ବିମାନ ଉଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ସ୍ପାଇସଜେଟ୍ ଏବଂ ଏୟାର ଇଣ୍ଡିଆ ଏଥିପାଇଁ ରାଜି ହୋଇଛନ୍ତି। ସମ୍ଭବତଃ ଆସନ୍ତା ମଙ୍ଗଳବାରରୁ ଏୟାର ଇଣ୍ଡିଆର ବିମାନ ଉଡ଼ିବାର ସମ୍ଭାବନା ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସ୍ପାଇସଜେଟ ୩୦ରୁ ୪୦ ଜେଟ୍ ବିମାନ ଉଡ଼ାଇବାକୁ ସ୍ଥିର କରିଥିବା ବେଳେ ଏୟାର ଇଣ୍ଡିଆ ୫ ବୋଇଂ ୭୭୭ ଏବଂ ବି୭୩୭ ବିମାନ ଉଡ଼ାଇବାକୁ ଆଗ୍ରହ ପ୍ରକାଶ କରିଛି। ଆସନ୍ତା ୧୦ ଦିନ ଭିତରେ ଉକ୍ତ ବିମାନ ଉଡ଼ାଣ ଆରମ୍ଭ କରିବ। ଏହା ହେଲେ ଜେଟ୍‌ର ବହୁ କର୍ମଚାରୀ, କ୍ରୁ ମେମ୍ବରଙ୍କୁ କାମ ମିଳିଯିବ ଏବଂ ବିମାନ ଭଡ଼ାରେ କିଛି ମାତ୍ରାରେ ସ୍ଥିରତା ଆସିବ। ପ୍ରାଥମିକ ସ୍ତରରେ କେବଳ ଘରୋଇ ରୁଟ୍‌ରେ ଏହି ବିମାନକୁ ଉଡାଯିବ। ଏହାପରେ ଲଣ୍ଡନ, ଦୁବାଇ ଓ ସିଙ୍ଗାପୁର ରୁଟ୍‌ରେ ବି୭୭୭ ବିମାନ ଉଡ଼ିବା ମାତ୍ରେ ଅନ୍ତଃରାଷ୍ଟ୍ରୀୟ ରୁଟ୍‌ରେ ମଧ ଭଡ଼ାରେ କମିବା ଆରମ୍ଭ କରିବ। ଜେଟ୍‌ର ବିକ୍ରି ପ୍ରକ୍ରିୟା ସଫଳ ହେଲେ ପୁନର୍ବାର ଜୋରସୋର୍‌ରେ ବିମାନ ଉଡ଼ିବା ଆରମ୍ଭ ହେବ।

### ରିଫଣ୍ଡ ବାବଦରେ ଫସିଛି ୩,୫୦୦ କୋଟି

ଜେଟ ଏୟାରୱେଜରେ ଅଗ୍ରିମ ବୁକିଂ କରି ଗ୍ରାହକମାନେ ଫସି ଯାଇଛନ୍ତି। ଏହା ଦ୍ୱାରା କମ୍ପାନୀ ନିକଟରେ ପ୍ରାୟ ୩,୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ଫସି ରହିଛି। ଏହା କେବେ ଗ୍ରାହକମାନେ ଫେରି ପାଇବେ ସେ ନେଇ କୌଣସି ଠିକ୍ ଠିକଣା ନାହିଁ। ଅପରପକ୍ଷରେ ସମାନ ଡେଷ୍ଟିନେଶନ ଲାଗି ଯାତ୍ରୀ ଅନ୍ୟ ବିମାନ କମ୍ପାନୀରେ ଅଧିକ ଦରରେ ଟିକେଟ କାଟିବାକୁ ପଡୁଛି। ଅର୍ଥାତ୍ ଯାତ୍ରୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇଛନ୍ତି। କମ୍ପାନୀ ପୁଣି ଥରେ ଚାଲିଲେ ଗ୍ରାହକ ସେମାନଙ୍କ ରିଫଣ୍ଡ ଅର୍ଥ ପୁଣି ଥରେ ଫେରି ପାଇବେ ବୋଲି ଶୁଣା ଯାଉଛି। ଅପରପକ୍ଷରେ ଯଦି ନିଲାମ ପ୍ରକ୍ରିୟା ସମ୍ପନ୍ନ ହୁଏ ତେବେ ଅଂଶଧନ ବିକ୍ରି ବାବଦ ମିଳୁଥିବା ଅର୍ଥ ଯାତ୍ରୀଙ୍କ ରିଫଣ୍ଡ ବାବଦରେ ପ୍ରଦାନ କରାଯାଇ ପାରେ ବୋଲି ଆଲୋଚନା ହେଉଛି।

### ବିମାନ କମ୍ପାନୀକୁ ଡୁବିବାକୁ ଦେବୁନି: କର୍ମଚାରୀ ସଂଘ

ଜେଟ୍ ବିମାନ କମ୍ପାନୀକୁ ଡୁବିବାକୁ ଦେବୁ ନାହିଁ ବୋଲି ଜେଟ୍ କର୍ମଚାରୀ ସଂଘ ରବିବାର କହିଛି। ସେହିଭଳି ବିମାନ କମ୍ପାନୀକୁ ବୁଡିବା ଭଳି କୌଣସି ସ୍ଥିତି କିମ୍ବା କଥାବାର୍ତ୍ତାକୁ ମଧ ବରଦାସ୍ତ କରାଯିବ ନାହିଁ ବୋଲି ସଂଘ ଚେତାଇ ଦେଇଛି। ଜେଟ୍‌ର ଯୋଗ୍ୟ କର୍ମଚାରୀଙ୍କୁ ବିମାନ ଶିଳ୍ପରେ ଅନ୍ୟ କମ୍ପାନୀରେ ନିଯୁକ୍ତି ମିଳିଯିବ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନ୍ତବ୍ୟ ଦେବା ପରେ ସଂଘ ଏଭଳି ପ୍ରତିକ୍ରିୟା ରଖିଥିବା ଜଣା ପଡିଛି। ବିମାନ କମ୍ପାନୀରେ ଗତ ୧୫ରୁ ୨୦ ବର୍ଷ ଧରି କାର୍ଯ୍ୟ କରିଥିବାରୁ ଏହାର ଉତ୍ଥାନ ଏବଂ ଅସୁବିଧା ସହ ସାମିଲ ଥିବା କର୍ମଚାରୀ ମାନେ କହିଛନ୍ତି। ଏଣୁ କେନ୍ଦ୍ରମନ୍ତ୍ରୀ ବେପାରୁଆ ଢଙ୍ଗରେ ଏଭଳି ମନ୍ତବ୍ୟ ଦେବାକୁ ସଂଘ ନାପସନ୍ଦ କରିଛି। ଅପରପକ୍ଷରେ କମ୍ପାନୀକୁ ଘରୋଇକରଣ କରିଦେବା ସମସ୍ୟାର ପ୍ରକୃତ ସମାଧାନ ନୁହେଁ ବୋଲି ଏୟାର ଇଣ୍ଡିଆ କର୍ମଚାରୀ ସଂଘର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ସମସ୍ୟା ଉପରେ ଧ୍ୟାନ ଦେବାକୁ ଅର୍ଥମନ୍ତ୍ରୀଙ୍କ ପ୍ରତିଶ୍ରୁତି: ସିଇଓ

ଜେଟ୍ ଏୟାରୱେଜ ସାମ୍ନା କରୁଥିବା ସମସ୍ୟା ଉପରେ ଧ୍ୟାନ ରଖାଯିବ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ପ୍ରତିଶ୍ରୁତି ଦେଇଥିବା କମ୍ପାନୀର ସିଇଓ ବିନୟ ଦୁବେ ଶନିବାର କହିଛନ୍ତି। ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁନଗାଣ୍ଟିୱାର, ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା, କମ୍ପାନୀର ସିଏଫ୍‌ଓ ଅମିତ ଅଗ୍ରୱାଲ , ସିଇଓ ଦୁବେଙ୍କ ସମେତ ଜେଟ୍‌ର ଅନ୍ୟ କର୍ମଚାରୀମାନେ ଜେଟଲୀଙ୍କୁ ଭେଟିଥିଲେ। କର୍ମଚାରୀଙ୍କୁ ବିମାନ କମ୍ପାନୀ ସହ ଜଡିତ କରି ରଖିବା ଲାଗି ଅନ୍ତତଃ ପକ୍ଷେ ଗୋଟିଏ ମାସର ବେତନ ପ୍ରଦାନ କରିବା ଉପରେ ଦୁବେ ଗୁରୁତ୍ୱାରୋପ କରିଛନ୍ତି।

## ୧ଲକ୍ଷ କୋଟି ଟପିବ ଜନଧନ ଜମା

ନୂଆଦିଲ୍ଲୀ,୨୧-୪




ଜନଧନ ଯୋଜନା ଅଧୀନରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା ରାଶି ଖୁବଶୀଘ୍ର ୧ ଲକ୍ଷ କୋଟି ଟଙ୍କା ପାର୍ କରିଯିବ ବୋଲି ଆଶାକରାଯାଉଛି। ମୋଦି ସରକାରଙ୍କ ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଜମାରାଶି ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି ଓ ଏହା ଏପ୍ରିଲ ୩ ତାରିଖ ସୁଦ୍ଧା ୯୭,୬୬୫,୬୬ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ଜନଧନ ଆକାଉଣ୍ଟ ସଂଖ୍ୟା ୩୫.୩୯ କୋଟି ହୋଇଥିବା ବେଳେ ମାର୍ଚ୍ଚ ୨୭ ସୁଦ୍ଧା ଏଥିରେ ଜମା ରାଶିର ପରିମାଣ ୯୬,୧୦୭.୩୫ କୋଟି ଟଙ୍କା ଥିଲା। ଏହାର ସପ୍ତାହକ ପୂର୍ବରୁ ଏହା ୯୫,୩୮୨.୧୪ କୋଟି ଟଙ୍କା ରହିଥିଲା ବୋଲି ଜଣାପଡିଛି। ଅଦ୍ୟାବଧି ୨୭.୮୯ କୋଟି ଆକାଉଣ୍ଟଧାରୀଙ୍କୁ ରୁପେ ଡେବିଟ କାର୍ଡ ଜାରି କରାଯାଇଛି। ଉଲ୍ଲେଖଥାଉ କି, ୨୦୧୪ ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆରମ୍ଭ କରାଯାଇଥିଲା। ସମସ୍ତ ପରିବାରକୁ ବ୍ୟାଙ୍କ ସହିତ ଯୋଡିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଯୋଜନାର ସଫଳତାରେ ଉତ୍ସାହିତ କେନ୍ଦ୍ର ସରକାର ୨୦୧୮ ଅଗଷ୍ଟରେ ନୂଆ ଆକାଉଣ୍ଟଧାରୀଙ୍କୁ ୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ରାଶିକୁ ଦ୍ୱିଗୁଣିତ କରିଥିଲେ। ଏଥିସହିତ ଓଭରଡ୍ରାଫ୍ଟ ସୁବିଧାକୁ ବଢ଼ାଇ ୧୦ ହଜାର ଟଙ୍କା କରାଯାଇଥିଲା। ମୋଟ ଜନଧନ ଆକାଉଣ୍ଟ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ମହିଳାଙ୍କ ନାମରେ ରହିଛି। ସେହିପରି ୫୯ ପ୍ରତିଶତ ଆକାଉଣ୍ଟ ଗ୍ରାମାଞ୍ଚଳରେ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଖୋଲାଯାଇଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି।

### ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ
## ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିର ତାଲିକା ପ୍ରସ୍ତୁତ କର

ନୂଆଦିଲ୍ଲୀ,୨୧-୪

କେନ୍ଦ୍ର ସରକାରଙ୍କ ଅଧୀନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହି ଉଦ୍ୟୋଗଗୁଡ଼ିକ ସେମାନଙ୍କ ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ଅର୍ଥ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଅଣ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିଗୁଡ଼ିକୁ ତୁରନ୍ତ ବିକ୍ରି କରିଦେବା ଲାଗି ସରକାର ସମ୍ପୃକ୍ତ ବିଡ଼ରମାନଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକ ସେମାନଙ୍କ ଅଣଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିରୁ ଦୁଇଟି ମାର୍ଗରେ ଦୂରେଇ ଯାଇପାରିବେ। ସେମାନେ ଏହାକୁ ସ୍ପେଶିଆଲ ପର୍ପସ ଭେହିକିଲକୁ ପ୍ରଦାନ କରିପାରିବେ ଅଥବା ସମ୍ପତ୍ତି ବିକ୍ରି ଲବ୍ଧ ଅର୍ଥକୁ ଏସକ୍ରୋ ଆକାଉଣ୍ଟକୁ ସ୍ଥାନାନ୍ତର କରିବେ। ସୂଚନାଥାଉ କି, କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିବାକୁ ଥିବା ୩୫ଟି କେନ୍ଦ୍ରୀୟ ଉଦ୍ୟୋଗକୁ ଚିହ୍ନଟ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆ, ପୱନ ହଂସ, ବିଇଏମ୍ଏଲ୍, ସ୍କୁଟର୍ସ ଇଣ୍ଡିଆ, ଭାରତ ପମ୍ପସ କମ୍ପ୍ରେସର୍ସ, ଭଦ୍ରାବତୀ, ସେଲ୍ ଅଧୀନ ସାଲେମ ଏବଂ ଦୁର୍ଗାପୁର ୟୁନିଟ ରହିଛି।

## ପୁଞ୍ଜିବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା

ନୂଆଦିଲ୍ଲୀ,୨୧-୪

■ ଗତ ତିନି ମାସ ଧରି ନିବେଶରେ ଉନ୍ନତି
■ ଏପ୍ରିଲରେ ନିବେଶ ହୋଇଛି ୧୧,୦୧୨ କୋଟି




ଭାରତୀୟ ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା ବଢୁଛି। ପ୍ରଭାବିତ ବିଶ୍ୱ ବଜାର ସ୍ଥିତିରେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ଏପ୍ରିଲ ମାସର ବର୍ତ୍ତମାନ ସମୟ ସୁଦ୍ଧା ୧୧,୦୧୨ କୋଟି ଟଙ୍କା ନିବେଶ କରିଥିବା ବଜାର ସୂତ୍ରରୁ ଜଣାପଡିଛି। ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ଫେବୃୟାରୀରେ ମୋଟ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିବା ବେଳେ ଏହା ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା ରହିଥିଲା। ଜାନୁୟାରୀରେ ଉଭୟ ଡେଟ୍ ଏବଂ ଇକ୍ୱିଟି ବାବଦକୁ ଏହି ନିବେଶକମାନେ ୫,୩୬୦ କୋଟି ଟଙ୍କାର ପୁଞ୍ଜି କାଢି ନେଇଥିଲେ। ଏପ୍ରିଲ ୧ରୁ ୧୬ ମଧ୍ୟରେ ଏଫ୍‌ପିଆଇ ମାନେ ୧୪,୩୦୦,୨୨ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିବା ବେଳେ ଡେଟ୍ ବଜାରରୁ ୩,୨୮୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଏହାକୁ ଧରିଲେ ଏମାନଙ୍କ ପକ୍ଷରୁ ମୋଟ୍ ନେଟ୍ ନିବେଶ ୧୧,୦୧୨ କୋଟି ଟଙ୍କା ରହିଥିବା ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟରୁ ଏହା ସାମ୍ନାକୁ ଆସିଛି। ନିର୍ବାଚନ ପରବର୍ତ୍ତୀ ସମୟରେ ଏକ ସ୍ଥିର ସରକାର ଆସିବା ନେଇ ନିବେଶକମାନେ ବେଶ ଆଶାବାଦୀ ଥିବା ଗ୍ରୋଥଡବ୍ଲ୍ୟୁ ନାମକ ନିବେଶ ସଂସ୍ଥା ଆନାଲିଷ୍ଟ ହରିଶ ଜୈନ କହିଛନ୍ତି। ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏହାକୁ ଧ୍ୟାନରେ ରଖି ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରେ ନିବେଶ ଧାରା ଜାରି ରଖିଥିବା ମର୍ଣ୍ଣିଂଷ୍ଟାରର ବରିଷ୍ଠ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି। ୨୦୧୮ର ବଜାରସ୍ଥିତି ସତ୍ତ୍ୱେ ଭାରତ ଭଲ ପ୍ରଦର୍ଶନ କରୁଥିବା ସେ କହିଛନ୍ତି। ଚଳିତ ବର୍ଷ ଏଥିରେ ଉନ୍ନତି ପରିଲକ୍ଷିତ ହୋଇଛି। ଭାରତୀୟ ବଜାରରେ ଏହି ଧାରା ଲାଗି ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

## ଆପୋଲୋରେ ଏଏସ୍‌ଏର ସଫଳ ଚିକିତ୍ସା

ଭୁବନେଶ୍ୱର,୨୧-୪

ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର କାର୍ଡିଆକ୍ ସାଇନ୍ସ ବିଭାଗ ପକ୍ଷରୁ ଆଲ୍‌କୋହଲ ସେପ୍‌ଟାଲ୍ ଆବ୍ଲେଶନ (ଏଏସ୍ଏ) ପଦ୍ଧତିରେ ସଫଳ ଚିକିତ୍ସା କରାଯାଇଛି। ଗତ ଦୁଇ ମାସ ଧରି ହାର୍ଟରେ ସମସ୍ୟା ଭୋଗୁଥିବା ଜଣେ ୩୫ ବର୍ଷ ବୟସ୍କ ରୋଗୀଙ୍କ ଚିକିତ୍ସା କରିବାରେ ହସ୍ପିଟାଲର ବରିଷ୍ଠ କନସଲଟାଣ୍ଟ ଡକ୍ଟର ବ୍ରଜରାଜ ଦାସ, ଡକ୍ଟର ଗୋବିନ୍ଦ ପ୍ରସାଦ ନାୟକ ଏବଂ ତାଙ୍କ ଟିମ୍ ସଫଳ ହୋଇଛନ୍ତି। ଏଭଳି ଏକ ଚିକିତ୍ସା ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଡକ୍ଟର ଦାସ କହିଛନ୍ତି। ହାଇପରଟ୍ରୋପିକ କାର୍ଡିଓମିପାଥି (ଏଚ୍‌ସିଏମ୍) ଏବଂ ଗୁରୁତର ଭାବେ ସିମଟୋମାଟିକ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ରୋଗୀଙ୍କୁ ଚିକିତ୍ସା ଲାଗି ଏଭଳି ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଥାଏ। ଏହି ସ୍ୱାସ୍ଥ୍ୟ ସମସ୍ୟା ସାଧାରଣତଃ ବଂଶାନୁକ୍ରମିକ। ଜିନ ମ୍ୟୁଟେଶନଜନିତ ହାର୍ଟର ମାଂସପେଶୀ ଫୁଲିଯିବା କିମ୍ବା ମୋଟା ହେବା ଯୋଗୁ ରକ୍ତ ବହିର୍ଗମନରେ ଏହା ସମସ୍ୟା ସୃଷ୍ଟି କରିଥାଏ।

## ୫ ବର୍ଷରେ ସାରିବାକୁ ହେବ ଆର୍ଥିକ ସଂସ୍କାର: ପାନଗାରିୟା

ନ୍ୟୁୟର୍କ,୨୧-୪



ଭାରତରେ ଭାରି ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେଲେ ଗଭୀର ଶ୍ରମ ବିକାଶ ପ୍ରତି ଧ୍ୟାନ ଦେବାକୁ ହେବ। ସରକାରୀ ବ୍ୟାଙ୍କଗୁଡ଼ିକର ଘରୋଇକରଣ କରିବା ସହିତ ଆଗାମୀ ୫ ବର୍ଷ ମଧ୍ୟରେ ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ପୂର୍ଣ୍ଣ କରିବାକୁ ହେବ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ୨୦୧୫ ଜାନୁୟାରୀରୁ ୨୦୧୭ ଅଗଷ୍ଟ ପର୍ଯ୍ୟନ୍ତ ନୀତି ଆୟୋଗର ଉପାଧ୍ୟକ୍ଷ ରହିଥିବା ପାନଗାରିୟାଙ୍କୁ ସାଧାରଣ ନିର୍ବାଚନ ପରେ ଭାରତରେ ନୂଆ ସରକାରଙ୍କ ପ୍ରାଥମିକତା କ'ଣ ହେବା ଉଚିତ୍ ବୋଲି ପ୍ରଶ୍ନ ହେବାରୁ ସେ ଉକ୍ତ ମନ୍ତବ୍ୟ ଦେଇଛନ୍ତି। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ରାଜ ସେଣ୍ଟର ଅନ୍ ଇଣ୍ଡିଆନ ଇକୋନୋମିକ ପଲିସିଜରେ ନିର୍ଦ୍ଦେଶକ ରହିଥିବା ପାନଗାରିୟା କହିଛନ୍ତି ଯେ, ବ୍ୟକ୍ତିଗତ ଭାବେ ତାଙ୍କର ମତହେଉଛି, ଭାରତକୁ ଆସନ୍ତା ୫ ବର୍ଷ ମଧ୍ୟରେ ଆର୍ଥିକ ସଂସ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉଚିତ ହେବ। ସୂଚନାଥାଉ କି, କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ ଆଫେୟାର୍ସରେ ଦୀପକ ଏବଂ ନୀରଜ ରାଜ ସେଣ୍ଟର ନୀତି ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିବା ତଥା ଗବେଷଣା କରିବା ଏବଂ ନିଜର ବିଶେଷଜ୍ଞତା ପ୍ରଦାନ ପାଇଁ ପ୍ରସିଦ୍ଧ। ଏହି ଭାରତର ସମୃଦ୍ଧି ବୃଦ୍ଧିରେ ସହାୟତା କରିବା ସହ ବିଶ୍ୱ ଅର୍ଥନୀତିରେ ଭାରତର ଭୂମିକା ନିର୍ଦ୍ଧାରଣ କରିଥାଏ। ପ୍ରାଥମିକ କ୍ଷେତ୍ର ଗୁଡ଼ିକ ଉପରେ ମାର୍ଗଦର୍ଶନ କରି ପାନଗାରିୟା କହିଛନ୍ତି ଯେ, ଭାରତକୁ ଅଧିକ ମାତ୍ରାରେ ନିଯୁକ୍ତି ସୃଷ୍ଟି କରିବା ଲାଗି ବିଶେଷ କରି ଶ୍ରମ ସୃଷ୍ଟିକାରୀ କ୍ଷେତ୍ର ଯେପରିକି ଆପାରେଲ, ଫୁଟ୍‌ୱିୟର, ଫର୍ଣ୍ଣିଚର, କିଚେନୱେୟାର ଏବଂ ଅନ୍ୟ ଲାଇଟ ମ୍ୟାନୁଫାକଚରିଂ ପ୍ରତି ଧ୍ୟାନ ଦେବାକୁ ହେବ।

## ୨୦୫ ରେଳ ପ୍ରକଳ୍ପର ଖର୍ଚ୍ଚ ବଢୁଛି

ନୂଆଦିଲ୍ଲୀ,୨୧-୪

■ ପ୍ରକଳ୍ପରେ ବିଳମ୍ବ ଯୋଗୁ ସମସ୍ୟା
■ ୨.୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହେବ
■ ତୃତୀୟରେ ଶକ୍ତି , ଚତୁର୍ଥରେ ରାଜପଥ ପ୍ରକଳ୍ପ



ବିଭିନ୍ନ କାରଣ ଯୋଗୁ ଦେଶର ରେଳ ପ୍ରକଳ୍ପଗୁଡିକ ଆଗେଇ ପାରୁ ନାହିଁ। ଏଥି ଲାଗି ରେଲୱେର ମୋଟ ୩୪୪ ପ୍ରକଳ୍ପ ମଧ୍ୟରୁ ଏକ ପଞ୍ଚମାଂଶ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଖର୍ଚ୍ଚ ବଢୁଥିବା ଜଣାପଡିଛି। ଏଭଳି ସମସ୍ୟା ଯୋଗୁ ୨୦୫ ରେଳ ପ୍ରକଳ୍ପର ଖର୍ଚ୍ଚ ୨.୨୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ)ର ରିପୋର୍ଟରୁ ଏହା ସାମ୍ନାକୁ ଆସିଛି। ୧୫୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ଖର୍ଚ୍ଚକୁ ଏମ୍‌ଓଏସ୍‌ପିଆଇ ମନିଟରିଂ କରିଥାଏ। ୨୦୧୮ ଡିସେମ୍ବର ସୁଦ୍ଧା ୨୦୫ ରେଳ ପ୍ରକଳ୍ପର ପ୍ରକୃତ ଖର୍ଚ୍ଚ ୧.୬୮ ଲକ୍ଷ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପଗୁଡିକରେ ଖର୍ଚ୍ଚ ୩.୮୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଇଛି। ଏହି ମୋଟ ଖର୍ଚ୍ଚ ଧାର୍ଯ୍ୟ ଖର୍ଚ୍ଚର ୧୩୧.୮୩% ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି।

୨୦୧୮ ଡିସେମ୍ବରରେ ମନ୍ତ୍ରଣାଳୟ ୩୬୭ ରେଲୱେ ପ୍ରକଳ୍ପର ମନିଟରିଂ କରିଛି। ଏହା ମଧ୍ୟରେ ୯୪ଟି ପ୍ରକଳ୍ପ ଅଧିକ ସମୟ ଲାଗିଥିବା ବେଳେ ପ୍ରକଳ୍ପଗୁଡିକ ଗୋଟିଏ ମାସରୁ ୩୨୪ ମାସ ପର୍ଯ୍ୟନ୍ତ ବିଳମ୍ବ ଘଟୁଥିବା ଜଣା ପଡିଛି। ରେଲୱେ ବାଦ୍ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡିକରେ ମଧ ଖର୍ଚ୍ଚ ବୃଦ୍ଧି ଘଟୁଥିବା ଜଣାପଡିଛି। ଶକ୍ତି କ୍ଷେତ୍ରର ମୋଟ ୯୫ ପ୍ରକଳ୍ପ ମଧ୍ୟରୁ ୪୦ଟି ପ୍ରକଳ୍ପରେ ଧାର୍ଯ୍ୟ ଅର୍ଥଠାରୁ ୬୩.୩୩ ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ ବଢିଥିବା ଆକଳନ କରାଯାଇଛି। ଏହି ୪୦ ପ୍ରକଳ୍ପର ପ୍ରକୃତ ବ୍ୟୟ ଖର୍ଚ୍ଚ ୧.୭୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ବର୍ଦ୍ଧିତ ବ୍ୟୟ ୨.୬୩ ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ମୋଟ ୯୫ ଶକ୍ତି ପ୍ରକଳ୍ପ ମଧ୍ୟରୁ ୫୬ଟି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି।

ତୃତୀୟରେ ପରିବହନ ଏବଂ ରାଜପଥ ପ୍ରକଳ୍ପ କାର୍ଯ୍ୟ ମଧ ବିଳମ୍ବ ହେଉଥିବା ଜଣାପଡିଛି। ଏହାର ୬୦୫ ପ୍ରକଳ୍ପ ମନିଟରିଂ କରାଯାଇଥିବା ବେଳେ ୪୯ଟିରେ ଖର୍ଚ୍ଚ ବଢିଥିବା ଉଲ୍ଲେଖ ରହିଛି। ଏହି ପ୍ରକଳ୍ପଗୁଡିକ ଅଧିକ ୧୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ୪୯ ପ୍ରକଳ୍ପ ବାବଦକୁ ୨୯,୬୪୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଥିଲେ ମଧ ଏହା ୪୪, ୬୫୪ କୋଟି ଟଙ୍କା ରହିବ ବୋଲି ଆକଳନ ହୋଇଛି। ଏହି ପ୍ରକଳ୍ପର ମୋଟ ୧୧୨ ପ୍ରକଳ୍ପ ଶେଷ ହେବାକୁ ସମୟ ଲାଗୁଥିବା ଜଣାପଡିଛି।



“ମୋତେ ଯେତେବେଳେ ସୁଯୋଗ ମିଳେ ମୁଁ ମୋ ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ ଚେଷ୍ଟା କରିଥାଏ।
–ସନ୍ଦୀପ ଲାମିଚାନେ, ନେପାଳର ସ୍ୱଳ୍ପ ବୟସ୍କ ସ୍ପିନର



“ପରବର୍ତ୍ତୀ ସିଜନରେ ମୋର ଜୁଭେଣ୍ଟସ ଦଳରେ ରହିବା ନିଶ୍ଚିତ। ଏଥିପାଇଁ ମୁଁ ୧,୦୦୦ ପ୍ରତିଶତ ପ୍ରତିଶ୍ରୁତିବଦ୍ଧ।
–କ୍ରିଷ୍ଟିଆନୋ ରୋନାଲ୍ଡୋ, ବିଶିଷ୍ଟ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ସୁମିତ ବୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**କଟକ ଅଫିସ,୨୧।୪:** ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାରଠାରୁ ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୪ ଉଇକେଟରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି । ଜୁଭେନାଇଲ ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ସମସ୍ତ ଉଇକେଟ ହରାଇ ରାଇଜିଂ ଦଳ ମାତ୍ର ୧୪୪ରନ କରିଥିଲା । ପ୍ରିନ୍ସ ସଙ୍କେତ ବେହେରା, ପ୍ରତ୍ୟୁଷ ପ୍ରଧାନ ସର୍ବାଧିକ ୨୮ରନ ଲେଖାଏ କରିଥିଲେ । ଜୁଭେନାଇଲ ପକ୍ଷରୁ ସୋହେଲ ଖାନ ସର୍ବାଧିକ ୪ ଉଇକେଟ ଦଖଲ କରିଥିଲେ । ୬ ଉଇକେଟ ହରାଇ ଜୁଭେନାଇଲ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇଦୀପ ମହାପାତ୍ର ସର୍ବାଧିକ ୬୭ରନ କରିଥିଲେ । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ପ୍ରତ୍ୟୁଷ ପ୍ରଧାନ ୪ଟି ଉଇକେଟ ନେଇଥିଲେ। ଜୁଭେନାଇଲର ସୋହେଲ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ପୂର୍ବତନ କ୍ରିକେଟ ନିରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱଭାରତୀ କ୍ଲବ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ସୌମିତ୍ର ଚୌଧୁରୀ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସଞ୍ଜୟ ରାଉଳ, ଏସ୍‌ସିବି ମେଡ଼ିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟରେ କଟକର ୫ଟି କ୍ଲବ ଅଂଶ ଗ୍ରହଣ କରିଛନ୍ତି ।

### ସନ୍ତୋଷ ଟ୍ରଫି ଜିତିଲା ସର୍ଭିସେସ୍

**ଲୁଧିଆନା, ୨୧।୪ (ପି.ଟି.):** ସର୍ଭିସେସ୍ ୬ଷ୍ଠ ଥର ପାଇଁ ସନ୍ତୋଷ ଟ୍ରଫି ହାସଲ କରିଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ପଞ୍ଜାବ ବିପକ୍ଷରେ ୧-୦ ଗୋଲ୍‌ରେ ବିଜୟ ହାସଲ କରିଛି। ସର୍ଭିସେସ୍ ତରଫରୁ ବିକାଶ ଥାପା ଦ୍ୱିତୀୟାର୍ଦ୍ଧରେ ଗୋଲଟିକୁ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଦଳ ଗୋଟିଏ ହେଲେ ମ୍ୟାଚ ନହାରି ତା'ର ଅଭିଯାନ ଶେଷ କରିଛି। ଘଟଣାକ୍ରମେ ଏହା ପୂର୍ବରୁ ୨୦୧୫ ସନ୍ତୋଷ ଟ୍ରଫି ଫାଇନାଲ ଏହି ଦୁଇ ଦଳ ମଧ୍ୟରେ ଏହି ଭେନ୍ୟୁରେ ଖେଳାଯାଇଥିଲା। ସେତେବେଳେ ନିର୍ଦ୍ଧାରିତ ସମୟ ଏବଂ ଅତିରିକ୍ତ ସମୟ ଖେଳ ପରେ ମଧ ମ୍ୟାଚ ଗୋଲ ଶୂନ୍ୟ ରହିଥିଲା। ସର୍ଭିସେସ୍ ୫-୪ ପେନାଲ୍‌ଟି ଶୁଟ୍ ଆଉଟ୍‌ରେ ମ୍ୟାଚ ଜିତିଥିଲା। ମ୍ୟାଚ ଆରମ୍ଭରେ ଉଭୟ ଦଳ ସତର୍କତା ଅବଲମ୍ବନ କରି ପରସ୍ପରକୁ ପରଖିବାରେ ଲାଗିଥିଲେ। ତେବେ ପଞ୍ଜାବ ଗୋଲ ପୋଷ୍ଟକୁ କେତୋଟି ଶଟ୍ ମାରିଥିଲା।

## ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଜାତୀୟ ରେକର୍ଡ ସହ ସେମିରେ ଦୂତୀ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** ଦୋହାଠାରେ ରବିବାର ଆରମ୍ଭ ହୋଇଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ କମାଲ ଦେଖାଇଛନ୍ତି ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ମହିଳା ୧୦୦ ମିଟର ହିଟ୍‌ରେ ସେ ୧୧.୨୮ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିବା ସହ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ଦୂତୀ ୧୧.୨୯ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡର ଅଧିକାରିଣୀ ଥିଲେ। ଏହି ଟାଇମିଂ ସେ ୨୦୧୮ରେ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ସିନିୟର ଆନ୍ତଃ ରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ହାସଲ କରିଥିଲେ। ତେବେ ଦୂତୀ ୧୧.୨୪ ସେକେଣ୍ଡ ଯୋଗ୍ୟତା ପର୍ଯ୍ୟାୟ ଟାଇମିଂ ସ୍ପର୍ଶ କରିପାରି ନ ଥିବାରୁ ଆଗାମୀ ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇପାରି ନାହାନ୍ତି।

ଯାଜପୁର ଚକା ଗୋପାଳପୁରର ଦୂତୀ ଦୋହାରେ ହିଟ୍-୪ରେ ରେସ୍ କରିଥିଲେ। ଏଥିରେ ସେ ୧୧.୨୮ ସେକେଣ୍ଡ ସହ ପ୍ରଥମସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଜାଖସ୍ତାନର ଆନା ମୁଲାନୋଭା ୧୧.୫୫, ବାହାରିନର ହାଜାର ଆଲ୍‌ଖାଲ୍‌ଡି ୧୧.୮୧, କାଜାଖସ୍ତାନର ରିମା କାସାଫୁଡିନୋଭା ୧୧.୯୫, ଲାଓସର ସିଲିନା ଫାୟ ଆଫାୟ ୧୨.୫୨ ଓ ବାଂଲାଦେଶର ଶିରିନ ଅଖତର ୧୨.୭୨ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲେ ୪ ହିଟ୍‌ରୁ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଦୂତୀ ଟାଇମିଂରେ ଶୀର୍ଷସ୍ଥାନ ଅଧିକାର କରିଥିଲେ। ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ୧୫ ପ୍ରତିଯୋଗୀ ହେଲେ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା(୧୧.୩୦), ଚାଇନାର ୟଙ୍ଗଲି ୱେଇ(୧୧.୩୬), ଜିଆଓଜିଙ୍ଗ ଲିଆଙ୍ଗ(୧୧.୩୭), ଉଜବେକିସ୍ତାନର ନିଗିନା ଶାରିପୋଭା(୧୧.୪୭), ବାହାରିନର ଇମାନ ଜାସିମ(୧୧.୫୦), କାଜାଖସ୍ତାନର ଆନା ବୁଲାନୋଭା(୧୧.୫୫), ସିଙ୍ଗାପୁରର ଶାନ୍ତି ଭେରୋନିକା ପେରେରା, ହଂକଂର ଲାମ୍ ଅନ୍ କି(୧୧.୬୨), ଭିଏତନାମର ଚିନ୍ ଲି ଟୁ(୧୧.୬୭), ଫିଲିପାଇନ୍ସର କ୍ରିଷ୍ଟିନାମାରି ନଟ୍(୧୧.୭୦), ଥାଇଲାଣ୍ଡର ସୁପଓ୍ୱନ ଥିପାଟ(୧୧.୭୩), ଲେବାନନର ଅଜିଜା ସବାଇତି(୧୧.୭୮), ଥାଇଲାଣ୍ଡର ଅନ-ଉମା ଚଟ୍ଟହା(୧୧.୭୯), ବାହାରିନର ହାଜାର ଅଲ୍‌ଖାଲ୍‌ଡି(୧୧.୮୧) ଓ ଜାପାନର ଚିସାଟୋ ଫୁକୁଶିମା(୧୧.୯୨ ସେକେଣ୍ଡ)।

ପ୍ରକାଶ ଯୋଗ୍ୟ ଯେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ ଜୁନ୍ ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟରରେ ଦୂତୀ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ଦୂତୀ ୧୧.୫୨ ସେକେଣ୍ଡ ସମୟ ନେଇଥିଲେ। ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ଦୂତୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




କୋଚ ନାଗାପୁରୀ ରମେଶଙ୍କ ସହ ଦୂତୀ ଚାନ୍ଦ ।

### ସ୍ୱର୍ଣ୍ଣ ପଦକ ମୁଖ୍ୟ ଲକ୍ଷ୍ୟ

“ଭାରତୀୟ ପରିବେଶ ଏବଂ ଏଠାକାର ପରିବେଶ ମଧ୍ୟରେ ବିଶେଷ କିଛି ଫରକ ରହି ନ ଥିଲା । ତେଣୁ ଏହା ମୋତେ ବେଶ୍ ସୁହାଇଥିଲା । ମୁଁ ହିଟ୍-୪ରେ ରେସ୍ କରିଥିଲି। ସେଥିରେ କାଜାଖସ୍ତାନର ଆନା ବୁଲାନୋଭା, ରିମା କାଶାଫୁଡିନୋଭା, ବାହାରିନର ହାଜାର ଅଲଖାଲ୍‌ଡି ପ୍ରମୁଖ ଟପ୍ ଫାଇଟର ରହିଥିଲେ । ତେଣୁ ରେସ୍‌ରେ କଡ଼ା ମୁକାବିଲା ହୋଇଥିଲା। ଏଥିରୁ ମୋତେ ଫାଇଦା ମିଳିଥିଲା ଏବଂ ମୁଁ ସମସ୍ତଙ୍କୁ ପଛରେ ପକାଇ ଦେବାରେ ସକ୍ଷମ ହୋଇଥିଲି। ୧୧.୨୮ ସେକେଣ୍ଡ ସମୟ ନେଇ ଟାଇମିଂରେ ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ମୁଁ ବହୁତ ଖୁସି। ୨୦୧୮ରେ ଗୁଆହାଟିରେ ଅନୁଷ୍ଠିତ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ୧୧.୨୯ ସେକେଣ୍ଡ ସମୟ ନେଇ ମୁଁ ଜାତୀୟ ରେକର୍ଡର ଅଧିକାରୀ ଥିଲି। ଏବେ ଏଥିରେ ୧ ସେକେଣ୍ଡ ଉନ୍ନତି ଆସିଛି। ମୋର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ଆଗକୁ କିପରି ଏହି ଟାଇମିଂ ସ୍ପର୍ଶ କରି ପାରିବି ଏବଂ ଏହି ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବି ତାହା ମୋର ମୁଖ୍ୟ ଲକ୍ଷ୍ୟ” ଦୋହାରେ ୧୦୦ ମିଟର ହିଟ୍‌ପରେ ଦୂତୀ ପ୍ରକାଶ କରିଛନ୍ତି। କୋଚ୍ ନାଗାପୁରୀ ରମେଶ ମୋ ପ୍ରଦର୍ଶନରେ ବେଶ୍ ଖୁସି ଅଛନ୍ତି। ତେବେ ହିଟ୍‌ରେ କଡ଼ା ମୁକାବିଲା ହୋଇଥିବାରୁ ସେମିଫାଇନାଲ ଏବଂ ଫାଇନାଲରେ ଏହା ଆହୁରି ଜୋରଦାର ହେବା ନିଶ୍ଚିତ। ଅନ୍ୟ ୩ଟି ହିଟ୍‌ରେ ବହୁ ନାମୀ ଆଥଲେଟ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତେଣୁ ସେମାନଙ୍କ ସହ ସଫଳ ମୁକାବିଲା କରି କିପରି ପଦକ ହାସଲ କରିପାରିବି ତା ଉପରେ ଫୋକସ କରୁଛି ବୋଲି ଦୂତୀ କହିଛନ୍ତି।

## ଓଡ଼ିଆ ଝିଅ ଝିଲ୍ଲୀଙ୍କୁ ରୌପ୍ୟ

**ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍**

**ନିଙ୍ଗ୍‌ବୋ (ଚାଇନା), ୨୧।୪(ପି.ଟି.)** ପ୍ରାକ୍ତନ ବିଶ୍ୱ ବିଜୟିନୀ ମିରାବାଇ ଚାନୁ ଏଠାରେ ଚାଲିଥିବା ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ତେବେ ଓଡ଼ିଆ ଝିଅ ଝିଲ୍ଲୀ ଦଳବେହେରା ପ୍ରତିଯୋଗିତାରେ ନିଜ ଚମକ୍ ଛାଡ଼ିବାରେ ସଫଳ ହୋଇଛନ୍ତି। ମହିଳା ୪୫ କିଗ୍ରା ବର୍ଗରେ ପ୍ରତିନିଧିତ୍ୱ କରୁଥିବା ଝିଲ୍ଲୀ ରୌପ୍ୟ ପଦକ ହାସଲ କରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଝିଲ୍ଲୀ ସ୍ନାଚରେ ୭୧ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୯୧ କିଗ୍ରା ସହ ମୋଟ୍ ଉପରେ ୧୬୨ କିଗ୍ରା ଭାର ଉଠାଇ ୨ୟ ସ୍ଥାନରେ ରହିବା ସହ ରବିବାର ଭାରତ ପାଇଁ ପଦକ ଖାତା ଖୋଲିଥିଲେ। ଭିଏତ୍‌ନାମର ଭୋଉଙ୍ଗ୍ ଥି ହୁୟନ୍ (୭୬+୯୨=୧୬୮) ଏହି ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଏହି ଓଜନ ବର୍ଗ ଅଲିମ୍ପିକ୍ସରେ ସାମିଲ ନାହିଁ।

୪୯ କିଗ୍ରା ଓଜନ ବର୍ଗରେ ଲଢୁଥିବା ୨୪ ବର୍ଷୀୟା ମିରାବାଇ ସ୍ନାଚରେ ୮୬ କିଗ୍ରା ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୩ କିଗ୍ରା ସହ ମୋଟ୍ ଉପରେ ୧୯୯ କିଗ୍ରା ଭାର ଉଠାଇଥିଲେ। ମିରାବାଇଙ୍କ ମୋଟ୍ ଉପରେ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିପୂର୍ବରୁ ସେ ଚଳିତ ବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ଏଗଟ୍ କପ୍‌ର ୪୯ କିଗ୍ରା ବର୍ଗରେ ୧୯୨ କିଗ୍ରା ଭାର ଉଠାଇଥିଲେ। ଚାଇନାର ଝାଙ୍ଗ୍ ରୋଙ୍ଗ ସମାନ ୧୯୯ (୮୮+୧୧୧) କିଗ୍ରା ଭାର ଉଠାଇଥିଲେ ମଧ ନୂତନ ନିୟମ ଅନୁଯାୟୀ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ନିୟମ ଅନୁଯାୟୀ ଯେଉଁ ପ୍ରତିଯୋଗୀଙ୍କର କ୍ଲିନ୍ ଆଣ୍ଡ୍ ଜର୍କରେ କମ୍ ରେଜଲ୍ଟ ଥିଲେ ମଧ ଯଦି ସେ ସ୍ନାଚରେ ଅଧିକ ଭାର ଉଠାଇଥାନ୍ତି ତେବେ ତାଙ୍କ ର୍‍ୟାଙ୍କ୍ ପ୍ରତିପକ୍ଷଙ୍କ ଉପରେ ରହିବ। ଚାଇନାର ହୋଉ ଝିହୁଇ ୨୦୮ (୯୨+୧୧୬) କିଗ୍ରା ସହ ସ୍ୱର୍ଣ୍ଣ ଏବଂ ନର୍ଥ କୋରିଆର ରି ସଙ୍ଗ୍-ଗମ୍ ୨୦୦ (୮୬+୧୧୪) କିଗ୍ରା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ମଣିପୁର ତାରକା ମିରାବାଇ କିନ୍ତୁ କ୍ଲିନ୍ ଆଣ୍ଡ୍ ଜର୍କରେ ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ମହାଦେଶୀୟ ପ୍ରତିଯୋଗିତା ଗୁଡ଼ିକରେ ସ୍ନାଚ ଓ କ୍ଲିନ୍ ଆଣ୍ଡ୍ ଜର୍କର ପ୍ରଦର୍ଶନକୁ ଦେଖି ବ୍ୟକ୍ତିଗତ ଭାବେ ପଦକ ପ୍ରଦାନ କରାଯାଇଥାଏ। ଅଲିମ୍ପିକ୍ସରେ କିନ୍ତୁ ପ୍ରତିଯୋଗୀ ଉଠାଇଥିବା ମୋଟ୍ ଓଜନକୁ ହିସାବକୁ ନେଇ ପଦକ ଦିଆଯାଇଥାଏ।।



ଝିଲ୍ଲୀ ଦଳବେହେରା

## ସ୍କୁଲ ଚେସ୍: ପ୍ରଭାଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ରବିବାର ୧୭ତମ ସ୍କୁଲ ଓପନ ଚେସ୍ ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୬.୫ ପଏଣ୍ଟ ସହିତ ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଭାଂଶୁ ଦାଶ ଚାମ୍ପିୟନ ହୋଇଛନ୍ତି। ଶାଶ୍ୱତ ସାହୁ, ଦୀପ୍ତିମୟୀ ସାହୁ, ଜଗଦୀଶ କୁମାର ଘଡ଼େଇ, ଆଦି ମନନ ନାୟକ(୬ ପଏଣ୍ଟ ଲେଖାଏ), କୁମାର ଅଭିଜିତ, ସ୍ୱସ୍ତିକ ପରିଡ଼ା, କୁମାର ସାଇଦୀପ ପାତ୍ର(୫.୫ ପଏଣ୍ଟ ଲେଖାଏ), ଅନ୍‌ସୁଲ ପଣ୍ଡା, ଅନନ୍ୟା ଅପରିମିତା, ସାଇ ଅମୃତ ପରିଜା, ହର୍ଷନ ନାୟକ, ଅର୍ନେଶ ବାରିକ, ଶ୍ରୀୟାଂଶ ମହାପାତ୍ର ଓ ରିଶିତ ଦେବନାଥ (ସମସ୍ତେ ୫ ପଏଣ୍ଟ) କ୍ରମାନ୍ୱୟରେ ରହି ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୪ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ନଗର ଡିଏଭି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ବିନିନ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ କର୍ମକର୍ତ୍ତା ଦୀପାଞ୍ଜଳି ସାହୁ, ଜଗଦୀଶ ଦାସ ଅଧିକାରୀ, ଆର. ରବିଶଙ୍କର, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍କୁଲ ଚେସ୍: ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।




ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ଚେସ୍ ପ୍ରତିଯୋଗୀ ।

## ସର୍ବଭାରତୀୟ ଓପନ ଚେସ୍

# ଲକ୍ଷ୍ମଣ ଚାମ୍ପିୟନ, ରାକେଶ ରନର୍ସଅପ

**କଟକ ଅଫିସ,୨୧।୪** ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଓପନ ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଟପ୍‌ସିଡ ତଥା ଗ୍ରାଣ୍ଡମାଷ୍ଟର ଆର୍.ଆର୍. ଲକ୍ଷ୍ମଣ ୮ ପଏଣ୍ଟ ପାଇବା ସହିତ ଚାମ୍ପିୟନ ହୋଇଛନ୍ତି। ଶନିବାର ୮ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଲକ୍ଷ୍ମଣ ୭ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ଥିଲେ । ରବିବାର ଖେଳାଯାଇଥିବା ଅନ୍ତିମ ତଥା ୯ମ ରାଉଣ୍ଡରେ ଲକ୍ଷ୍ମଣ ତାମିଲନାଡୁର ଏନ୍ ସୁରେନ୍ଦ୍ରନଙ୍କୁ ପରାସ୍ତ କରି ଶୀର୍ଷକୁ ଫେରିଥିଲେ । ଅନ୍ୟପକ୍ଷରେ ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ରାକେଶ କୁମାର ଜେନା ୮ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୭.୫ ପଏଣ୍ଟ ହାସଲ କରି ଅଗ୍ରଣୀ ରହିଥିଲେ। ରବିବାରର ଅନ୍ତିମ ରାଉଣ୍ଡରେ ରାକେଶଙ୍କର ମୁକାବିଲା ହୋଇଥିଲା ରେଲୱେର ଇଣ୍ଟରନ୍ୟାଶନାଲ ମାଷ୍ଟର ଗୁସେନ ହିମାଲଙ୍କ ସହ । ମ୍ୟାଚ୍‌ଟି ଅମୀମାଂସିତ ରହିବା ଯୋଗୁଁ ରାକେଶ ୦.୫ ପଏଣ୍ଟ ହାସଲ କରିଥିଲେ । ଟାଇବ୍ରେକର ପଦ୍ଧତିରେ ଲକ୍ଷ୍ମଣ ଚାମ୍ପିୟନ ହୋଇଥିଲେ । ରାକେଶ ରନର୍ସଅପ ହୋଇଥିଲେ । ଗୁସେନ ୭.୫ ପଏଣ୍ଟ ପାଇବା ସହ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି । ୭ ପଏଣ୍ଟ ଲେଖାଏ ହାସଲ କରି ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଅଂଶୁମାନ ସାମଲ ୫ମ ସ୍ଥାନରେ ଓ ବୈଭବ ମିଶ୍ର ୭ମ ସ୍ଥାନରେ ରହିଥିଲେ। ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ୬.୫ ପଏଣ୍ଟ ସହ ୧୭ତମ ସ୍ଥାନରେ ରହିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରୋଟାରୀର ଗଭର୍ନର ସୌମ୍ୟରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଟ, ଟ୍ରିପଲ ସି ଚେସ୍ କ୍ଲବ ସଭାପତି ବିଶ୍ୱଜିତ ରାୟ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ବିଶ୍ୱଜିତ ରାୟ, ଯୁଗ୍ମ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମିନି ନ୍ୟାଶନାଲ ଭଲିବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୧।୪(କ୍ରୀଡ଼ା ପ୍ରତିନିଧି)** ମହାରାଷ୍ଟ୍ରର ଚଇରନ୍ୟପୁରସ୍ଥିତ ଆମ୍ରାମାଲିକ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ମିନି ନ୍ୟାଶନାଲ ଭଲିବଲ ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। ଦଳ ଚୟନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୧୪ରୁ ୧୯ ପର୍ଯ୍ୟନ୍ତ ଏକ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

ବାଳିକା ଦଳ: ସନ୍ତୋଷି ଝୋଡ଼ିଆ, ରଶ୍ମିତା ସିଂ, ଗଙ୍ଗା ନାଏକ, ଅନିତା ମାଝି, ପିଙ୍କି ନାଏକ, ସଞ୍ଜୁକ୍ତା ହେମ୍ବ୍ରମ, ଲାସ୍ୟମୟୀ ମହାନ୍ତ, ଆଲିଶା ଲିମା, ସ୍ଥିତପ୍ରଜ୍ଞା ଜେନା, ସୋନାଲି ଦାସ, ଶୁଚିସ୍ମିତା ଦିଣ୍ଡା, ରିତା ଭୁଇ।

ବାଳକ ଦଳ: ନବୀନ କାଣ୍ଡୁଲିନା, ପଙ୍କଜ ସାହୁ, ଧନୁ ବଡନାୟକ, ମାର୍କୁସ ଲୁଗୁନ୍, ଦୀପକ ବିଲିଙ୍ଗ, ଆଶିଷ କୁମାର ସ୍ୱାଇଁ, ଶଙ୍କର ପଡିଆମି, ଭୀମ କୁଞ୍ଜ, ବିକୁ ସୋଡି, ଶତ୍ରୁଘ୍ନ ପାଙ୍ଗି, ଆଶୁତୋଷ ଦାସ, ସୁମିତ କୁମାର ସେଠୀ।




କର୍ମକର୍ତ୍ତାଙ୍କ ସହ ଓଡ଼ିଶା ବାଳିକା ଭଲିବଲ ଦଳ ।

## ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୧।୪**

ମହାରାଷ୍ଟ୍ରର କୋହ୍ଲାପୁରଠାରେ ରବିବାର ଅନୁଷ୍ଠିତ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପର ଏକ ମ୍ୟାଚରେ ଓଡ଼ିଶା ୩-୧ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି । ପ୍ରତିଯୋଗିତାରେ ଓଡ଼ିଶାର ଏହାଥିଲା ପ୍ରଥମ ମ୍ୟାଚ୍ । ଓଡ଼ିଶା ପକ୍ଷରୁ ମନୀଷା ନାୟକ ୨୪, ଜ୍ୟୋତି କୁମାରୀ ୫୬ ଓ ବର୍ଷା ମହାକୁଡ଼ ୮୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ ।

## ଭାରତୀୟ ଏସିଆନ ଆଥ୍‌ଲେଟିକ୍ସ ଦଳକୁ ଶକ୍ତ ଧକ୍କା

**ଦୋହା,୨୧।୪(ପିଟି)** ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ଅଭିଯାନକୁ ଶକ୍ତ ଧକ୍କା ଲାଗିଛି। ବହୁଦେଶୀୟ ଇଭେଣ୍ଟରୁ ଦେଶର ନୂଆ ସ୍ପ୍ରିଣ୍ଟ ସେନସେଶନ ହିମା ଦାସ ବାଦ୍ ପଡ଼ିଛନ୍ତି। ରବିବାର ଅନୁଷ୍ଠିତ ୪୦୦ ମିଟର ଦୌଡ଼ ଇଭେଣ୍ଟ ହିଟ୍ ରେସ୍ ବେଳେ ହିମାଙ୍କ ଅଣ୍ଟାରେ ଆଘାତ ଲାଗିଛି। ଏପରି କି ୧୯ ବର୍ଷୀୟ ବିଶ୍ୱ ଜୁନିୟର ଚାମ୍ପିୟନ ଓ ଜାତୀୟ ରେକର୍ଡ ଅଧିକାରୀ ଦୌଡ଼ ଶେଷ କରିପାରି ନ ଥିଲେ। ଉପସ୍ଥିତ ଥିବା ଡାକ୍ତର କହିଛନ୍ତି, ହିମାଙ୍କ ଅବସ୍ଥା ଚିନ୍ତାଜନକ ବିଷୟ ନୁହେଁ। ଦିନେ କିମ୍ବା ଦୁଇଦିନରେ ସେ ଭଲ ହୋଇଯିବେ। କିନ୍ତୁ ଭାରତୀୟ ମହିଳା ଦଳର ୪ ଗୁଣା ୪୦୦ ମି. ଓ ମିକ୍ସଡ୍ ୪୦୦ ରିଲେ ଇଭେଣ୍ଟରେ ହିମାଙ୍କ ଅଂଶଗ୍ରହଣ କରିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି।

ଭାଗ୍ୟ ଆମ ହାତରେ ରହିଛି। ଆଗକୁ ଭଲ ଖେଳି ଆମେ ଆଇପିଏଲ ପ୍ଲେ-ଅଫ୍‌କୁ ଯାଇପାରିବୁ।
–ମାଇକ୍ ହେସନ, କିଙ୍ଗ୍ସ ଇଲେଭେନ ପଞ୍ଜାବ କୋଚ୍



ରିୟାନ ପରାଗ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ କରୁଛନ୍ତି, ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ମନେ ହେଉଛି।
–ଷ୍ଟିଭ ସ୍ମିଥ୍, ରାଜସ୍ଥାନ ରୟାଲ୍ସର ନୂଆ ଅଧିନାୟକ



## ଆଜିର ମ୍ୟାଚ

ରାଜସ୍ଥାନ ରୟାଲ୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ



ପ୍ରସାରଣ
ସ୍ଥାନ : ଜୟପୁର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### 'କୋହଲିଙ୍କୁ ଦଳରେ ନେବା ସପକ୍ଷରେ ନ ଥିଲେ ଧୋନୀ- କର୍ଷ୍ଟେନ'

**ମୁମ୍ବାଇ,୨୧।୪(ପିଟି):** ଜାତୀୟ ଦଳରେ ବିରାଟ କୋହଲିଙ୍କ ଖେଳିବା ସପକ୍ଷରେ ନ ଥିଲେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ମୁଖ୍ୟ କୋଚ୍ ଗ୍ୟାରୀ କର୍ଷ୍ଟେନ। ଏଭଳି କହିଛନ୍ତି ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ଦୀଲିପ ଭେଙ୍ଗସରକର। କୋହଲିଙ୍କୁ ଜାତୀୟ ଦଳରେ ଖେଳାଇବା ନେଇ ମୁଁ ପ୍ରଥମେ ପ୍ରସ୍ତାବ ଦେଇଥିଲି। ହେଲେ ଧୋନୀ ଓ କର୍ଷ୍ଟେନ ମୋ କଥା କର୍ଣ୍ଣପାତ କରି ନ ଥିଲେ ବୋଲି ରବିବାର 'ହାଓ୍ୱଜାଟ' ନାମକ ଏକ ପୁସ୍ତକ ଉନ୍ମୋଚନ ଅବସରରେ ସେ କହିଛନ୍ତି। ଦେଶର ଉଦୀୟମାନ ଖେଳାଳିଙ୍କୁ ଜାତୀୟ ଦଳରେ ସୁଯୋଗ ଦିଆଯାଏ। ସେତେବେଳେ ମୁଁ ଚୟନ କମିଟି ମୁଖ୍ୟ ପଦରେ ଥିଲି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କୋହଲିଙ୍କ ପ୍ରଦର୍ଶନ ଦେଖିବା ପରେ ମୁଁ ତାଙ୍କୁ ଜାତୀୟ ଦଳରେ ଚୟନ କରିବାକୁ ପ୍ରସ୍ତାବ ଦେଇଥିଲି। ହେଲେ ଅଧିନାୟକ ଧୋନୀ ଓ କୋଚ୍ କର୍ଷ୍ଟନ ଅଲଗା ମତ ଦେଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ପରେ କୋହଲିଙ୍କୁ ଆହୁରି ମ୍ୟାଚ୍ ଖେଳିବାର ଆବଶ୍ୟକ ଥିବା ଉଭୟେ କହିଥିଲେ। କିନ୍ତୁ ମୁଁ କୋହଲିଙ୍କୁ ଜାତୀୟ ଦଳକୁ ଆଣିବା ସପକ୍ଷରେ ଥିଲି। ଏଣୁ ଏସ୍. ବଦ୍ରିନାଥଙ୍କୁ ଦଳରୁ ବାଦ୍ ଦିଆଯାଇ କୋହଲିଙ୍କୁ ଦଳରେ ସାମିଲ କରାଯଇଥିଲା ବୋଲି ଭେଙ୍ଗସରକର କହିଛନ୍ତି। ୨୦୦୮ ଅଗଷ୍ଟ ୧୮ ତାରିଖରେ କୋହଲି ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପୂର୍ବତନ କ୍ରିକେଟ ପ୍ରଶାସକ ଆହୁରି କହିଛନ୍ତି, ତାଙ୍କ ଯୋଗୁ ସଚିନ ତେନ୍ଦୁଲକରଙ୍କୁ ବମ୍ବେ (ଏବେ ମୁମ୍ବାଇ) ଦଳରେ ସ୍ଥାନ ମିଳିଥିଲା। ସଚିନ ବହୁତ ଯୁବ ଥିବାରୁ ତାଙ୍କ ନିଷ୍ପତ୍ତିକୁ କେହି ସମର୍ଥନ କରି ନ ଥିଲେ। ଉଲ୍ଲେଖଥାଉ କି, ଭେଙ୍ଗସରକର ବମ୍ବେ ଦଳର ଅଧିନାୟକ ଥିବାବେଳେ ସଚିନ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ।

### ମାଳଦ୍ୱୀପ ରାଷ୍ଟ୍ରପତିଙ୍କୁ କୋହଲି, ଧୋନୀଙ୍କ ଜର୍ସି ଉପହାର

**ବାଙ୍ଗାଲୋର, ୨୧।୪ (ପି.ଟି.):** ରବିବାର ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବନାମ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇପିଏଲ ମ୍ୟାଚ ପୂର୍ବରୁ ଦୁଇ ଦଳ ଅଧିନାୟକ ବିରାଟ କୋହଲି ଏବଂ ଏମ୍. ଏସ୍. ଧୋନୀ ଅଟୋଗ୍ରାଫ ସମ୍ବଳିତ ସେମାନଙ୍କ ଦଳର ଜର୍ସିକୁ ଭ୍ରମଣକାରୀ ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହୀମ ମହମ୍ମଦ ସୋଲିଙ୍କୁ ଉପହାର ଦେଇଛନ୍ତି। ଏହି ଅବସରରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଏଡୁଲ୍‌ଜୀଙ୍କ ସମେତ ଅନ୍ୟ କେତେଜଣ ଅଫିସିଆଲ ଉପସ୍ଥିତ ଥିଲେ। ଧୋନୀ ପ୍ରଥମେ ସୋଲିଙ୍କୁ ସିଏସ୍‌କେର ୟଲୋ ଜର୍ସି ପ୍ରଦାନ କରିଥିବା ବେଳେ ପରେ କୋହଲି ମାଳଦୀପ ରାଷ୍ଟ୍ରପତିଙ୍କୁ ଆରସିବିର ରେଡ୍ ଓ ବ୍ଲାକ୍ ଜର୍ସି ପ୍ରଦାନ କରିଥିଲେ। ସୋଲି ହେଉଛନ୍ତି ଜଣେ କ୍ରିକେଟପ୍ରେମୀ। ସେ ଗତବର୍ଷ ନଭେମ୍ବରରେ ମାଳଦୀପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ଫଗ୍ନିନିଙ୍କୁ ମଣ୍ଟେକାର୍ଲୋ ମାଷ୍ଟର୍ସ ଟାଇଟଲ

**ମଣ୍ଟେକାର୍ଲୋ, ୨୧।୪ (ଏଏଫ୍‌ପି):** ଇଟାଲୀର ଫାବିଓ ଫଗ୍ନିନି ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସର୍ବୀୟାର ଡୁସାନ ଲାଜୋଭିଚ୍‌ଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଦୀର୍ଘ ୫୧ବର୍ଷ ପରେ ଇଟାଲୀର ଜଣେ ଖେଳାଳି ଏଠାରେ ଟାଇଟଲ ଜିତିଛନ୍ତି। ପୂର୍ବରୁ ନିକୋଲା ପିଟ୍ରାଞ୍ଜେଲି ଏଠାରେ ୧୯୬୧, ୧୯୬୭ ଏବଂ ୧୯୬୮ରେ ମଣ୍ଟେକାର୍ଲୋ ମାଷ୍ଟର୍ସ ଟାଇଟଲ ଜିତିପାରିଥିଲେ।

# କୋଲକାତାର କ୍ରମାଗତ ପରାଜୟ

ଆଇପିଏଲ୍ ୧୨

**ହାଇଦ୍ରାବାଦ, ୨୧।୪(ପି.ଟି.)**

ଓପନିଂ ଯୋଡି ଜନୀ ବେୟାରଷ୍ଟୋ ଓ ଡେଭିଡ୍ ୱାର୍ନରଙ୍କ ଚମକ ପୁଣି ଥରେ ଦେଖିବାକୁ ମିଳିଛି। ୧୩୧ ରନର ଭାଗୀଦାରି ସ୍ଥାପନ କରି ଏହି ଦୁଇ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ଆଇପିଏଲ୍‌ର ୩୮ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ବୃହତ୍ ବିଜୟ ପ୍ରଦାନ କରିଛନ୍ତି। ୫ ଓଭର ବାକିଥାଇ ହାଇଦ୍ରାବାଦ ୯ ଉଇକେଟରେ ଅତି ସହଜରେ ବିଜୟ ହାସଲ କରି ନେଇଥିଲା। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ହାଇଦ୍ରାବାଦ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କୋଲକାତା ୮ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୧୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୬୧ ରନ କରି ବିଜୟୀ ହୋଇଥିଲା। ୩୩ ରନ ବ୍ୟୟ କରି ଟପ୍ ଅର୍ଡରର ୩ ଉଇକେଟ ଅକ୍ତିଆର କରିଥିବା ୨୧ ବର୍ଷୀୟ ହାଇଦ୍ରାବାଦ ଦ୍ରୁତ ବୋଲର ଖଲିଲ ଅହମ୍ମଦ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହ ୯ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ହାଇଦ୍ରାବାଦ ଗୋଟିଏ ସ୍ଥାନ ଉପରକୁ ଉଠି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଏଥି ସହ କୋଲକାତା କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ଚତୁର୍ଥଥର ପାଇଁ ବେୟାରଷ୍ଟୋ ଓ ୱାର୍ନର ଯୋଡି ଦମ୍‌ଦାର ବ୍ୟାଟିଂକରି ଚଳିତ ସେସନରେ ହାଇଦ୍ରାବାଦକୁ ଜିତାଇଛନ୍ତି। ପୂର୍ବରୁ ଏହି ଓପନିଂ ଯୋଡି ହାଇଦ୍ରାବାଦକୁ ରାଜସ୍ଥାନ, ବାଙ୍ଗାଲୋର ଓ ଦିଲ୍ଲୀ ବିପକ୍ଷରେ ବିଜୟୀ କରାଇଥିଲେ। କୋଲକାତା ଫିଲ୍ଡର ଏକାଧିକ କ୍ୟାଚ୍ ହାତଛଡ଼ା କରିଥିଲେ।

୧୬୦ ରନ ଆଭରେଜ୍ ଟାର୍ଗେଟର ପିଛା କରିଥିବା ହାଇଦ୍ରାବାଦ ତରଫରୁ ୱାର୍ନର ଓ ବେୟାରଷ୍ଟୋ ଓପନିଂ ଯୋଡିରେ ୭୪ଟି ବଲର ସମ୍ମୁଖୀନ ହୋଇ ୧୩୧ ରନ କରି ଦଳର ବିଜୟକୁ ସହଜ କରିଥିଲେ। ୩୮ଟି ବଲ ଖେଳି ୱାର୍ନର ୩ ଚୌକା ଓ ୫ ଛକା ସହ ୬୭ ରନ କରି ଯାରା ପୃଥ୍ୱୀରାଜଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଜନୀ ବେୟାରଷ୍ଟୋ ୪୩ଟି ବଲ୍ ଖେଳି ୭ ଚୌକା ଓ ୪ ଛକା ସହ ଦ୍ରୁତ ୮୦ ରନ କରି ଅପରାଜିତ ରହି ଦଳ ବିଜୟରେ ମୁଣ୍ଡି ମାରିଥିଲେ। ଅଧିନାୟକ କେନ୍ ୱିଲିୟମସନ ୮ ରନ କରି ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍‌ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର କ୍ରିସ୍ ଲିନ୍ ସର୍ବାଧିକ ୫୧ (୪୭ ବଲ, ୪ ଚୌକା, ୧ ଛକା)ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଙ୍କୁ ସିଂ ୩୦ (୨୫ ବଲ, ୧ ଚୌକା, ୨ ଛକା), ସୁନୀଲ ନାରିନ ୨୫ (୮ ବଲ, ୩ ଚୌକା, ୨ ଛକା)ରନ କରି ଆଉଟ ହୋଇଥିଲେ। ଆନ୍ଦ୍ରେ ରସେଲ ଫେଲ୍ ମାରିଥିଲେ। ସେ ମାତ୍ର ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ନୀତୀଶ ରାଣା ୧୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଇନ୍‌ଫର୍ମ ବ୍ୟାଟ୍ସମ୍ୟାନମାନେ ଫେଲ୍ ମାରିବା ଫଳରେ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଶୁବମନ ଗିଲ ୩, ଅଧିନାୟକ ଦୀନେଶ କାର୍ତ୍ତିକ ୬, ପୀୟୁଷ ଚାଓ୍ୱଲା ୪ ରନ କରି ଆଉଟ ହୋଇଥିଲେ। କେ.ସି. କାରିଆପ୍ପା ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଅହମ୍ମଦ ୩, ଭୁବନେଶ୍ୱର କୁମାର ୨, ସନ୍ଦୀପ ଶର୍ମା ଓ ରସିଦ୍ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଦୁଇ ଅର୍ଦ୍ଧଶତକ ହାସଲକାରୀ ଡେଭିଡ୍ ୱାର୍ନର ଓ ଜନି ବେୟାରଷ୍ଟୋ ।

### ସଂକ୍ଷିପ୍ତ ସ୍କୋର

- କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୫୯/୪ (ଲିନ୍- ୫୧, ରିଙ୍କୁ ସିଂ- ୩୦, ନାରିନ-୨୫, ରସେଲ- ୧୫, ଅହମ୍ମଦ- ୩/୩୩, ଭୁବନେଶ୍ୱର- ୨/୩୫, ସନ୍ଦୀପ- ୧/୩୭, ରସିଦ- ୧/୨୩ )।
- ସନ୍‌ରାଇଜର୍ସ ହାଇଦ୍ରାବାଦ ୧୫ ଓଭରରେ ୧୬୧/୧ (ବେୟାରଷ୍ଟୋ- ୮୦*, ୱାର୍ନର- ୬୭, ପୃଥ୍ୱୀରାଜ- ୧/୨୯)।

### ଇଂଲଣ୍ଡ ସିରିଜ୍‌ରୁ ବାଦ୍ ପଡ଼ିଲେ ସଦାବ

**ଲାହୋର,୨୧।୪(ପିଟି)**

ପାକିସ୍ତାନର ଉଦୀୟମାନ ଲେଗ ସ୍ପିନର ସଦାବ ଖାଁ ଆଗାମୀ ମାସରେ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ସିରିଜ୍‌ରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ସେ ଏବେ ଜ୍ୱରରେ ଆକ୍ରାନ୍ତ। ଏଥିଯୋଗୁ ଇଂଲଣ୍ଡ ସିରିଜ୍ ପରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍‌ରେ ତାଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ୨୦ ବର୍ଷୀୟ ସ୍ପିନର ପାକିସ୍ତାନ ଦଳର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଇଂଲଣ୍ଡରେ ତାଙ୍କର ଉପଚାର କରାଯିବ ବୋଲି ପିସିବି ପକ୍ଷରୁ କୁହାଯାଇଛି। ସଦାବଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ୪ ସପ୍ତାହ ବିଶ୍ରାମ ଦରକାର ଥିବା ଡାକ୍ତର କହିଛନ୍ତି। ଏଣୁ ସେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଓ ଗୋଟିଏ ଟି୨୦ ମ୍ୟାଚ୍‌ରେ ଖେଳିପାରିବେ ନାହିଁ।



ଶିଖର ଧାଓ୍ୱନଙ୍କ ପୁଅ ଜୋରଭର (ବାମ) ଓ ରିକି ପଣ୍ଟିଂଙ୍କ ୩ ସନ୍ତାନଙ୍କ ସହ ଦିଲ୍ଲୀ କ୍ୟାପିଟାଲ୍ସର ପୃଥ୍ୱୀ ଶ' ଏକ ବିଶେଷ ମୁହୂର୍ତ୍ତରେ ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୧୨ | ୦.୧୬୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ | ୦.୭୩୭ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | -୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୪୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୨ | ୭ | ୪ | -୦.୯୩୮ |

# ଅଶ୍ୱିନଙ୍କୁ ଜରିମାନା

**ନୂଆଦିଲ୍ଲୀ,୨୧।୪(ପିଟି)**

ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଧୀମା ବୋଲିଂ ହାର ଲାଗି ତାଙ୍କୁ ଦଣ୍ଡିତ କରାଯାଇଛି। ଏ ନେଇ ଆଇପିଏଲ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଚଳିତ ସଂସ୍କରଣର ୪ର୍ଥ ଅଧିନାୟକ ଭାବେ ଅଶ୍ୱିନ ଧୀମା ବୋଲିଂ ପାଇଁ ଦଣ୍ଡିତ ହୋଇଛନ୍ତି। ତାଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିରାଟ କୋହଲି ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେ ଏହି ତ୍ରୁଟି କରିଥିଲେ। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବକୁ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ୫ ଉଇକେଟରେ ପରାସ୍ତ କରିଥିଲା।

# ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ

**ନୂଆଦିଲ୍ଲୀ, ୨୧।୪ (ପି.ଟି.)**

ଆଇପିଏଲ୍‌ର ୩୭ ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୨ଟି ବଲ ବାକିଥାଇ ୫ ଉଇକେଟରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରିଛି। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ୭ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୬୬ ରନ କରି ବିଜୟୀ ହୋଇଛି।

୧୬୪ ରନ ଟାର୍ଗେଟର ପିଛା କରିଥିବା ଦିଲ୍ଲୀ ତରଫରୁ ଅଧିନାୟକ ଶ୍ରେୟାସ ଆୟର ୪୯ ବଲର ୫ ଚୌକା ଓ ୧ ଛକା ସହ ୫୮ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଶିଖର ଧାଓ୍ୱନ ୪୧ ବଲରୁ ୭ ଚୌକା ଓ ୧ ଛକା ସହ ୫୬, ପୃଥ୍ୱୀ ଶ ୧୩, କଲିନ୍ ଇନ୍‌ଗ୍ରାମ ୧୯, ରିଷଭ ପନ୍ତ ୬ କରି ଆଉଟ ହୋଇଥିବା ବେଳେ ଶେରଫାନ ରଦରଫୋର୍ଡ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ହାର୍ଡୁସ ଭିଲଜୋଏନ ୨ ଓ ମହମ୍ମଦ ସାମି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଲୋକେଶ ରାହୁଲଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରାହୁଲ ୧୨ ରନ କରି ଆଉଟ ହେବା ପରେ ମୟଙ୍କ ଅଗ୍ରୱାଲ ୨ ରନ କରି ନିରାଶ କରିଥିଲେ। କ୍ରିସ୍ ଗେଲ ଓ ମନଦୀପ ସିଂଙ୍କୁ ବାଦ ଦେଲେ ଅନ୍ୟମାନେ ସଫଳ ହୋଇ ନ ଥିଲେ। ଗେଲ୍ ୩୭ ବଲରୁ ୬ ଚୌକା ଓ ୫ ଛକା ସହ ୬୯ ରନ, ଡେଭିଡ ମିଲର ୭, ସାମ କୁରାନ ବିନା ସ୍କୋରରେ ଆଉଟ ହୋଇଥିଲେ। ମନଦୀପ ସିଂ ୨୭ ବଲରୁ ୩୦ ରନ କରିଥିଲେ। ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ୧୬ ରନ କରି ଆଉଟ ହୋଇଥିଲେ। ହରପ୍ରୀତ ବ୍ରାର ୨୦ ଓ ହାର୍ଡୁସ ଭିଜୋଲିନ୍ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଲାମିଚେନ୍ ୩, ରାବାଡ଼ା ଓ ଅକ୍ଷର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୬୩/୬ (ଗେଲ୍- ୬୯, ମନଦୀପ- ୩୦, ହରପ୍ରୀତ- ୨୦*, ଲାମିଚେନ- ୩/ ୪୦, ରାବାଡ଼ା- ୨/୨୩)।
- ଦିଲ୍ଲୀ କ୍ୟାପିଟାଲ୍ସ ୧୯.୪ ଓଭରରେ ୧୬୬/୫ (ଆୟାର- ୫୮*, ଧାଓ୍ୱନ- ୫୬, ଭିଲଜୋଏନ- ୨/୩୯)।

ଆଇସିସି ବିଶ୍ୱକପ୍
ଆଉ ୩୭ ଦିନ

# ଟର୍ନର, ଗିଲମୋର ସଫଳ ବ୍ୟାଟ୍ସମ୍ୟାନ, ବୋଲର

୧୯୭୫ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଟର୍ନର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେହିପରି ବୋଲିଂରେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର ସଫଳ ବୋଲର ଭାବେ ସାବ୍ୟସ୍ତ ହୋଇଥିଲେ। ଉଇକେଟକିପିଂରେ ଅଷ୍ଟ୍ରେଲିଆର ରୋଡ ମାର୍ଶ ଓ ଫିଲ୍ଡିଂରେ ୱେଷ୍ଟଇଣ୍ଡିଜ୍‌ର କ୍ଲାଇଭ ଲୟଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଟୁର୍ନାମେଣ୍ଟରେ ଇଂଲଣ୍ଡ ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର କରିବାର ରେକର୍ଡ ମଧ୍ୟ ହାସଲ କରିଥିଲା।

ବ୍ୟାଟିଂରେ ଗ୍ଲେନ ଟର୍ନର ୪ଟି ମ୍ୟାଚ୍ ଖେଳି୩ଟି ଇନିଂସରେ ୬୮.୫୧ ଷ୍ଟ୍ରାଇକ୍ ରେଟ୍‌ରେ ଓ ୧୬୬.୫୦ ରନ ହାରରେ ୩୩୩ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ଅପରାଜିତ ୧୭୧। ଟୁର୍ନାମେଣ୍ଟରେ ସେ ୨ଟି ଶତକ ସହ ୩୩ଟି ଚୌକା ଓ ୨ଟି ଛକା ମାରିଥିଲେ। ସେହିପରି ଇଂଲଣ୍ଡର ଡେନିସ୍ ଏମିସ୍ ୪ଟି ମ୍ୟାଚ୍ ଖେଳି ୪ଟି ଇନିଂସରେ ୮୪.୩୭ ଷ୍ଟ୍ରାଇକ୍‌ରେଟ୍‌ରେ ଓ ୧୩୭ ରନ ହାରରେ ୨୪୩ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ସେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ୧୩୭ ତାଙ୍କର ଉଚ୍ଚତମ ବ୍ୟକ୍ତିଗତ ସ୍କୋର ଥିଲା। ସେ ୨୮ଟି ଚୌକା ମାରିଥିଲେ। ଟୁର୍ନାମେଣ୍ଟରେ ବ୍ୟାଟିଂରେ ପାକିସ୍ତାନର ମାଜିଦ୍ ଖାଁ ତୃତୀୟ ସଫଳତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେ ୩ଟି ମ୍ୟାଚ୍ ଖେଳି ୩ଟି ଇନିଂସରୁ ୬୯.୬୬ ରନ ହାରରେ ୨୦୯ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ଥିଲା ୭୫.୪୫ ଓ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୮୪। ସେ ୩ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ ଓ ଟୁର୍ନାମେଣ୍ଟରେ ୨୬ଟି ଚୌକା ଓ ୧ ଛକା ମାରିଥିଲେ। ସେହିପରି ଇଂଲଣ୍ଡର କେଇଥ୍ ଫ୍ଲେଚର ଓ ଅଷ୍ଟ୍ରେଲିଆର ଆଲାନ ଟର୍ନର ଟୁର୍ନାମେଣ୍ଟରେ ଯଥାକ୍ରମେ ୨୦୭ ଓ ୨୦୧ ରନ ସଂଗ୍ରହ କରି ତାଲିକାର ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଟର୍ନର ଓ ଅମିସ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଫ୍ଲେଚର ୧୩୧ ରନ କରି ତୃତୀୟ, ଟର୍ନର ଅପରାଜିତ ୧୧୪ ରନ କରି ଚତୁର୍ଥ ଓ କ୍ଲାଇଭ୍ ଲଏଡ ୧୦୨ ରନ ସଂଗ୍ରହ କରି ପଞ୍ଚମ ସ୍ଥାନରେ ରହିଛନ୍ତି।


ସର୍ବାଧିକ ଦଳୀୟ ସ୍କୋର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଂଲଣ୍ଡ ସର୍ବାଗ୍ରେ ରହିବ। ଭାରତ ବିପକ୍ଷରେ ଇଂଲଣ୍ଡ ୪ ଉଇକେଟ ହରାଇ ସର୍ବାଧିକ ୩୩୪ ରନ ସଂଗ୍ରହ କରିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷରେ ୬ ଉଇକେଟ ହରାଇ ୩୩୦ ରନ କରି ଦ୍ୱିତୀୟ, ଅଷ୍ଟ୍ରେଲିଆ ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟ ହରାଇ ୩୨୮ ରନ କରି ତାଲିକାର ତୃତୀୟ, ନ୍ୟୁଜିଲାଣ୍ଡ ଇଷ୍ଟ ଆଫ୍ରିକା ବିପକ୍ଷରେ ୫ ଉଇକେଟ ହରାଇ ୫ ଉଇକେଟ ହରାଇ ୩୦୯ ରନ କରି ଚତୁର୍ଥ ସ୍ଥାନରେ ରହିଥିଲା। ଏହିକ୍ରମରେ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ପଛକୁ ପଛ ରହିବେ।

ପାର୍ଟନରଶିପ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲୀୟ ଓପନିଂ ଯୋଡି ରିକ୍ ମୋମୋସ୍କର ଓ ଆଲାନ ଟର୍ନର ଶ୍ରୀଲଙ୍କା ବିପକ୍ଷରେ ୧୮୨ ରନ କରି ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ଇଂଲଣ୍ଡର ଡେନିସ ଆମିଶ ଓ କେଇଥ୍ ଫ୍ଲେଚର ଭାରତ ବିପକ୍ଷରେ ଦ୍ୱିତୀୟ ଉଇକେଟ ଯୋଡିରେ ୧୭୬ ରନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ନ୍ୟୁଜିଲାଣ୍ଡର ଗ୍ଲେନ୍ ଟର୍ନର ଓ ଜନ୍ ପାର୍କର ତୃତୀୟ ଉଇକେଟ ଯୋଡିରେ ୧୪୯ ରନ କରି ତୃତୀୟ ସ୍ଥାନରେ ରହିଥିଲେ।

ବୋଲିଂରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଗିଲମୋର ୨ଟି ମ୍ୟାଚ୍ ଖେଳି ୫.୬୩ ରନ ହାରରେ ସର୍ବାଧିକ ୧୧ଟି ଉଇକେଟ ହାସଲ କରିଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ବର୍ନାଡ ଜୁଲିଏନ୍ ୫ଟି ମ୍ୟାଚ୍ ଖେଳି ୧୭.୭୦ ରନ ହାରରେ ୧୦ଟି ଉଇକେଟ ହାସଲ କରି ଦ୍ୱିତୀୟ, ୱେଷ୍ଟଇଣ୍ଡିଜ୍‌ର କେଇଥ୍ ବୋଏସ ୫ଟି ମ୍ୟାଚ୍ ଖେଳି ୧୮.୫୦ ରନ ହାରରେ ୧୦ଟି ଉଇକେଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ବୋଲିଂ ଫିଗରରେ ଗିଲମୋର ପ୍ରଥମ ସ୍ଥାନରେ ରହିଥିଲେ। ସେ ଇଂଲଣ୍ଡ ବିପକ୍ଷରେ ୧୨ ଓଭର ବୋଲିଂ କରି ୧୪ ରନ ଦେଇ ୬ ଉଇକେଟ ହାସଲ କରିଥିଲେ। ସେହିପରି ଅଷ୍ଟ୍ରେଲିଆର ଡେନିସ ଲିଲି ପାକିସ୍ତାନ ବିପକ୍ଷରେ ୧୨ ଓଭର ବୋଲିଂ କରି ୫/୪୮, ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର ୧୨ ଓଭର ବୋଲିଂ କରି ୫/୪୮ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଏହିକ୍ରମରେ ଇଂଲଣ୍ଡର ଜନ୍ ସ୍ନୋ ୪/୧୧ ଓ ୱେଷ୍ଟଇଣ୍ଡିଜ ବର୍ନାଡ ଜୁଲିଏନ୍ ୪/୨୦ ବୋଲିଂ ଫିଗର ସହ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟକିପିଂରେ ଅଷ୍ଟ୍ରେଲିଆର ରୋଡ ମାର୍ଶ ୫ଟି ମ୍ୟାଚ୍ ଖେଳି ୯ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ସହ ମୋଟ ୧୦ଟି ଡିସ୍‌ମିଶାଲ କରିଥିଲେ ଓ ଶ୍ରେଷ୍ଠ ଉଇକେଟକିପର ସାବ୍ୟସ୍ତ ହୋଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍‌ର ଡେରିକ୍ ମୁରେ ୫ଟି ମ୍ୟାଚ୍ ଖେଳି ୯ଟି କ୍ୟାଚ୍ ନେଇ ତାଲିକାର ଦ୍ୱିତୀୟ, ପାକିସ୍ତାନ ୱସିମ ବାରି ୩ଟି ମ୍ୟାଚ୍ ଖେଳି ୬ଟି କ୍ୟାଚ୍ ନେଇ ତୃତୀୟ, ନ୍ୟୁଜିଲାଣ୍ଡର କେନ୍ ୱାଡ୍ସୱର୍ଥ ୩ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ସହ ୪ଟି ଡିସ୍‌ମିସାଲ ସହ ଚତୁର୍ଥ, ଭାରତର ଫାରୁକ ଇଞ୍ଜିନିୟର ୩ଟି ମ୍ୟାଚ୍ ଖେଳି ୨ଟି କ୍ୟାଚ୍ ନେବା ସହ ପଞ୍ଚମ ସ୍ଥାନରେ ରହିଥିଲେ।

### ୧୯୭୫ ବିଶ୍ୱକପ୍



ଗ୍ଲେନ୍ ଟର୍ନର



ଗ୍ୟାରୀ ଗିଲମୋର

# କେନ୍ଦ୍ରାପଡ଼ା ଜିଲାରେ ବଢୁଛି ନିର୍ବାଚନୀ ଅସହିଷ୍ଣୁତା

**କେନ୍ଦ୍ରାପଡା ଅଫିସ, ୨୧।୪**

କେନ୍ଦ୍ରାପଡ଼ା ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ତଥା ଆସନ୍ତା ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଚାର ପାଇଁ ପ୍ରାର୍ଥୀଙ୍କ ହାତରେ କେବଳ ଅଳ୍ପ କେତୋଟି ଦିନ ବାକି ରହିଲା। ଭୋଟ ଗ୍ରହଣର ୩୬ ଘଣ୍ଟା ପୂର୍ବରୁ ପ୍ରଚାର କାର୍ଯ୍ୟ ବନ୍ଦ ରହିବ । ଏଥିପାଇଁ ପ୍ରାର୍ଥୀମାନେ ପ୍ରଚାରକାର୍ଯ୍ୟ ଜୋର୍‌ଦାର କରିଛନ୍ତି। ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ପରି ଷ୍ଟାର ପ୍ରଚାରକ ଜିଲାର ବିଭିନ୍ନ ସ୍ଥାନକୁ ଗସ୍ତ କରି ଦଳୀୟ କାର୍ଯ୍ୟକୁ ଆଗେଇ ନେଉଛନ୍ତି । ତେବେ ଜିଲାର କେତେକ ଅଞ୍ଚଳରେ ପ୍ରାର୍ଥୀ ଓ ସମର୍ଥକଙ୍କ ମଧ୍ୟରେ ଅସହିଷ୍ଣୁତା ବୃଦ୍ଧି ପାଇବାରେ ଲାଗିଛି । ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନଠାରୁ ଦୂରେଇ ଯାଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବା ପାଇଁ ହିଂସାତ୍ମକ ପନ୍ଥା ଆପଣାଇ ନେଉଛନ୍ତି। ପୋଷ୍ଟର ଚିରାଠୁ ଆରମ୍ଭ କରି ପ୍ରାର୍ଥୀଙ୍କ ସମର୍ଥକମାନେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଫଳରେ ଏହା ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ସହ ଅବାଧ ନିର୍ବାଚନ ପରିଚାଳନାରେ ବାଧା ସୃଷ୍ଟି କରୁଛି। ଡେରାବିଶ ବ୍ଲକ ସଦର ଥାନା ଅନ୍ତର୍ଗତ ତିଳୋତ୍ତମାଦେଈପୁର ଓ ରାଜକନିକା ଥାନା ମହୁ ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ଏଠାରେ ରାଜନୈତିକ ଆକ୍ରୋଶ ଶୀକାର ହୋଇଥିବା ବ୍ୟକ୍ତିମାନେ ଇତିମଧ୍ୟରେ ଥାନାରେ ଅଭିଯୋଗ କରିଛନ୍ତି। ଆଜି ଥାନାରେ ଏଭଳି ଏକ ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ପ୍ରାର୍ଥୀଙ୍କ ଅଭିଯୋଗ ପରେ ଉତ୍ତେଜନାପ୍ରବଣ ବୁଥ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଥଗୁଡିକରେ ସିସିଟିଭି ଓ ଆର୍ମଡ ପୋଲିସ ଫୋର୍ସ ମୁତୟନ ପାଇଁ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଆବେଦନ କରୁଛନ୍ତି।

ଏନେଇ ରାଜନୈତିକ ସମୀକ୍ଷକ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କୁହନ୍ତି ଯେ, ନିର୍ବାଚନ ଅବାଧ ଓ ନିରପେକ୍ଷ ହେବା ଆବଶ୍ୟକ । ତେବେ ପ୍ରାର୍ଥୀମାନେ ଜିତିବା ପାଇଁ ସମର୍ଥକଙ୍କ ପଛରେ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି । ଫଳରେ ଅପରପକ୍ଷ ପ୍ରାର୍ଥୀ ବା ପ୍ରତିଦ୍ୱନ୍ଦ୍ୱୀ ଅସହିଷ୍ଣୁତା ପ୍ରକାଶ କରି ହିଂସାତ୍ମକ ପନ୍ଥା ଆପଣେଇ ନେଉଛନ୍ତି। ପୋଷ୍ଟର ଚିରିବା, ଗୋଟିଏ ଗାଁ ମଧ୍ୟରେ କଳି ଲଗାଇବା ଦ୍ୱାରା ଗାଁ ମଧ୍ୟରେ ଭାଇଚାରା ନଷ୍ଟ ହେଉଛି । ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି ଯେ, ପ୍ରାର୍ଥୀମାନେ ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛନ୍ତି । ସାମାଜିକ ବିକାଶ ଓ ସୁରକ୍ଷାକୁ ନେତୃତ୍ୱ ଦେବାକୁ ଆଗେଇ ଆସିଥିବା ପ୍ରାର୍ଥୀ ଏବେ ସାଧାରଣ ଜନତାଙ୍କ ଉନ୍ନତିକୁ ଭୁଲିଯାଇଛନ୍ତି। ଥରେ ଲୋକମତ ସପକ୍ଷରେ ଗଲେ ୫ ବର୍ଷ ଧରି ନିରଙ୍କୁଶ ଭାବେ ଶାସନ କରି ପାରିବେ ବୋଲି କେତେଜଣ ପ୍ରାର୍ଥୀ ଭାବୁଛନ୍ତି। କୌଣସିମତେ ନିର୍ବାଚନ ବୈତରଣୀ ପାରହେବା ପାଇଁ ସେମାନେ କଳ, ବଳ ଓ କୌଶଳ ସବୁ ପ୍ରୟୋଗ କରୁଛନ୍ତି । ହିଂସାତ୍ମକ କାର୍ଯ୍ୟକୁ ରୋକିବା ଅପେକ୍ଷା ପରୋକ୍ଷରେ ଇନ୍ଧନ ଯୋଗାଇ ପ୍ରତିପକ୍ଷଙ୍କୁ ହରାଇବା ପାଇଁ ଯୋଜନା ଚଳାଇଛନ୍ତି। ସେହିପରି ଆଇନଜୀବୀ ରମଣୀରଞ୍ଜନ ରାଉତରାୟ କୁହନ୍ତି, ନିର୍ବାଚନ ଏବେ ଦଳୀୟ ଓ ବ୍ୟକ୍ତିସର୍ବସ୍ୱ ହୋଇଯାଇଛି। ଅଞ୍ଚଳର ବିକାଶଧାରାରେ ସାମିଲ ହେବାକୁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା କମି ଯାଇଛି। କୌଣସି ପ୍ରକାର ନିର୍ବାଚନ ଫଳାଫଳକୁ ହାତ ମୁଠାରେ ରଖିବା ପାଇଁ ଏପରି ହୀନ କାର୍ଯ୍ୟକୁ ପ୍ରୋତ୍ସାହିତ କରାଯାଉଛି । ଏହା ଦ୍ୱାରା ସମାଜର ମଙ୍ଗଳ ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# କର୍ମଭୂମିରେ ବେଦ ପ୍ରକାଶଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ପାଟକୁରା,୨୧।୪(ଡି.ଏନ୍.ଏ.)**

ବର୍ଷିଆନ୍ ନେତା ତଥା ଚଳିତ ନିର୍ବାଚନରେ ପାଟକୁରାରୁ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କୁ ତାଙ୍କ କର୍ମଭୂମିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡିରେ ନିଆଯାଇଥିଲା। ବିଳମ୍ବିତ ରାତିରେ ଏହି ଗାଡି ପାଟକୁରା ହାଟ ପଡିଆରେ ପହଞ୍ଚ ଥିଲା। ଏହି ସମୟରେ ହନୁମାନ ଛକ ଠାରୁ ହାଟପଡିଆ ପର୍ଯ୍ୟନ୍ତ ବହୁ ବିଜେଡି କର୍ମୀ ହାତରେ ମହମବତି ଧରି ଏକ ଶୋଭାଯାତ୍ରା କରିଥିଲେ। ସେଠାରୁ ସ୍ୱର୍ଗତ ଅଗ୍ରୱାଲଙ୍କ ମରଶରୀରକୁ ଶୋଭଯାତ୍ରାରେ ଦଳୀୟ ନିର୍ବାଚନ କାର୍ଯ୍ୟାଳୟକୁ ନିଆଯାଇ ରଖାଯାଇଥିଲା। ପାଟକୁରା ଥାନା ଅଧିକାରୀ ସୁଜିତ୍ କୁମାର ପ୍ରଧାନ ସ୍ୱର୍ଗତ ନେତାଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ସ୍ୱର୍ଗତ ଅଗ୍ରୱାଲଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଗଲାବେଳେ ପାଟକୁରା ମେଡିକାଲର କର୍ମଚାରୀ, ସରପଞ୍ଚ ସୂର୍ଯ୍ୟମଣି ସେଠୀ, ସମିତିସଭ୍ୟା ମମତା ମଲିକଙ୍କ ସମେତ ପାଟକୁରା ମୁସଲିମ୍ ବସ୍ତିର ଶେଖ୍ ଫଜୁଲ୍ ହକ୍, ଶେଖ୍ ମନ ଓ ଶେଖ୍ କଇମ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଜଗଦଳପୁର, ଯମୁନାବାଦ ଗଡା, କଳାବୁଦା ବାରୁଣୀ ଛକ, କୋରୁଆ ଛକ ଓ ମାହାଳ ମନ୍ଦିର ନିକଟରେ ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସେ ହିଁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ନାବାଳିକା ଅପହରଣ ମାମଲା, ଯୁବକ କୋର୍ଟଚାଲାଣ

ରସୁଲପୁର,୨୧।୪(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଫାଣ୍ଡି ଅଧୀନସ୍ଥ ମହେଶ୍ୱରପୁର ପଞ୍ଚାୟତରୁ ଜଣେ ନାବାଳିକା ଅପହରଣ ମାମଲାରେ ଦେଢ ମାସ ପରେ ବ୍ରହ୍ମବରଦା ଅଞ୍ଚଳରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣକ ହେଲେ ସେହି ଗ୍ରାମର ଉତ୍ତମ ଦାସ(୨୦)। ମାର୍ଚ୍ଚରେ ମହେଶ୍ୱରପୁର ଗ୍ରାମରୁ ଜଣେ ଯୁବକ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ଅପହରଣକାରୀଙ୍କ ସହ ସେହି ଅଞ୍ଚଳର କେତେଜଣ ଯୁବକ ସାମିଲ ଥିବା ଏତଲାରେ ଉଲ୍ଲେଖ କରାଯାଇଥିଲା। ପୋଲିସ ମୋବାଇଲ ନମ୍ବରକୁ ଯାଞ୍ଚ କରିବା ପରେ ଉକ୍ତ ଘଟଣାରେ ଉତ୍ତମଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଥିଲା । ପୋଲିସ ରବିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଏକ ମାମଲା (ନଂ-୮୯/୧୯) ରୁଜୁ ହୋଇଛି। ଏଯାବତ୍ ପୋଲିସ ଅପହରଣକାରୀ କିମ୍ବା ଅପହୃତାଙ୍କ ଟେର ପାଉନାହିଁ।

### ୯୬ ବୋତଲ ବିଦେଶୀ ମଦ ଜବତ

ଯାଜପୁର ଟାଉନ,୨୧।୪(ଡିଏନଏ): ଯାଜପୁର ଟାଉନ ଥାନା ପୋଲିସ ରବିବାର କିଆନାଳି ନିକଟରୁ ୯୬ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ମଇଦିପୁର ଗ୍ରାମର ଜ୍ଞାନରଞ୍ଜନ ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

### ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଡମି ବ୍ରେଲି ବାଲାଟ୍ ବ୍ୟବସ୍ଥା

ଯାଜପୁରଟାଉନ,୨୧।୪(ଡି.ଏନ୍.ଏ.): ଯାଜପୁର ଜିଲାରେ ଆସନ୍ତା ୨୯ ତାରିଖ ସୋମବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଦୃଷ୍ଟିହୀନ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନେ କିପରି ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସମାନଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଲିଫ୍‌ଲେଟ୍, ପୋଷ୍ଟର, ବ୍ୟାନର, ହୋର୍ଡିଂ ସହ ସେଲ୍‌ଫି ଜୋନ୍ ମଧ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇ ଦିବ୍ୟାଙ୍ଗ ଭୋଟରଙ୍କୁ ମତଦାନ ପାଇଁ ଉତ୍ସାହିତ କରାଯାଉଛି। ଗୁରୁବାର ୨ଟି ଦିବ୍ୟାଙ୍ଗ ରଥ ସମଗ୍ର ଜିଲା ପରିକ୍ରମା କରି ଦିବ୍ୟାଙ୍ଗ ଓ ସାଧାରଣ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି। ଜିଲାରେ ୨୪ ହଜାର ୧୧୯ ଦିବ୍ୟାଙ୍ଗ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ଦୃଷ୍ଟିହୀନ ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୩୨୦୫, ଶ୍ରବଣ ବାଧିତ ଦିବ୍ୟାଙ୍ଗ ସଂଖ୍ୟା ୩୪୭୭, ଅସ୍ଥିଶଲ୍ୟ ଭିନ୍ନକ୍ଷମଙ୍କ ସଂଖ୍ୟା ୮୭୪୦ ଓ ଅନ୍ୟାନ୍ୟ ୮୭୭୩ ଦିବ୍ୟାଙ୍ଗ ଭୋଟର ଅଛନ୍ତି। ଜିଲାର ସମସ୍ତ ୧୬୧୯ଟି ବୁଥ୍‌ରେ ର୍ୟାମ୍ପ, ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ସହ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିବା ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି । ଯାଜପୁର ବ୍ଲକ ୧୫୩, ଦଶରଥପୁର ବ୍ଲକ ୧୯୭, ବିଞ୍ଝାରପୁର ୧୬୦, ବରୀ ୧୩୬, ରସୁଲପୁର ୧୫୩, ଧର୍ମଶାଳା ୧୯୮, ବଡ଼ଚଣା ୨୦୬, କୋରେଇ ୧୩୧, ଦାନଗଦୀ ୧୦୪, ସୁକିନ୍ଦା ୧୧୯, ଯାଜପୁର ପୌରପାଳିକା ୨୯ ଓ ବ୍ୟାସନଗର ପୌରପାଳିକାରେ ୩୩ଟି ଲେଖାଁଏ ହୁଇଲ ଚୈୟାର ପ୍ରଦାନ କରାଯିବ। ଏଥିସହ ଚଳିତ ନିର୍ବାଚନରେ ଦୃଷ୍ଟିହୀନ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଡମି ବ୍ରେଲି ବାଲଟ୍ ପେପରର ବ୍ୟବସ୍ଥା ହୋଇଅଛି। ଏହି ବ୍ରେଲି ବାଲଟ୍ ପେପର ପ୍ରିଜାଇଡିଂ ଅଫିସରଙ୍କ ନିକଟରେ ରହିବ। ବ୍ରେଲି ଅକ୍ଷର ପଢ଼ିଥିବା ବା ଜାଣିଥିବା ଦୃଷ୍ଟିହୀନ ଭୋଟରଙ୍କୁ ଏହା ସହଯୋଗ କରିବ। ସେଥିରେ କ୍ରମିକ ସଂଖ୍ୟା, ପ୍ରାର୍ଥୀଙ୍କ ନାମ ଓ ଚିହ୍ନକୁ ପଢ଼ିବା ପରେ ସମ୍ପୃକ୍ତ ଦୃଷ୍ଟିହୀନ ଦିବ୍ୟାଙ୍ଗ ଭୋଟର ଇଭିଏମ୍ ମାଧମରେ ମତଦାନ କରିପାରିବେ। ଯେଉଁ ଦୃଷ୍ଟିହୀନ ଦିବ୍ୟାଙ୍ଗ ଭୋଟର ବ୍ରେଲି ଅକ୍ଷର ଜାଣିନାହାନ୍ତି ସେମାନେ ଜଣେ ନାବାଳକ ସହାୟତାକାରୀଙ୍କୁ ନେଇ ଭୋଟ୍ ଦାନ କରିପାରିବେ। ପ୍ରକାଶ ଯେ, ଜିଲାରେ ୯୦୨ଟି ବୁଥ୍‌ରେ ୩୨୦୫ ଜଣ ଦୃଷ୍ଟିହୀନ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ୧୦୨୦ଟି ବ୍ରେଲି ବାଲଟ ପେପର ବ୍ୟବସ୍ଥା କରାଯାଇଥିବା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ବିଞ୍ଝାରପୁରରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ସଭା

# 'ଡବଲ ଇଞ୍ଜିନ ସରକାର ବିକାଶ ଆଣିବ'

ବିଞ୍ଝାରପୁର/ସିଂହପୁର
୨୧।୪ (ଡି.ଏନ,ଏ)



- ଭାଜପାରେ ସାମିଲ ହେଲେ କଲ୍ୟାଣପୁରର ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ଓ ସ୍ତ୍ରୀ
- କେନ୍ଦ୍ରମନ୍ତ୍ରୀଙ୍କ ବିଳମ୍ବିତ ଗସ୍ତକୁ ନେଇ କର୍ମୀ ମହଲରେ ନିରାଶା

ସାଧାରଣ ନିର୍ବାଚନ ପାଇଁ ଆଉ ମାତ୍ର କେଇଟା ଦିନ ବାକି ରହିଥିଲାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅପରାହ୍ନରେ ବିଞ୍ଝାରପୁର ଗସ୍ତରେ ଆସିଥିଲେ। ଏ ନେଇ ବିଞ୍ଝାରପୁର ବ୍ଲକ ବାଲମୁକୁଳି ଯଜ୍ଞ ପଡିଆଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ କେନ୍ଦ୍ରମନ୍ତ୍ରୀ ନିଜ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଶାସକ ଦଳର କର୍ମୀମାନେ ବ୍ୟାପକ ହରିଲୁଟ କରିଛନ୍ତି। ଲୋକେ ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଥିଲେ ମଧ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟରେ ଖଣି, ପାଣି, ଚିଟ୍‌ଫଣ୍ଡ ଦୁର୍ନୀତିରେ ଜନତା ଅତିଷ୍ଠ ହୋଇପଡିଲେଣି। ତେଣୁ ଏଥର ରାଜ୍ୟ ସରକାର ବଦଳିବା ଦରକାର ବୋଲି କହିବା ସହିତ ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ହେଲେ ବିଞ୍ଝାରପୁରବାସୀଙ୍କ ଭାଗ୍ୟ ବଦଳିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ଶାସନ୍ଦା ପଞ୍ଚାୟତର ସମିତି ସଭ୍ୟ ତଥା ଭାଜପା ନେତା ରାଣା ପ୍ରତାପ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଲୋକସଭା ଭାଜପା ପ୍ରାର୍ଥୀ ଅମୀୟ ମଲ୍ଲିକ, ବିଞ୍ଝାରପୁର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ, ୪ଟି ଜୋନର ଭାଜପା ସଭାପତି, ଯୁବ ସଂଗଠକ ଆଲେକଜାଣ୍ଡାର ଦାସ, ଭାଜପା ନେତା ଜଗବନ୍ଧୁ ବେହେରା, ସୁରଜଲାଲ ସାମଲ, ପ୍ରଭାତୀ ସାହୁ, ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଲ୍ୟାଣପୁରର ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ସାମଲ ଓରଫ ପୁଣ୍ଟୁ ଓ ତାଙ୍କ ସ୍ତ୍ରୀ ସରପଞ୍ଚ ସୁନୀତା ନାୟକ ନିଜର ଶତାଧିକ ସମର୍ଥକଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଥିଲେ। ମୁକ୍ତିକାନ୍ତ ଓ ସୁନୀତା ଏକ ବିରାଟ ପଟୁଆରରେ କଲ୍ୟାଣପୁର ଗ୍ରାମ ପଞ୍ଚାୟତ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କୁ ଭାଜପା ଟୋପି ଓ ଉପଢୌକନ ପ୍ରଦାନ କରି ଦଳରେ ସାମିଲ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ମୁକ୍ତିକାନ୍ତ, ସୁନୀତାଙ୍କ ବ୍ୟତୀତ ଏହି ସଭାରେ ଫତେପୁରର ପୂର୍ବତନ ନାଏବ ସରପଞ୍ଚ କୁଷଚନ୍ଦ୍ର ସାହୁ ପ୍ରମୁଖ ଭାଜପାରେ ଯୋଗ ଦେଇଥିଲେ। ଏହି ସଭାରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭାଜପା କର୍ମୀ ଯୋଗ ଦେଇଥିଲେ। ତେବେ ବିଳମ୍ବରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତକୁ ନେଇ କର୍ମୀଙ୍କ ମହଲରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୧ଟା ୪୦ରେ ଧର୍ମେନ୍ଦ୍ରଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ଅପରାହ୍ନ ୨ଟା ୪୦ରେ ସେ ପହଞ୍ଚିଥିଲେ। ଯାହାକୁ ନେଇ କର୍ମୀ ମହଲରେ ନିରାଶା ଦେଖିବାକୁ ମିଳିଥିଲା। ଭାଜପାର ଏହି ସାଧାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ ବିଶ୍ୱାଳ, ପୁରୁଷୋତ୍ତମ ବେହେରା, ନିରଞ୍ଜନ ବେଉରିଆ, ମାଧବୀ ଲତା ଦାସ, ଧିରେନ ଦାସ, ସୌଭାଗ୍ୟ ନାୟକ, ପ୍ରମିଳା ବେହେରା, ଅରୁଣଜିତ ରାଉତରାୟ, ଶ୍ରୀକାନ୍ତ ପ୍ରଧାନ ରମାବଲ୍ଲଭ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ

ଯାଜପୁର ଟାଉନ,୨୧।୪(ଡି.ଏନ.ଏ)

ଯାଜପୁରସହର ଅମ୍ବିକାଇସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରାଇମେରି ଏଜୁକେଶନ ପ୍ରୋଗ୍ରାମ ଅଥରିଟୀ (ଓପିଇପିଏ)ର ଡେପୁଟି ଡାଇରେକ୍ଟର ଉଦୟନାଥ ମାଝି, ଯାଜପୁର ବ୍ଲକ ଏଜୁକେଶନ ଅଫିସର ସ୍ମୃତିରେଖା ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ସେଣ୍ଟ ଜାଭିୟର ହାଇସ୍କୁଲର ନିର୍ଦ୍ଦେଶକ ସେହ୍ନଲତା ଦାସ ଅଧ୍ୟକ୍ଷତା କରିଥିବା ବେଳେ ସ୍କୁଲର ଅଧ୍ୟକ୍ଷ ବିଜୟ ମୋହନ ରାୟ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୋହାନା ପରୱିନ୍ ପରିଚାଳନା କରିଥିଲେ।

## ୪ର୍ଥ ବାର୍ଷିକ ଅରୁଣିପ୍ରଭା ସ୍ମାରକୀ ସମାରୋହ

# ସଂସ୍କୃତିର ବିକାଶରେ ସୁନ୍ଦର ସମାଜ ଗଠନ ସମ୍ଭବ

ବିଞ୍ଝାରପୁର/ସିଂହପୁର,
୨୧।୪(ଡି.ଏନ.ଏ)

ସାମାଜିକ କର୍ମୀ ତଥା ସ୍ୱର୍ଗତ ଶିକ୍ଷୟିତ୍ରୀ ଅରୁଣିପ୍ରଭା ସାମଲଙ୍କ ୪ର୍ଥ ବାର୍ଷିକୀ ସ୍ମୃତି ସମାରୋହ ଅବସରରେ ଶନିବାର ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀହରୀ ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଶିଶିର କୁମାର ନାୟକ, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଦାମୋଦର ବେହେରା, ସମ୍ମାନିତ ଅତିଥିଭାବେ ଚତୁର୍ଭୁଜ ସାହୁ, ଅଭୟ କୁମାର ପଣ୍ଡା, ମାନଗୋବିନ୍ଦ ଧଳ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ମହାନ। ଏହି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ। ବିଶ୍ୱବାସୀଙ୍କୁ ଶାନ୍ତି, ମୈତ୍ରୀର ବାର୍ତ୍ତା ଦେଉଥିବା ଉତ୍କଳୀୟ କଳା, ସାହିତ୍ୟ, ପରମ୍ପରା ଓ ସଂସ୍କୃତି କ୍ରମଶଃ ପାଶ୍ଚ୍ୟାତ ସଂସ୍କୃତି ମୁହାଁ ହେଉଛି। କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ କରିପାରିଲେ ଏହା ଏକ ସୁନ୍ଦର ସମାଜ ଗଠନର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅରୁଣିପ୍ରଭା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଅନ୍ୱେଷଣ, ଛାତ୍ର ମେଧାବୃତ୍ତି, ସାଂସ୍କୃତିକ, ସମାଜସେବା କ୍ଷେତ୍ରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମୋଦା ପଟ୍ଟନାୟକ, ସାମାଜିକ କର୍ମୀ ଶିଶିର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମଲ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର, ବରୀ, ବିଞ୍ଝାରପୁର ଆଦି ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ବିଭୂପ୍ରସନ୍ନ ସାମଲ ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ଏହି ଟ୍ରଷ୍ଟ ଚକ୍ଷୁ ଚିକିତ୍ସା ଶିବିର ସହ ବିଭିନ୍ନ ସାମାଜିକ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ଶେଷରେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ସନ୍ଥନ ମହାଯଜ୍ଞ ଉଦ୍‌ଯାପିତ

ରତ୍ନଗିରି,୨୧।୪(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତର ସର୍ବପୁରାତନ ଧର୍ମୀୟ ପୀଠ ସନ୍ଥନଠାରେ ଦୀର୍ଘ ୭ ଦିନ ବ୍ୟାପୀ ଚାଲିଥିବା ସନ୍ଥନ ମହାଯଜ୍ଞ ଶନିବାର ମଧ୍ୟ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ମାନସିକ ଧାରିମାନେ ନିଜର ମାନସିକ ପୂରଣ ପାଇଁ ଗଂଜେଇ ଭୋଗ କରିଥାନ୍ତି। ଏହି ମଠରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ପ୍ରବାଦ ଥିବାରୁ ବହୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥାନ୍ତି। ଧର୍ମୀୟ ଭାବନାରେ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ ଲୋକଙ୍କ ତରଫରୁ ନାମ ସଂକୀର୍ତ୍ତନ, ଖଞ୍ଜଣି ବାଦ୍ୟ ଓ ଭଜନ ସମାରୋହ ହୋଇଥିବା ଦେଖିବାକୁ ମିଳିଛି। ଭକ୍ତଙ୍କ ଆଗମନକୁ ଦେଖି ଏଠାରେ ବହୁ ଦୋକାନ ବଜାର ପଡିଥିଲା। ସୁରକ୍ଷା ନିମନ୍ତେ ବରୀ ପୋଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ବିଜେଡି ପ୍ରାର୍ଥୀ ଅମରଙ୍କ ମାରାଥନ୍ ପ୍ରଚାର

ଚଣ୍ଡିଖୋଲ,୨୧।୪(ଡି.ଏନ.ଏ.)



ପ୍ରଚାରରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସହ ସାମିଲ ହୋଇଥିବା ଦଳୀୟ କର୍ମୀ।

ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଅମର ପ୍ରସାଦ ଶତପଥୀ ଶନିବାର ଚାରିନଙ୍ଗଳ, ନଳୀପୁର ଓ ପତରାଜପୁର ପଞ୍ଚାୟତରେ ମାରାଥନ ପ୍ରଚାର କରିବା ସହ ବିଭିନ୍ନ ସ୍ଥାନରେ ପ୍ରଥପାନ୍ତ ସଭା କରିଛନ୍ତି। ପୂର୍ବତନ ଜିଲାପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଗତ କିଛି ବର୍ଷ ଧରି ସେ ବଡ଼ଚଣା ଅଞ୍ଚଳରେ କରିଥିବା ଉନ୍ନତିମୂଳକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହୋଇଥିବା ବିଭିନ୍ନ ଯୋଜନାରେ ସାଧାରଣ ଲୋକ କିପରି ଉପକୃତ ହୋଇଛନ୍ତି, ସେ ସମ୍ପର୍କରେ ଭୋଟରଙ୍କୁ ବୁଝାଇଥିଲେ। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଜୋନ ସଭାପତି ସେକ୍ ମୋଇନ୍ ଅହମ୍ମଦ, ସୁରେଶ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ଯଦୁମଣି ଦାସ, ଅନନ୍ତ କୁମାର ସିଂ, ସେକ୍ ଜୁମା, ରଣଜିତ ସାମ ପ୍ରମୁଖ ବହୁ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ସେହିଭଳି ଅପରାହ୍ନରେ ଏହି ବ୍ଲକ୍ ଅନ୍ତର୍ଗତ ଶାଳପଡ଼ାଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ସମିଆ ପଞ୍ଚାୟତର ରାଜା ଉଜ୍ଜ୍ୱଳ ନାରାୟଣ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିଧାୟକ ଶତପଥୀଙ୍କ ନେତୃତ୍ୱ ପ୍ରତି ଭରସା କରି ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ସମୟରେ ବିଧାୟକ ଶତପଥୀଙ୍କ ସହ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ଜିଲାପରିଷଦ ସଭ୍ୟ ବିନୋଦିନୀ ସାହୁ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ

ଯାଜପୁରରୋଡ଼,୨୧।୪(ନି.ପ୍ର.)

କୋରେଇ ବିଧାନସଭାର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ବିଶ୍ୱଜିତ ମହାନ୍ତି। ବିଶ୍ୱଜିତ ଶୁକ୍ରବାର ତାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ତାଙ୍କ ପାଖରେ ବାହୁବଳ, ଅର୍ଥବଳ ନାହିଁ। ଲୋକଙ୍କ ସେବା କରିବା ପାଇଁ ନିର୍ବାଚନ ଲଢୁଛନ୍ତି। ନିର୍ବାଚନରେ ହେଉଥିବା ବହୁଳ ଅର୍ଥ କାରବାର ରୋକିବା ପାଇଁ ଦୃଢ ଇଚ୍ଛାଶକ୍ତି ଓ ସ୍ୱାଭିମାନକୁ ନେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଲୋକଙ୍କ ନିକଟକୁ ଯାଇ ସ୍ୱଚ୍ଛ ରାଜନୀତି, ସମାଜବାଦ ଚିନ୍ତାଧାରାକୁ ନେଇ ତାଙ୍କୁ ଭୋଟ ଦେବାପାଇଁ ପ୍ରାର୍ଥନା କରିଛନ୍ତି। ନିର୍ବାଚନରେ ନ ଜିତିଲେ ମଧ୍ୟ ଲୋକଙ୍କ ସେବା କରି ତାଙ୍କର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରତିଜ୍ଞାବଦ୍ଧ ବୋଲି ବିଶ୍ୱଜିତ କହିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ଚଣ୍ଡିଖୋଲ,୨୧।୪(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ଜୟପ୍ରକାଶ ସାହୁଙ୍କ ଘରେ ଶନିବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଘର ଜଳିଯାଇଛି। ଏଥିସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ସମ୍ପତ୍ତି ଉଦ୍ଧାର ହୋଇପାରି ନ ଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ରବିବାର ବିଧାୟକ ଅମର ପ୍ରସାଦ ଶତପଥୀ ଅଗ୍ନି ବିପନ୍ନଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇଥିଲେ। ତାଙ୍କ ସହ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ସମିତିସଭ୍ୟ ବ୍ରହ୍ମାନନ୍ଦ କବି ଓ ଯୁବନେତା ମନୋରଞ୍ଜନ ଜେନା ପ୍ରମୁଖ ବିପନ୍ନ ପରିବାରକୁ ଭେଟିଥିଲେ।

### ଫତେପୁରରେ ବିଜେଡିର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ବିଜେଡି ନେତ୍ରୀ ପ୍ରମିଳା ମଲିକଙ୍କ ସହ ଅନ୍ୟାନ୍ୟ ଅତିଥି।

ବିଞ୍ଝାରପୁର,୨୧।୪(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ଗ୍ରାମପଞ୍ଚାୟତ ବଂଶୀପୁର ପଡ଼ିଆରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ବିଜେଡି ସଭାପତି ନିଧିରାମ ପାତ୍ର ସଭା ସଞ୍ଚାଳନ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ କର୍ମୀଙ୍କୁ ସଂଗଠିତ କରିବା ସହିତ ରାଜ୍ୟ ସରକାର ଗରିବ ଦୁରୀକରଣ ପାଇଁ ପ୍ରଣୟନ କରିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ଭାଜପା ଗାଁ ଗଣ୍ଡାରେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନିର୍ବାଚନ ସମୟରେ ପ୍ରଚାର କରୁଥିବାବେଳେ ବିଜେଡି ଗାଁ ବସ୍ତିର ବିକାଶ ପାଇଁ କାର୍ଯ୍ୟ କରିଛି। ତେଣୁ ଲୋକେ ଏହି ନିର୍ବାଚନରେ ବିଜେଡିକୁ ପୁଣି ବିଜୟୀ କରାଇବାକୁ ପ୍ରମିଳା ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଫତେପୁର ସରପଞ୍ଚ ମମତା ପଲାଇ, ସମିତିସଭ୍ୟ ଖଗେଶ୍ୱର ସାହୁଙ୍କ ସମେତ ଶତାଧିକ ମହିଳା ଓ ବିଜେଡିକର୍ମୀ ଯୋଗ ଦେଇଥିଲେ। ପଞ୍ଚାୟତ ବିଜେଡି ପକ୍ଷରୁ ବାଲମୁକୁଳିଠାରୁ ପ୍ରମିଳା ମଲ୍ଲିକଙ୍କୁ ଏକ ବାଇକ ଶୋଭାଯାତ୍ରାରେ ବଂଶୀପୁର ନିଆଯାଇଥିଲା।

### ବାଇକ୍ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

ରସୁଲପୁର,୨୧।୪(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ହରିପୁର-ମୂଳାପାଳ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନୂଆ ମିର୍ଜାପୁର ଛକ ନିକଟରେ ଶନିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିବାବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଉକ୍ତ ଗ୍ରାମର ରାଜକିଶୋର ମଲିକ(୫୫)। ପ୍ରକାଶ ଯେ, ରାଜକିଶୋର ଏକ ଅଟୋରେ ଘରକୁ ଫେରୁଥିଲେ। ସେ ଗାଁ ଛକ ନିକଟରେ ଅଟୋରୁ ଓହ୍ଲାଇ ରାସ୍ତା ପାର ହେଉଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ନଂ ଓଆର୦୪ଏନ୯୫୯୬) ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ରାଜକିଶୋର ଗୁରୁତର ହୋଇପଡିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ-୧୦୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ମୃତବ୍ୟକ୍ତିଙ୍କ ପରିବାରକୁ ହସ୍ତାନ୍ତର କରିଛି।

# ଭୋଟ୍ ଭିକ୍ଷା କଲେ ସୁନନ୍ଦା



ଘର ଘର ବୁଲି ସୁନନ୍ଦା ଦାସ ଭୋଟ୍ ଭିକ୍ଷା କରୁଛନ୍ତି।

ବରୀ,୨୧।୪(ସ୍ୱ.ପ୍ର.)

ନିର୍ବାଚନକୁ ଆଉ ମାତ୍ର ୮ ଦିନ ବାକି ଥିଲାବେଳେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କୁ ସମର୍ଥନର ସୁଅ ଛୁଟୁଛି। ସୁନନ୍ଦା ରବିବାର ନିଜ ଜନ୍ମ ମାଟି ବରୀ ସମେତ କଳାମାଟିଆ, ଧାରପୁର, ଅନ୍ୟାସୀପୁର ଆଦି ଗ୍ରାମରେ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଏଥିରେ ସୁନନ୍ଦାଙ୍କୁ ସମର୍ଥନ ଜଣାଇ ଧାରପୁର ବିଜେଡି କାର୍ଯ୍ୟାଳୟରେ ଉପେନ୍ଦ୍ର ମଲିକ, କୃଷ୍ଣଚନ୍ଦ୍ର ମଲିକ, ବାଲିଆର ବାଇଧର ମଲିକ, ନିଶିକାନ୍ତ ଜେନା, କରୁଣାକର ମଲିକ, ମଙ୍ଗରାଜପୁର ୧୨ ନଂ. ୱାର୍ଡ ମେମ୍ବରଙ୍କ ସମେତ ୫୦ ଜଣ ଭାଜପା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସୁନନ୍ଦାଙ୍କ ଭୋଟ ଭିକ୍ଷା ଶୈଳୀରେ ଶତାଧିକ ମହିଳା ଆକୃଷ୍ଟ ହୋଇ ପ୍ରଚାର ରେ ସାମିଲ ହୋଇଥିଲେ। ଶ୍ରମିକ, କୃଷକ, କଳାକାର, ସ୍ୱେଚ୍ଛାସେବୀ ସଙ୍ଗଠନ, ବୁଦ୍ଧିଜୀବୀ, ଯୁବକ ଓ ମହିଳା ସଙ୍ଗଠନ ସୁନନ୍ଦାଙ୍କୁ ସମର୍ଥନ କରୁଥିବାବେଳେ ବିଜେଡି ଶିବିରରେ ଉତ୍ସାହ ଉଦ୍ଦୀପନା ଦେଖାଦେଇଛି। ବାଲିଆ ସମିତି ସଭ୍ୟ ପ୍ରଦୀପ ଘଡେଇ, ଜିଲାପରିଷଦ ସଦସ୍ୟ ଆଶୋକ ସାମଲ, ବିଜେଡି ନେତା ଦେବେନ୍ଦ୍ର ଦାସ, ପ୍ରଦୀପ ଦାସ ଓ ନିଳମଣୀ ସାମଲଙ୍କ ନେତୃତ୍ୱରେ ମିଶ୍ରଣ ପ୍ରକ୍ରିୟା ଜାରି ରହିଛି।

# ବୃଦ୍ଧି ପାଉଛି ମତଦାନ ହାର

ଯାଜପୁର ଟାଉନ,୨୧।୪(ଡି.ଏନ.ଏ)

୨୦୦୯ ଓ ୨୦୧୪ ମସିହା ନିର୍ବାଚନକୁ ଅନୁଧ୍ୟାନ କଲେ ଭୋଟରଙ୍କ ମତଦାନ ହାରରେ ବୃଦ୍ଧି ଘଟୁଥିବା ବେଳେ ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ମତଦାନ ହାର ମଧ୍ୟ ବେଶ ଉତ୍ସାହଜନକ ଥିବା ଜଣାପଡ଼ିଛି। ୨୦୦୯ରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ୫୭.୧୩ ଭାଗ ପୁରୁଷ ମତଦାନ କରିଥିବା ବେଳେ ମହିଳାଙ୍କ ମତଦାନ ହାର ୬୪.୧୫ ପ୍ରତିଶତ ରହିଥିଲା। ସେହିପରି ୨୦୧୪ରେ ପୁରୁଷଙ୍କ ମତଦାନ ହାର ୬୨.୮୧ ଓ ମହିଳାଙ୍କ ମତଦାନ ୭୨.୬୧ ପ୍ରତିଶତ ହୋଇଥିଲା। ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପୁରୁଷଙ୍କ ମତଦାନ ୫୭.୧୩, ମହିଳାଙ୍କର ୬୦.୯୭ ଓ ୨୦୧୪ରେ ପୁରୁଷଙ୍କ ମତଦାନ ୬୬.୪୯ ଥିବା ବେଳେ ମହିଳାଙ୍କ ମତଦାନ ୭୩.୯୩ ପ୍ରତିଶତ ଥିଲା। ବଡଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପୁରୁଷଙ୍କର ୬୬.୭୩ ଓ ମହିଳାଙ୍କର ୬୬.୯୦ ଥିଲା। ୨୦୧୪ରେ ପୁରୁଷଙ୍କ ମତଦାନ ୭୪.୪୯ ଥିବାବେଳେ ମହିଳାଙ୍କର ୭୯.୦୪ ଥିଲା। ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପୁରୁଷଙ୍କ ମତଦାନ ୭୫.୩୭ ଥିବାବେଳେ ମହିଳାଙ୍କର ୭୨.୩୦, ୨୦୧୪ରେ ପୁରୁଷଙ୍କ ମତଦାନ ୮୨.୭୬ ଥିବାବେଳେ ମହିଳାଙ୍କ ମତଦାନ ୮୦.୦୭। ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ ମସିହାରେ ପୁରୁଷଙ୍କ ମତଦାନ ୬୨.୪୬ ଥିବାବେଳେ ମହିଳାଙ୍କର ୬୫.୩୨ । ୨୦୧୪ ମସିହାରେ ପୁରୁଷଙ୍କ ମତଦାନ ୭୧.୪୦ଥିବା ବେଳେ ମହିଳାଙ୍କ ମତଦାନ ୭୨.୫୫ ପ୍ରତିଶତ ରହିଥିଲା। କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପୁରୁଷଙ୍କ ମତଦାନ ୬୮.୬୨ ଥିବାବେଳେ ମହିଳାଙ୍କର ୬୫.୨୫, ୨୦୧୪ରେ ପୁରୁଷଙ୍କର ୮୪.୮୮ ଥିବାବେଳେ ମହିଳାଙ୍କର ୬୪.୮୫ ଥିଲା। ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୦୯ରେ ପୁରୁଷଙ୍କ ମତଦାନ ୬୭.୫୪ ଥିବାବେଳେ ମହିଳାଙ୍କର ୬୫.୧୯ ଥିଲା ଓ ୨୦୧୪ରେ ପୁରୁଷଙ୍କର ୯୬.୪୭ ଥିବା ବେଳେ ମହିଳାଙ୍କ ମତଦାନ ୭୦.୫୭ ପ୍ରତିଶତ ଥିଲା। ଜିଲା ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ମତଦାନ ପାଇଁ ଉତ୍ସାହିତ କରାଯାଉଥିବାବେଳେ ଦିବ୍ୟାଙ୍ଗଙ୍କ ପାଇଁ ବହୁ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି। ୨୦୧୯ରେ ଏହି ମତଦାନ ହାର ବୃଦ୍ଧି ପାଇବା ସମ୍ଭାବନା କରାଯାଉଥିବା ବେଳେ ଏହା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ଏବଂ ପ୍ରତ୍ୟେକ ଭୋଟର ନିଜ ବିବେକ ଅନୁଯାୟୀ ଭୋଟ ଦେବାକୁ ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଭୋଟରଙ୍କୁ ନିବେଦନ କରିଛନ୍ତି।

ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ନୂଆ ଓଡ଼ିଶା ପାଇଁ ସଂକଳ୍ପ
ସବୁ ଜିଲ୍ଲାରେ ମେଡିକାଲ କଲେଜ, ବିଏଡ୍ କଲେଜ ଏବଂ ରେଳ ସଂଯୋଗ
କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ମୋଦି ସରକାର
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

ମହିଳାଙ୍କ ପାଇଁ ନବୀନ ଓଡ଼ିଶା
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ▪ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା
- ବିଧବା ଏବଂ ଅସହାୟ ମହିଳାଙ୍କୁ ସାମାଜିକ ସୁରକ୍ଷା ଏବଂ ଦକ୍ଷତା ବୃଦ୍ଧି ପାଇଁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ▪ ମହିଳା ଉଦ୍ୟୋଗୀଙ୍କ ପାଇଁ ସୁଧ ଛାଡ ଯୋଜନା
- 'ମିଶନ ଶକ୍ତି' ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ 'ମିଶନ ଶକ୍ତି ଫେଡେରେସନ'
- ସବୁ ଜିଲ୍ଲା ଏବଂ ପଞ୍ଚାୟତରେ 'ମିଶନ ଶକ୍ତି ଘର'
- 'ମିଶନ ଶକ୍ତି' ମହିଳାଙ୍କୁ ଆର୍ଥିକ ସହାୟତା ପାଇଁ 'ମିଶନ ଶକ୍ତି କର୍ପସ ପାଣ୍ଠି'

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।
ବିଜୁ ଜନତା ଦଳ
ମହିଳା ସଶକ୍ତିକରଣରେ ଅଗ୍ରଣୀ

# ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍ ଆଗରେ ଚାଷୀଙ୍କ ଧାରଣା

**ନୟାଗଡ଼ ଅଫିସ,୨୧।୪**

ପୂର୍ବ ନିଷ୍ପତ୍ତି ଅନୁଯାୟୀ ନୟାଗଡ଼ ଜିଲା ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରବିବାର ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍ ହୋଇଥିବା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସେଠାରୁ ଇଭିଏମ୍ ଓ ଭିଭିପିଏଟି ଯେପରି ବୁଥ୍‌କୁ ଯାଇ ନ ପାରିବ ସେହି ଉଦ୍ଦେଶ୍ୟରେ ଶତାଧିକ ଚାଷୀ ଆନ୍ଦୋଳନ କରିଥିଲେ। ମଧ୍ୟାହ୍ନ ୧୨ଟା ସମୟରେ ସଙ୍ଗଠନର ଏକାଧିକ ଚାଷୀ ଧାରଣାରେ ବସି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଚାଷୀମାନଙ୍କୁ ଯଦି ବୁଥ୍ ମନା ତେବେ ନେତାଙ୍କୁ ଗ୍ରାମ ମନା ବୋଲି କହିଥିଲେ। ପରେ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ୧୨ଟା ୨୦ ମିନିଟ୍ ସମୟରେ ପୋଲିସ ଜୋରଜବରଦସ୍ତ ଚାଷୀମାନଙ୍କୁ ଉଠାଇ ନେଇ ଗାଡ଼ିରେ ଭର୍ତ୍ତି କରିଥିଲା। ପରେ ସମସ୍ତଙ୍କୁ ଗିରଫ କରି ଇଟାମାଟି ଥାନାକୁ ନେଇଥିଲା। ପାଖାପାଖି ୩୦ଜଣ ଚାଷୀଙ୍କୁ ଗିରଫ କରାଯାଇ ପରେ ପିଆର୍ ବଣ୍ଡରେ ଛଡ଼ାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା, ସହ ସଂଯୋଜକ ରଣଜିତ ଦଳବେହେରା, ମମତା ନାଥଙ୍କ ନେତୃତ୍ୱରେ ବହୁ ଚାଷୀ ଧାରଣାରେ ସାମିଲ ହୋଇଥିଲେ।


ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇ ନେଉଛି।

**ପୋଲିସ ଉଠାଇନେଲା**

# କେନ୍ଦ୍ରମନ୍ତ୍ରୀଙ୍କ ନୀଳମାଧବ ମନ୍ଦିର ପରିଦର୍ଶନ

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର)**

କେନ୍ଦ୍ର ସରକାରଙ୍କ ଜଳସମ୍ପଦ ବିଭାଗ ମନ୍ତ୍ରୀ ସୁଶ୍ରୀ ଉମାଭାରତୀ ଶନିବାର ରାତିରେ ପ୍ରାୟ ୧ ଘଣ୍ଟା ଧରି ଶ୍ରୀ ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା କଣ୍ଟିଲୋ ଶ୍ରୀ ନୀଳମାଧବ ମନ୍ଦିର ପରିଦର୍ଶନରେ ଆସିଥିଲେ। ସେ ମନ୍ଦିର ଦର୍ଶନ କରୁଥିବାବେଳେ ନୀଳମାଧବ ପୂଜକ ସମାଜର ପ୍ରତିନିଧି ନୀଳମାଧବ ମିଶ୍ର ଶ୍ରୀ ନୀଳମାଧବଜୀ ଓ ଜଗନ୍ନାଥଙ୍କ ଇତିହାସ ସମ୍ପର୍କରେ ବୁଝାଇଥିଲେ। ଉମାଭାରତୀ ମନ୍ଦିର ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ସେ ପ୍ରଥମେ ପୁରୀ ଯାଇ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ନୀଳମାଧବଙ୍କୁ ଦର୍ଶନ କରିଥିଲେ। ଉମାଭାରତୀଙ୍କ ସହ ତାଙ୍କ ପୁତୁରା(ଭାଇଙ୍କ ପୁଅ) ମଧ୍ୟ ଆସିଥିଲେ। ସେ ସ୍ୱପ୍ନରେ ନୀଳମାଧବ ଜୀଉଙ୍କୁ ଦେଖିଥିବାବେଳେ ପ୍ରଭୁଙ୍କୁ ଦର୍ଶନ କରିବା ଦୀର୍ଘଦିନର ଅଭିଳାଷ ଥିଲା ବୋଲି କହିଥିଲେ।

ADMISSION 2019-21
IIRM Approved by AICTE
PGDM
2 - Years Residential Program
Dual Specializations
Finance | Risk Management
Financial Services | Health Insurance
Insurance | Marketing
Actuarial Science | Analytics | HRM
IIRM - HYDERABAD
(A Joint Initiative of IRDAI and Govt. of Telangana)
81063 60044 / 96527 40909
www.iirmworld.org.in

Your classified advertisement published in Dharitri will be listed free in Dharitri online edition :
www.dharitri.com

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

## ବଳାତ୍କାର ପରେ ହତ୍ୟା ସନ୍ଦେହ

**ନୟାଗଡ଼ ଅଫିସ,୨୧।୪:** ନୟାଗଡ଼ ବ୍ଲକ ପାଣିପୋଇଲା ସାନହମରା ଜଙ୍ଗଲରୁ ରବିବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତା ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ କେହି ତାଙ୍କୁ ବଳାତ୍କାର ପରେ ହତ୍ୟା କରି ଉକ୍ତ ଜଙ୍ଗଲରେ ଫିଙ୍ଗିଦେଇଥିବା ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ସବୁଦିନ ଭଳି ରବିବାର ସକାଳେ ଗ୍ରାମର କିଛି ଲୋକ ଜାଳେଣି ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ମହିଳାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରେ ସେମାନେ ଏ ନେଇ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ମହିଳାଙ୍କୁ କେହି ଦୁର୍ବୃତ୍ତ ବଳାତ୍କାର ପରେ ହତ୍ୟା କରି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ନିଆଁରେ ମହିଳାଙ୍କ ଶରୀରର ୫୦ ପ୍ରତିଶତ ପୋଡିଯାଇଛି। ୨ଦିନ ତଳେ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

TVS
ଘରକୁ ଆଣନ୍ତୁ ସର୍ବୋତ୍ତମ TVS ସ୍କୁଟର
ବିଶେଷ ଅଫର*
କମ ଡାଉନ ପେମେଣ୍ଟ ₹3250/-
ନୋ-କଷ୍ଟ ଇଏମ୍ଆଇ
₹6000/- ପର୍ଯ୍ୟନ୍ତ ସଞ୍ଚୟ
0 ପ୍ରୋସେସିଙ୍ଗ ଚାର୍ଜ
Scooty Pep+ Ex-showroom price ₹41,927
TVS Wego 110 With Body Balance Technology
TVS Jupiter ବେଶୀ ଲାଭ J.D. Power Winner 2018
TVS NTORQ 125 India's first Bluetooth connected scooter
ଫାଇନାନ୍ସ ଅନୁମୋଦନ ନିମନ୍ତେ 15 ମିନିଟ
ଶୋରୁମ୍ ପ୍ରତ୍ୟେକ ରବିବାର ଦିନ ଖୋଲା ରହେ।
Paytm mall Get benefits up to ₹7000/-
₹4000/- ଏକ୍ସଚେଞ୍ଜ ବୋନସ୍
TVS CREDIT | HDFC BANK | IndusInd Bank | IDFC FIRST Bank | SHRIRAM City
* Finance at the sole discretion of the financier. # Terms & Conditions apply. Ex-showroom price in Orissa for Scooty Pep+. Accessories shown in the ad may not be a part of the standard equipment. Offers cannot be clubbed together. For T&C, please visit www.tvsmotor.com.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com
dentsuindia/dha bhu/10/19

## ସଂକ୍ଷେପରେ

### ପଞ୍ଚ ଠାକୁରାଣୀ ଯାତ୍ରା ପାଇଁ ପ୍ରସ୍ତୁତି ଶେଷ

ବୁଗୁଡ଼ା,୨୧।୪(ଡି.ଏନ.ଏ.): ବୁଗୁଡ଼ାରେ ଏପ୍ରିଲ ୨୩ରୁ ମେ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଞ୍ଚ ଠାକୁରାଣୀ ଯାତ୍ରା ସକାଶେ ଇତିମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ରବିବାର ସନ୍ଧ୍ୟାରେ ଯାତ୍ରା ପରିଚାଳନା କମିଟିର ଏକ ବୈଠକ ବଡ଼ଦାଣ୍ଡ ସାହିସ୍ଥିତ ପୂଜା ମଣ୍ଡପରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚ ଠାକୁରାଣୀଙ୍କ ପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆଲୋଚନା କରାଯାଇଥିବା ବେଳେ ୨୩ ତାରିଖରେ ଢୁଙ୍କାପଡ଼ା ମାଉଁଦେଇ, ମା' ବ୍ୟାଘ୍ରଦେବୀ, ମା' ନାରାୟଣୀ, ମା' ମାଳିଝୋଲା ଓ ମା' ବୁଢ଼ୀ ଠାକୁରାଣୀଙ୍କୁ ସସମ୍ମାନେ ଆବାହନ କରି ଅଣାଯିବା, ପୂଜା ସାମଗ୍ରୀର ଦାୟିତ୍ୱ ପ୍ରଦାନ, ସାହି ପରିକ୍ରମା, ଘଟ ଧାରଣ, ଯାତ୍ରାକୁ ଉତ୍ସବ ମୁଖର କରିବା ପାଇଁ ରାମଦୋଳି, ଯାତ୍ରା ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତି, ଆଇନ ଶୃଙ୍ଖଳା ରକ୍ଷା କରିବା ଲାଗି ପୋଲିସ ପ୍ରଶାସନର ପୂର୍ଣ୍ଣ ସହଯୋଗ, କର୍ତ୍ତା ନିର୍ବାଚନ ଆଦି ବିଭିନ୍ନ ଦାୟିତ୍ୱ ବଣ୍ଟନ ବିଷୟରେ ଆଲୋଚନା ସହ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ସମ୍ପାଦକ ସତ୍ୟ ନାରାୟଣ ଦାଶ, ଉପସଭାପତି ମନୋଜ କୁମାର ସାହୁ, ଚିତ୍ରସେନ ପ୍ରଧାନ, କୋଷାଧ୍ୟକ୍ଷ କାଳୀ ଚରଣ ଦାଶ, ଉପଦେଷ୍ଟା ଗଙ୍ଗାଧର ବିଷୋୟୀ, ଅନିଲ ପଟ୍ଟନାୟକ ଓ ପରିଚାଳନା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ ।

### ଶନି ମନ୍ଦିର ନିର୍ମାଣ ପାଇଁ ବୈଠକ



ବେଗୁନିଆପଡା,୨୧।୪(ଡି.ଏନ୍.ଏ.): ବେଗୁନିଆପଡା ବ୍ଲକ ବୁରୁଝରି ପଞ୍ଚାୟତ ବାଲିବଣ ତୋଟାଠାରେ ଅବସ୍ଥିତ ନାଗାବାବା ଗୋପାଳକୃଷ୍ଣ ପୁରୀ ବାଲିବଣ ମଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶନିଦେବ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏଥିରେ ପାଞ୍ଚଗୋଟି ପଞ୍ଚାୟତର ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ବୁରୁଝରି, ସୁମଣ୍ଡଳ, ବଡଖଇରୀଖମା, ଚନ୍ଦନପୁର, ଏସ.ଛଟିନା ଏହି ୫ ପଞ୍ଚାୟତର ମିଳିତ ସହଯୋଗ ଓ ବେଗୁନିଆପଡା ବ୍ଲକର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ସ୍ଥିର ହୋଇଥିଲା।

■ ନୟାଗଡ଼ ଜିଲାର ୩ ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ଭୋଟ ୨୩ରେ

# ଶେଷଦିନରେ ଜମିଲା ପ୍ରଚାର

ନୟାଗଡ଼ ଅଫିସ,୨୧।୪





ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଉଛି।

ଏପ୍ରିଲ୍ ୨୩ ତାରିଖରେ ତୃତୀୟ ପର୍ଯ୍ୟାୟରେ ଜିଲାର ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ସେଥିପାଇଁ ରବିବାର ସକାଳଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରଚାର ଜମିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ପ୍ରଚାର ଗାଡ଼ି ସହର ଓ ଗାଁ ଗଳିକନ୍ଦିରେ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅରୁଣ କୁମାର ସାହୁ ସକାଳେ ଇଟାମାଟି ଓ ପ୍ରତାପପ୍ରସାଦଠାରେ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଥିଲେ। ପରେ ସନ୍ଧ୍ୟାରେ ନୂଆବସ୍ଷ୍ଟାଣ୍ଡଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ତ୍ରିନାଥ ଛକ ଦେଇ ବଲାଙ୍ଗୀବନ୍ଧଠାରେ ଶେଷ କରିଥିଲେ। ଭାଜପା ପ୍ରାର୍ଥୀ ଇରାନୀ ରାୟ ମଧ୍ୟ ଗ୍ରାମକୁ ଗ୍ରାମ ବୁଲି ଭୋଟ ଭିକ୍ଷା କରିଥିଲେ। ଓଡ଼ଗାଁରେ ବାଇକ୍ ରାଲି କରି ସେ ପ୍ରଚାର କରିଥିଲେ। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଲି ଭାଜପା ପାଇଁ ପ୍ରଚାର କରିଥିଲେ। ଭାଜପା ଶୋଭାଯାତ୍ରାରେ ଟେଲି ତାରକା ମଧ୍ୟ ସାମିଲ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ମନୋଜ କୁମାର ସାହୁ ନିଜର ସମର୍ଥକମାନଙ୍କ ସହିତ ଗାଁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ଶେଷ ଦିନରେ ନୟାଗଡ଼ ସହରରେ ମନୋଜ ପ୍ରଚାର କରିଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ମଇଦାନକୁ ଓହ୍ଲାଇଥିବା ୮ଜଣ ପ୍ରାର୍ଥୀ ରବିବାର ପ୍ରଚାର ଶେଷ କରିଥିଲେ। ସେହିଭଳି ରଣପୁର ନିର୍ବାଚନମଣ୍ଡଳୀ ଲାଗି ୧୦ ପ୍ରାର୍ଥୀ, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ୪ ପ୍ରାର୍ଥୀ ସେମାନଙ୍କ ପ୍ରଚାର ଶେଷ କରିଛନ୍ତି। ୩ଟି ନିର୍ବାଚନମଣ୍ଡଳୀ ପାଇଁ ମୋଟ ୨୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ପ୍ରଚାର ଶେଷ ହୋଇଯାଇଥିବାବେଳେ ଏବେ ବିଭିନ୍ନ ଉପାୟରେ ଭୋଟରଙ୍କ ନିକଟତର ହେବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଚଳାଇଛନ୍ତି। ଗୋଟିଏ ଦିନ ପରେ ଭୋଟ ହେଉଥିବାରୁ ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଜ୍ୟସ୍ତରୀୟ ନେତାମାନେ ହାଇଭୋଲ୍‌ଟେଜ୍ ପ୍ରଚାର କରିଥିବାରୁ ଏହା ପ୍ରାର୍ଥୀମାନଙ୍କ ପାଇଁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ୩ଟି ନିର୍ବାଚନମଣ୍ଡଳୀର ୭୦୨ ବୁଥ୍‌ରେ ଯୋଗଦେବା ଲାଗି କର୍ମଚାରୀମାନେ ବାହାରି ଯାଇଛନ୍ତି। ରବିବାର ସକାଳ ୭ଟାରେ ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଫିସରମାନେ ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍ ହୋଇଥିବା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରିପୋର୍ଟିଂ କରିଥିଲେ। ଏହା ପରେ ସମସ୍ତ କର୍ମଚାରୀଙ୍କୁ ଇଭିଏମ୍, ଭିଭିପିଏଟି ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯାଇଛି। ସନ୍ଧ୍ୟା ୭ଟା ସୁଦ୍ଧା ନିଜ ବୁଥ୍‌ରେ ଯୋଗଦାନ ପାଇଁ କୁହାଯାଇଛି। ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ତାଳଶାକରରେ ମହାମାୟୀ ଭଲିବଲ ପ୍ରତିଯୋଗିତା

ବୁଗୁଡ଼ା,୨୧।୪(ଡି.ଏନ.ଏ.)



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବୁଗୁଡ଼ା ବ୍ଲକ ତାଳଶାକରରେ ରବିବାର ମହାମାୟୀ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ ଗ୍ରାମ୍ୟ କମିଟି ସଭାପତି କାଳୁ ଚରଣ ଭୟାଁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସରପଞ୍ଚ ସୂର୍ଯ୍ୟମଣି ଗୌଡ଼, କ୍ରୀଡ଼ା ଶିକ୍ଷକ ବି.ଗୋପାଳ ଚନ୍ଦ୍ର ପାତ୍ର, ସୂର୍ଯ୍ୟ ସ୍ୱାଇଁ ଏବଂ ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ଉଦ୍‌ଘାଟନ ମ୍ୟାଚଟି ତାଳଶାକର ବଡ଼ଦାଣ୍ଡ ସାହି ଓ ମିଲ ସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବଡ଼ଦାଣ୍ଡ ସାହି ଟିମ୍ ୩-୨ ସେଟରେ ମିଲ ସାହି ଟିମକୁ ପରାସ୍ତ କରି ବିଜୟୀ ହୋଇଥିଲା। ୱିନର ଟିମ, ରନର ଟିମ୍ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ଉତ୍ତମ ଖେଳାଳି ଭାବେ ମହେନ୍ଦ୍ର କୁମାର ଜେନାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଆୟୋଜକ ସନ୍ତୋଷ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗ୍ରାମର ଯୁବକ, କମିଟିର ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଖୋଲିନି ଜଳଛତ୍ର, ଲୋକେ ହଟହଟା

କନିଷି,୨୧।୪(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ଗ୍ରାମପଞ୍ଚାୟତରେ ଥିବା ଗ୍ରାମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲା ହୋଇନାହିଁ। ପ୍ରତ୍ୟେକ ଗ୍ରାମର ମୁଖ୍ୟ ରାସ୍ତାରେ ଜନସାଧାରଣ ଯାତାୟାତ କରୁଥିଲେ ମଧ୍ୟ ପିଇବା ପାଇଁ ପାଣି ଟୋପାଏ ପାଇପାରୁନାହାନ୍ତି । ସେହିପରି କନିଷି ହାଟ ମୁଖ୍ୟ ଛକରେ ଥିବା ବସଷ୍ଟାଣ୍ଡରେ ବହୁ ଛାତ୍ରୀଛାତ୍ର, ଦିନ ମଜୁରିଆ ଘଣ୍ଟା ଘଣ୍ଟା ବସ୍‌କୁ ଅପେକ୍ଷା କରିଥାନ୍ତି। କିନ୍ତୁ ସେଠାରେ ଜଳଛତ୍ର କିମ୍ବା ସରକାରଙ୍କ ପକ୍ଷରୁ ପାନୀୟ ବ୍ୟବସ୍ଥା ନ ଥିବାରୁ ଲୋକେ ପାଣି ପାଇଁ ନିକଟସ୍ଥ ଦୋକାନ କିମ୍ବା ହୋଟେଲକୁ ଦୌଡୁଥିବା ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ସରକାରଙ୍କ ତରଫରୁ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

ହିଞ୍ଜିଳିକାଟୁ,୨୧।୪ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବରପଲୀ ଗ୍ରାମରେ ରବିବାର ସନ୍ଧ୍ୟାରେ ୨ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବ୍ରହ୍ମପୁର ସଦର ଥାନା ଶିଙ୍ଗୁଳିପଲ୍ଲୀ ଗ୍ରାମର ଏ. ସୁନିଲ ପାତ୍ର(୩୮) ଓ ହିଞ୍ଜିଳି ଥାନା ମକରଝୋଳ ଗ୍ରାମର ଜି. ଗୁଜରି ମୋହନ (୪୨)। ଗୁରୁତର ଆହତ ବ୍ରହ୍ମପୁର ସଦର ଥାନା ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଏସ. ଆଶିଷ (୧୪)।

ରବିବାର ସନ୍ଧ୍ୟାରେ ବାଇକ (ଓଡି୦୭ଡବ୍ଲ୍ୟୁ-୦୨୧୨)ରେ ସୁନିଲ ଶିଙ୍ଗୁଳିପଲୀରୁ ବ୍ରହ୍ମପୁର ଯାଉଥିବାବେଳେ ବିପରୀତ ଦିଗରୁ ଅନ୍ୟଏକ ବାଇକ (ଓଡି୦୭ୱାଇ-୪୯୯୧)ରେ ଜି. ଗୁଜରି ମୋହନ ଓ ଏସ. ଆଶିଷ ଆସୁଥିଲେ। ବରପଲ୍ଲୀ ଛକରେ ୨ବାଇକ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଗୁଜରି ମୋହନଙ୍କ ମୃତ୍ୟୁ ଘଟିଥିଲା। ସୁନିଲ ଓ ଆଶିଷ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଦ୍ୱୟଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲେ। ସେଠାରେ ସୁନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଶିଷଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲକୁ ପଠାଯାଇଛି। ହିଞ୍ଜିଳି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଦୁଇଟି ଜବତ କରି ତଦନ୍ତ ଚଳାଇଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା

ଦିଗପହଣ୍ଡି,୨୧।୪(ଡି.ଏନ.ଏ.)

ଦିଗପହଣ୍ଡି ଚନ୍ଦ୍ରଚୂଡ଼େଶ୍ୱର ଶୈବପୀଠ ପରିସରରେ ରବିବାର ଗୋଆ ମୁକ୍ତି ଆନ୍ଦୋଳନର ନେତା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକସେବା ପରିଷଦ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଭାରେ ସମ୍ପାଦକ କୁରେଶୁ ପଣ୍ଡା ସଂଯୋଜନା କରିଥିଲେ। ପୂର୍ବତନ ଏନ୍‌ଏସି କାଉନସିଲର ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅଳକ ନାଥ ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିକୃଷ୍ଣ ପଣ୍ଡା, ନୂଆପଡ଼ା ବାଲାଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର ପ୍ରସାଦ ପଣ୍ଡା, ହେମନ୍ତ କୁମାର ପାତ୍ର, ଆଇନଜୀବୀ ହର ପ୍ରସାଦ ରଥ, ଗୋପାଳକୃଷ୍ଣ ମଲ୍ଲିକ, ପଦ୍ମ ଚରଣ ମେକାପ, ଅନୀଲ ସାହୁ, ପନାଡ଼ି କ୍ରିଷ୍ଣାମା ଓ ଭି. ମନ୍ମଥରାଜୁ ପ୍ରମୁଖ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଗତ ରବିବାର ମହାବିଷୁବ ସଂକ୍ରାନ୍ତି ତିଥିରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ ଘଟିଥିଲା। ସଭା ପୂର୍ବରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରଜମୋହନ ପାଣିଗ୍ରାହୀ, ଭି. ଧର୍ମାରାଜୁ, ସନାତନ ନନ୍ଦ, ପ୍ରକାଶ ପାଣିଗ୍ରାହୀ, ରତ୍ନାକର ମେକାପ, ଦୁର୍ଗାମାଧବ ପଣ୍ଡା, ପି. ଶିବ ଶଙ୍କର, ସଞ୍ଜୀବ କୁମାର ପାତ୍ର, ଅରୁଣ ସାହୁ, କାମାକ୍ଷୀ ପ୍ରସାଦ ସାହୁ, ସୁବାସ ଚନ୍ଦ୍ର ଚୌଧୁରୀ, ନୀଳମାଧବ ପଣ୍ଡା, ତ୍ରିନାଥ ସାହୁ, ଗଣେଶ ପାତ୍ର, ଏମ୍. ରାମଚନ୍ଦ୍ର, ଇ. ସୀମାଦ୍ରି ପାତ୍ର ଓ ବିପ୍ର ବେହେରା ପ୍ରମୁଖ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ।

୭ ମାସ ହେଲା ଏସଇସିସି ଲିଷ୍ଟ ଖୋଜୁଛି ପ୍ରଶାସନ

## ଆଜି ବି ଅସହାୟ ଜୀବନ ବିତାଉଛନ୍ତି କାଣ୍ଡୁଲୁ

ଫିରିଙ୍ଗିଆ,୨୧।୪



ଘର ସମ୍ମୁଖରେ କାଣ୍ଡୁଲୁ।

ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ତେଜାମାହା ଗ୍ରାମର କାଣ୍ଡୁଲୁ ଅମାତ। ବୟସ ୬୧ ଟପିଲାଣି। ସ୍ତ୍ରୀ, ଝିଅ ଓ ପୁଅଙ୍କୁ ହରାଇ ବେସାହାରା ହୋଇ ପଡିଥିବାବେଳେ ତାଙ୍କୁ ଆବାସ ଯୋଜନାରେ ଘରଟିଏ ମିଳିନାହିଁ। ଗତ ସେପ୍ଟେମ୍ବର ମାସରେ ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସେତବେଳେ କୁହାଗଲା ତାଙ୍କ ନାମ ଏସଇସିସି(ସାମାଜିକ ଅର୍ଥନୈତିକ ଜାତି ଗଣନା) ତାଲିକାରେ ଥିଲେ ନିଶ୍ଚିତ ଘର ମିଳିବ। ଯଦି ନାମ ନ ଥିବ, ତାହାଲେ ସର୍ଭେ କରାଯିବ। ସେଥିରେ ତାଙ୍କୁ ସାମିଲ କରି ଆବାସ ଯୋଜନାରେ ଘର ଦିଆଯିବ। ଏକଥା କହିଥିଲେ ଫିରିଙ୍ଗିଆ ବିଡିଓ। ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ମଧ୍ୟ କାଣ୍ଡୁଲୁଙ୍କ ନାଁ ଏସଇସିସି ତାଲିକାରେ ପ୍ରଶାସନ ଖୋଜୁଛି । ଆଉ କେତେ ଦିନ ଲାଗିବ ଜଣାନାହିଁ। ମାତ୍ର ଏଥର ନିଶ୍ଚିତ ତାଙ୍କୁ ଘର ମିଳିବ ବୋଲି କହିଛନ୍ତି ସରପଞ୍ଚ।

କାଣ୍ଡୁଲୁଙ୍କ ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ଥିଲେ। ସେମାନଙ୍କର ମୃତ୍ୟୁ ଘଟିଥିବାବେଳେ ୫/୬ ବର୍ଷ ପୂର୍ବେ ସ୍ତ୍ରୀଙ୍କୁ ବି ହରାଇଛନ୍ତି। ଏବେ ସେ ଏକୁଟିଆ। ନିଜର ଅସହାୟତା ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଚାଉଳ ଓ ଭଡା କରାଇଦେଇଥିଲେ। ହେଲେ ଘର ଖଣ୍ଡିଏ ଦେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଏସଇସିସି ତାଲିକାରେ ନାଁ ନ ଥିବାରୁ କିଛି କରି ପାରି ନ ଥିଲେ। ଏବେ ଭଙ୍ଗା ଚାଳିଆରେ ଦିନ କାଟୁଛନ୍ତି କାଣ୍ଡୁଲୁ।

ଆଜି ପର୍ଯ୍ୟନ୍ତ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କ ସେହି ସମାନ କଥା। ତାଙ୍କ ନାଁ ତାଲିକାରେ ଅଛି କି ନାହିଁ ଆମେ ଦେଖୁଛୁ ବୋଲି କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଦମୟନ୍ତୀ କହଁରଙ୍କୁ ପଚାରିବାରୁ ତାଙ୍କ ନାମ ଏସଇସିସି ତାଲିକାରେ ନ ଥିଲା। ଗତ ବର୍ଷ ମେ'ରେ ତାଙ୍କ ନାମ ଦିଆଯାଇଛି। ତାଙ୍କୁ ବିଜୁ ପକ୍କାଘରଟିଏ ଦେବାକୁ ଗତବର୍ଷ ବହୁ ଚେଷ୍ଟା କରିଥିଲି। କୌଣସି କାରଣବଶତଃ ତାହା ହୋଇ ପାରି ନ ଥିଲା। ଚଳିତ ବର୍ଷ ବିଜୁ ପକ୍କାଘର ଆସିଲେ ଅଗ୍ରାଧିକାର ଭିତ୍ତିରେ ଦିଆଯିବ ବୋଲି କହିଥିଲେ।

## ୨୪ରେ ଇଷ୍ଟଦେବୀ ଯୁବ କଳା ପରିଷଦର ଦାରିଙ୍ଗବାଡି ଗସ୍ତ

ଖଜୁରିପଡା,୨୧।୪(ଡି.ଏନ୍.ଏ.)

ଖଜୁରିପଡା ବ୍ଲକ ମା' ବରାଳଦେବୀ ପୀଠ ବଲସକୁମ୍ପାର ମା' ଇଷ୍ଟଦେବୀ ଯୁବ କଳା ପରିଷଦ ୨୪ ତାରିଖରେ ଦାରିଙ୍ଗବାଡି ଗସ୍ତ କରିବ। ସେଠାରେ ଅନୁଷ୍ଠିତ ଠାକୁରାଣୀ ଯାତ୍ରାରେ କଳାପରିଷଦ 'ସୁଖ କିଣା ଏଠି ଦୁଃଖ ମାଗଣା' ସାମାଜିକ ନାଟକ ମଞ୍ଚସ୍ଥ କରିବେ। ଏନେଇ ସୂଚନା ଦେଇଛନ୍ତି ସଂଘର ସଭାପତି ବିନାୟକ ସାହାଣୀ, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା ଓ ସମ୍ପାଦକ ବିଦୁର ବେହେରା। ଏନେଇ ତାଙ୍କୁ ଦାରିଙ୍ଗବାଡି ମା' ଠାକୁରାଣୀ ଯାତ୍ରା କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ଇଷ୍ଟଦେବୀ ଯୁବ କଳା ପରିଷଦ ୨୦୦୮ରୁ ରେଜିଷ୍ଟ୍ରେସନ ହୋଇ ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ଉନ୍ନୟନମୂଳକ କାମରେ ନିଜକୁ ନିୟୋଜିତ କରିଆସୁଛି।



ଯୁବ କଳା ପରିଷଦର ସଭ୍ୟ ଓ ଅନ୍ୟମାନେ।

■ ପ୍ରତିଶ୍ରୁତି ପାଣିର ଗାର

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଏନ୍‌ଏସିବାସୀ

ପୁରୁଷୋତ୍ତମପୁର,୨୧।୪(ଡି.ଏନ୍.ଏ.)



ରଥସାହି ଛକଠାରେ ରାସ୍ତାରେ ଆବର୍ଜନା ପାଣି ଭାସୁଛି।

■ରଥସାହି ଛକ ମୁଖ୍ୟ ରାସ୍ତା ଉପରେ ଭାସୁଛି ନର୍ଦ୍ଦମା ପାଣି

■ଧୋବା ସାହି-ରଥସାହି ରାସ୍ତା ମରଣଯନ୍ତା

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇ ପଡିଛି। ସହରର ମୁଖ୍ୟ ରଥସାହି ଛକ ମୁଖ୍ୟରାସ୍ତା ଉପରେ ଡ୍ରେନର ନର୍ଦ୍ଦମା ପାଣି ଭାସୁଛି। ଧୋବାସାହି ଓ ରଥସାହିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଦୀର୍ଘଦିନ ହେଲା ବିରାଟ ଖାଲ ସୃଷ୍ଟି ହୋଇଛି। ଅପରପକ୍ଷରେ ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ରହିଥିବା ସହ ରାସ୍ତାକୁ ଲାଗି ଡ୍ରେନ ରହିଛି। ଏହି ଖାଲଖମା ଓ ସଂକୀର୍ଣ୍ଣ ରାସ୍ତାରେ ଯାତାୟାତ ବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଅପରପକ୍ଷରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ଛୋଟ ପିଲାମାନେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଅନେକ ସମୟରେ ଖାଲରେ ପଡିବାର ମଧ୍ୟ ନଜିର ରହିଛି। ଏପରିକି ଗତ କିଛିମାସ ତଳେ ଡ୍ରେନ୍‌ରେ ପଡି ଆହତ ହୋଇ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହାସହ ରାସ୍ତାଘାଟ ଓ ଡ୍ରେନ୍ ସଫେଇ ହେଉନାହିଁ। ଲୋକେ ଏନ୍‌ଏସି କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ଜଣାଇ ଧୋବାସାହି-ରଥସାହି ରାସ୍ତା ମରାମତି କରି ଡ୍ରେନ ଉପରେ ପ୍ଲେଟ ପକାଇବା, ରଥସାହି ଛକରେ ଡ୍ରେନ ପାଣି ଭାସୁଥିବାରୁ ଏନେଇ ପଦକ୍ଷେପ ନେବାପାଇଁ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ମାତ୍ର ଏନ୍‌ଏସି କର୍ତ୍ତୃପକ୍ଷ ଲୋକଙ୍କ ଏହି ଅଭିଯୋଗ, ଦାବି ପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ଏହାକୁ ନେଇ ଗତ ଫେବୃୟାରୀ ୧୩ରେ ସହରବାସୀ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ଘଟଣା ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ସେ ନିଜେ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୨ମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉପରୁ ଲୋକେ ବିଶ୍ୱାସ ହରାଇଥିବାବେଳେ ଏବେ ତହସିଲଦାରଙ୍କ ଉପରୁ ମଧ୍ୟ ବିଶ୍ୱାସ ହରାଇଛନ୍ତି। ଏବେ ପୁଣି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ମସୁଧା ଚଳାଇଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଏନେଇ ତହସିଲଦାର ଅରୁଣ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ୨ଦିନ ମଧ୍ୟରେ ଧୋବାସାହି-ରଥସାହି ରାସ୍ତା ମରାମତି କରାଯିବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୨ ଏପ୍ରିଲ, ୨୦୧୯



ପରପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଦଶପଲ୍ଲାରେ କାଳବୈଶାଖୀ



**ଦଶପଲ୍ଲା,୨୧।୪(ଡି.ଏନ୍.ଏ.):** ରବିବାର ଅପରାହ୍ନରେ ଦଶପଲ୍ଲା ବ୍ଲକ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ବର୍ଷା ସହ କେତେକ ସ୍ଥାନରେ କୁଆପଥର ମାଡ଼ ହୋଇଥିଲା। ଝଡବର୍ଷାରେ ତ୍ରିନାଥ ବଜାରଠାରେ ଲଙ୍କାପୋଡି ଯାତ୍ରା ନିମନ୍ତେ ନିର୍ମିତ ତୋରଣ ଭାଙ୍ଗିଯାଇ ଜାତୀୟ ରାଜପଥ ଉପରେ ପଡିଥିଲା। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ସୀତାରାମ କ୍ଲବ ସଦସ୍ୟଙ୍କ ଉଦ୍ୟମରେ ଭାଙ୍ଗିପଡିଥିବା ଗେଟ୍ ହଟାଯିବା ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାଛଡା ବର୍ଷାପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗିପଡି ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଅନ୍ଧାରରେ ରହିଥିଲା।

### ହିଙ୍ଗୁଳାଈ ଦେବୀଙ୍କ ଜନ୍ମବାର୍ଷିକୀ



**ଖଣ୍ଡପଡା,୨୧।୪(ସ୍ୱ.ପ୍ର):** ସ୍ଥାନୀୟ ହାଟମୁଣ୍ଡପାଟଣାରେ ଅବସ୍ଥିତ ମା' ହିଙ୍ଗୁଳାଈ ଦେବୀଙ୍କ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଦଶପଲ୍ଲା ଅଞ୍ଚଳର କେନ୍ଦୁପଲ୍ଲୀ ବରୁଣ ଦେବତା ମାତୃ ମଣ୍ଡଳୀ ଓ ନରସିଂହପୁର ଅଞ୍ଚଳ ତାମରା ଗ୍ରାମର ତାମରେଶ୍ୱରୀ ମାତୃମଣ୍ଡଳୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ଅନୁଷ୍ଠାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ନୀଳମାଧବ ମହାବିଦ୍ୟାଳୟର ଓଡିଆ ଅଧାପକ ଦୀନବନ୍ଧୁ ନାୟକଙ୍କଠାରୁ ସିଲ୍ ଓ କପ୍ ଗ୍ରହଣ କରିଥିଲେ । ଜନକଲ୍ୟାଣ କ୍ଲବ୍ ସଭାପତି ଶରତ ଚନ୍ଦ୍ର ମହାରଣା, ସାମ୍ବାଦିକ ଅଜୟ କୁମାର ମହାରଣା, ପ୍ରଭାକର ଶିରୋମଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଂଗ୍ରାମ ମହାରଣା ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ସଂଯୋଜନା କରିଥିଲେ ।

### ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



**ନିରାକାରପୁର,୨୧।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟ ୧୬ନମ୍ବର ଜାତୀୟ ରାଜପଥ ମନ୍ଦାକିନୀ ନଦୀ ଗାର୍ଡୱାଲ୍‌ରେ ଏକ ଟ୍ରକ୍ ପିଟିହୋଇ ରବିବାର ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରୁ ଟ୍ରକ୍ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଟ୍ରକ୍‌ଟି ବ୍ରହ୍ମପୁରରୁ-ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଏହା ଏକ କବାଡିଆ ସାମଗ୍ରୀ ବୋଝେଇ ଓ ଟ୍ରକ ନଂ ଓଆର୍୧୫କେ-୩୬୮୩ ବୋଲି ଜଣାପଡିଛି । ଖବର ପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଗାଡ଼ିଟିକୁ ଥାନାକୁ ଆଣିଛନ୍ତି ।

### ଚିଲିକାରେ ନିର୍ବାଚନ ପ୍ରସ୍ତୁତି
### ପୋଲିସର ଫ୍ଲାଗମାର୍ଚ୍ଚ

**ଖୋର୍ଦ୍ଧା ଅଫିସ/ ବାଲୁଗାଁ,୨୧।୪(ଡି.ଏନ.ଏ.):** ବାଣପୁର ବ୍ଲକ୍, ବାଣପୁର ଏନ୍ଏସି, ଚିଲିକା ବ୍ଲକ ଓ ବାଲୁଗାଁ ଏନ୍ଏସିକୁ ନେଇ ଚିଲିକା ନିର୍ବାଚନମଣ୍ଡଳୀରେ ୨୪୪ ମତଦାନ କେନ୍ଦ୍ରରେ ୨ ଲକ୍ଷ ୧୯ ହଜାର ୩୪୦ ଭୋଟର ମତଦାନ କରିବେ। ଏଥିରୁ ବାଣପୁର ଥାନା ଇଲାକାରେ ୧୪୫ଟି ବୁଥ ରହିଥିବା ବେଳେ ବାଲୁଗାଁ ଥାନା ଅଞ୍ଚଳରେ ୫୪ଟି ଏବଂ ଟାଙ୍ଗୀ ଥାନା ଅଧୀନରେ ୪୫ଟି ବୁଥ ରହିଛି। ଏହି ମଧ୍ୟରୁ ୪୬ଟି ବୁଥ ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ଭେଟେଶ୍ୱର ପଞ୍ଚାୟତର ଦୁଇଟି ବୁଥକୁ ଅତି ଉତ୍ତେଜନା ପ୍ରବଣ ବୁଥ ଭାବେ ଚିହ୍ନଟ କରାଯାଇଛି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ କରିବାକୁ ରବିବାର ସନ୍ଧ୍ୟାରେ ବାଣପୁର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ବଉଳାବନ୍ଧ, ନଇରୀ, ଭେଟେଶ୍ୱର ଓ ସାନ ସିରେଇପୁରରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ସୋମବାର ସକାଳେ ବାଲୁଗାଁରେ ଫ୍ଲାଗମାର୍ଚ୍ଚ କରାଯିବ।

■ ରଣପୁର ନିର୍ବାଚନ ମଣ୍ଡଳୀ

# ଜମୁଛି ୩ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର





ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର।

**ରଣପୁର,୨୧।୪(ସ୍ୱ.ପ୍ର.)**

## ବିଜେଡି, ଭାଜପାର ବାଇକ୍ ଶୋଭାଯାତ୍ରା ଓ କଂଗ୍ରେସର ସଭା

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀରେ ୨୩ ତାରିଖରେ ଅନୁଷ୍ଠିତ ହେବ ୩ୟସ୍ତରୀୟ ସାଧାରଣ ନିର୍ବାଚନ । ମତଦାନର ୪୮ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ ହୋଇଯିବ। ତେଣୁ ଏବେ ଦିନ ଓ ରାତି ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଶେଷ ଭାବେ ୩ ଦଳର ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଜମୁଥିବା ଜଣାପଡ଼ିଛି। ଦିନରେ ଗ୍ରୀଷ୍ମ ପ୍ରକୋପ ରହୁଥିବାରୁ କେବଳ ପ୍ରଚାର ଗାଡ଼ି ସହିତ ବାଇକ୍ ରାଲି କରାଯାଇ ଭୋଟ ଭିକ୍ଷା କରାଯାଉଛି । ସନ୍ଧ୍ୟାରେ ପ୍ରାର୍ଥୀମାନେ ୱାର୍ଡ ଓ ଗ୍ରାମ ବୁଲି ଦଳୀୟ କର୍ମୀ ଓ ଭୋଟରମାନଙ୍କୁ ନେଇ ବୈଠକ କରୁଛନ୍ତି । ରବିବାର ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ତାଙ୍କ ସମର୍ଥକଙ୍କ ସହିତ କର୍ମୀମାନଙ୍କୁ ନେଇ ରଣପୁର ଓ ଏହାର ଆଖପାଖ ଗ୍ରାମମାନଙ୍କରେ ବାଇକ୍ ଶୋଭାଯାତ୍ରା କରିଛନ୍ତି । ଏଥିରେ ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ସାଧାରଣ ଭୋଟରଙ୍କୁ ଭୋଟ ନିବେଦନ କରାଯାଇଛି । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସବିତା ଦାସ, ବରିଷ୍ଠ ବିଜେଡି ନେତା ସୁରେଶ ମିଶ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ ଓ ବିଭିନ୍ନ କାଉନ୍‌ସିଲରଙ୍କ ସହିତ ବିଜେଡିର ବରିଷ୍ଠ ନେତାମାନେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ସେହିପରି ଭାଜପାର ସୁରମା ପାଢୀ ଦଳୀୟ ନେତା ଓ କର୍ମୀମାନଙ୍କ ଗହଣରେ ଏକ ବାଇକ୍ ରାଲି କରି ରଣପୁର ସହର ପରିକ୍ରମା କରି ଭୋଟରମାନଙ୍କୁ ଭୋଟ୍ ମାଗିଛନ୍ତି। ଏହି ରାଲିରେ ଜିଲା ଭାଜପା ଉପସଭାପତି ସନ୍ତୋଷ ପ୍ରହରାଜ, ବ୍ଲକ ଭାଜପା ମହିଳା ମୋର୍ଚ୍ଚାର ସ୍ୱର୍ଣ୍ଣ ପାତ୍ର, ଗୋପାଳପୁର ଜୋନ୍ ଜିଲା ପରିଷଦ ସଭ୍ୟା ଲୁନାଡେକା ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ଶୁଭଶ୍ରୀ ପଣ୍ଡାଙ୍କ ପକ୍ଷରୁ ରଣପୁର ପଞ୍ଚୁଦୋଳ ପଡିଆରେ ଏକ ଦଳୀୟ ନିର୍ବାଚନ ସଭା ଆୟୋଜନ କରାଯାଇଥିଲା । ଏଥିରେ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାସ, ହୁସେନ୍ ଖାନ୍, ବରିଷ୍ଠ ଆଇନ୍‌ଜୀବୀ ସୂର୍ଯ୍ୟକାନ୍ତ ମହାପାତ୍ର, କାଉନ୍‌ସିଲର ସତ୍ୟରଞ୍ଜନ ମଓ୍ବା ପ୍ରମୁଖ ଯୋଗଦେଇଥିଲେ । ଏହି ନିର୍ବାଚନୀ ସଭାରେ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶୁଭଶ୍ରୀ ନିଜ ଦଳ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି ।

■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୭ମ ଦିବସ

# ସୀତା ଠାବ କଲେ ହନୁମାନ

**ଦଶପଲ୍ଲା,୨୧।୪(ଡି.ଏନ୍.ଏ.)**

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ରବିବାର ୭ମ ଦିବସରେ ରଘୁନାଥଜୀଉଙ୍କ ପୀଠରେ ପାରମ୍ପରିକ ରୀତି ଅନୁଯାୟୀ ସୀତା ଠାବ କରାଯାଇଥିଲା। ରାତିରେ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିଲା ରାମଲୀଳା ମହୋତ୍ସବ। ପ୍ରଭୁ ଶ୍ରୀରାମଚନ୍ଦ୍ର ଭାଇ ଲକ୍ଷ୍ମଣଙ୍କ ସହ ମିତ୍ର ସୁଗ୍ରୀବଙ୍କ ପାଖରେ ପହଞ୍ଚିଥିଲେ। ସମୁଦ୍ର ପାର ହୋଇ ସୀତା ଠାବ କରିବା ନିମନ୍ତେ ହନୁମାନ ସକ୍ଷମ ହେବେ ବୋଲି ବିଚାର କରି ତାଙ୍କୁ ଲଙ୍କା ପ୍ରେରଣ କରିଥିଲେ। ଲଙ୍କା ପ୍ରବେଶ ସମୟରେ ଲଙ୍କାଦେବୀ ହନୁମାନଙ୍କ ପଥ ଅବରୋଧ କରିବାରୁ ହନୁମାନ ତାଙ୍କୁ ଶକ୍ତ ଚାପୁଡା ମାରିଥିଲେ। ଲଙ୍କା ଧ୍ୱଂସ ସମୟ ଆସିଗଲା ବୋଲି ଜାଣିପାରି ଲଙ୍କାଦେବୀ ରାବଣଙ୍କୁ ହନୁମାନଙ୍କ ପ୍ରବେଶ ବିଷୟରେ ସୂଚନା ଦେଇଥିଲେ। ହନୁମାନ ଅଶୋକ ବାଟିକାରେ ପ୍ରବେଶ କରି ମାତା ସୀତା ଠାକୁରାଣୀଙ୍କୁ ପ୍ରଭୁ ଶ୍ରୀରାମଙ୍କ ମୁଦ୍ରିକା ପ୍ରଦାନ କରି ନିଜକୁ ରାମଙ୍କ ଭକ୍ତ ରୂପେ ପ୍ରତିପାଦନ କରିଥିଲେ। ଏହାପରେ ରାମଙ୍କୁ ଦେବା ନିମନ୍ତେ ସୀତାଙ୍କଠାରୁ ମଥାମଣି ଗ୍ରହଣ କରିଥିଲେ। ପରେ ଲଙ୍କାର ମଧୁବନ ବଗିଚାରେ ପ୍ରବେଶ କରି ଧ୍ୱଂସଲୀଳା ଆରମ୍ଭ କରିଦେଇଥିଲେ। ଏହାର ପ୍ରତିରୋଧ କରିବାରୁ ରାବଣର ପୁଅ ଅକ୍ଷୟ କୁମାର ମୃତ୍ୟୁବରଣ କରିଥିଲେ। ରାଗରେ ଜର୍ଜରିତ ଇନ୍ଦ୍ରଜିତ ନାଗଫାଶ ବନ୍ଧନରେ ଆବଦ୍ଧ କରି ହନୁମାନଙ୍କୁ ଲଙ୍କା ଦରବାରକୁ ଆଣିଥିଲେ। ସେଠାରେ ହନୁମାନଙ୍କୁ ଶିକ୍ଷା ଦେବା ପାଇଁ ଲାଙ୍ଗୁଡରେ ନିଆଁ ଲଗାଯିବା ପରେ ହନୁମାନ ଘରକୁ ଘର ଡେଇଁ ଲଙ୍କା ପୋଡିଦେଲେ। ପରେ ସେଠାରୁ ଫେରି ଆସି ମାତା ପ୍ରଦାନ କରିଥିବା ମଥାମଣିକୁ ଶ୍ରୀରାମଙ୍କୁ ପ୍ରଦାନ କରିଥିଲେ। ପ୍ରଭୁ ଶ୍ରୀରାମଚନ୍ଦ୍ର ମିତ୍ର ସୁଗ୍ରୀବଙ୍କ ସହାୟତାରେ ସମୁଦ୍ରରେ ସେତୁ ବାନ୍ଧିବା ଆରମ୍ଭ କରିଥିଲେ। ପରେ ରାବଣର ଭାଇ ବିଭୀଷଣ ରାମଙ୍କ ସହ ମିତ୍ରତା ସ୍ଥାପନ କରି ରାମଙ୍କ ପକ୍ଷଭୁକ୍ତ ହୋଇଥିଲେ।



ମାତା ସୀତାଙ୍କୁ ହନୁମାନଙ୍କ ମୁଦ୍ରିକା ପ୍ରଦାନ।

■ ଓଡ଼ଗାଁରେ ଶ୍ରୀରାମନବମୀ ଯାତ୍ରାର ଅଷ୍ଟମ ସନ୍ଧ୍ୟା

# ସୁବଳୟାରେ ଶ୍ରୀରାମ, ଅଷ୍ଟସେନାଧକ୍ଷଙ୍କ ଯୁଦ୍ଧ ପ୍ରସ୍ତୁତି

**ଓଡ଼ଗାଁ,୨୧।୪(ସ୍ୱ.ପ୍ର.)**

ଓଡ଼ଗାଁର ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରାର ରବିବାର ଅଷ୍ଟମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ମାତା ଜାନକୀଙ୍କୁ ଉଦ୍ଧାର କରିବା ହେତୁ ଅଷ୍ଟ ସେନାଧକ୍ଷଙ୍କ ସହିତ ବିଚାରବିମର୍ଶ ପୂର୍ବକ ସନ୍ଧ୍ୟାବେଶ ଦର୍ଶନ ଦେଇଛନ୍ତି। ରଘୁକୁଳ ତିଳକ ଶ୍ରୀରାମ, ସାନୁଜ ଲକ୍ଷ୍ମଣ ଓ ମାତା ଜାନକୀ ଚିତ୍ରକୂଟ ପର୍ବତ ତ୍ୟାଗ କରି ବନବାସ ନିମନ୍ତେ ଦକ୍ଷିଣାଭିମୁଖୀ ହୋଇ ଅନ୍ୟତ୍ର ଗମନ କରୁଥିବା ବେଳେ ମାୟାବୀ ରାବଣ ସ୍ୱର୍ଣ୍ଣ ହରିଣର ଭ୍ରମ ସୃଷ୍ଟି କରି ଭିକ୍ଷୁକ ବେଶରେ ସୀତାଙ୍କୁ ହରଣ କରି ନେଇଥିଲେ। ଏଥିରେ ପ୍ରଭୁ ହତୋତ୍ସାହ ନ ହୋଇ ଲଙ୍କା ଆକ୍ରମଣ ପୂର୍ବକ ସୀତାଙ୍କୁ ଉଦ୍ଧାର ନିମନ୍ତେ ସୁବଳୟାରେ ପର୍ବତରେ ପହଞ୍ଚିଛନ୍ତି । ଇତ୍ୟବସରରେ ବାଳି ବଧ କରି ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ଓ ବିଭୀଷଣଙ୍କ ଆଗମନ ହୋଇଛି। ସ୍ୱୟଂ ରଘୁବୀର ପରମ ମିତ୍ର ସୁଗ୍ରୀବଙ୍କ କୋଳରେ ବ୍ୟାଘ୍ର ଛାଲ ଉପରେ ଉପବିଷ୍ଟ କରିଥିବା ବେଳେ ପରମଭକ୍ତ ହନୁମାନ ଶ୍ରୀରାମଙ୍କ ବେନି ପାଦକୁ ସ୍ପର୍ଶ ଦେଇ ପ୍ରଭୁଙ୍କୁ ଅବସାଦ ଦୂର କରିବାକୁ ଚେଷ୍ଟା କରିଛନ୍ତି । ସେହିପରି ଅଷ୍ଟସେନାଧକ୍ଷଙ୍କ ମଧ୍ୟରେ ଅଙ୍ଗଦ, ଜାମ୍ବବାନ, ନଳ, ନୀଳ, ସୁଶେଣ, ଗବାୟ ଓ ଗବାକ୍ଷ ଶ୍ରୀରାମଙ୍କ ବେନି ପାର୍ଶ୍ୱରେ ଦଣ୍ଡାୟମାନ ରହିଛନ୍ତି। ସାନୁଜ ଲକ୍ଷ୍ମଣ ଅନତି ଦୂରରେ ତୀରକୁ ଶାଣିତ କରୁଥିବା ବେଳେ ଜାଗ୍ରତ ପ୍ରହରୀ ସଦୃଶ ସବୁ ଦିଗକୁ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରିଛନ୍ତି । ସାନୁଜ, ବେନି ମିତ୍ର ଓ ଅଷ୍ଟସେନାଧକ୍ଷଙ୍କ ସହିତ ପ୍ରଭୁଙ୍କୁ ଯୁଦ୍ଧ ପ୍ରସ୍ତୁତ ଦୃଶ୍ୟରେ ଦର୍ଶନ କରି ମାତା ସୀତାଙ୍କୁ ପ୍ରଭୁ ଉଦ୍ଧାର କରି ଆଣିବା ନେଇ ଅଗଣିତ ସନ୍ତାନଙ୍କ ମନରେ ଆଶା ସଞ୍ଚାର ହୋଇଛି । ସୋମବାର ସନ୍ଧ୍ୟାରେ ପ୍ରଭୁ ଯୁଦ୍ଧଯାତ୍ରା ବେଶରେ ଦର୍ଶନ ଦେବେ । ଏହା ସହିତ ମନ୍ଦିର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ନ ଥିବା ତଥା ରାବଣ ପୋଡି କମିଟି ତରଫରୁ ଯୁଦ୍ଧ ଯାତ୍ରା ସହିତ ରାବଣ ପୋଡି ଓ ଆତସବାଜି ସମାରୋହ ଅନୁଷ୍ଠିତ ହେବ।



ସୁବଳୟାରେ ଶ୍ରୀରାମଙ୍କ ସହ ଅଷ୍ଟସେନାଧକ୍ଷଙ୍କ ଯୁଦ୍ଧ ପ୍ରସ୍ତୁତି।

## ପୁରୀରେ ପ୍ରାକ୍ ନିର୍ବାଚନୀ ହିଂସା, ଜଣେ ଗିରଫ

**ପୁରୀ ଅଫିସ, ୨୧।୪ :** ପୁରୀ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ୨୩ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପୁରୀ ସଦର ବ୍ଲକ ଅନ୍ତର୍ଗତ ଗୌଡିଆଘାଇ ଗ୍ରାମରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଗତ ୧୮ତାରିଖରେ ଗ୍ରାମରେ ବିଜେଡି ଏବଂ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ପଟୁ ଟେକାପଥର ମାଡ଼ ହୋଇଥିଲା । ଏ ନେଇ ଉଭୟପଟୁ ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ରବିବାର ମିଥୁନ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ପ୍ରକାରେ, ଗତ ୧୮ତାରିଖରେ ଗ୍ରାମରେ ମିଶନ ଶକ୍ତି ବୈଠକ ଚାଲିଥିଲା। ଗିରଫ ମିଥୁନ ଏବଂ ତାଙ୍କ ସହଯୋଗୀ ବୈଠକ ସ୍ଥାନକୁ ଆସି ଏହାକୁ ବିରୋଧ କରିଥିଲେ। ଏପରିକି ସେମାନଙ୍କ ଆକ୍ରମଣରେ ଜଣେ ମହିଳା ଆହତ ହୋଇଥିଲେ। ସଂପୃକ୍ତ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ସେହି ଦିନ ମିଥୁନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରୁ ଜାମିନରେ ଆସି, ସେ ପୁଣି ଗ୍ରାମରେ ଗଣ୍ଡଗୋଳ କରିଥିଲେ। ଶନିବାର ରାତିରେ ଏ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୋଲିସ ପୁଣି ଶନିବାର ବିଳମ୍ବିତ ରାତିରେ ମିଥୁନଙ୍କୁ ଗିରଫ କରିଛି।

## ୧୦୩ ବର୍ଷର ମତଦାତା ନିଶାମଣି

**ପୁରୀ ଅଫିସ, ୨୧।୪**

ଅନ୍ୟମାନଙ୍କ ଲାଗି ପ୍ରେରଣା ଉତ୍ସ ପାଲଟିଥିବା ଏହି ମହିଳା ହେଲେ ନିଶାମଣି(୧୦୩)। ୨୦୧୪ରେ ଶରୀର ଅଧିକ ଅସୁସ୍ଥ ଥିବା କାରଣରୁ ସେ ମତଦାନ କରି ନ ଥିଲେ। ୧୯୫୨ ମସିହାରେ ଅନୁଷ୍ଠିତ ପ୍ରଥମ ନିର୍ବାଚନଠାରୁ ବର୍ତ୍ତମାନ ସୁଦ୍ଧା ଲୋକ ସଭା ଓ ବିଧାନସଭା ଏବଂ ପୌର ନିର୍ବାଚନରେ ଅଂଶଗ୍ରହଣ କରିଆସୁଛନ୍ତି। ବୟାସାଧିକ୍ୟ କାରଣରୁ ଟିକିଏ ଚାଲିଲେ ଥକି ପଡୁଛନ୍ତି। ଅଣ୍ଟା ନଇଁଗଲାଣି। ଆଖିକୁ ଭଲ ଦେଖାଯାଉନି। ଦେହ ଅସୁସ୍ଥ କାରଣରୁ ପ୍ରାୟ ସମୟରେ ଶଯ୍ୟାରେ ପଡି ରହୁଛନ୍ତି। ତଥାପି ୨୦୧୯ ସାଧାରଣ ନିର୍ବାଚନରେ ମତଦାନ ଲାଗି ସେ ବେଶ୍ ଉତ୍ସାହିତ ରହିଛନ୍ତି। ଏ ବୟସରେ ବି ମତଦାନ ଲାଗି ପ୍ରସ୍ତୁତ ରହିଛନ୍ତି ବୋଲି କୁହନ୍ତି ନିଶାମଣି। ପୁରୀ ବାଲିସାହି ବରାହୀ ଲେନ୍‌ରେ ରୁହନ୍ତି ନିଶାମଣି। ସ୍ୱାମୀ କଣ୍ଠ ଏବଂ ଏକ ମାତ୍ର ପୁତ୍ର ଯଜ୍ଞେଶ୍ୱର ସାହୁଙ୍କ ଦେହାନ୍ତରେ ସେ ତିନି ନାତି ରାଜକିଶୋର, ବ୍ରଜକିଶୋର ଏବଂ ସାନ ପୁଅ ସରୋଜ କିଶୋର, ବୋହୂ, ନାତିନାତୁଣୀଙ୍କ ସହିତ ରହୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ସମ୍ପର୍କରେ ଜାଣିବା ପରେ ସେ ଅତ୍ୟନ୍ତ ଉତ୍ସାହିତ ହୋଇପଡିଛନ୍ତି। ଯୁବ ତଥା ଅନ୍ୟ ବର୍ଗର ଭୋଟରମାନେ ମତଦାନ କରିବାକୁ କୁଣ୍ଠାବୋଧ କରୁଥିବା ବେଳେ ସେ କୁହନ୍ତି, ମତଦାନ ନାଗରିକର ସାମ୍ବିଧାନିକ ଅଧିକାର। ଜଣେ ସଚେତନ ନାଗରିକ ଭାବେ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହେବା ଉଚିତ।

■ କଣ୍ଟିଲୋ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଅଶୋକ କିଙ୍ଗ୍‌ସ ଚାମ୍ପିୟନ

**ଖଣ୍ଡପଡ଼ା,୨୧।୪(ସ୍ୱ.ପ୍ର.)**

କଣ୍ଟିଲୋ ବରୁଣେଇ ଯୁବ କ୍ଲବ୍ ପକ୍ଷରୁ ଆୟୋଜିତ କଣ୍ଟିଲୋ ପ୍ରିମିୟର ଲିଗ୍ ମ୍ୟାଚ୍‌ର ଉଦ୍‌ଯାପନୀ ଦିବସରେ ରବିବାର ଲାଲୁ ଡେଭିଲ୍‌ସକୁ ହରାଇ ଅଶୋକ କିଙ୍ଗ୍‌ସ ଚାମ୍ପିୟନ ହୋଇଛି । ଖେଳରେ ପ୍ରଦୀପ୍ତ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଅଶୋକ କିଙ୍ଗ୍‌ସ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୧୫ ଓଭର୍‌ରେ ୮ ଉଇକେଟ୍ ବିନିମୟରେ ୧୨୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଲାଲୁ ଡେଭିଲ୍‌ସ ୧୫ ଓଭର୍‌ରେ ୪ ଉଇକେଟ୍ ବିନିମୟରେ ୧୦୪ ରନ୍ ସଂଗ୍ରହ କରିଥିଲା । ଅଶୋକ କିଙ୍ଗ୍‌ସ ବିଜୟୀ ହୋଇଥିବାବେଳେ ଏହି ଦଳରୁ ସିଲୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଅଶୋକ କୁମାର ବାରିକ ଓ ଶିବ ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥିଙ୍କ ବ୍ୟତୀତ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଫାର୍ମାସିଷ୍ଟ ମାନସ ରଞ୍ଜନ ସାହୁ ଓ ବିଜେଡି ନେତା ମାଧବ ଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ରନିଂ ସିଲ୍ ସହିତ ୭ ହଜାର ଟଙ୍କା ଆର୍ଥିକ ରାଶି ଓ ରନର୍ସ ଅପ୍ ଦଳକୁ କପ୍ ସହିତ ୫ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

## ସେତୁବନ୍ଧ ପ୍ରତିଷ୍ଠା କଲେ ରାବଣ

**ପୁରୀ ଅଫିସ, ୨୨।୪**

ହନୁମାନ ଲଙ୍କାରେ ଜାନକୀଙ୍କୁ ଠାବ କରିବା ପରେ ଶ୍ରୀରାମ ଲଙ୍କା ଆକ୍ରମଣ ଲାଗି ପ୍ରସ୍ତୁତି ଆରମ୍ଭ କରିଥିଲେ। ବାନର ସେନା ସହାୟତାରେ ସମୁଦ୍ରରେ ସେତୁ ବାନ୍ଧିଥିଲେ। ସେତୁ ପ୍ରତିଷ୍ଠା ଲାଗି ଶ୍ରୀରାମ ରାବଣଙ୍କୁ ନିମନ୍ତ୍ରଣ କରିଥିଲେ। ରାକ୍ଷସ କୁଳରେ ଜନ୍ମଲାଭ କରିଥିଲେ ମଧ୍ୟ ରାବଣ ଜଣେ ମହାନ ପଣ୍ଡିତ ଥିଲେ। ନିମନ୍ତ୍ରଣ ରକ୍ଷାକରି ରାବଣ ସେତୁବନ୍ଧ ପ୍ରତିଷ୍ଠା କରିଥିଲେ। ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ସେତୁବନ୍ଧ ପ୍ରତିଷ୍ଠା ନୀତି ସମ୍ପନ୍ନ ହୋଇଛି। ବାଳି ସାହି ଆଖଡା ପକ୍ଷରୁ ରାବଣ, ହନୁମାନ, ରାମ, ଲକ୍ଷ୍ମଣ ବେଶଧାରୀମାନେ ସେତୁବନ୍ଧ ନୀତିରେ ସାମିଲ ହୋଇଥିଲେ। ରବିବାର ସନ୍ଧ୍ୟାରେ ଆଖଡାରୁ ରାବଣ ପଟୁଆରରେ ବାହାରି ସାହି ପରିକ୍ରମା କରି ଗୌଡବାଡ ସାହି ସ୍ଥିତ ଯଜ୍ଞେଶ୍ୱରଙ୍କ ନିକଟକୁ ଯାଇଥିଲେ। ଶିବଭକ୍ତ ରାବଣ ଜଜ୍ଞେଶ୍ୱରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ସାରି ମଣିକର୍ଣ୍ଣିକା ସାହି, ଦକ୍ଷିଣଦ୍ୱାର, ସିଂହଦ୍ୱାର ଦେଇ ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଥିଲେ।

### ଶ୍ରୀକ୍ଷେତ୍ରରେ ସାହିଯାତ

ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମଲକ୍ଷ୍ମଣ ଏବଂ ସୀତାଙ୍କୁ ନେଇ ରତ୍ନସିଂହାସନରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ଠାକୁରଙ୍କ ପାଲିଙ୍କି ବିଜେ ପରେ ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା ଓ କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଠାକୁରମାନଙ୍କୁ ମଠ ଝୁଲଣ ଖଟରେ ବିଜେ କରାଇଥିଲେ। ମଠର ଆରାଧ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ପନ୍ତି ଭୋଗ ହୋଇଥିଲା। ପରେ ବାଳି ସାହି ଜାଗା ଆଖଡା ନୀତିରେ ସାମିଲ ହୋଇଥିଲେ। ମଠ ପକ୍ଷରୁ ଇଟା ଆଣି ସେଠାରେ ପ୍ରତୀକାତ୍ମକ ଭାବେ ସେତୁ ନିର୍ମାଣ କରାଯାଇଥିଲା। ରାବଣ ସେତୁବନ୍ଧ ପ୍ରତିଷ୍ଠା କରିଥିଲେ।

■ କଂଗ୍ରେସର ନିର୍ବାଚନୀ ସଭା

# ହେଲିକପ୍ଟରରୁ ଓହ୍ଲାଇ ପାରିଲେନି ନିରଞ୍ଜନ, ରୁଦ୍ରରାଜୁ ଓ ଖୁସ୍‌ବୁ

**ରଣପୁର,୨୧।୪(ସ୍ୱ.ପ୍ର.)**

ରଣପୁର ତ୍ରିସ୍ତରୀୟ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନେ ରାଜ୍ୟସ୍ତରୀୟ ବରିଷ୍ଠ ନେତୃବୃନ୍ଦଙ୍କୁ ଏଠାକୁ ଆଣି ଦଳର ପ୍ରଚାର ସହ ଭୋଟ ଭିକ୍ଷା କରୁଛନ୍ତି। ରବିବାର ଅପରାହ୍ନ ୩ ଟାରେ କଂଗ୍ରେସ ଦଳ ତରଫରୁ ଏକ ନିର୍ବାଚନ ସଭା ସ୍ଥାନୀୟ ପଞ୍ଚୁଦୋଳ ପଡ଼ିଆରେ ଆୟୋଜନ କରାଯାଇଥିଲା। ସଭା ପାଇଁ ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ କଂଗ୍ରେସ କର୍ମୀ ଓ ନେତାମାନେ ଏକାଠି ହୋଇଥିଲେ। ସଭାରେ ଯୋଗଦେବାକୁ ଆସୁଥିବା ଏଆଇସିସିର ସାଧାରଣ ସମ୍ପାଦକ ରୁଦ୍ରରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ତେଲୁଗୁ ଫିଲ୍ମ ହିରୋଇନ୍ ଖୁସ୍‌ବୁ ହେଲିକପ୍ଟରରେ ଆସୁଥିବାବେଳେ ପଡିଆରେ ହେଲିକପ୍ଟରଟି ଅବତରଣ



ପ୍ରସ୍ତୁତ ହୋଇ ରହିଥିବା ହେଲିପ୍ୟାଡ୍।

### ଜନତା, କର୍ମୀ ଓ ନେତା ନିରାଶ

କରି ନ ପାରିବାରୁ ପୁଣି ଫେରିଯାଇଥିଲା। ଯାହାଫଳରେ ଦୂରଦୂରାନ୍ତରୁ ସଭାରେ ଯୋଗ ଦେବାକୁ ଆସିଥିବା ସାଧାରଣ ଜନତା, କର୍ମୀ ଓ ନେତା ନିରାଶ ହୋଇ ଫେରିଥିଲେ । ଏହି ଘଟଣାକୁ ନେଇ ଦଳୀୟ ନେତାମାନେ ବିଜେଡି ସରକାରଙ୍କ ଚକ୍ରାନ୍ତରେ ହେଲିକପ୍ଟରକୁ ଅନୁମତି ଦିଆ ନ ଯିବାରୁ ସଭା ପଡ଼ିଆରେ ଅବତରଣ କରିପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ବିଜେଡି ଓ କଂଗ୍ରେସ ଦଳ ମଧ୍ୟରେ ପରସ୍ପର ଉପରେ କାଦୁଅ ଫିଙ୍ଗା ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି । ପ୍ରକାଶ ଯେ, ଏହି ସଭା ପାଇଁ ନୟାଗଡ଼ ନିର୍ବାଚନ ଅଧିକାରୀ ଓ ରଣପୁର ଥାନା ତରଫରୁ ଅନୁମତି ଦିଆଯାଇଥିଲା । ସଭାରେ ରୁଦ୍ରରାଜୁ, ନିରଞ୍ଜନ ଓ ଖୁସ୍‌ବୁ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ନିକଟରେ ହେଲିପ୍ୟାଡ୍ ବ୍ୟବସ୍ଥା ସହ ଦମକଳ ବାହିନୀ ଓ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ୩ଟା ୩୦ରେ ହେଲିକପ୍ଟରଟି ସଭା ପଡ଼ିଆରେ ପହଞ୍ଚି ଅବତରଣ ପାଇଁ ୪ଥର ଚେଷ୍ଟା କରି ଶେଷରେ ଫେରିଯାଇଥିଲା । ତେବେ ଏ ଘଟଣାକୁ ନେଇ କଂଗ୍ରେସ ତରଫରୁ ହୋଇଥିବା ଅଭିଯୋଗକୁ ଖଣ୍ଡନ କରି ବିଜେଡି କହିଛି ଯେ, ସଭାରେ ଚେୟାର ଖାଲିଥିବା ଓ କର୍ମୀଙ୍କ ସଂଖ୍ୟା କମ୍ ଥିବାରୁ ନେତାମାନେ ହେଲିକପ୍ଟରରୁ ଅବତରଣ ନ କରି ସେଠାରୁ ଫେରିଯାଇଥିଲେ ।